

ଉପନ୍ୟାସ

'କଜଳ ଗାର' ଉପନ୍ୟାସଟିର ଘଟଣାଗୁଡ଼ିକ ଜୀବନ୍ତ ମନେ ହେବ । ଏଥିପାଇଁ ସାମ୍ବାଦିକ ଓ ସାହିତ୍ୟିକ ଶ୍ରୀଯୁକ୍ତ ଗୋପୀନାଥ ମହାନ୍ତିଙ୍କ ନିକଟରେ କୃତଜ୍ଞତା ଜଣାଉଛି । ଘଟଣା-ଗୁଡ଼ିକର ପରିକଳ୍ପନା କରିବାରେ ସେ ବିଶେଷ ସାହାଯ୍ୟ ଦେଇଥିଲେ ।

ଏହି ଉପନ୍ୟାସର ନାୟିକା ଶ୍ୟାମା ଦେବୀ ଓ ମୋର ଦ୍ୱିତୀୟ ଉପନ୍ୟାସ 'ଅସରନ୍ତି'ର ନାୟିକା କୃଷ୍ଣପ୍ରିୟା ସମାନ ମନେ ହୋଇପାରନ୍ତି । କିନ୍ତୁ 'କଜଳ ଗାର' ସମ୍ପୂର୍ଣ୍ଣ ନୂତନ ରଚନା—ପ୍ରକାଶ-ଭଙ୍ଗୀ, ଲକ୍ଷ୍ୟ ଓ ଆଭିମୁଖ୍ୟ ସବୁ ଦିଗରେ । ଏଥିରେ ତ୍ରୁଟି ଥାଇପାରେ । ବିନମ୍ର ସହିତ କ୍ଷମା ପ୍ରାର୍ଥନା କରୁଛି ।

୨୧-୯-୫୯

ଶ୍ରୀଯୁକ୍ତ ବୀରେନ୍ଦ୍ରମୋହନ ପଟ୍ଟନାୟକ

......କରକମଳେଷୁ !

ଏବେ ତ ଆପଣ ଲେଖିବା ଆରମ୍ଭ କଲେ

ଆମର ତଥାକଥିତ ଲେଖାଗୁଡ଼ିକ

ମ୍ଳାନ ଦିଶିବେ ।

୨୫-୯-୫୯

# ଏହି ଲେଖକଙ୍କର ପ୍ରକାଶିତ ଉପନ୍ୟାସ

୧ ଅସରନ୍ତ
୨ ସ୍ମୃତିର ମଶାଣି
୩ ବିରହିଣୀ
୪ ପ୍ରେମିକର ଡାଏରୀ
୫ ସଞ୍ଜିବନୀ
୬ ଚଲାବାଟ
୭ ସଘନ କୁହୁଡ଼ି
୮ ଅଶ୍ୱମେଧ
୯ ସିନ୍ଦୂର ଗାର ( ପରିବର୍ଦ୍ଧିତ ଓ ସମ୍ପୂର୍ଣ୍ଣ )
୧୦ କଜଳ ଗାର

# ପ୍ରକାଶିତ କ୍ଷୁଦ୍ର ଗଳ୍ପ ପୁସ୍ତକ

୧୧ ପଥୁଲି
୧୨ ତୁଠ ପଥର
୧୩ ହୃଦୟର ବନ୍ଧନ
୧୪ ନଶାଣ ଖୁଣ୍ଟ
୧୫ ଶାଳଗ୍ରାମ
୧୬ ଭଡ଼ାଘର
୧୭ କଳ୍ପନାର ଫୁଲ
୧୮ ପଥର ଡିମା

# ଅନ୍ୟାନ୍ୟ

୧୯ ପ୍ରେମର ନମୁନା
୨୦ ପଞ୍ଜୁରୀ ପକ୍ଷୀ
୨୧ ଅପ୍ରକାଶିତ ଉପନ୍ୟାସ ଓ କ୍ଷୁଦ୍ର ଗଳ୍ପ

## ମୋର କହିବାର କଥା—

ଗଭୀର ଅନୁଭୂତି ସଂଗ୍ରହ କରିବାର ସୌଭାଗ୍ୟ ଘଟି ପାରିଲି ନାହିଁ । ଦେଖିଥିବା, ଶୁଣିଥିବା ଓ ଭାବିଥିବା ବିଷୟମାନଙ୍କୁ ଠିକ ଭାବରେ ଦେଖି ପାରିନାହିଁ, ଶୁଣି ପାରିନାହିଁ ଓ ବିଚାରି ପାରିନାହିଁ । ଲେଖିଲାବେଳେ ବଡ଼ ଅସୁବିଧା ହୋଇଛି ଭାବନାକୁ ରୂପ ଦେବାରେ ।

ତେଣୁ ନୂଆ କରି ଉପନ୍ୟାସ ଲେଖିବା ଆରମ୍ଭ କରିବାକୁ ବାଧ୍ୟ ହେଲି । ସେହି ଚେଷ୍ଟାର ପ୍ରଥମ ବହି ହେଉଛି—'କଜଳ ଗାର' ।

ଉପରୋକ୍ତ ବିଷୟ ପ୍ରତି ଦୃଷ୍ଟିଦେଇ ସହାନୁଭୂତି ସହିତ ଗ୍ରହଣ କରିନେବାକୁ ପାଠକମାନଙ୍କୁ ମୋର ସନିର୍ବନ୍ଧ ଅନୁରୋଧ ।

୨୧-୯-୫୯

ଲେଖକର

ପଢ଼ିବା

ମତାମତ

ନୂଆକଥା କେବେ ନୁହେଁ । ପୁରୁଣା ବି ହୋଇ ପାରେନା ।

ପ୍ରତିଦିନ ଭାତ ଖାଇଲାବେଳେ ଆମେ ଯେମିତି କିଛି ନୂଆ ଜିନିଷ କରୁନାହିଁ, ଅଥଚ ଆନନ୍ଦ ପାଇଥାଉ, ତୃପ୍ତି ଆଉ ସନ୍ତୋଷ ମିଳେ ସେମିତି ଏ ଦେହଧାରୀ ଦୁନିଆରେ ବହୁତ କିଛି ହୁଏ—ଅତି ପୁରୁଣା, ଲୋକଙ୍କର ଅତି ପରିଚିତ । କିନ୍ତୁ ଯାହା ଜୀବନରେ ଘଟେ—ଘଟିଲାବେଳେ ହୋଇଯାଏ ଗୋଟିଏ ଗୋଟିଏ ନିଶାଣିଦିଆ ପଥର ।

ନଈର ବାଲିଗରଡ଼ା ପରି କେତେ ପିଲା ଆଉ ବଡ଼ ମଣିଷଙ୍କ ମନରେ ଶ୍ରେଷ୍ଠ ପଥରଖଣ୍ଡିକ ବହୁମୂଲ୍ୟ ଧନର ସ୍ମୃତି ଓ ଉତ୍ସାହ ଆଣିଥାଏ । ଲୋକେ ଗୋଟେଇ ଆଣି ସାଇତନ୍ତି । ପୁଣି ସେମିତି ଭୁଲିଯାଆନ୍ତି—ଫୋପାଡ଼ି ଦିଅନ୍ତି ।

ପଛକୁ ଫେରି ଚାହିଁଲେ ସମସ୍ତେ ଦେଖିପାରନ୍ତି—କେତେ ସୁଖର ସ୍ମୃତି, କେତେ ଦୁଃଖର ଅନୁଭବ ହଜିଯାଇଛି । ମନ କେତେକଥା ଆଶା କରିଛି । କିନ୍ତୁ ପାଇନାହିଁ—କେତେ ଦରବ ପାଇଁ ଲୋଭ କରିଛି । ମିଳିନାହିଁ । ଆଉ ସେମିତି କେତେ ପଦାର୍ଥ ମିଳିଛି, ତେବେ ବି ରହିନାହିଁ ।

ମନ ଭାଙ୍ଗିଗଲେ ପରେ ସେ ସବୁ ଆଳମାଳକା ପରି ଢଳିଯାଏ। ଏମିତି ହ—ତା' ଝରର ଟିଆଣ୍ଟି ମନରେ ରହିପାରେ ନାହିଁ । ଯାହାପାଇଁ ଦିନେ ଦିନରାତି ବାଟ ହେଉ ନ ଥିଲା, ଯାହାର ଟିକିଏ ସ୍ନେହ ଓ ମମତା ପାଇବାପାଇଁ ମନରେ ଅସରନ୍ତି କୌତୁକ ଓ କୌତୂହଳ ଅସୁଥିଲା, ସେ ସବୁ ମଉଳିଯାଏ । ଥରେ ନୁହେଁ ବହୁତ ଥର ।

ଜୀବନର ଚଲାବାଟରେ ଏମିତି ଉଦୟ ଅସ୍ତ ଲାଗି ରହିଥାଏ । ବାରମ୍ବାର ଭଙ୍ଗା ହୁଏ ଓ ଗଢ଼ା ହୁଏ । ଖୋଜିବା ଓ ଭୁଲିଯିବା ସତେ ଯେପରି ମଣିଷର ଧର୍ମ ! ସେ କାହିଁକି ଧାଏଁ ଆଉ ଧାଇଁବା ପରେ ଥକିଯାଏ; ଅନୁତାପ ଆସିଲେ ବୈରାଗୀ ହୁଏ; ପୁଣି ବୈରାଗୀରୁ ଅନୁରାଗୀ ହୁଏ— କେହି ତ କହିପାରିବ ନାହିଁ ।

ଅତୀତର ହାତଛଡ଼ା ଦିନ ଭିତରୁ ଯୌବନର ପ୍ରଥମ ଅଧ୍ୟାୟରେ ସ୍ବତନ୍ତ୍ର ଠିଆ ହୋଇଥିଲା ସେ ଦିନେ ଶ୍ୟାମା ଯୌବନର କଳ୍ପନା-ବିଳାସୀ ମନର ସବୁ ରଙ୍ଗ ନେଇ ଆସି ପହଞ୍ଚିଲା— ପ୍ରତ୍ୟେକ ବୃଦ୍ଧା ଓ ପ୍ରୌଢ଼ା ଯେମିତି ଦିନେ କୁମାରୀ ଓ ତରୁଣୀ ସୁଲଭ ମଦିରା ନେଇ ଦେଖା ଦେଇଥାନ୍ତି ।

ଓଡ଼ିଶା ସରକାରରେ ସବ୍‌ଡେପୁଟି ଚାକିରୀ ପାଇ ସୁଭାଷବାବୁ ନିଜକୁ ବଡ଼ ଗୌରବାନ୍ୱିତ ମନେ କରୁଥିଲେ । ପଢ଼ା ଶେଷରେ ସାର୍ଟିଫିକେଟ ପରେ, ସାର୍ଟିଫିକେଟ ପରେ ଚାକିରୀ ପାଇବା ଜୀବନର ଗୋଟିଏ ଅଧ୍ୟାୟର ମଉଡ଼ ।

ପାଠପଢ଼ା ସମସ୍ତର ଦେଖାଶିଖିଆ ଦୁନିଆର ସବୁ ଦେଖାଶିଖର ସହରଟି । ଗୁରୁଜନ ଆସିଛନ୍ତି । ସମସ୍ତଙ୍କର ଅସ୍ପର୍ଦ୍ଧା ଆଉ ଶ୍ରଦ୍ଧାର ସ୍ୱଭାବ ପ୍ରକାଶ କରିବା ପାଇଁ । ଗୁରୁଜନ ମାନଙ୍କ ମଧ୍ୟରେ ସୁଭାଷବାବୁ ତାଙ୍କର ସେଇ ଦରମା ହାରରେ ଦୁନିଆର ସବୁ ପ୍ରକାରର କ୍ଷମତା, ଆଧିପତ୍ୟ, ଧନଦୌଲତ ଆଉ ସୁଖସୌଭାଗ୍ୟକୁ ଆଣି କଚ୍ଛ କରୁଥିଲେ । ସେତେବେଳେ ସେଇ ଗୁରୁଜନ ହୋଇଥିଲେ ଓଡ଼ିଶାର ସବୁଠାରୁ ବଡ଼ ଗୁରୁଜନ । ବଡ଼ ହାକିମ ନିଆ ହେଉ ନ ଥିଲେ । ବିଦ୍ୱାନ ବୋଲିଉଥିବା ଅଧ୍ୟାପକମାନେ ଉଚ୍ଚା ଦରମା ପାଉଥିଲେ । ଠିଆ ହେଲାବେଳେ ମନେ ହେଉଥିଲା, ଆଉ ଲୋକେ ବି କହୁଥିଲେ —ଇଏ ହେଉଛି ସବ ଶ୍ରେଷ୍ଠ । ସହଜେ ତ ବୟସ ବାଇଶି ପଚିଶି ଭିତରେ ରହିବ ।

ଗୁରୁଜନର ଆନୁଷଙ୍ଗିକ କ୍ଷମତା ଚକ୍ଷୁକ ସେତିକି ଲୋକଦେଖା ହେଉ ନା କାହିଁକି, ବାହାରର ଲୋକେ ଚନ୍ଦ୍ରିକିଆ ରଜାଙ୍କର ପଟୁଆର ପରି ଅପି ଠୁଳ ହେଉଥିଲେ—ବୀମା କମ୍ପାନିର ଏଜେଣ୍ଟ, ବାହାରର ଢଙ୍କ, ଆଉ କାମ-ହାସଲ-କଲା ଲୋକଙ୍କର ପ୍ରତିନିଧିମାନେ । ସେମାନେ ସମସ୍ତେ କହୁଥିଲେ ଯେ ସୁଭାଷ ବାବୁ ଜଣେ ରାଜା—ତେବେ ବିଶ୍ୱାସ ନ ଆସିବ କେମିତି ? ବିଶ୍ୱାସ ନ କଲେ କେଉଁ କ'ଣ ରାଜା ହୁଏ—କେଉଁ କ'ଣ ହାକିମ ହୁଏ ? ମନ୍ତ୍ରୀ ହୋଇ ପାରିବ କି ?

ଏଇ ଆଖି ଝଲସା, କାନତରକା ମାଳ ମାଳ ମୂଲ୍ୟହୀନ କଥା ଆଉ ଦୃଶ୍ୟ ସୁଭାଷବାବୁଙ୍କୁ ଆଣି ଥୋଇଥିଲା ଗୋଟିଏ ମାଧ୍ୟାକର୍ଷଣରେ । ତାଙ୍କ ଟେଁକ ପାଖରେ ସବୁ ଅଛି । ଯାହା ମିଳୁନାହିଁ—ସେଇଟି ହେଉଛି ସଂସାରର ଦର୍ଶନ ।

ସେଥିଭିତରୁ ଗୋଟିଏ ହେଉଛି ଭଡ଼ାଘର । ସୁଭାଷର ସବୁ ଅହମିକା ପାଖରେ ଭଡ଼ାଘର ମୁଣ୍ଡ ନୁଆଁଏ ନାହିଁ । ଓଲଟି ତାକୁ ଖୋଜିଲାବେଳେ ସେ ନିଜକୁ ଉଚ୍ଚ ନ କଲେ ବି ଘରର ମାଲିକ ଅଧିକରୁ ଅଧିକ ଢେଙ୍ଗା ହେବାକୁ ଆରମ୍ଭ କରେ । ତା'ର ଏଇ ପ୍ରୌଢ଼ି କମାଇବାକୁ ଆଇନ କାନୁନ ହୋଇନଥିଲା । ଆଉ ପ୍ରତାପୀ ଲୋକ ଅଭିଯୋଗ କରିବା ମଧ୍ୟ ଅସୁନ୍ଦର ।

ମନରେ ଏମିତି ଆହତ ଅଭିମାନର ବୋଝ ବୋହି ସୁଭାଷ ବାବୁ କୌଣସି ବଡ଼ କି ସାନ ଘର,ବାଲକୁ କାବୁ କରି ପାରି ନଥିଲେ । ତାଙ୍କର ଅଫିସର କୌଣସି ଅମଲାକୁ ଘରୁ ବେଦଖଲ କରି ପାରି ନଥିଲେ । ଇଚ୍ଛା ନଥିଲେ ମଧ୍ୟ ସେ ବହୁତ ଘର ବୁଲି ବୁଲି ଦେଖିଥିଲେ । ମନକୁ ନପାଇଲେ ବି ସେ ବହୁତ ଦର ବାଢ଼ିଥିଲେ । ଶେଷକୁ ସହରର ଗୋଟିଏ କମ୍ ଜଣାଶୁଣା ରାସ୍ତା ପାଖରେ ପ୍ରତିଷ୍ଠା ହୋଇ ନଥିବା, ସମ୍ପୂର୍ଣ୍ଣ ତିଆରି ହୋଇ ନଥିବା ଘରଟିଏ ପାଇ ନିଜକୁ ଯେତେ ହତଭାଗ୍ୟ ମନେ କଲେ ବି ଆପଣାର ବସ୍ତୁର ବୁଦ୍ଧିରେ ଭାଗ୍ୟବାନ ବୋଲି ଭାବୁଥିଲେ ।

ସେଇ ଘର ଶ୍ୟାମା ଦେବୀଙ୍କ ସାଂଗରେ ପଶ୍ଚିତପୁର ମୁଳଦୁଆ ପକାଇଥିଲା । ସେଇ ଘର ଭିତରକୁ ନାନା ସଙ୍କୋଚ ନେଇ ପଶିଲାବେଳେ ତାଙ୍କୁ ଜଣାଯାଇଥିଲା ଯେମିତି ଦୁନିଆର ସେଇ ହାଟ ତାଙ୍କୁ ହଟହଟା କରୁଛି । ମୁହଁରେ ଅକାରଣ ଭ୍ରୂକୁଟି ଖେଳାଇ ସେ ପଶି ଯାଇଥିଲେ । କାମ ଅଧା । କାନ୍ଥ ଓଦାଳିଆ, ମେଜିଆ ଚଟାଣ ନୂଆ ଜନତ ଚରି ଝଡ଼୍ଝଡ଼୍—ଅଖିକୁ କି ପାଦକୁ ନରମ ନୁହେଁ ।

ଘରର ଆଖପାଖରେ ସୁନ୍ଦର ସୁନ୍ଦର ପଡ଼ୋଶୀ ଘର ଠିଆ ହୋଇଥାନ୍ତି । କାହାର ଅଗଣାରେ ଗଛ ନଇଲେ ବଗିଚା । ଘରେ

ପରଦା ଝୁଲୁଛି । ରଙ୍ଗବା ଲୋକ ଘଷି ହୋଇ ଗାଧୋଇଲା ପରି ଘରଟିମାନଙ୍କୁ ଶିକ୍ଷଣ କରିଛନ୍ତି । ଦେଖିଲେ ଜଣାପଡ଼ୁଛି ଯେ ସେ ସେମାନଙ୍କର ବହୁତ ଭଲେ । ସେ ନିଜେ ଯେତିକି ବଡ଼, ତାଙ୍କର ପରିବେଶ ସେତିକି ନିଛଛଣା ।

ଶ୍ୟାମା ଦେବୀଙ୍କର ଘରେ ଇନ୍ଦ୍ରଧନୁ ରଙ୍ଗର ପରଦା । ଆଗରେ ଫୁଲ ଓ ଫଳ ବଗିଚୁ । ଘର ଭିତରୁ ସିଏ ବି ଲକ୍ଷ୍ୟ କରୁଥିଲେ ନୂଆ ଘରର ପହିଲ ଭଡ଼ାବାଲା—କିଏ—କିଏ ସେ ?

ପଡ଼ୋଶୀର ସମାନ୍ୟ କୌତୂହଳ—ଖାଲି ତାଙ୍କର ପାଇଁ ନୁହେଁ, ସମସ୍ତଙ୍କ ପାଇଁ—ଅଜଣା ଲୋକକୁ ଜାଣିବା ପାଇଁ, ଅଦେଖା ଲୋକକୁ ଦେଖିବାପାଇଁ । ନୂଆ ପଡ଼ୋଶୀର ଆକାର ପ୍ରକାର ବୁଝିବା ପାଇଁ ସେ ଦିନ ଶ୍ୟାମା ଦେବୀଙ୍କର କୌତୂହଳ ।

ବାବୁ ସେତେବେଳେ ଆପଣା ଲଜରେ ବିବ୍ରତ ଥିଲେ । ତାଙ୍କର ବୁଝିବାକୁ ଉତ୍ସାହ ନଥିଲା ।—ସେସବୁ କଥା ପରେ । ସେ ତ ଗୃହଦେବେ ସେ ଘର—ମୋଟେ ମାନୁନାହିଁ ତାଙ୍କୁ । ଖାଲି ବାଧରେ ପିଲା ଆସିଛନ୍ତି—ସହାନୁଭୂତିରେ ନୁହେଁ, କୃପା ଦେଖାଇ । ଟପରଶିକୁ ବହୁତ ପ୍ରକାରରେ କହିଥିଲେ । ହୁଗୁଳା ଶାସନ କାଳର ନାନା ପ୍ରକାରର ଅଶ୍ଳୀଳ କଥା ।

ଯାହା ହବାର କଥା—ସେତିକି ନହେଲେ ମଣିଷ ନିଜକୁ ତ ନୁହେଁ, ଦୁନିଆର ମଣ୍ଡା ମାଟିଠାରୁ ଆରମ୍ଭ କରି ଏଣ୍ଟୁ ନିଖିଳ ବିଶ୍ୱର ଗ୍ରହତାରକା ପର୍ଯ୍ୟନ୍ତ ସମସ୍ତଙ୍କୁ ଦୋଷ ଦିଏ । ସେ ବି ସେଦିନ ସେଷ୍ଟା କରୁଥିଲେ ।

ପେଟ ପାଇଁ ଶୁକଣି । ସେଇ ପେଟ ପାଇଁ ଏତେ ସ୍ୱପ୍ନମାନ । ନିଜର ସବୁ ପ୍ରକାରର ମଳିନତା ଭିତରେ ତାଙ୍କର ସେଇ ଯେଉଁ ଛୁଟି ଦିନଟି ସେତେ ଦାଗଦିଆ ଦିନ ହେଲେ ବି ପେଟ ତାଙ୍କୁ ମନେ

ଫକାଇ ଦେଇଥିଲା ଯେ ସ୍ୱପ୍ନ ଆଗରେ ଏଇ ସବୁ ଉଚାଟ କଳ୍ପନା ଏକାବେଳକେ ଅସାର ।

ସେତେବେଳେ ହେଲାବେଳେ ସେ ଝରକା ଫାଙ୍କ ଭିତରୁ, କବାଟ ସନ୍ଧିରୁ, ନିଜକୁ ଲୁଚାଇ ରଖି ସେଇ ବାହାରଟାକୁ ଦେଖୁଥିଲେ । ରାସ୍ତାରେ ଲୋକେ ନିର୍ଲିପ୍ତ ଭାବରେ ଯା' ଆସ କରୁଛନ୍ତି । ପାଖ ଗଛଲଟା ଫୁଲରେ ଦୋହଲୁଛି । ଚଢ଼େଇ ପ୍ରଜାପତି ନିର୍ଭୟରେ ଚଳପ୍ରଚଳ ହେଉଛନ୍ତି । ଖାଲି ତାଙ୍କର ଘରଟି ନିସ୍ତୁଠିଆ । ସେଠି ଉଇ, ପିମ୍ପୁଡ଼ି, ବୁଢ଼ିଆଣୀ, ଝିଟିପିଟି ଠାରୁ ଆରମ୍ଭ କରି ମଣିଷର ଛାଇ ସାଥି ଘରଚଟିଆ ବି ଆସିନାହାଁନ୍ତି । ଛାତ ପାଖରେ କଳା କାଉଟିଏ ବି ଦେଖା ଯାଉନାହିଁ ।

ଅଛନ୍ତି ସେ ଦୁଇଜଣ । ତପସ୍ୱିନୀ ଆଉ ସେ । ଏକାଠି ପେଟ ପାଇଁ ଶୁନ୍ଧା ହୋଇଛନ୍ତି । ପାଣି ଉପରେ ପଡ଼ିବା ଟେକାଟିଏ ପରି ଟିକିଏ ଲହରୀ ଖେଳାଇ ପୁଣି ଥିର ପଡ଼ିଯାଉଛି । ସୁଭାଷବାବୁଙ୍କୁ ସେଦିନ ବିରକ୍ତ ଲାଗୁଥିଲା ନିଶ୍ଚୟ । ଆଜି ବି ମନରେ ବୈରାଗ୍ୟ ଆସିଥିଲା ସଂସାର ବିଷୟରେ ।

ସମସ୍ତଙ୍କର ଏମିତି ଆସେ । ସଂସାରର ପ୍ରଶଂସା ନପାଇଲେ, ନିଜର ଭାଗ୍ୟକୁ ଦୁନିଆର ଲୋକେ ସୌଭାଗ୍ୟ ବୋଲି ନ କହିଲେ, ନିଜର କର୍ମକୁ ନିଜେ ନିନ୍ଦିଲେ, ସମସ୍ତେ ବିରାଗୀ ହୋଇଯାଆନ୍ତି । ତଳକୁ ଖସିଗଲେ ସମସ୍ତଙ୍କୁ ପିଡ଼ା ଲାଗେ । ଯେ ନିଜକୁ ଯେତେ ବଡ଼ ଭାବିଥାଏ, ସେ ସେଇ ପିଡ଼ାରୁ ସେତିକି ବେଶି ପାଏ ।

ଘରର ଛାତ ଉପରକୁ ବାଟ ଅଛି । ସେଠି ଠିଆ ହେଲେ ଅବଶ୍ୟ ଦିଶନ୍ତା ଆଖପାଖ ଖଣ୍ଡେ ଦୂର । ସଫା ଲୁଗା ପିନ୍ଧି ସେ ସିଡ଼ି ଧାପ ଉପରେ ଠିଆ ହୋଇ ବହୁତ ବେଳ ଭାବିଲେ । ଚକ୍‌ଚକ୍ ଖରା । ସେ ଦେଖିବା ପୂର୍ବରୁ ତାଙ୍କୁ ସମସ୍ତେ ଦେଖି ପକାଇବେ ।

ନା—ନୁହେଁ । ସେ ଯାଇ ପାରିବେ ନାହିଁ । ଚଗଲ୍ଲମନର ଅନ୍ତବେଳା ବିବେକ ତାଙ୍କୁ ଫେରାଇ ଦେଲା । ମନ ଭିତରେ ଲଜ୍ଜା । ଲଜ୍ଜା ତ ସବୁବେଳେ ଦୁରେଇ ଦିଏ ମଣିଷକୁ । ସେ ଉପରକୁ ଉଠି ପାରିଲେ ନାହିଁ । ସେଇ ପାଚିରି-ଘେରା ଦୁଆର ଭିତରେ ଠିଆ ହୋଇ ଘରଆଡ଼ର ଛବି ମନରେ ଆଙ୍କୁଥିଲେ—ସେ ନିଜର ଲଜ୍ଜାରେ ବନ୍ଦୀ । ତାଙ୍କୁ ନିରଖି ଦେଖିବାକୁ କେହି ନଥିଲେ ବି ସେ ଦେଖୁଥିଲେ ନିଜକୁ । ସେତେବେଳେ ସେ ଅସହାୟ ଆଉ ଏକୁଟିଆ ।

ଚମ୍ପସି ଗାଧୁଛି । ଚୁଲ୍ଲୀରେ ପ୍ରଥମ ନିଆଁ ଜଳୁଛି । କାରବାଶ୍ମ ଜିନିଷସବୁ ନାହିଁ । ବାରମ୍ବାର ସେ ଆସି ପଚାରୁଛି, ପରାମର୍ଶ ମାଗୁଛି । ଅସୁବିଧାର ତାଲିକା ଦେଉଛି । ଅସହାୟ ହୋଇ ବାବୁ ତାକୁ କହୁଥିଲେ—ଯାହା ପାରୁଛ କର ।

ନିଜର କଷ୍ଟମନ୍ତ କଲମ କାଗଜରେ କେବେହେଲେ ବାଟ-ବଣା ହେଉ ନଥିଲା । ସେଇ ଏବେ ହାରିଯାଉଛି ସାଧାରଣ ଅସୁବିଧାରେ ।

ତାଙ୍କୁ ଶୁଭୁଥାଏ ପାଖ ପଡ଼ଶାଘରୁ—ମା', କିଏ ଆସିଛନ୍ତି, ସେ ନୂଆଘରକୁ······କେଜାଣି······ଅନେକ ନିଜସ୍ୱ ଆସିଥିଲେ । ତାଙ୍କ ଘରେ କ'ଣ ମା' ନାହିଁ···ମୁଁ କେମିତି କହିବି···ଥିବେ······ ନାହିଁ ଆମେ ତ ଦେଖିଲୁ ନାହିଁ । ମୁଁ ଶୁଣିଥିଲି ଆସିବେ ଦି'ଜଣ ଲୋକ ।

ବାବୁ ଚମକି ପଡ଼ିଲେ । ସତେ ତ ତାଙ୍କର କେହି ନାହିଁ । ସେଦିନ ସେ ମନେ ପକାଇଲେ ବାହାଘରର ପାଠକମାନଙ୍କୁ । ସେମାନେ କହୁଥିଲେ—ଜୀବନକୁ ଭୋଗ କରିବାକୁ ହେଲେ ଘରଣୀଟିଏ ଲୋଡ଼ା । ପଡ଼ିଶା ଘର ପିଲାଟିଏ ବି ସେଇ କଥା କହୁଛି—ବାବୁଙ୍କର କେହି ନାହିଁ ।

ଚପରାଶିର ବିବ୍ରତ ମୁହଁକୁ ଚାହିଁ ସେ ପଚାରିଥିଲେ—କିଏ ଅଛି ସେଇ ପାଖ ଘରେ ?

—ମୁଁ ବୁଝିନାହିଁ । ଆଜି ବୁଝି ଦେବି ।

—ଏତିକି ନ ବୁଝି ଏତେ ଦିନଯାଏ କ'ଣ କରୁଥିଲ ? ନୂଆ ଜାଗାକୁ ଆସିଲେ ସବୁ ଖବର ରଖିବା ଦରକାର । ସେମିତି ନକଲେ ଆଉ ହାକିମଙ୍କ ଅର୍ଦ୍ଦଳି ହୋଇ ଲାଭ କ'ଣ ?

—ବୁଝି ଆସିବି ?

—ହେଉ ! କ'ଣ ଦରକାର ଅଛି ଆମର । ଯିଏ ଥାଉ । ତେବେ ମନେ ରଖିଥାଅ, ସବୁଆଡ଼କୁ ଆଖି ରଖିଥିବ । ସବୁ କଥା ଜାଣୁଥିବ । ତେବେ ଯାଇ ସିନା ସଂସାରରେ ଚଳିବ । ଆମେ ହାକିମ ବୋଲିଜଣକୁ ବୋଲି ବହୁତ କଥା କହି ପାରୁନାହିଁ ।

ଚପରାଶି ମୁହଁରେ ଅପ୍ରସ୍ତୁତ ହୋଇ କ୍ଷମା-ପ୍ରାର୍ଥନା ଦେଖା ଦେଲା । ସେ ନିଜେ ଗୋଟିଏ ନକମା । ଘର ବୁଝିଲା । ଭଡ଼ାବାଲାକୁ ତଲପିଲା । ଲଗିପାଗି ଘର ଭିଆଣ ସଜାଇଲା । ଆଉ ଏତିକି ଦରକାରୀ କଥା ବୁଝିପାରିଲା ନାହିଁ । ହାକିମଙ୍କର ସବୁ କଥାର ଭଲ ଜବାବ ଦେଇ ନପାରିଲେ ସେ କ'ଣ ମନ ଦେଇ ସୁପାରିଶ୍ କରିବେ । ସୁପାରିଶ୍ ନମିଳିଲେ ଜୀବନଟା ବୃଥା ହୋଇଯିବ ।

—କିରେ, ଶୋଉ ନାହଁ । ଏତେଥର କବାଟ ଖୋଲି ଦାଣ୍ଡକୁ କାହିଁକି ଧାଉଁଛ ? ସେଇ କଅଁଳ ଅଳସ କଣ୍ଠସ୍ୱର, କହିବାର ପ୍ରତ୍ୟେକଟି ଶବ୍ଦ, ସତେ ଯେପରି ପହଞ୍ଚାଇ ଦିଆ ହେଉଛି ବାବୁଙ୍କ ପାଖରେ ।

—ଯାଇଥିଲୁ ଦେଖିବାକୁ । ସତରେ ମା, ସେମାନେ କବାଟ ବନ୍ଦ କରି ଦେଇଛନ୍ତି । ଏକଦମ୍ ବନ୍ଦ୍ । ବନ୍ଦ୍ କରିଛନ୍ତି, କାହିଁକି ?

—ଆଉ କ'ଣ କରିବେ ? ଆମର ସେଥିରେ କ'ଣ ଅଛି ?

— ତାଙ୍କ ଘରେ ପିଲା ନାହାନ୍ତି ।

—ତୁମେ ଶୋଇବ ନାଁ ଖାଲି ଏମିତି ହଉଥିବ ? ତାଙ୍କ କଥା କାହିଁକି ତମକୁ ଲାଗୁଛି ?

—ତାଙ୍କ ଘରେ ଚଢେଇ ନାହିଁ । ଗାଈ ନାହିଁ କି କୁକୁର ବି ନାହିଁ,—କିଛି ନାହିଁ । ଆମର ସବୁ ଅଛି ।

ସାନଭାଇ ବଡ଼ଭାଇକୁ କହିଲା—ହଁ ତ, ତାଙ୍କର କିଛି ନାହିଁ। ଆଚ୍ଛା ମା' ସେମାନେ ଚଳିବେ କେମିତି ?

—ଆଚ୍ଛା ପିଲା ହ'ଠା ! କରେ କୁନା, ତୁ ଏତେ ବଡ଼ ହେଲୁଣି, ସାନଭାଇକୁ କ'ଣ ଏମିତି ଖରାପ ବାଟରେ ନଉଛୁ ?

—ଖରାପ କ'ଣ ?

—ପରକଥା ଭାବିବା କ'ଣ ଭଲ କଥା ? ବାପା କ'ଣ କହିଥିଲେ ? ଚିଠି ଲେଖିବି ବାପାଙ୍କ ପାଖକୁ—ବେଶି ଦୁଷ୍ଟ ହେଲାଣି । ବୁଢ଼ାକୁ ଖରାପ କରୁଛି ।

—ହଁ ମା', ଭାଇ ନାଁରେ ଲେଖିଦିଅ । ବାପା ଆସିଲେ ତାକୁ ଶାସ୍ତି ଦେବେ । ମତେ ସେ ଡାକି ନେଇଥିଲା ସାଙ୍ଗରେ । ତାଙ୍କର ପିଣ୍ଡା ନାହିଁ । ଖାଲି ଇଟା ଜମା ହୋଇଛି ।

—ତୁ ବି ଦୁଷ୍ଟ ହେଲୁଣି । ଭଡ଼ାଘରକୁ ଭଡ଼ାଟିଆ ଆସିଲେ। ସେ କଏ, କ'ଣ—ଏତେ କଥା ଆମେ ଏବେ ବୁଝିବା କାହିଁକି ?

ସତେ ଯେପରି ଶ୍ୟାମା ନଜର ପରିଚୟ ନଦେଇ ସବୁକଥା ସୁଭାଷ ବାବୁଙ୍କୁ କହୁଥିଲା । ସେ ଅତି ତନ୍ମୟ ହୋଇ କାନ ପାରିଥିଲେ । ସେ ହୁକୁମ୍ ଶୁଣାଇଲା ବେଳେ ଆସାମୀ ଆଉ ହ'

ପଥର ଲୋକେ ଯେମିତି ଉଜାଗ୍ରୀରେ ଠିଆ ହୋଇଥାଆନ୍ତି । ଅଦୃଶ୍ୟ ହାତ ଗୋଟିଏ ପରେ ଗୋଟିଏ ପରଦା ଖୋଲି ଦେଖାଇ ଦେଉଛି ମଣିଷର ଭବିଷ୍ୟତକୁ !

ସେଇଟି ସେଦିନ ସେ ବୁଝିଥିଲେ ପାଖ ଘରେ ବାବୁ ନାହାନ୍ତି । ବାବୁଆଣୀ ଅଛନ୍ତି । ତାଙ୍କର ଯୋଡ଼ିଏ ପିଲା ଥିବାର ଜଣା ପଡ଼ୁଛି···

ଚପରାଶି କାନ ଡେରିଥିଲା । ପାଖଘରେ ଶବ୍ଦ ଉଭିଗଲା ପରେ ଧାଇଁ ଆସି ବାବୁଙ୍କୁ କହିଲା—ସେ ଘରର ବାବୁ ବିଦେଶରେ ଥାଆନ୍ତି । ତାଙ୍କର ଯୋଡ଼ିଏ ପିଲା······

—ହଉ । ତମେ ଭାରି ବୁଦ୍ଧିଆ । ଘନ୍ଦୁରୁ ନା କାନ ପାରୁଛ—କହି ଚମକି ପଡ଼ିଲେ । କାଳେ ଶୁଭିଯାଇଥିବ ପାଖ ଘରକୁ !

ଚପରାଶି କ'ଣ କହି ଆସୁଥିଲା । କହିଲେ ତ ବାବୁ ଖୋଲା ହୋଇଯିବେ । ଏଇଟା ବାବୁଙ୍କୁ ଶୋଭା ପାଇବ ନାହିଁ । ନିଜକୁ ଲୁଚାଇ ରଖି ଅନ୍ୟକୁ ଖୋଲି ଦେଖାଇ ପାରିଲେ ଯିନା ବୁଦ୍ଧି । ଆଜି ଏମିତି ନିଜେ ଚହଳପଡ଼ି ଅନ୍ୟକୁ ଚହଳିଲେ—ଛି, ଛି···

ପ୍ରଭୁ ଓ ସେବକ ଆପଣା ଭିତରେ ପରସ୍ପର ମନ ବୁଝିଲେ ଆଜି ଭୁଲ ପଡ଼ିଲେ । ସତେ ତ ଭୁଲ୍ ହୋଇଗଲା ! ଜାଣୁ ଜାଣୁ ନଜାଣିଲା ପରି—

ଆଜି ତ ପାଖ ଘରୁ କଥା ଶୁଭୁନାହିଁ । ମା ବୋଧହୁଏ ପିଲା ଦୁଇଟିଙ୍କୁ ଇସାରା କରି ଦେଲାଣି ଭୁଲ ପଡ଼ିବାକୁ । ଯେତେବେଳେ ଜଣେ କହୁଥିଲା, ଆର ଜଣକ ଶୁଣୁଥିଲା । ଏବେ ଓଲଟି ଯାଇଛି । ଶ୍ୟାମା କାନ ଡେରିଥିଲା ଶୁଣିବାକୁ—ସେଥିରୁ ବାବୁଙ୍କର ପରିଚୟ ଜାଣିବାକୁ । ଜାଣିଛୁ ତ, ସେମାନେ ଜାଣିବାକୁ ଚାହିଁଛନ୍ତି — ସେ କିଏ ।

ଅଭ୍ୟାସ ଯୋଗୁଁ ସେ ଲୁଗା ସଜାଡ଼ି ନେଲା । ତା'ର ଆଖି ଆଗରେ ଗୋଟିଏ ସୌମ୍ୟ ସୁନ୍ଦର ଲୋକଟିଏ ଠିଆ ହୋଇଛି । ସେ ଜାଣିବାକୁ ଖୋଜୁଛନ୍ତି ଶ୍ୟାମା ଦେଈଙ୍କୁ ।

ତା'ର ନିଶ୍ୱାସ ପ୍ରଖର ହୋଇ ଆସିଥିଲା । ଆଉ ଆଖି ଉପରେ ପ୍ରୀତିଭରା କଳ୍ପନା--ଲିଭିଗଲା ସୂର୍ଯ୍ୟର ନାଲିଛିଟା ପରି ଆସି ଲାଗିଗଲା ।

ତା'ର ବାଁପାଖରଟା ଭଙ୍ଗି ପିଲାଟି ପଚାରିଲା—ସେମାନେ କହୁଛନ୍ତି ନାହାନ୍ତି କାହିଁକି ?

ଚୁପ୍‌କରି ଶ୍ୟାମା କହିଲା—ଥାଉ, ଶୁଣିବ ।

ଛୋଟ ପିଲାଟି ପଚାରିଲା—ଆମ କଥା ତାଙ୍କୁ ଶୁଣିବ କାହୁଁ ତେଣିକି ?

ବେଦକୁ ଆକଟ କରି ବଡ଼ଭାଇ କୁନା ମୁରବୀ ହୋଇ କହିଲା—ତୋ'ର ବେଦ, ଯେମିତି ପାଟି, ସେଥିରେ ଶୁଣିବ କାହିଁ ?

—ଓଃ, କି ଦୁର୍ଯୋଗ ! ଏ ପିଲା ଦୁଇଟା ମଣିଷକୁ ନେଇ ବାଣ୍ଡରେ ବସାଇବେ । ବାଟ ନପାଇ ସେ ଗୋଟିଏ ବିଧା ଥୋଇଲା ସାନଟି ଉପରେ । ବଡ଼ଭାଇ ବି ଆଉ ଯୋଡ଼ିଏ ।

ପିଲାର କାନ୍ଦଣା ଭସି ଉଠିଲା । ସୁଭାଷବାବୁ ଆଉ ଚପଲଗି ଦୁହେଁ ଯାକ ନିଜ ନିଜ ସୁବିଧାରେ କାନ ଡେରିଲେ ।

ପିଲା ଦୁହିଁଙ୍କ ଭିତରେ ମରାମରି ଆରମ୍ଭ ହେଲା—ଯେ ଆର ଜଣକ ପାଟି କରୁଛି । ସବୁବେଳେ ସେ ଗର୍ଜ୍ଜେ ।

ଧୀରେ କହି କହି ଶ୍ୟାମା ବଡ଼ ଗଳାରେ କହିଲା—ଦେଖ, ତମକୁ ଏଠୁ ନ ତଡ଼ିଲେ—କହି, ବନ୍ଦ ହୋଇଗଲା ।

ସେ ଭାବିଲା ନୂଆଘରଟି ବଡ଼ସୁରେ । ଅଳ୍ପ ଖଣ୍ଡେ ଘୁଞ୍ଚି—କେମିତି କଥା ଶୁଭିଗଲା କେଜାଣି ! ଶୁଭୁଛି ତ ! ଏତେ ପାଖରେ ଘରଟା ! ମଝିଲୋକର କାର୍ ଖାଲି ନଥିଲେ ଶୁଭନ୍ତା ନାହିଁ ।

ଭଳା କାରଣରେ ମଣିଷକୁ ଜଗିରଖି ଚଳିବାକୁ ହେଉଛି । ଇସ୍, କ'ଣ କରିବ ଭଲା ! ସେ ପାଖେ ସେମିତି ନଜର କୌତୂହଳର ସୂଚନା ଦେଇ ସେ ସେଇ ଏକା କଥା ଭାବୁଥିଲେ । ଆଜି କଳ୍ପନାରେ ଦେଖୁଥିଲେ ସେଇ ଅପରିଚିତା, ଦେଖି ନଥିବା ନାରୀଟିକୁ ।—ସିଏ ବି ସେ ଦିନ ଅସମ୍ପୂର୍ଣ୍ଣ ।

ସ୍ତ୍ରୀକୁ ଲୁହାପାଏ ଯୋଗ, ସୁଯୋଗ ଓ ଦୁର୍ଯୋଗ । ଇଚ୍ଛା, କାମନା ଓ କଳ୍ପନା ନଥାଇ ଏମିତି ମଣିଷ ଆଉ ଜଣକ କଥା ଭାବିବାକୁ, ପରକୁ ଆପଣାର କରିବାକୁ, ଅଚିହ୍ନା ଲୋକକୁ ଚିହ୍ନିବାକୁ ବାଧ ହୁଏ । ଆଉ ସେଇଥିପାଇଁ ଲଜ୍ଜା ବି ହୁଏ ।

ରୋଷାଇର ଶବ୍ଦରୁ ଜଣା ନଜର ସ୍ୱର ନୁଆଇଁ ବାବୁ ଚପରାଶିକୁ ବାରମ୍ବାର ତାଗିଦା କରୁଥିଲେ । ଆଉ ବାବୁଙ୍କ କଥାରେ ସତର୍କ ହେବାକୁ ଯାଇ ସେ ବେଶି ଶବ୍ଦ କରୁଥିଲା । ଥାଳି, ବାସନ, ବାଲ୍ଟି ରଖାଥୁଆ କଲାବେଳେ, ଅଚ୍ଛନ୍ନ ରୋଗୀପରି ଶୁଆଇବାକୁ ପ୍ରତିଥର ଚମକି ପଡ଼ୁଥିଲେ । ଏଣେ ନଜର ମନକଥା ଚପରାଶିକୁ କହିବାକୁ ସଙ୍କୁଚିତ ହେଉଥିଲେ ।

କୋଠରୀ ଭିତରେ ଧୀରେ ଦୁଆର ଦେଇ ସେ ପୁଣି ସଜାଗ ରହିଲେ—ସେଇ କଅଁଳ, ଅଳସ ମଦିର ସ୍ୱରରୁ ପଦେ ଶୁଣିବାକୁ । ତାଙ୍କର ସମସ୍ତ ଦେହ କରୁଣ ପ୍ରାର୍ଥନା ଜଣାଉଥିଲା ।—ପଦେ କଥା ଶୁଣାଇବା ପାଇଁ ।

ଆଉ ଶୁଭୁନାହିଁ । ନିଷ୍ଠୁର ସେ । ସାଥିହୀନ ନିର୍ଜ୍ଜନ ଜୀବନକୁ ଟିକିଏ ମୁଖରିତ କରିବାକୁ ତାଁର ଇଚ୍ଛା ନାହିଁ ।

ଦୀର୍ଘ ନିଶ୍ୱାସ ପକାଇ ଭାବିଲେ—ହଁ ତ ଖୋଜିଲା ବେଳେ ଉଦଉଦଳିଆ ଚଢ଼େଇ ଦିଶେ ନାହିଁ, ପୂର୍ଣ୍ଣକୁମ୍ଭ ମିଳେ ନାହିଁ । ଶୁଦ୍ଧମନା ଶାନ୍ତି ଆସେ ନାହିଁ । ପରମଣିଷଙ୍କର ହେବା ପାଇଁ ଯେତେ ମନ ଉଚାଟ ହେଲେ ବି ପରକୁ ଆପଣାର କରିବା ସବୁବେଳେ ସମ୍ଭବ ହୁଏ ନାହିଁ ।

ସବୁ ପ୍ରକାର ଶବ୍ଦ ଶୁଭୁଛି । ଲୋକ ଗହଳି ନଥିଲେ ବି ଆଉ ପାଖ ଘରୁ କାରବାରି କଥା ଶୁଭୁଛି । ହୁକୁମ୍, କଳି, ଶାସନ, ଖେଳବୁଲା ଆଦିର ସ୍ରୋତ ବଢ଼ି ଶବ୍ଦ । କିନ୍ତୁ ସେଇ ଲୋକଙ୍କର ଆଉ କୌଣସି ଧ୍ୱନି ଆସି ପହଞ୍ଚୁ ନାହିଁ ।

ପୁଣି ସେମିତି ଶବ୍ଦ ନ କରି ଆସି ବାହାରେ ବୁଲିଲେ । ସେଇ ଆଡ଼କୁ ଆଖି ପକାଇଲେ—ଆଗରେ ପାଚେରି । ଦୃଷ୍ଟିକୁ ବାଧା ଦେଲେ ବି ସେଇ ପାଖ ଘରର ଗୃହ ଆଡ଼କୁ ଚାହିଁ ସେ ତାଙ୍କର ମନର ଆକୁଳତା ତେଣେ ପୋପାଡ଼ିଥିଲେ । ଦେଖି ନାହାନ୍ତି, ଜାଣି ନାହାନ୍ତି । ଖାଲି କେଇପଦ କଥା ଆଉ ଗୋଟିଏ ସ୍ୱର । ସେତିକିରେ ସେହି ପୁରୁଣା ଦିନରୁ ଗୋଟିଏ ନେଇ ଜାଲ ବୁଣୁଥିଲେ ।

ଘର ତିଆରି କରିବା ଆଗରୁ ମଣିଷ ଯେତେବେଳେ ନକ୍ସା ଆଙ୍କେ ଆଉ ମାଟିରେ ଗାର ପକାଏ, ସେତିକିବେଳେ ତ ସେ ଲେଖି ଦେଇଥାଏ ଘରର ଆକାର । ପୁଣି ମୂଳଦୁଆ ପର୍ଯ୍ୟନ୍ତ ସେ ଖୋଳିଦିଏ, ଠିକ୍ ସେତିକିବେଳେ ଭୂଇଁର ଗାତ ଭିତରେ ସେ ବି ଠିଆ କରିଥାଏ ଘରଟିକୁ, ତା'ର ଦୈର୍ଘ୍ୟ ପ୍ରସ୍ଥ ଆଉ ଉଚ୍ଚତା । ସେ ସେହି ଅସମ୍ପୂର୍ଣ୍ଣ ଅବସ୍ଥାରେ ନିଜର କଳ୍ପନାର ମାପକାଠିରେ ନିଜର ସାମର୍ଥ୍ୟର ସାମଞ୍ଜସ୍ୟ ରଖି ସେ ଗଢ଼ି ଦେଇ ଥାଏ ।—ବର୍ତ୍ତମାନ ନୁହେଁ ଭବିଷ୍ୟତ ।

ସୁଭାଷ ବାବୁ ବି ଯେମିତି ଶ୍ୟାମା ଦେବୀ ବି ସେମିତି—ନିଜର କଳ୍ପନାମିଶା ପ୍ରୀତି-ଘରର ନକ୍ସା କରି ଦେଇଥିଲେ । ଘରଟିଏ ହୁଏ ନିଜର ବସ୍ତୁରୁ ଆଉ ପ୍ରୀତିର ଘର ଗଢ଼ି ଉଠେ ନିଜର କଳ୍ପନାରୁ । ସେହି କଳ୍ପନାକୁ ରୂପ ଦିଏ ପଦେ କଥା, ଥରକର ଚାହାଣୀ, କ୍ଷଣିକର ବ୍ୟବହାର ଆଉ ଏଇ ସଂସାରର କାରବାରି ଚାଲିଚଳନ ଓ ଭାଷା, ଧର୍ମ, ଜାତି ଓ ବୟସର କାଣିଚାଏ—ଅତି ମାମୁଲି କଥା । କିନ୍ତୁ ସେଇଥିରୁ ଗଢ଼ି ଉଠେ । କାଠପାଟରୁ ବଡ଼ ଛତୁଟିଏ ଫୁଟିଲପରି ।

ଆରମ୍ଭ ହୁଏ ତ ଏମିତି । ଦେଖିବାକୁ ଗଲେ ଏଇଟା ନଈ ସମୁଦ୍ର କୂଳରେ ପଡ଼ିଥିବା ଗୋଟିଏ ଶାମୁକା, ଗେଣ୍ଡା କି ବାଲିଗରଡ଼ା ପରି । କୌତୂହଳ ଆସେ ଗୋଟାଇ ନେବାକୁ—ନେଇ ଘରେ ରଖିବାକୁ । ରଖି ଚେକ କରିବାକୁ । ପୁଣି ସେମିତି ସେମାନେ ଅଦରକାରୀ ହୋଇ ପଡ଼ନ୍ତି । ମନ ବଦଳିଗଲେ ଅବା ନୂଆ ଜିନିଷ ମିଳିଗଲେ ଅବା ଦେଖିଦେଖି, ରଖିରଖି ଡାଡ଼ି ଲାଗିଲେ ସେଗୁଡ଼ିକ ପାଶୋରି ଯାଆନ୍ତି ।

କିନ୍ତୁ ସେଦିନ ଶ୍ୟାମା ଦେବୀ ମନରେ ଏଇ ପାଶୋରି ଯିବା କଥାଟି ନଥିଲା । ସୁଭାଷ ବାବୁଙ୍କ ମନରେ ଏଇ ଛୋଟିଆ ଘଟଣାଟି ଗୁରୁତର ଜଣାଯାଉଥିଲା । ଉଭୟେ ସେଇ ବାଧା ବିଘ୍ନ ଭୁଲି ଜାଣି-ବାକୁ ଚାହୁଁଥିଲେ—ଆର ଜଣକ କିଏ ? ସେ ଦୁଃଖୀ ନା ସୁଖୀ ? ଆପଣାର ନା ପର ? ବନ୍ଧୁ ନା ଶତ୍ରୁ ?

ଖରାବେଳଟା କଟିଥିଲା ଗୋଟିଏ ବିହ୍ୱଳତାରେ । ସୁଭାଷ ବାବୁଙ୍କର ସମସ୍ତ କାମକୁ ଲକ୍ଷ୍ୟ ରଖି ଶ୍ୟାମା ଦେବୀଙ୍କର ମନ ଭିତରେ ଘୁରାଇ ଘୁରାଇ ସେହି ପ୍ରଶ୍ନ ଉଠୁଥାଏ—ସେ କିଏ ? ତାଙ୍କ ସାଙ୍ଗରେ ପରିଚୟ କ'ଣ ହେବ ନାହିଁ ? ସହରର

ପଡ଼ୋଶୀ ଖାଲି ଦେଖେ, ଶୁଣେ,—କିନ୍ତୁ ଚିହ୍ନେ ନାହିଁ । ପାଖରେ ଥାଇ ଦୂରରେ ରହେ । ଯେତିକି ଦୂରରେ ଥାଏ, ତାହାଁରୁ ନିକଟକୁ ଆସିପାରେ ନାହିଁ । ହେଲେ ସେ ଜଣେ ସାଧାରଣ ଲୋକ ହୋଇଥାନ୍ତେ, ପାଞ୍ଚଜଣରେ ଜଣେ ହୋଇ ନଥାନ୍ତେ, ତେବେ କ'ଣ ତାଙ୍କ ସାଙ୍ଗରେ ପରିଚୟ ହୋଇପାରନ୍ତା ନାହିଁ ?

ବେଳେବେଳେ ଦୁଆର ଖୋଲି ସୁଭାଷବାବୁ ରାସ୍ତାକୁ ଚାହାଁନ୍ତି । ମଣିଷ ଦେଖିଲେ ଚମକନ୍ତି । କେହି ନଥିବା ବେଳେ ବୁଲାନ୍ତି ସେହି ଘର ଆଡ଼େ । ଘରଟି ପୁରାପୂରି ବନ୍ଦ ନାହିଁ । ଘରର ଝିଡ଼କି ଚେମଲି ଥିଲେ ବି କେହି ବସନ୍ତି ନାହିଁ । ଝାଲି ପରଦା ହଲୁଥାଏ ।

ନିଜ ନିଶ୍ୱାସ ତାଙ୍କୁ ଚମକାଇ ଦିଏ । ଅପରାଧୀ ପରି ସେ ସବୁବେଳେ ସତର୍କ । ଖାଇଲାବେଳେ ଓ ଖାଇସାରିଲା ପରେ ସେଇ ଗୋଟିଏ ବିଷୟ ଭାବୁଥିଲେ—ସେ ଆଉ ସାଥିହୀନ ନୁହନ୍ତି । ମଣିଷର ପରମ ବନ୍ଧୁ ହେଉଛନ୍ତି ତାର ଭାବନା ଓ ଉତ୍ସାହ—କିନ୍ତୁ ମଣିଷ ନୁହନ୍ତି ।

ମଣିଷକୁ ଉପଲକ୍ଷ କରି ଅଧିକ ଭାଗ ଲୋକଙ୍କର ଭାବନାର ଧାରା ଖୋଲିଯାଏ । ସେଇ ଭାବନା ଭିତରେ ବୁଡ଼ି ରହି ସେ ନିଜକୁ ଅସହାୟ ମନେ ନକରି ସମର୍ଥ ବୋଲି ଭାବେ । ଏକୁଟିଆ ରାତି ପୁହାଇ ଦିଏ । ଦୁଃଖ ଶୋକ ଭୁଲି ଯାଏ ।

ଆଗପଛ ହେଉ ହେଉ ବେଳ ଗଡ଼ି ଯାଇଥିଲା । ସେଥି ଭିତରେ ସେ ପୁଣି ଶ୍ୟାମା ଦେବୀଙ୍କର କଣ୍ଠସ୍ୱର ଶୁଣିଥିଲେ—

ରଚନା, ଏ ରଚନା ! ଉଠିବୁ ନାହିଁକି ? ସେଇ ଡ଼ାକିବାରେ ବି ସେଇ ଅଳସଭଙ୍ଗୀ । ଶ୍ୟାମା ଦେବୀ ଯେମିତି ସବୁବେଳେ ଭର ଦେଇ ରହିଛନ୍ତି ନିଜ ଉପରେ ।

କଠୋର କଥା ବି ସେମିତି ଶୁଭିଥିଲା । ସେବକକୁ ଡ଼ାକିଲା-ବେଳେ, ତାକୁ କାମପାଇଁ ବିରକ୍ତ କଲାବେଳେ ସେଇ ନରମ ସରମଭରା ହାବଭାବ ।

ଏଇ ଶ୍ୟାମା ଦେବୀ ଏକୁଟିଆ ଅଛନ୍ତି—ସ୍ୱାମୀ ନାହାନ୍ତି । ଏକଥା କ'ଣ ଠିକ୍ ? ପୁଅଟି କହୁଥିଲା ବାପାଙ୍କ ପାଖକୁ ଚିଠି ଦେବାକୁ । ବାପା ରହନ୍ତି ଦୂରରେ । ଛାଡ଼ି ଯାଇଛନ୍ତି ଗୋଟିଏ ପରିବାର ।

ଦିନର ଆରାମ ଶେଷ କରି କୁକୁରଟି ବି ଭୁକୁଥିଲା । ଭୁକିବାରୁ ଜଣାଯାଉଥିଲା ବାହାର ଲୋକ ଯିବାଆସିବା କରୁଛନ୍ତି । ସୁଭାଷବାବୁ କବାଟ ବନ୍ଦ କରି ପୁଣି ରହିଲେ ଘର ଭିତରେ । ସବୁ ସେ ଶୁଣିବେ ଆଉ ଦେଖିବେ । କିନ୍ତୁ ସେ ରହିବେ ଗୋପନରେ ।

ଦୁଆରେ ଅରଗଳ । ସେଥିରେ ପୁଣି ବାବୁ ବାଟ ଓଗାଳି ଝୁଲବୁଲ ହେଉଛନ୍ତି । ଘର ଭିତରେ ବନ୍ଦ ହୋଇ ରହିବା ବଡ଼ କଷ୍ଟ । ଶ୍ୟାମା ଦେବୀଙ୍କର କଅଁଳ କଥା ଓ ନରମ ସ୍ୱର ତା' ମନରେ ବିଶେଷ ରେଖାପାତ କରୁ ନଥିଲା । ସେ ଆସିଲା ଦୁଆର ଖୋଲିବାକୁ । ହାତରେ ଗୋଟିଏ ଝାଡ଼ୁ ।

କାମ ଦେଖାଇବାକୁ ଘର ଦୁଆର ପହଁଚିଲା ବେଳେ ବାବୁ ବିରକ୍ତ ହୋଇଥିଲେ । ଭାବିଲାବେଳେ ମଣିଷ ଏକୁଟିଆ ରହିବାକୁ ଭଲ ପାଏ । ଏକୁଟିଆ ରହିବା ସମ୍ଭବ ନ ହେଲେ ସେ ନିଜ ଲୋକଙ୍କଠାରୁ ଓ ଚିହ୍ନା ମଣିଷଙ୍କଠାରୁ ଦୂରରେ ରହିବାକୁ

ଖୋଜେ । ବାବୁଙ୍କୁ ଲଗୁଥିଲା ଯେପରି ସେହି ଘରଦୁଆର ଝାଡ଼ିବା ଗୋଟିଏ ସ୍ୱପ୍ନ ।

ଅତିରିକ୍ତ ଗମ୍ଭୀର ହୋଇଗଲେ । ଆଖି ଭ୍ରୂଲତା ରୁଦ୍ଧ କ୍ରୋଧର ଇସାରା ଦେଉଥିଲା । ଚମକି ପଡ଼ିଲାପରି ଚପରାଶି ବେଣୁଧର କହିଲା—ଝାଡ଼ିବି ?

—ଏବେ ? ସକାଳେ ପରା ଆମେ ଝଡ଼େଇଥିଲେ !

—ଏବେ ସଞ୍ଜ ହେଲାଣି—କାନ୍ଥ ଝାଡ଼ୁ ଲଗାଇଲା ବେଳେ ବାବୁ ମନାକଲେ ।

ଧୂଳି ତ ଶବ୍ଦକରେ ନାହିଁ । ସେ ନିଃଶବ୍ଦରେ ଆସି ବସିଯାଏ । ଶ୍ୟାମା ଦେବୀ ଯେମିତି ଆସି ମନ ଭିତରେ ବସିଯାଇଛନ୍ତି । କିନ୍ତୁ ଧୂଳି ଝଡ଼ାହେଲାବେଳେ କେତେ ଶବ୍ଦ ନ କରୁଛି । ମନ ଭିତରେ କାହାରିକୁ ଖସାଇ ଦେବାକୁ ଗଲେ ସେ ହୃଦୟରୁ ଘୋର ଶବ୍ଦ କାଢ଼ି ଆଣେ ।

ବିରକ୍ତ ହୋଇ ବେଣୁ ଭାବିଲା—ଏ କି କଥା ! ଯୋଉ ବାବୁ ଦିନସାରା ଧୂଳି ଧୂଳି ହେଉଥିଲେ ସେ ପୁଣି ଆଜି ଧୂଳି କାଢ଼ିବାକୁ ମନା କଲେଣି । ନୂଆଘରର ବୁଣାଆଡ଼େ ଯାବତ ଘର ତିଆର ଜିନିଷ ବିଗୁଡ଼ି ହୋଇ ପଡ଼ିଛି । ଟିକିଏ ଖୋଲିଲେ ମେଞ୍ଚେ ଆସୁଛି ଘର ଭିତରକୁ । — ହଉ ନହେଲା ନାହିଁ । ସେ ଟିକିଏ ବୁଲି ଯିବ ପଦାକୁ ।

ଝାଡ଼ୁଟା ପୋପାଡ଼ି ଦେଇ ବେଣୁଧର କବାଟ ପାଖରେ ପହଞ୍ଚିଲା ବେଳେ ବାବୁ ଡାକିଲେ—କଣ କରୁଛ ?

—ଯାଉଥିଲି ଚନା ଆଣିବାକୁ । ଗୁଁ ହେବ ବୋଲି ।

—ସତେ ତ ! ଭୁଲି ମୁଁ ଯାଇଥିଲି ଏକାବେଳକେ ! ତେବେ ଥାଉ ଆଜିକି । ଘର ଦୁଆର ସଜାଡ଼ି ନ ସାରିଲେ —

—ସବୁ ତ ସଜାଡ଼ି ଦେଉଛୁ । କେତେ ଅବା ଜନିଷ ।

—ଏଇଥିପାଇଁ ବାହାରକୁ ଯିବ ?···ଲୋକେ ଦେଖିବେ···ଆଜି ଦେଖି—କହି ପାରିଲେ ନାହିଁ । ମନେ ପଡିଲା ଯେ ମନର କଥା କହୁଛନ୍ତି ।

ବେଣ୍ଟୁ ଚାହିଁଲା ବାବୁଙ୍କୁ । ସେ ଅନମନା—ଶୁଖିଲା ମୁହଁ । ତା'ର ସହାନୁଭୂତି ଆସିଲା ବାବୁଙ୍କ ଉପରେ ।

ଓଜର କରି କହିଲା—ନାହିଁ ବାବୁ, ମୁଁ ବୁ' ବସାଏଁ । ଆପଣଙ୍କ ଦେହ ଭଲ ନାହିଁ ।

— ନାହିଁ ଭଲ ଅଛୁ । ତେବେ ମତେ ଏ ଘରଟା ଆଜି ଭଲ ଲାଗୁ ନାହିଁ ।

ବେଣ୍ଟୁ ତୁନ ରହିଲା । ହାକିମଙ୍କ କଥାକୁ ଲେଉଟି ଜବାବ ନାହିଁ । ଖାଲି ତାଙ୍କର ଅର୍ଦ୍ଦଳି ଚପରାଶି ବୋଲି ସେ ଯାହା ବାବୁଙ୍କର ସମସର ହୋଇ ଘଦେଅଧେ କଥା କହୁଛି ସିନା ।

ବାହାରେ ଟିକିଏ ଗୋଳମାଳ ହେଲା । ବୁଢ଼ୀଟିଏ ଉତ୍ତେଜିତ ହୋଇ, କହୁଛି—ହେଇ, ଦେଖ ମ ବାବୁଙ୍କ କୁକୁର ଆସି କେମିତି ଆମ ପିଣ୍ଡାରେ ମୁତିଲା । ଦେଇଥାନ୍ତି ଗୋଡ଼ ଗ୍ରେଞ୍ଚା କରି । ଖାଲି ବାବୁଙ୍କ ମୁହଁକୁ ମନେ ପକେଇ—

—ହେଇ ଦେଖ ମା, ବାଘ ଯାଇ ମୁତିଲାଣି ପଦ୍ମାମା ପିଣ୍ଡାରେ ।

—ପିଟିଲା କେମିତି ? ତମେ ତ ଖୋଲିଥିବ ।

—ଭାରି ଚଲାଖ ଏଇ ବାଘ । ଦାନ୍ତରେ ଖୋଲି ଦେଉଛି ଶିକୁଳି । ଭାରି ପାଜି !

—ହଇରେ ନଇଚ୍ଛୁଣା କୁକୁର, ଟିକଏ ବି ଅକଲ ନାହିଁ । ମୋ ଉସିଚକ ମାରିକଲୁ । କାହିଁକି ଗଲୁ ନାହିଁ ଖାଉନ୍ଦର ଇଶାଣକୁ ?

ଶ୍ୟାମା କାନ ଡେରିଲା । ଓଃ—ବାପା ତାକୁ କେତେ ବେଇଜତ୍ ନ କଲା ! ଯୋଉ ବୁଢ଼ୀ କୋଉଠି ଧାଇଁ ଏଇ କୁକୁର ପାଇଁ ଶିକାର କରିବାକୁ, ସେଇ ଏବେ ଗାଳି ଦେଉଛି ।

ବାହାରକୁ ଆସି ଶ୍ୟାମା କହିଲା— କ'ଣ କି ପଦ୍ମଲମା, କୁକୁରଟା କେମିତି ଖୋଲି ଯାଇଥିଲା । ଏ ବାପା, ବାପା !

—ଅଟୁକୁ ସେ ଆଉ । ହେଇ ପରା ରାସ୍ତା ସୁଙ୍ଘି ସୁଙ୍ଘି ଯାଉଛି । ଏ ପୁଣି ରୋଜ ଖାଇବ ପାଗୁଆନ୍ତ । ବୁଝିଲ ମା, କୁକୁର ଜନ୍ତୁକୁ ଯେତେ ଦୁଧଭାତ ଖୋଇଲେ ସେ କ'ଣ ଛାଡ଼ିବେ କି ? ହେଇପରା ନଆଁ ଲଗା ମୂତିଛି ଆସି ମୋ'ର ଧସି ଗଣ୍ଡାକ ଉପରେ । ତାକୁ ମୁଁ ମୁଣ୍ଡେଇ ବୁଲିବ କେମିତି ? ନିଜ ଚୁଲ୍ଲୀରେ ଅବା ଦେବ କେମିତି ? ଆମେ ଚଷାବ ଲୋକ । ସବାଖିଆ••• କ'ଣ ଖାଏ କେଜାଣି । ତା'ର ମୂତ ଏଡ଼େ ଗନ୍ଧ ।••••••

—ଆପଣ ଗାଳି ଦେ ନା । ସେ କ'ଣ ଜାଣେ ନା ବୁଝେ ? ପଶୁଜନ୍ତୁ ପରା !

ନିଜର ନିର୍ଭରଶୀଳତା ପାଇଁ ମନର ରାଗ ମନରେ ମାରି ପଦ୍ମଲମା କହିଲା— କ'ଣ କରିବି ଠାକୁରାଣି, ଆଜି ଭାବିଥିଲି ସେଇ ନୂଆ କୋଠାକୁ ଯିବି ବୋଲି କାମ ତଲାସ କରିବାକୁ । ଗୋଟାଏ ହାକିମ ଆସିଛି । କାଲେ ଲୋକ ଖୋଜୁଥିବ । ତୁଳସୀ-ମୂଳେ ମୁଣ୍ଡିଆ ମାରି ଆସି ଦେଖିଲାବେଳକୁ ଏ ଦଶା ।

ନୂଆ ଘରର ବାବୁଙ୍କ କଥା ଶୁଣି ଘର ଭିତରକୁ ଧୁଅଁଗଲେ ଯାଦୁଗଣ୍ଡେ । ଡାକିଲେ ଯଦୁଲମାଙ୍କୁ ହାତ ଠାରି । —ସେ ବୁଝିବେ ବାବୁଙ୍କ କଥା । ଖାଲି ଟିକିଏ କୌତୂହଳ ।

ଗର ଗର ମୁହଁର ବଗ ଶୁଖିଲା ହସରେ ଲୁଚି ରଖି ଯଦୁଲମା ରାସ୍ତାକୁ ଧଳଧପ ହୋଇ ଡେଇଁଗଲା । ଗରିବ ବୋଲି ସେ ବାବୁଘର କୁକୁରକୁ ବି ପାଦାରେ ଠକେଇ ପାରିବ ନାହିଁ । ମନରେ କହୁଥିଲା— ସବାଖିଆ ବାଘା, ସାତୁଆଡ ନହେଲେ ଭାତ ରୁଚେ ନାହିଁ । କେବେ ହାବୁଡ଼େ ପଡ଼ିବୁ ତ ! ଦେଖିବୁ ତୋ ପିଠିରେ ଯଦି ଇଟା ନ ଭାଙ୍ଗିଛି !

କୁନା ଓ ବେବି ଝିଅଟି କୁର୍ତ୍ତା ଖଣ୍ଡେ ଖଣ୍ଡେ ପିନ୍ଧି ହୋଇ ବାହାରି ଆସିଲେଣି ରାସ୍ତାକୁ—କୁକୁରକୁ ଖୋଜିବେ । — ଆଲୋ ଯଦୁଲମା, ବାଘା କୋଉଠି ?

—ଆଜି କ'ଣ ପାଇବ ତାକୁ ? ସେ ଯାଇ ବାହା ପାଇ-ଖାନା ପାଖରେ ହବଣି ।

— ଧେତ୍, ବାଘା ମୋଟେ ମଇଳା ଖାଏ ନାହିଁ । ସେ ପରା ପ୍ରତିଦିନ ମାଉଁସ ଖାଉଛି ।

ବଦ୍ରୁ ଉଭରା ସ୍ୱରରେ କହିଲା — ହଁ ବାବୁ, ଦେଖିବ ନାହିଁ କି, କିଏ କାହାର ସ୍ୱଭାବ ଛାଡ଼ିଲାଣି ? ମଣିଷ ତ ପାରୁ ନାହାନ୍ତି ।

— କ'ଣ କଲେ ମଣିଷ—ହସି ଶ୍ୟାମାଦେବୀ ପଚାରିଲେ ।

—ନାହିଁ ମ ମା, ଏଇ କୁକୁର କଥା । ହେଲେ ନୂଆ କୋଠାକୁ ଚାହିଁ ନାହିଁ — ସେଠି ଅବା ମୂତ୍ତ ଥାଆନ୍ତା । ଆଉ ଆସି ଉପକାରୀ ଲୋକପଣ ମୋ'ର ଦୁଆରେ — ମୁଁ ତ ଯାଇ କଂସେଇ ଖାନାରୁ ଆଣୁଥିଲା ।

—ହଅ ଗୁଡ଼ । ତୋ ପସି ପଇସା ମୁଁ ଦେଇ ଦେବ ।

ନରମି ଯାଇ ବୁଢ଼ୀ କହିଲା — ମତେ କ'ଣ ସେ ପଇସା ଲୋଗ ହେବ ? କ'ଣ ଏଠି ନଜ଼ ନାହିଁ ଯେ, ଆଜ୍ ହ'ଟା ଘସିର ପଇସା ନେବ ? ମତେ ଚରନତ ଲାଗିଲା ସେ ଗୋଟାଏ ଅନୁକୂଳ କରି ବାହାରିଲା ବେଳେ କୁକୁର ମୁତ ମାଡ଼ିଲା ।

—କି ଅନୁକୂଳ ମ ? ବାବୁ କ'ଣ ରଖିବେ ନାହିଁ କି ତୋତେ ! — ଅନୁକୂଳ ତୁ ନ କଲେ ?

—କେଜାଣି, ଗୋଟାଏ ଦେଶିଆ ଟପରଣୀ ଅଛୁ ତ । ପିଲା-ପିଲକା ଥିଲେ ଅବା କଥା ନ ଥାନ୍ତା । କେହି ତ ଆସି ନାହାନ୍ତି ।

ଧୀର ଗଳାରେ ଶ୍ୟାମା ଦେବୀ ପଚାରିଲେ—ତାଙ୍କର କେହି ନାହାନ୍ତି ନା ସେ ଏକୁଟିଆ ଆସିଛନ୍ତି ?

—କେଜାଣି ମା । ତେବେ ସେମିତି ଜିନଷପତ୍ର ନାହିଁ । ବାବୁ ତ ଦେଖିବାକୁ ଟୋକା ବୟସର । ଅଭିଆଡ଼ା ହେଲେ ହେଇଥିବେ । ଗଲେ ବୁଝା ଯାଆନ୍ତା ।

ବାବୁଙ୍କ କାନରେ କଥାଗୁଡ଼ାକ ଠକ୍ ଠକ୍ ହୋଇ ବାଜୁଥିଲା । ତାଙ୍କର ସବୁ ଅଛି । ଖାଲି ସ୍ତ୍ରୀ ନାହିଁ ବୋଲି ପିଲାଠାରୁ ବୁଢ଼ାଯାଏ ସମସ୍ତେ ଯଦେ ଯଦେ କହୁଛନ୍ତି । ଏଇ ଗୋଟିକ କଥା ସମସ୍ତଙ୍କର । —ମୂର୍ଖ ଲୋକେ ଖାଲି ଏଇ ଛିଦ୍ର ଖୋଜି ବୁଲନ୍ତି ।

ବେଣୁଆର ବ ନଜର ଭଗ୍ରାହକୁ ଲୁଚି ରଖି କୁକୁର ଦେଖି-ବାକୁ ଯେତେ ଇଚ୍ଛା ଥିଲେ ବି ଘର ଭିତରେ ଭୂନ ପଡ଼ିଥିଲା । କାଳେ ସେଇ ସବୁ କଥା ଶୁଣି ନ ପାରିବ ବୋଲି । ବୁଢ଼ୀର ସେଇ ଶେଷ

ପଦକ ଶୁଣି ସେ ବାବୁଙ୍କର ବିଶ୍ୱାସୀ ଲୋକ ପରି କହିଲା—ଆସୁ ସେ ବୁଢ଼ୀ । କାମ ଖୋଜିବାକୁ ଆସୁଛି । ତାକୁ ଦି' ଧକ୍କା ନ ଦେଲେ—

—ଛି, ବେଣୁଧର !

—ଆଜ୍ଞ ! ଏଇ ଲୋକେ ମୁହଁ ପାଇ ଯାହା ଇଚ୍ଛା ତାହା କହିବେ । ଆଜି କ'ଣ ଆମେ ନାଲିସ୍ କରିବାକୁ ଯିବୁ ?

ବାବୁଙ୍କର ମନର ଧୀର କୋମଳତାରେ ସେହି ଇତର କେଉ-ପଦ ମିଠ: ରାଗିଣୀ ବଜାଉଥିଲା । ତାଙ୍କ ବିଷୟରେ ସେମାନେ ତାଙ୍କୁ ଶୁଣାଇ ଆଲୋଚନା କଲେ—ଶ୍ୟାମାଦେବୀ ଆଜ୍ଞ ପଢ଼ିଲାମା ।

—ମୁଁ କହିବାକୁ ଭୁଲି ଯାଉଥିଲି ତମକୁ । ଜଣେ ଲୋକ ନଥିଲେ ଆମେ ରାସ୍ତାରେ ଗଲାବେଳେ କିଏ ଜିନିଷପତ୍ର ହେପାଜତ କରିବ ? ଘର ଦୁଆର କିଏ ଓଗେଳିବ ? ଜଣେ ଲୋକ ଯଦି ଆପଣା ମନକୁ ଆସୁଛି, ସାଇର ଲୋକ ତ···ତାକୁ ଡରିବାର କିଛି ନାହିଁ । ରଖିଲେ ଖରାପ କ'ଣ ହୁଅନ୍ତା ?

—ଆମକୁ ସେ ଯେମିତି ସେମିତି କହୁଥିବ । ଆଜି ଆମେ ତାକୁ—

—ଟିକିଏ ମୁହଁ ଖରାପ । ହେଲେ କାମିକା ହୋଇଥିବ । କିଛି ଗୁଣ ନଥିଲେ ତାକୁ କ'ଣ ସେ ବାବୁଘର ରଖିଥାନ୍ତେ ?

—ସେମାନେ ? ତାଙ୍କର ବାବୁ କୁଆଡ଼େ ନାହାନ୍ତି । ବାବୁଆଣୀ କେତେ ଅବା ବୁଝିବେ ? ତାକୁ ସେ ଘରେ ଆଉଁସି ଦେଉଥିବ ବୋଲି ସେ ସିନା ସୁପାରିସ୍ କରୁଥିବେ । ଆମେ ଅନ୍ୟ ଲୋକ ରଖିବା ।

ବାବୁ ଉତ୍ତର ନ ଦେଇ ଚାହିଁଥିଲେ ବେଣୁଧରକୁ । ଦୁହେଁ ଦୁହିଁଙ୍କ ଭାବୁଥିବେ ଅସଂସାରି ବୋଲି । ବେଣୁ ଭାବୁଥିଲା—ସବୁ

ହାକିମଙ୍କର ଏକାପରି ଅବୁଝା କଥା । ମାଡ଼ ତାଙ୍କୁ ମାଡ଼ ପରି ଲାଗେ ନାହିଁ । ବାବୁ ସହଜେ ଭାବୁଥିଲେ—ଲୋକ ଚଳିବା ଶକ୍ତି ତପସ୍ୱୀର କାହୁଁ ଆସିବ ?

ହଠାତ୍ ଖୁଣ୍ଟିଲେ ଦୁଆର ଆଡ଼କୁ । ବାହାରର କଥା, ବାହାରର ଘଟଣା ସେମାନଙ୍କୁ ଡାକୁଛି ଫେରି ଆସିବାକୁ । ବାଜା ବଜନ୍ତର ଶବ୍ଦ ଶୁଣି ଗୋଡ଼ ଯେମିତି ଚଞ୍ଚଳ ହୁଏ ବାହାରିବାକୁ— ଠିଆ ହେବ, ଦେଖିବ । ସେମିତି ବାବୁ ଓ ସେବକ ଦୁହେଁ ହଠାତ୍ ବ୍ୟସ୍ତ ହୋଇ ପଡ଼ିଥିଲେ ବାହାରକୁ ଆସିବା ପାଇଁ ।

ବେଣୁଧର କବାଟ ଖୋଲିଲା । ବାବୁ ବାଧା ଦେଇ ନାହାନ୍ତି । ନୁଆଁ ଣିଆ ଝରର ଆଲୁଅ ଦାଣ୍ଡଘର ଭିତରକୁ ପଶି ଆସିଥିଲା— ସତେ ଯେପରି ଖୁଣ୍ଟି ରହିଥିଲା ଆସିବ ବୋଲି ।

କବାଟ ଖୋଲିବା ଶବ୍ଦରେ ଶ୍ୟାମା ଦେବୀ ଓ ପଦ୍ମଲୀମା ହଠାତ୍ ଖୁଣ୍ଟିଥିଲେ—ଦେଖନ୍ତି ଘରଟା ହାଜଯାକ କବାଟ କଳା ଥିଲା, ଫିଟିଲାଣି ।

ପଦ୍ମଲୀମା ବ୍ୟସ୍ତ ହୋଇ ପଡ଼ିଲା ଆସିବ ବୋଲି । ଆସିଲା ବେଳେ ଶ୍ୟାମା ଦେବୀ ଉଦ୍‌ବେଗ ଉତ୍କଣ୍ଠାମିଶା ଥର ଥର ଗଳାରେ କହିଥିଲେ – ହଉ ମା', ବାବୁ କାଳେ ଫଳେଇବେ ।

ଗୋଡ଼ ତଳକୁ ଦୃଷ୍ଟି ନାହିଁ । ପଦ୍ମଲୀମା ଆସି ଠିଆ ହୋଇଗଲା ଘର ଆଗରେ । ତପସ୍ୱୀ ତାକୁ ଦେଖି ଚାହିଁ ଉଠିଲା । ହାକିମି ଦେଖାଇ ପଚାରିଲା—କ'ଣ ଭୂକମ୍ପ ଖୋଜିବାକୁ ଆସିଗଲୁ ?

—ହଁ ତମେ ତ ସର୍ବଜ୍ଞାନ । ହସି କହିଲା, ଆସିଥିଲି ପଚାରି ବୁଝିବାକୁ ! କେତେବେଳୁ ଆସନ୍ତିଣି ଯେ ତମର ତ ଦୁଆର ବନ୍ଦ ।

—ଆଜ କ'ଣ ମେଳା ଥାଆନ୍ତା ?

—କାହିଁକି ରହିବ ନାହିଁ ? ପହଲମାକୁ ସବୁବେ ଦୁଆର ଖୋଲା । ତା'ର ହାତଉଠା ନାହିଁ । ଏମିତି ତ କେତେ ବାବୁଘର କୁଞ୍ଚିକାଠି ଥୋଇ ଦେଇ ସରକସ, ସିନେମା ଦେଖିଯାଆନ୍ତି ।

—ସତେ ! ଏତେ ଗୁଣ ତୋର ! ସେ ବାବୁଘରେ କ'ଣ କରୁଥିଲୁ ?

—ମା'ଙ୍କ ସାଙ୍ଗରେ ଦୁଃଖସୁଖ ହେଉଥିଲି । ବାବୁ ନାହାନ୍ତି । —ଏକୁଟିଆ ମଣିଷ ।

ବେଣୁ ଆଉ କିଛି ପଚାରିବା ଆଗରୁ ବାବୁ ନିଜେ ଖଣ୍ଡେ ଜାମା ପିନ୍ଧି ବାହାରି ଆସି ପଚାରିଲେ—କ'ଣ କି ବେଣୁ ?

ନିଜର ପଚାରିବା କଥାକୁ ଘୁଞ୍ଚାଇଦେଇ ବେଣୁ କହିଲା—ଇଏ ଆସିଛି । ଘର ସଭା ଲୋକ—ଆଜେ ବୁଝିଲୁ, ଏଠି ଦୁଇଅଟିଏ ହଜିଲେ ଜାଣିବୁ—ଜେଲଖାନା !

—ଏମିତି କାହିଁକି ହଉଚ ମ ! ଗରିବ ଦୁଃଖୀ ଦେଖିଲେ ସମସ୍ତେ ତ ବାରହାତ ଉଞ୍ଚା । ମୁଁ ଆସିଲି ବାବୁଙ୍କ ପାଖକୁ ।

—ହଉ ଆ ଭିତରକୁ ।—କହି ବାବୁ ବେଣୁକୁ ବଗଦ କଲେ ଚୌକି କାଢ଼ିବ ଦୁଆରକୁ ।

ମୁହଁ ଛୁଞ୍ଚାଇ ମୁହଁ ବୁଲେଇ ଦେଇ ପହଲମା କହିବାକୁ ଯାଉଥିଲା, ଆରେ ଯା । ତୁ ବି ଯେମିତି ମୁଁ ବି ସେମିତି । ଯିଏ ବାବୁଙ୍କୁ ନିଜର କରିପାରିବ, ବାବୁ ତା'ର ।

ବେଣୁ ଘୋର ବରକ୍ତରେ ଭିତରକୁ ଆସିଥିଲା ହୁକୁମ ତାମିଲ କରିବାକୁ । ସେ ବି କହିଥାନ୍ତା—ବୁଢ଼ୀ ତୋ କପାଳ ଭଲ । ଆଜ ବାବୁ ନଥିଲେ ଅଣ୍ଡା କରିଥାନ୍ତି ।

ଧୂଳି ଝାଡ଼ିବାକୁ ଯାଇଁ ଚୌକି ଉପରେ ଦି' ତିନି ଝୁପୁଡ଼ା ପକାଇ ବେଣୁଧର ଚୌକିଟାକୁ ଟିକିଏ ଟାଣରେ କରି ଦେଲା ଦୁଆରେ । ନିଜେ ଚାଲିଗଲା ବାହାରକୁ ।

ଦେଖି ଆସିବ ସେଇ ଘର । ବାଘା କୁକୁର ଆଉ କୁକୁରର ମାଲିକାଣୀ—ସମସ୍ତଙ୍କୁ । ଏଣେ ବାବୁ ଆଉ ପହଲମା ତାଙ୍କର ବୁଝାସୁଝା ହେଉ ଅ ଅନ୍ତି ।

କଟକର ପ୍ରତାପ ଧରି ବେପତ୍ରୁଆଭାବରେ ପହଞ୍ଚିଲା ସେ ବାବୁଙ୍କ ଘରେ । ଶ୍ୟାମା ଦେବୀଙ୍କୁ ଦେଖି ଜୁହାର ହୋଇ କହିଲା—ଆମେ ଆସିଛୁ ସେଇ ନୂଆ ଘରଟିକୁ । ଆମ ବାବୁଙ୍କ ନାଁ ଶୁଣିଥିବେ । ସେ ଜଣେ ହାକିମ ।

—ହଁ ଭଲ ହେଲା । ଘରଟି ଭଲ ।

—ନୂଆ ଘରଟାଏ ତ । ସଜ ଲାଗୁ ନାହିଁ । ଏଠେ କିଏ ସବୁ ଅଛନ୍ତି ପାଖରେ ?

—କହିପାରିବି ନାହିଁ । ସେ ହଳଦିଆ ଘରେ ଜଣେ ଡାକ୍ତର । ବାହାର ଲୋକ ବେଶି ନାହାନ୍ତି ।

ହସି ହସି ସାଇକେଲରୁ ଓହ୍ଲାଇଲେ ଜଣେ ବାବୁ ।

—କହ୍ନୋ ଦେବ, ତମର ଦେଖା ନାହିଁ କେଇଦିନ ହେଲାଣି ।

—କାମ ଥିଲା, ଆସିପାରି ନ ଥିଲି । ବାପା କ'ଣ ଛକ ଉପରେ ବୁଲୁଛି ?

—ଚଳେଇଛି ପରା । ରଚନା ପାଇଛି ଖୋଜିବାକୁ ।

—ଏ କିଏ ?

—ଏ ନୂଆ କୋଠାକୁ ଭଡ଼ାରେ ଆସିଛନ୍ତି—ଜଣେ ହାକିମ ।

—କିଏ, ତାଙ୍କ ନାଁ କ'ଣ ?

ଚପରାସି ଦେହ ଝାଡ଼ିଝାଡ଼ି କହିଲା—ସେ ପରା ସୁଜାତ ବାବୁ । ଆପଣ ତାଙ୍କୁ ଚିହ୍ନନ୍ତି ନାହିଁ ?

—ଚିହ୍ନା ନାହିଁ । ହୋଇଯିବ ।

ଦେବବାବୁ ସାଇକଲ ରଖିଲେ । କୁନା ବେବି ଆସି ପହଞ୍ଚିଲେ ଜଳଖିଆ ପାଇଁ । ବେଣୁଧର ମଧ୍ୟ ଜଣାଇଲା ସେ ଯିବ ।

—ଆସିଥିଲେ କୁଆଡ଼େ ? ଦେବବାବୁ ପଚାରିଲେ ।

—ଚିହ୍ନା କରିବାକୁ । କିଏ କେଉଁଠି ଅଛନ୍ତି ବୁଝିବାକୁ ।

—ଓଃ ।......

ଟେବିଲରେ ଆଉଜି ପଡ଼ି ଦେବ କହିଲା—ଅନେକ ଦିନ ପରେ ଆସିଲି କ'ଣ ? ମୋଟେ ପାଞ୍ଚଦିନ—

—ସେମିତି ଲାଗୁଥିବ । ମତେ ତ ଲାଗୁଥିଲା ଯେମିତି ଯୁଗେ । କେତେ ଆଉ ଏଇ ପିଲା ଦି'ଟାକୁ ନେଇ ଦୁଃଖସୁଖ ହେବ ? ସେଗୁଡ଼ାଙ୍କର ଯୋଉ ପାଟି ! ଅରଡ଼ା ପକାଉଛନ୍ତି ଦିନଯାକ... ଆଗେ ସିନା ଆଖପାଖରେ ଶୁଣିବାକୁ କାହାର କାନ ନ ଥିଲା— ଆମେ ଯେମିତି ମନ ସେମିତି ଚଳୁଥିଲୁ । ଏବକୁ ଏଠି କଥା କହିଲେ ସେଠି ଶୁଭୁଛି ।

—ଖରାପ କ'ଣ ? ବଡ଼ ପାଟିରେ କହିବାକୁ ଇଚ୍ଛା ହେବ ।

—କେବେ କ'ଣ ମୁଁ କହେ ତର୍ଜ୍ଜି ଗର୍ଜ୍ଜି ? ଘରେ କଥା କହିଲାବେଳେ ଆଉ ଜଣେ ଶୁଣିଲେ କ'ଣ ଭଲ ଲାଗେ ସମସ୍ତଙ୍କୁ ? ଶ୍ୟାମା ଦେବୀଙ୍କ କଥାରେ ଅଭିମାନ ।

—ମଲା ମଲା, ମୁଁ କ'ଣ କହିଲି ଯେ ଏମିତି ଛଳ କରି ବସିଲଣି ।

—କାହିଁକି ଛଳ କରିବି ? ବାଟ ଚାହିଁ ଚାହିଁ ଆଖି ଶୁଖି ଗଲାଣି । ଆସି ଭଲ କଥା ପଦେ କହିଲ ଏକା !

—ହଉ ଛାଡ଼ । କ'ଣ ହେଲା ? ତମ କଥା କାହାକୁ ଶୁଭି ଯାଉଛି ?

—ନାହିଁ ମ ସେମିତି କହୁଥିଲି ।

—ଚପଚପି କ'ଣ କହୁଥିଲ ?

—କିଛି ନାହିଁ । ଏଇ ତ ଆସିଲି ଟିକିଏ ଆଗରୁ । ନୂଆ ବାବୁ ଆଜି ସକାଳେ ଆସିଛନ୍ତି । ଶୁଣିଥିଲି କିଏ ସବୁ ଅଛନ୍ତି କୋଉ ଘରେ ।—ବୋଧହୁଏ କ୍ଲବ କରିବେ ।

—ତମେ କ'ଣ କହିଲ ? କ୍ଲବ କରିବ ବୋଲି କହିଲ ତ ?

—ମୁଁ ? ଶ୍ୟାମା ଦେବୀ ଚାହିଁଲେ ଦେବେନ୍ଦ୍ରଙ୍କୁ । ପଚାରିଲେ —କଥା ସୁନ୍ଦର କରି କହି ଜାଣିଲଣି ! କୋଉଠି ପାଠ ପଢ଼ୁଛ କି ?

—କୋଉଠି ପଢ଼ିବି ? ଶିଖୁଛ କାହିଁକି ?

—ସେମିତିକା କଥା କହନ୍ତି ନାହିଁ ?

ଶ୍ୟାମା ଦେବୀଙ୍କର ଅଭିମାନ କ୍ରୋଧର ରୂପ ନେଇଥିଲା । ଦେବେନ୍ଦ୍ର ଆଶଙ୍କା କରିଥିଲା—ଅଦିନିଆ ଝଡ଼ । ବେଳ ଅବେଳରେ ଶ୍ୟାମା ଦେବୀଙ୍କର ମୁହଁ ଝଡ଼ ବେଳର କଳା ଆକାଶ ପରି ଦିଶିଯାଏ ।

ବେଣୁଧର ଫେରି ଆସିଲା ଘରକୁ । ସେତେବେଳକୁ ବାବୁ ଶୁଣୁଥାନ୍ତି ପଦ୍ମଲାମାର ଗୁଣଗ୍ରାମର ତାଲିକା । ସେ ରୋଜ—ଦିନ ପା ନାହିଁ—ପ୍ରତିଦିନ ଯାଏ ବାବୁମାନଙ୍କ ଘରର ଖଟଣିରେ । ସେ ଘରକୁ ଏକୁଟିଆ । ଗେରସ୍ତ ନାହିଁ, ପୁଅ ନାହିଁ, ଯାହା ସେ ପାଏ ଝିଅର ପିଲାମାନଙ୍କୁ ସେଥିରୁ ଦିଏ ।

—ଖାଇବାକୁ ରୋଟିଏ ପେଟ । ପୁଣି ସବୁବେଳେ ତ ସେ କାମକୁ ପାରିବ ନାହିଁ । ବେଳ ଅବେଳକୁ, ପୋଡ଼ା ପୋତା ହେଲାବେଳକୁ କିଛି ସାଇତି ନ ଥିଲେ ସେ ଦାଣ୍ଡରେ ପଡ଼ିବ । ପଦ୍ମଲାମା ଦୀର୍ଘ ନିଶ୍ୱାସ ପକାଇଲା ।

—ସେ ଯେଉଁଠି ଚଳେ ସେଠି କେବେଁ ଗ୍ଳେରହାରି ହୋଇ ନାହିଁ । ଭଲ ଖାଇବା ନ ପାଇଲେ ସେ କାମ ଧରେ ନାହିଁ । ତା' ସଙ୍ଗେ ଖିଟ୍‌ଖିଟ୍ ଲଗାଇଲେ ସେ କିଛି କରିପାରେ ନାହିଁ । ସେଥିପାଇଁ ସେ ଯାହା ପାଖରେ ଏଠିସେଠି ହେଉଛି ।

—"ବାବୁ ଖୁବ ବଡ଼ମନର ଲୋକ । ନ ହେଲେ କ'ଣ ଭଡ଼ାବାଲା ତାଙ୍କୁ ଏ ଘରକୁ ଆଣିଥାନ୍ତା ! ତା'ର ଯୋଉ ପ୍ରତାପ ଦୁଃଖୀ ଗରିବଙ୍କ ଉପରେ, ସେଥିରେ ସେ କ'ଣ କେବେ ଯାହାକୁ ତାକୁ ଘରେ ରଖିବ । ଘରେ ଯେ ମାଛିଟିଏ ବସେଇ ଦେବ ନାହିଁ, ସେପରି ଲୋକ ତା'ର ଏତେ ଦାମ୍‌ର ଘର କ'ଣ ଏମିତି ଏମିତି ଛାଡ଼ିବ ?"

—ସେ ସବୁ ଭଡ଼ା ନଉଛି । ଛାଡ଼ନ୍ତା ନାହିଁ କେମିତି ?

—ବାବୁ ଆମେ କାହାକୁ ଭଡ଼ାରେ ରଖିଲେ ଆଖି ଆଗେଆଗେ ରଖିଥାଉ । ପରବାସୀ ଲୋକ କ'ଣ ଘରର ହିଫାଜତ୍ କରିବ ।

ମୁକୁଳା ପଡ଼ୁଛି ତ ପଡ଼ୁଛି । ନିଆଁ ପାଣିକୁ ନଶା ନାହିଁ । ଛପର ଗୋରୁ ଓଲଟିଲା—ତା'ର କି ଯାଏ ଆସେ ? ସେଥିରେ ପୁଣି ରୋଜ ବେଳବୁଡ଼େ ଭଡ଼ାଗଣ୍ଡାକ ଆଦାୟ ନ କଲେ ଆଜ ଭଡ଼ା କାଲିକି ବାସି ହେଲା । ସେ ଆଜି ଆଗେ ଦବ ନା! ଆଗେ ପାଇବ ।

—ତମେ ତେବେ ଆମକୁ ଘର ଭଡ଼ା ଦିଅନ୍ତ ନାହିଁ ? ଆମେ ତ ମାସକୁ ମାସ ଭଡ଼ା ଦେଉଥାନ୍ତୁ । ମାସ ନ ପୂରିଲେ—

—ତମ ଘର ବାବୁ—ସେ ପୁଣି ଆମଠଉଁ ଘର ଭଡ଼ା ନେବ । ଏ, କି ଓଲଟା କଥା । ଯାହାର ଘର ନୁହଁ , ସେ ପିନ୍ଧା ଥିଲାବାଲାଠଉଁ ନିଏ । ଆଉ ଆମଘର ବାସନମାଜିବା ଲୋକ—ହସି କହିଲା···ହଉ ବାବୁ ପହିଲମା'କୁ ପହଳି କରୁଛି······

—ମୁଁ ଯଦି ଭଡ଼ା ନ ଦିଏ—ତା'କୁ !

—ବାବୁ ସେସ୍ଥା କରନ୍ତି କି ସେ ମଜା ପା'ନ୍ତା । ସେହି ପଡ଼ିଶା ଘର ବାବୁ ସେମିତି ଥିଲେ । ସେ ମାସକୁ ମାସ ତାଙ୍କ ସଙ୍ଗରେ ଲଗାଇଲା ଭଡ଼ା ପାଇଁ । ରାଗିଯାଇ କହିଲେ—ଦେବି ନାହିଁ ଭଡ଼ା ।

—ସେଠୁ ସେ କଣ କଲା ?

—କରିବ ଆଉ କ'ଣ ! ଏଣେ ତେଣେ ବୁଲି ତାଙ୍କନାଁରେ ବାରକଥା ଲଗେଇ କହିଲା । ବାବୁ ଡ୍ରସ୍ ଖାଆନ୍ତି, ବାବୁଆଣୀ ଖରାପ ମଣିଷ—ବାବୁ ବି ଡରିଲେ ନାହିଁ । ପୁଲିସ୍‌କୁ କହିଲେ । ଶେଷକୁ ଗୁଣ୍ଡାଠଉ ସମ୍ପତ୍ତି କିଣିଲେ । ଗୁଣ୍ଡାକୁ ଭଡ଼ା ଛୁଆଁଇ ଦେଉ ନ ଥିଲା । ସେମାନେ କାଗଜ କରିଦେଲେ । ଯେମିତି କଲା ସେମିତି ଫଳ ପାଇଲା ।

—କୋଉ ଘର ?

—ଜାଣି ନା ? ଏଇ ଘର ପାଖକୁ ଯୋଉ ଘରଟା ଦିଶୁଛି । ସେଇ ଯୋଉ କୁକୁର ଆସି ମୁତିଲା ମୋ ପିଣ୍ଡାରେ—ସେଇ ବାବୁ

ପଡ଼ । ବାବୁଟି ଲୋକ ଯେମିତି ଭଲ ସେମିତି କଡ଼ା—ଯେଯାକୁ ଠେସା ପାଠ ଶିଖେଇଦେଲେ।

ବାବୁ କି କାମ କରନ୍ତି ?

—କି ଜାଣି । ଟସ୍ତ କରନ୍ତି । ତାଙ୍କ ଘୁଙ୍କଶାଠା ମତେ ପଇଟେ ନାହିଁ । ବଡ଼ ଛନ୍ଦବନ୍ଦର କାମ । ଖାଲି ତ ଗାଡ଼ିଚଢ଼ି ଯାଉଁଥାନ୍ତି ଆସୁଥାନ୍ତି । ଦିନେ ହେଲେ ରହିବେ କି ନାହିଁ—ବାବୁ ଗୁଲିଲେ । ପୁଣି ଆସିଲେ ଗଲେ । ଆପଣ ଚିହ୍ନି ନାହାନ୍ତି ତାଙ୍କୁ ? ସେ କାଲି ଯାଇଛନ୍ତି ଟସ୍ତରେ । ଟସ୍ତ ଗୁକଗ ହୋଇଥିବ ।

—ମୁଁ ପରା ଆଜି ଆସିଲି ।

—ସେ ଗୁରିଆଡ଼କୁ ଯାଆନ୍ତି ବୋଲି ମୁଁ କହିଲି କି ତମେ ଚିହ୍ନିଥିବ । ହାକିମ ହୋଇ ହାକିମଙ୍କୁ କ'ଣ ଚିହ୍ନନ୍ତି ନାହିଁ !

ବେଣୁଧର ଠିଆ ହୋଇ ଶୁଣୁଥାଏ । ବାବୁ ହସି କହିଲେ —କ'ଣ କହୁଛ ବେଣୁଧର—ପହିଲିମା ରହୁ । ଆମେ ଥିଲୁ ନ ଥିଲୁ ବେଳେ ଗୁବି କାହାକୁ ଦେବା ?

— ସେ କେତେ ନବ ? ଅ.ମେ ତ ଜଣିକିଆ ଲୋକ । କ'ଣ ବା କାମ ଅଚ୍ଛି ଆମର ।

ପହିଲି ମା ଭିତର ଆଡକଟରେ କହିଲା—କାହିଁକି ଖାଙ୍କୁଛ ଭଲ ! ପହିଲି ମା ଦି'ଠା ଖାଇଲେ କ'ଣ ତମ ପେଟରୁ ଊଣା ହୋଇଯିବ । ବାବୁଙ୍କର ଘର ଲୋକେ ଆସିଯିବେ ନାହିଁ । ସବୁଦିନେ କଅଣ ଏକୁଟିଆ ଥିବେ । ମା' କେବେ ଆସୁଛନ୍ତି ?

ବାବୁ ହସି କହିଲେ—ଆମର ମା ନାହାନ୍ତି ।

—ଓ, ଏମିତି କଥା ! ଏବ କାଳକୁ ହାକିମମାନେ ସମସ୍ତେ ଏକୁଟିଆ । ମୋ ପିଲାବେଳେ ମା ନଥାଇ ଘର ନଥିଲା । ଆଉ ଏବେ—

—ଏବେ କ'ଣ ହୋଇଛି ? ଘରେ ମା ରହୁ ନାହାନ୍ତି ନା ? ବାବୁ ପଚ୍ଚାରିଲେ ।

—ଆସି ନାହାନ୍ତି । ଆସିବେ ନାହିଁକି ? କେଜାଣି ଅବା ବାବୁ ପଦ୍ମଲମାକୁ ଭଣ୍ଡୁଥିବ । ଏଡ଼େ ସୁନ୍ଦର ନଅର ପରି ଘର । ମା ନଥିଲେ କ'ଣ ସାଜବ ! ରାଣୀ ନଥାଇ ମହୁମାଛି ବି ନାହାନ୍ତି । ଗାଇଜ ନାହିଁ ।

—ଆମେ ଆଣିବା ନାହିଁ । ସେମିତି ଠେଙ୍ଗାଠେଙ୍ଗା ରହିଯିବା ।

ହତ୍ଭମ୍ବ ହୋଇ ପଦ୍ମଲମା କ'ଣ ଜବାବ ଦେବ ଠିକଣା କରି ପାରିଲା ନାହିଁ । ସେ ଗୁଣୁ ଗୁଣୁ ହୋଇ କହିଲା—ଆମେ ତ ମୂର୍ଖ ଲୋକ ବାବୁ । ସେଥିରୁ ଆମକୁ କ'ଣ ମିଳିବ । ମତେ କ'ଣ କହିଦେଲେ···ହେ ଭାଇ, କ'ଣ କହୁନା ? କହି ବେଣୁଧରକୁ ଚାହିଁଲା ।

—ଅସଲ ଲୋକ ତୁ ! କେତେ ବନେଇ ଚୂନେଇ କଥା କହି କହି ଜାଣୁ ।

—ଖିଟ୍‌ଖିଟ୍ ଲଗାନା କହୁଛି । ପଦ୍ମଲମା ପିଠି ଆଉଁସିଲେ ମଇଳା ଉଠେଇବ । ଆଜ ତାକୁ ଗଡ଼େଇଲେ ସେ ତମ ଦୁଆରେ ହାଇ ମାରିବାକୁ ଆସିବ ନାହିଁ ।

—ଆଚ୍ଛା, ଏଡ଼େ କଥା କାହିଁକି କହୁଛ । ବେଣୁଧର ଭାରି ଭଲ । ଖାଲି ତୁମକୁ ଗଡ଼େଇବାକୁ ସେମିତି କହୁଥିଲି ନା ।

—ଦେଖୁ ନ ବାବୁ, ତମପରି ଲୋକ ମୁହଁରେ ତୁ'ରାକର ନାହିଁ । ଆଉ ଏ ବି'ପଦ କଥାରେ କେମିତି ଫୋପାଡ଼ ଫୋପାଡ଼ କହୁଛି । ଏଥିରେ ଗଡ଼ ଲାଗିବ ନାହିଁ ?

—ହଉ କହ କେତେ ଠଙ୍କା ନବୁ ? କାମ ତ ଅଳପ ।

ବାବୁଙ୍କର ଏଇ କଥାଟା ତାକୁ ଭଲ ଲାଗୁ ନଥିଲା । ଲୋକ ନାହାନ୍ତି, ଗୋରୁଗାଈ ନାହାନ୍ତି, ଘୋଡା ଚଢ଼େଇଟିଏ ବି ନାହିଁ । ସେଥିରେ ପୁଣି ଗୋଟାଏ ଭେଣ୍ଡିଆ ଖଟୁଛି । କି କାମ ଅଛି ଯେ କ'ଣ ସେ କରିବ ! ବାବୁଙ୍କ ଶରଣ ପଶିବାକୁ ସେ କହିଲା—ତମେ ଯାହା ଦେବ ବାବୁ ! ଯୋଉ କାମ କହିବ ସେ କାମ କରିବି । ମୁଁ ମୂଲଲଗା କରେ ନାହିଁ । ହେଲେ ଗୁହ ଯେତେବେଳେ ରଖିବ ଘରର ଲକ୍ଷେ ଝଙ୍କାର ଲାଭକ୍ଷତି ସବୁ ମୋ ମୁଣ୍ଡରେ—ଯାହା ଦେବ ।

—ଦେଖୁନ୍ତ ତ ଆମର କାମ ନାହିଁ । ଖାଲି ଘରକୁ ଜଗାରଖା କରିବ । ସେଥିପାଇଁ କିଛି ପାଇବ । କାମ ଦେଖିଲେ ବଢ଼େଇବା ।

ପହିଲିମା ଶୁଣିଲା କଥାଟାର ବାଗବାଗ ମିଳୁନାହିଁ । ବାବୁଆଣୀଙ୍କଠଉଁ ଭଲକରି ବୁଝି ନ ଆସିଲେ ଦରମା ସଜରେ ଛୁଟିବ ନାହିଁ । ସେ ଠିଆ ହୋଇ ଭାରି କାମଥିବା ପରି ବ୍ୟସ୍ତତା ଦେଖାଇ କହିଲା—ବାବୁ ଫେରଣେ ମୁଁ ଆସିବି । ଟିକିଏ ତାଙ୍କ ଘରୁ କାମ ସାରି ଦେଇ । ତାଙ୍କ ଗୋରୁଗାଈ କାହା ବାଡରେ ପଶିବେଣି । କୁକୁରଟା ଅଇଲାଣି କି ନାହିଁ ବୁଝି ଆସେ । ମୁଁ ପୁଣି ଆସିବି ।

ଖରା ନଇଁଗଲାଣି । ଏଣେ ତେଣେ ହୋଇ କେଣ୍ଡୁଧର ଖଜ ଆଣିବାକୁ ଭୁଲି ଯାଇଥିଲା । ବାବୁ ଙ୍କ' କଥା ମନେ ପକାଇ ଦେବାରୁ ସେ ଚାଲିଲା ବାହାରକୁ ।

ବାବୁ ଏକୁଟିଆ ବସି ପଦ୍ମଲ୍ମା'ର କଥାଗୁଡ଼ିକୁ ମନ ଭିତରେ ଆନ୍ତରିକ ଉତ୍ସାହରେ ଏପଟ ସେପଟ କଲେ । ପଦ୍ମଲ୍'ମା ଚଉଡ଼ଶା ଘର ସାଙ୍ଗରେ ପରାମର୍ଶ କରି ପୁଣି ଆସିବ । କଅଁଳ ମିଠା ସ୍ୱର । ଜଣା ପଡ଼ୁଥିଲା ଝରି ଦରଘ ପରି । କ'ଣ ପରାମର୍ଶ ପାଇଲା ବୁଝିଲା ପରେ —

ଘରର ଛାତ ଉପରକୁ ସିଡ଼ି ଅଛି । ମେଲା ସିଡ଼ି, ଅନ୍ଧାର ହେଲେ ଯିବେ । ଦିନ ଆଲୁଅରୁ ଯିବାକୁ ଅସହଜ ଲାଗୁଥିଲା । ତେବେ ବି ଗୋଟିଏ ଗୋଟିଏ ହୋଇ ନିଜର ଘର ଦୁଆର ଦେଖିବା ଛଳନା କରି, ସବୁ ପୋଷାକପତ୍ର ପିନ୍ଧି ବୁଲିଯିବା ବେଳକୁ ଛାତ ଉପରକୁ ଉଠିଲେ ।

ସୂର୍ଯ୍ୟ କିରଣ ମଉଳି ଯାଇଥିଲା । ଭୟ ଓ ସଙ୍କୋଚ ଭିତରେ ବେପରୁଆ ଭାବ ଦେଖାଇ ଅନ୍ୟମନସ୍କ ଥିବାର ଛଳନା କରି ସେ ଉପରକୁ ଗଲାବେଳେ ସେଇ ବନ୍ଧୁ ବାଞ୍ଛିତ ରୂପ ଦେଖିଥିଲେ ।

ଦେଖିବାକୁ ଶ୍ୟାମଳୀ । ସୂର୍ଯ୍ୟଙ୍କର ନାଲିରଙ୍ଗ ତା'ର ସେଇ ଶ୍ୟାମଳ ଦେହ ଉପରେ ବୁଣି ହୋଇ ପଡ଼ିଥିଲା—ଦୂରରୁ ଦିଶୁଥିଲା ସୁନ୍ଦର । ଯେତିକି ଭାବିଥିଲେ ତା'ର କଣ୍ଠସ୍ୱର ବିଷୟରେ, ସେତିକି ତାକୁ ସୁନ୍ଦର ବୋଲି ଭାବିଲେ । ଦୂର ପାହାଡ଼ର ଶିଖ ପରି, ଦେଉଳର ମୁକୁଟ ପରି, ସେ ତା'ର ଉନ୍ନତ ଗର୍ବରେ ଠିଆ ହୋଇ ଯେପରି କହୁଥିଲା—ମୁଁ ଏଠି ଅଛି ।

ସେ ଚାହିଁଥିଲା ଘର ଭିତରକୁ । ବରାଦ ଦେଉଥିଲା ଭଉଣୀକୁ ଗୋଟେଇ ବିଷୟରେ—କେବେର ଭଡନା ଧୋଇଲୁ ? ଅଗ୍ଲ କରି ଧୋଇଲୁ ? ସେଇ ସେଠି ସିଁଞ୍ଜନ ଲାଗିଛି—କଣ୍ଠ ଦେଖାଇଲା ବେଳେ ତା'ର ପିଠି ପାଖ ହଲୁଥିଲା—ଛନ୍ଦର ଲହର ପରି ।

ମୁଣ୍ଡର ଜଡ଼ାରେ ଫୁଲହାର ଥିଲା—ଓଢ଼ଣା ନାହିଁ । ପରିପାଟୀ କରି ଲୁଗା ପିନ୍ଧିନାହାଁ । ଦୂରରୁ ଦିଶୁଥିଲା ଖାଲି ମନ-ଲୋଭା—ଆକାଶର ଇନ୍ଦ୍ରଧନୁ ପରି—ଦେଖିବା ଲୋକର କଳ୍ପନାରେ, ଦେଖିବା ଲୋକର ଦୃଷ୍ଟିଶକ୍ତିରେ, ତା'ର ରସଜ୍ଞାନର ଆଉ ମନର ରୁଚି ଅନୁସାରେ ।

ବିସ୍ତୀର୍ଣ୍ଣ ଧାନ କ୍ଷେତ, ଦୂରରୁ ଦିଶୁଥିବା ସମୁଦ୍ର, ବଉଳିଥିବା ଆମ୍ବଗଛ ଯେମିତି ମନକୁ କେବଳ ତାଙ୍କ ରୂପରେଖରେ ପ୍ରକୃତ ପରିଚୟ ନ ଦେଇ, ଗନ୍ଧ ଓ ସ୍ୱାଦର ବିବରଣ ନ ଦେଇ, ଦୁର୍ଲଭ କି ସୁଲଭ ନ ବୁଝାଇ ଖାଲି ଦେଖାଇ ନିଜର ସମଗ୍ରତା ଅଳ୍ପକେ ବୁଝାଇ ଦେଇ ହୃଦୟ ଓ ମନକୁ ଅଭିଭୂତ କରନ୍ତି—ଦେଖିବା ଲୋକର ମନରେ ବର୍ଣ୍ଣବିଭବ ଖେଳାଇ ଦିଅନ୍ତି—ସୁଭାଷବାବୁ ସେହିପରି ସେହି ଶ୍ୟାମଳୀ ତରୁଣୀଟିକୁ ଦେଖି କଳ୍ପନାରେ ଶତମୁଖ ହୋଇ ଯାଇଥିଲେ । ସେ ଅତି ସୁନ୍ଦର । ଏପରି ରୂପ ସେ ଦେଖି-ନାହାନ୍ତି—ଇଆଉ ନାଁ ସୌନ୍ଦର୍ଯ୍ୟ !

ଅସୁନ୍ଦର ଜିନିଷ ବି ଦୂରରେ ସୁନ୍ଦର । ଶ୍ୟାମଳୀ ଦୂରରୁ ନିଜ ରୂପର ଛଟା ବଢ଼ାଇ ଦିଏ । ସେଥିପାଇଁ ଅସୁନ୍ଦର ଦେହ, ଅଳ୍ପ ସୁନ୍ଦର ରୂପ, ଅରୁଚିକର ମନ ଦୂରତାରେ ଉଜ୍ଜ୍ୱଳ ଦିଶନ୍ତି । ରୂପର ସମସ୍ତ ଗ୍ଲାନି ଓ ମଳିନତା ଲିଭିଯାଏ ଦୂରତାର ଉହାଡ଼ରେ ।

କିନ୍ତୁ ସୁନ୍ଦର ଜିନିଷ ତା'ର ସମ୍ପୂର୍ଣ୍ଣ ମୂଲ୍ୟବୋଧ ଦେବାକୁ ନିକଟରେ ପହଞ୍ଚିବା ଦରକାର । ସୁନ୍ଦର ଜିନିଷ ଦୂରରେ ଅସୁନ୍ଦର ! —ତା'ର ସମସ୍ତ ସୌଷ୍ଠବ ଲୁଚିଯାଏ ଦୂରତା ଭିତରେ ।

ଟିକକ ପରେ ସେ ସାମନା କୋଠାକୁ ଚାହିଁ ଚମକି ପଡ଼ିଲେ । ସୁଭାଷବାବୁ ଠିଆ ହୋଇଛନ୍ତି । ତା'ର ମୁହଁ ଉପରେ ବିସ୍ମିତ ଚାହାଣୀ ଓ ବିରକ୍ତିର ଛାଇ ଖେଳିଗଲା । ସୁଭାଷବାବୁ ଚାହିଁ ରହିଛନ୍ତି

ତା'ର ଆଡ଼କୁ । ବାଧରେ ମୁଣ୍ଡ ଉପରକୁ ଲୁଗା ଉଠାଇ ନେଇ ସେ ଶୀଘ୍ର ଶୀଘ୍ର ଚାଲିଗଲା ଘର ଭିତରକୁ । ସୁଭାଷବାବୁଙ୍କର ମନେ ହେଲା ଯେପରି ସୂର୍ଯ୍ୟ ବୁଡ଼ିଗଲେଣି ବହୁତ ବେଳୁ ! ଚାରିଆଡ଼େ କଟି କଟି ଅନ୍ଧାର । ଅପୂର୍ବ ଶୋଭାର ପସରା ଦେଖା ଦେଇ ଲୁଚି ଗଲା !

ଆଚମ୍ବିତ ଦେଖାର ଭାବର ଆବେଶ ସୁଭାଷବାବୁଙ୍କୁ ଘେରି ରହିଲା । ଦେଖା ହୋଇ ନଥିଲେ ଭଲ ହୋଇଥାନ୍ତା ! ବିନା ଚେଷ୍ଟାରେ ମୁହାଁମୁହିଁ ହେଲାବେଳେ ସେ ଯେଉଁ ମୃଦୁ ଆଘାତ, ଲଜ୍ଜା, ସଙ୍କୋଚ ଭିତରେ ଦେଖାଇ ଯାଇଥିଲା, ସେ ମୃଦୁ ଆଘାତ ସୁଭାଷବାବୁଙ୍କୁ ପୀଡ଼ା ଦେବାକୁ ଆରମ୍ଭ କଲାଣି । କଅଁଳ, ଅଳସ କଣ୍ଠର କେଇପଦ କାରବାଣୀ କଥା ତାଙ୍କୁ ଅଚ୍ଛନ୍ନ କରିଥିଲା । ତାକୁ ଦେଖି ତାଙ୍କ ଆଖି ଆଗରୁ ଲୁଚିଯିବାକୁ ଯାହା ଟିକଏ ଦରକାରୀ ସାଂସାରିକ ଶିଷ୍ଟାଚାର ସେ ଦେଖାଇଥିଲା, ସେତକ ବି ସେମିତି ଆଘାତ ଦେଲା । ଦୁଇ ପ୍ରକାରର ଛବି ଦେଖାଇ ତାଙ୍କୁ ସେ ବାନ୍ଧି ଦେଇଛି ।

ମନରେ ବହୁତ ପ୍ରକାରର ପ୍ରଶ୍ନ—ସେ କ'ଣ ଚିହ୍ନେ ତାଙ୍କୁ ? ...ଚାଲିଗଲା କାହିଁକି ?...ରହିଥିଲେ କ'ଣ ଖରାପ ହୋଇଥାନ୍ତା ? ...ବାହାର ଲୋକଙ୍କ ଆଗରେ ଅପରିଚିତ ଲୋକଙ୍କୁ ସେ କ'ଣ ସେ ପ୍ରକାରର ବ୍ୟବହାର ଦେଖାଏ ?...ସେ କ'ଣ ମନେ କରୁଛି ଯେ ମୁଁ ତାକୁ ଭଲପାଏ ବୋଲି !...ଏମିତି ଭାବିବାର ତ କାରଣ ନାହିଁ ...ଭିତରକୁ ଚାଲିଗଲା କାହିଁକି ?...ସେ କ'ଣ ଆଉ ଫେରି ଆସି ରହିଁ ନଥିବ ?...

ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେବାକୁ ସେଇ ନିଜେ । କାହାରି ସହିତ ପରାମର୍ଶ କରିବାର ସୁବିଧା ନାହିଁ । ଯେଉଁ ମନ ଉତ୍ତର ଦେବ, ସେଇ ମନ—ସେଇ ପ୍ରଶ୍ନ, ସେଇ ଦ୍ୱନ୍ଦ, ସେଇ ସନ୍ଦେହ ଉଠାଇଛି । ପ୍ରଶ୍ନର ଉପଯୁକ୍ତ ଉତ୍ତର ଉପରେ ତାଙ୍କର ସମସ୍ତ ସୁଖଶାନ୍ତି ଯେମିତି ଝୁଞ୍ଜି ହୋଇଯାଇଛି—ଅଟଣିଇ ହୋଇ ପଡ଼ିଥିବା କାନ୍ଥପରି, ଭୁଷୁଡ଼ି ପଡ଼ୁଥିବା କୂଅ ପରି ।

ମନର ଦର୍ପଣରେ ସେ ବାରମ୍ବାର ତା'ର ଛବି ଦେଖୁଥିଲେ । ତାଙ୍କୁ ଦିଶୁଥିଲା ତା'ର ସେଇ କୃଷ୍ଣ ଗମ୍ଭୀର ଫୁଲଗୁଡ଼ିକ । ଶାଢ଼ୀ-ଘେରା ଦେହରେ ସବୁପ୍ରକାର ସୌନ୍ଦର୍ଯ୍ୟ ଯେମିତିଭାବରେ ନମ୍ର, ସଚଳିତ, ଚକିତ ଓ ଅଭ୍ୟସ୍ତ ହାତରେ ସେ ଲୁଚ୍ଛାଇ ଦେଇଥିଲା ! —ତା'ର କୌଣସି ତୁଳନା ନାହିଁ !

ସେ ବୋଧହୁଏ ଭୁଲ ବୁଝିଛି । ତାଙ୍କର କହାଣୀରୁ ଅନୁମାନ କରିଛି ଯେ ସେ ଜଣେ ଇତର ଲୋକ—ସେ ତ ସେମିତି ନୁହନ୍ତି । ବୃଥାଟାରେ ସେ ତାଙ୍କ ବିଷୟରେ ଗୋଟିଏ ଖରାପ ଧାରଣା ରଖିଗଲା ସବୁ ଦିନକୁ । କେଜାଣି ତା' ମନରେ ପ୍ରୀତି ବଦଳରେ ଘୃଣା ଆସିଥିବ ! ତାଙ୍କୁ ମନ ଭିତରେ, ନିଜ ପାଖରେ, ନିଜର ଲୋକଙ୍କ ପାଖରେ—ଖାଲି ପର ତ ନୁହେଁ ଇତର—ବୋଲି କହିବ । ଇସ୍ ! କେଉଁ ଦୁର୍ଯୋଗରେ ବୃଥାଟାରେ ଦିନ ନ ଯାଉଣୁ ଯାଇଥିଲେ ଗ୍ରାମ ଉପରକୁ ।

ବେଣୁଧର ଆସି ଠିଆ ହେଲା । ବାଧ ହୋଇ ଗ୍ଲ' ନେଇ ଗ୍ଲ' କପ୍‌ରେ ମନ ଲଗାଇଲା ବେଳେ ବେଣୁଧର ସାନ୍ତ ଗ୍ରେଷେଇ କଥା ପଚାରିଲା—ବଜାରକୁ ଯିବ ?

—ଓଃ, ତୁମେ କ'ଣ ଏତିକି ନିଜେ ସ୍ଥିର କରିପାରିବ ନାହିଁ ? ସବୁ କଥାରେ ମୋତେ ସବୁବେଳେ ପଚାରୁଥିବ ?

—ଭଲ ମାଛ ନ ପାଇଲେ କ'ଣ ଫେରି ଆସିବ ?

—ଆଃ, ମତେ ବିରକ୍ତ କରନା । ଯାହା ଇଚ୍ଛା ହେଉଛି କର । ଏ ସବୁ ଘରକରଣା ମାଇପଙ୍କୁ ପୋଷାଏ ।

ବେଣୁଧର ପୁଞ୍ଝିଗଲା ସେପେଇ ଘର ଭିତରକୁ । ସବୁ ମିଜାଜ-ଖୋର ମଣିଷ ଏମିତି ହତିଲା । ଯେଉଁମାନଙ୍କର ପ୍ରତାପ ବେଶି, ସେମାନେ ସବୁ ଏମିତି ଟିକକରେ କାତର ।

ଚା' ପିଇଲାବେଳେ ହେଉ କପ୍ ଉପରେ ସେ ଦେଖୁଥିଲେ ଲୁଚି ଯାଉଥିବା ଶ୍ୟାମଳୀ ଯୁବତୀର ସବୁପ୍ରକାର ସୌନ୍ଦର୍ଯ୍ୟ—ତା' ନାଁଟା ବି ଜଣାଗଲା ନାହିଁ । ବାବୁଙ୍କ ନାଁ ତ ବୁଝାପଡ଼ିଲା ନାହିଁ । ମନଟା ଚିଡ଼ି ଉଠିଲା ବେଣୁଧର ଉପରେ । ସେ ତାକୁ କହିଲେ—ବେଣୁଧର, ଯାଇଥିଲ ବାହାରକୁ ? କ'ଣ ସବୁ ବୁଝିଲ ? ତାଙ୍କ ନାଁ କ'ଣ ?

—କାହା ନାଁ ?

ବାବୁଙ୍କର ମନେ ପଡ଼ିଗଲା—ସେ କ'ଣ ସବୁ ପଚାରି ଯାଉଛନ୍ତି ? ଉଠି ଘର ଭିତରକୁ ଚାଲିଗଲେ । ବେଣୁଧର ଆସି ପଚାରିଲା—କାହା କଥା ପଚାରୁଥିଲେ ଆପଣ ?

—ଯାଃଆ, ତୁମର କାମ କର । ମୋର ଆଜି ମନ ଭଲ ନାହିଁ । ଏ ଘର କିଛି ସୁବିଧା ହେଉନାହିଁ । ମୁଁ ନିଜେ ନବୁଝି ତୁମ ଉପରେ ଭାର ଦେଇ ଭୁଲ କରିଛି । —ଆଲୁଅ ଲଗାଅ ।

ଅନ୍ଧାର ଘର ଭିତରେ ସେ ଖଟ ଖଟ ଖୁସି ହୋଇ ନିଜ ମନକୁ କହିଲେ—ଠିକ ଦେବ ନାଁ ! ତୁମ ନାଁ କୃଷ୍ଣପ୍ରିୟା ଦେଲି । ଯୋଉ ନାଁ ବି ହୋଇଥାଉ, ଏ ନାଁରେ ତୁମ କଥା ମୁଁ ଭାବିବି··· ଦେଖାଦେଇ ଲୁଚି ଯାଇପାର···କିନ୍ତୁ ମନ ଭିତରେ ଆସି ରହିଗଲ······

—ଦେଖା ଦେଇ ନଥିଲେ ବି ମନେ ରହିଥାନ୍ତ । ଭୁଲି ଯାଉଛ ମୋତେ ବୁଝେଇ ଦେବାକୁ ଯେ ମୁଁ ବିଦେଶୀ, ଆଉ ଦୂର ଲୋକ । ପରକୁ ପିନା ଆପଣାର କରି ହୁଏ ନାହିଁ । ସଂସାର ବହୁତ ପ୍ରକାର ବାଧା ହୁଏ । କିନ୍ତୁ ପର ମଣିଷକୁ ଆପଣାର କରି ଭାବିବା ଆଉ ସେହି ଭାବିବାରେ ସୁଖ ପାଇବା, ଏଇ ଧୂଳିର ଧରଣୀରେ ସବୁବେଳେ ହୋଇପାରିବ ।

ଅନ୍ଧାର ଘର ଭିତରେ 'କୃଷ୍ଣପ୍ରିୟା' ଭଜନ କରୁ କରୁ ବେଣୁଧର ଆଲୁଅ ଆଣିଲା—କିରାସିନ ଆଲୁଅ । ଅନ୍ଧାର ଆଗରେ ସେଇଟା ଅତି କୃତ୍ରିମ ଦିଶୁଥିଲା । କାରଣ ସେତେବେଳେ ମନ ଭିତରେ କୃଷ୍ଣପ୍ରିୟା ଥିଲା । ତା'ର ଆଖି ଆଉ ମୁହଁ, ଅଳ୍ପ ଦେଖି-ଥିବା ଗୁହାଣୀର ଝଟକ, ସେଇ ସେତିକର ଭାଷା, ସେଇ ସେତିକର ସ୍ମୃତି ଆଉ ତହିଁରୁ ଅଧିକ କଳ୍ପନା-ଗଢ଼ା ସେହି ମନୋହର ଛବିକୁ ଠେଲି ଦେଇଥିଲା ଆଲୁଅ—ସେଇ ଆଲୁଅ କଳ୍ପନାର ଶତ୍ରୁ—କୃଷ୍ଣପ୍ରିୟାର ବୈରି ।

ଆଲୁଅ ନଥିଲେ ମଣିଷର ଭାବକୁ ମଣିଷ ନିଜର କଳ୍ପନାର ରୂପ ଦେଇ କେଡ଼େ ସୁନ୍ଦର ନ କରିଥାନ୍ତା ଏଇ ପୃଥିବୀକୁ ! ଦିନରେ ଆଲୁଅରେ ଦେଖା ହୋଇ ନଥିଲେ କୃଷ୍ଣପ୍ରିୟା କ'ଣ ଭୁଲି ଯାଇଥାନ୍ତା ? ସେମିତି ବିଦ୍ରୂପ ଆଉ ତାଚ୍ଛଲ୍ୟ ଦେଖାଇ ସେ କ'ଣ ବାଧା ଦେଇଥାନ୍ତା ତାଙ୍କୁ—ନୁହେଁ—ନୁହେଁ !

ପୁଣି ତେବେ ଆଲୁଅ କି ଉପକାରରେ ଲାଗିବ—ବେଣୁଧର, ଲିଭାଇ ଦିଅ ଆଲୁଅଟାକୁ ।

—ଏତେ ଅନ୍ଧାର । ଅନ୍ଧାରଟାରେ କ'ଣ ବସି ରହିବେ ଆଜ୍ଞା ?

—ତୁମେ ବୁଝିନାହଁ ବେଣୁଧର । ଆଲୁଅ ସବୁବେଳେ ଭଲ ଲାଗେ ନାହିଁ ।

ଆଲୁଅ କମାଇ ଦେଇ ବେଣୁଧର କହିଲା—ଅଣିବାକୁ କହିଥିଲେ ପରା ?

—ହଁ । କିନ୍ତୁ କଥା ଭାବିଲା ବେଳେ ଆଲୁଅ ଭଲଲାଗେ ନାହିଁ ।

—ସବୁବେଳେ ଭାବିଲେ ଦେହ ଖରାପ ହେବ । ଏକା-ବେଳକେ ରୁଗ୍ଣ ଗଲେଣି ।

—ହଁ…ନ ଭାବିଲେ ଦେହ ଏକାବେଳକେ ଭାଙ୍ଗିଯାଏ । ତମେ ବୁଝିପାରିବ ନାହିଁ ବେଣୁଧର, କାମ-କଲା ଲୋକ କାମ କଲେ ଯେମିତି ଶୁଖିଯାଏ, ଭାବିବା ଲୋକ ନ ଭାବିଲେ ସେମିତି ଖରାପ ହୋଇଯାଏ ।

ବାବୁଙ୍କ ମୁହଁକୁ ଚାହିଁ ବେଣୁଧର ଫେରିଲା । ବଜାରକୁ ଯାଉଛି ବୋଲି ଶୁଣେଇ ଦେଇ ଗଲା ।

କବାଟ ବନ୍ଦ କରିବା ଆଗରୁ ପଦ୍ମଲମା'କୁ ଡାକି ବେଣୁଧର କହିଲା—ଯାଉଛି ବଜାରକୁ । ଦୁଆରକୁ ନଜର ରଖିଥିବୁ ।

ପଖାଳ କଂସରେ ଜାକି ସେ ଗମ୍ଭୀରଆ 'ହୁଁ' ଟିଏ ମାରିଲା । ତା'ର ତଣ୍ଟିରେ ଭାତ ଲାଗିଲା । ଖେଁଖେଁ ହୋଇ କାଶି ସେ କହିଲା—କିଏ ମନେ ପକାଉଛି ଏଇ ସଞ୍ଜ ପହରେ ।

ନିଜର ଅଙ୍ଗଲଗ୍ନ ଅସଂଯତ କଳ୍ପନାର ଫୁଲହାର ଗୁନ୍ଥୁଥିଲା ବେଳେ ସୁଭାଷବାବୁଙ୍କୁ ଶୁଭିଥିଲା ପଦ୍ମଲମା'ର କଥା । ସେଇ କଥା କେଇପଦ ତାଙ୍କର ମନେ ହୋଇଥିଲା ଯେମିତି କୃଷ୍ଣପ୍ରିୟା କହୁଛି ।

ଖଟ ଉପରେ ଚଢ଼ଉଚ୍ଚ ସେ ମୂଳଚୂଳ ନଥିବା ସେଇ ଘଟଣାଗୁଡ଼ିକୁ ନେଇ କାଗଜକୁ ଟଙ୍କିଲା ପରେ ବ୍ୟସ୍ତ ହେଉଥିଲାବେଳେ ଦୁଆରେ ପଦ୍ମମା'ର ଝଣ୍ଡିକାଶ ତାଙ୍କୁ ପୁଣି ବାସ୍ତବକୁ ନେଇ ଆସିଥିଲା । କୃଷ୍ଣପ୍ରିୟାର ସମ୍ବାଦ ନେଇ ସେ ଆସିଲା ପରା !

—କିଏ ? ପଦ୍ମ ମା !

—ହଁ ବାବୁ ।

—କ'ଣ ହେଲା ? ସବୁ କାମଦାମ ସାରି ଆସିଲୁ ?

—ହଁ, ବାବୁ, ଘନର ପାଇଟି ସଇଲାଣି । ଏବେ ତ ଖାଲି କାନ ପାରିବା କଥା ବାବୁଙ୍କରେ ଯାଇ । କାମଦାମ ସବୁନାହିଁ ତାଙ୍କର । କହିଲି ଘେରେ ବୁଲି ଆସେ । ବାବୁ ମୋର ଏକୁଟିଆ ବସିଥିବେ ।

—କ'ଣ ଦରମା ଠିକ୍ ହେଲା ?

ଗଳା ସଫାକରି ସେ କହିଲା—ତମେ ଯାହା ଦେବ ।

—ଇଏ କ'ଣ ପରବୁଦ୍ଧି ? କାହାଠୁ ମାଗି ଆଣିଛୁ ?

—ନାହିଁ ବାବୁ ଆଖି ଛୁଇଁଛି, ମୋ ମନରୁ ମୁଁ କହିଲି ।

—କାହାକୁ ପଚାରିଲୁ ନାହିଁ ? ଭଲ ହୋଇଥାନ୍ତା । ପଚାରି କହିବୁ ।

—ଆଜ୍ଞ କ'ଣ ପଚାରିବି । ତାଙ୍କୁ ପଚାରିଥିଲି । ସେ ତ କହିଲେ ସେଇ କଥା ।

ବାବୁ ଉଠି ଆସିଲେ ବାହାରକୁ । —କ'ଣ କହିଲେ !

ଅଧା ଲୁଚିଇ ପଦ୍ମମା କହିଲା— ନାହିଁ ସେମିତି ପଚାରିଥିଲି । ମା କହିଲେ—'ବାବୁ ପରା ଏକୁଟିଆ ଲୋକ ଚେତେ ଭଲ ଦେବେ । ତାଙ୍କ ସାଙ୍ଗରେ ମୂଲଚୂଲ କରିବୁ ନାହିଁ ।'

—ଭାରି ଅପୂର୍ବ କଥା ! ବାବୁଙ୍କର ତ ଧନେ ଝିଅ ହୋଇ ନାହିଁ ।—କିଏ କହିଲା ?

ବାବୁଙ୍କର କଥା ଚାଲୁଥାଏ । କୃଷ୍ଣପ୍ରିୟା ତାଙ୍କ ନିକଟରେ ଆସି ପହଞ୍ଚି ଯାଇଛି । ସତେ କ'ଣ ସେଇ କହୁଛନ୍ତି ।

—ହଁ, ବାବୁ ସେ ।

—କିଏ ?

ଚୌକିକୁ ଘୁଞ୍ଚି ଆସି ହେଇଲମା କହିଲା—ସେଇ ଖାଉନ୍ଦ ଘର । କହୁ ନଥିଲି ତାଙ୍କର କୁକୁର ଅଛି ବୋଲି । ସେଇ—

—ସେ ତେବେ ଭାରି ଭଲ ଲୋକ । ନୂଆ ଲୋକଙ୍କୁ ବି ଭଲ ବୋଲି କହି ପାରନ୍ତି ! ସେ ତୁମକୁ କେତେ ଟଙ୍କା ଦିଅନ୍ତି ?

—ସବୁ ତ ସେଠି ମୋର । ଧନେ ସିନା ଭଣ୍ଡାରେ ଥିଲେ । ଏବେ ତ ସେଠି ରହିଲେଣି ଘର କରି । ତାଙ୍କର ଦୁଆରେ ଆଖି ବୁଜିବି । ତାଙ୍କୁ କହିଛି, ମଲାବେଳକୁ ମୁଁ ଯେମିତି ଅନାଥା ନହୁଏ ମୋର ଶୁଦ୍ଧିଶୀଘ୍ର କରିବେ । ହେଇତ ସତ୍ ସତ୍—ସିତାର ବାଜିଲା ।

—କ'ଣ 'ସତ୍ ସତ୍' ?

—ହେଇ ପରା ମା ତାଙ୍କ ବାଜା ବଜେଇଲେଣି କଥା ପଡ଼ୁ ପଡ଼ୁ । ଏକୁଟିଆ ମଣିଷ । ପିଲାଏ ପଢ଼ିଲେ । ସେ ଆଉ କରନ୍ତେ କ'ଣ । କୋଉଦିନ କହି ପଡ଼ନ୍ତି ନ ହେଲେ ଗାଆଣବାଜଣା କରନ୍ତି ।

—ସତେ ! ସେ ଗାଆନ୍ତି କି ?

—ହଁ । ଏଠିକି ଆସିଲାବେଳେ ବୃଶପାଞ୍ଚ ବର୍ଷ ହେଲାଣି ସେ ଗାଉଥିଲେ । ଏବେ କଦବା କେମିତି ଗାଆନ୍ତି । ତାଙ୍କୁ ଲାଜ ଲାଗୁଛି । ସେଇଥିପାଇଁ ସେ ଟୁଣ୍ଟୁଣୁ କରୁ ଥାଆନ୍ତି । ସେ ବି

ଭଲ । କଥା ଶୁଭୁନ୍ଥିଲେ ସିନା ଲାଜ । ଆଜ୍ଞା ଟୁଙ୍ଗ୍ ଟାଙ୍ଗ୍ କଲେ କଏ କଣ କହିବ ?

ତନ୍ମୟ ହୋଇ ବାବୁ ଶୁଣୁଥିଲେ । ସିତାର ଉପରେ ହାତ ଝୁଲୁଛି । ଦୁଇଟି ଘରର ଦୂରତା ଭେଦିଁ ଗୋଟିଏ କ୍ଷୀଣ ସ୍ୱର ଦୂରେଇ ଯାଇଥିବା ଶବ୍ଦ ପରି ଆସି ପହଞ୍ଚି ଯାଉଛି । ପଦ୍ମଲମା'ର କଥା ସେଥିରେ ବାଧା ଦେଉଛି । ବାବୁ କହିଲେ—ଟିକିଏ ରହିଯା', କେମିତି ଶୁଭୁଛି ମୁଁ ଶୁଣେ । ଖୁବ୍ ଭଲ ଲାଗୁଛି ତ ।

ବାବୁ କାନ୍ଥକୁ ଆଉଜି ବସି ଶୁଣିଲେ । ବାଜା ବନ୍ଦ ହେଉନାହିଁ କି ତାଙ୍କର ଶୁଣିବା ବି ସରୁନାହିଁ । ପଦ୍ମଲମା ହଲଚଲ ହେଲାଣି—କ'ଣ ବାବୁ ପାଉଛନ୍ତି ସେଇ ଟୁଣୁ ଟୁଣୁ ଭିତରୁ ? ସିଏ ବି କ'ଣ ପାଆନ୍ତି ଟୁଣୁଟୁଣୁ କରି—ସେତେବେଯାଏ ପଦ୍ମଲମା ବୁଝିନାହିଁ । ଏବେ ଦେଖିଲା ବାବୁ ତାକୁ ଲୁହାଇବା ବନ୍ଦ କରି ସେଇଆକୁ ଶୁଣିଲେଣି ।

ବାବୁଙ୍କର ଦୃଷ୍ଟି ଟାଣିବାକୁ ସେ ହାଇ ମାରିଲା । ହାତଯୋଡ଼ି ହଲେଇଲା । ବାବୁ ତ ଦେଖିଛନ୍ତି ସବୁ । ଜଳଜଳ ଚାହିଁଛନ୍ତି ଆଉ ଯେମିତି ଶୁଣୁଛନ୍ତି । ତାକୁ ବିରକ୍ତ ଲାଗିଲା । ତା'ର ମନେ ହେଲା ଯେମିତି ଏଇ ବାଜା ବାଜୁଛି ଘଡ଼ିଏ ପହଡ଼େ ହେଲାଣି ।

ଶେଷକୁ କହିଲା—ଯାଉଛି ବାବୁ । ମା'ଙ୍କର ହାତ ରନ୍ଧା-ସିବଣି । ଟିକିଏ ସିନା କିଏ ବଜାଏ ! ଏତେବେଳ ଗୋଟାଏ କାମରେ ଲାଗିଲେ ବିଦ୍ଧହାତ ସରୁପୀଡ଼ା ହେବ ସିନା !

—କ'ଣ ଏଇ ଟିକକରେ ହାତ ଯୋଳ ହେବ ? ନ୍ନେକେ ବହୁତବେଳ ବଜେଇ ପା ୍ନ୍ତି । ବଜାନ୍ତୁ ! – ଭଲ ଶୁଭୁଛି ।

—ଶୁଭୁଛି ପିନା । ସେ ତ ବୁଝିପାରୁ ନାହାନ୍ତି । ତାଙ୍କ ଦେହ ପା' ହେଲେ ମୋ'ର ଉପରେ ତ ଚପଟ—ଯାଉଛି ବାବୁ ! କାଲି ସକାଳେ ଆସିବ ।

ସୁଭାଷବାବୁଙ୍କର ଆଖି ଦୁଇଟି ଅସହାୟ ଦିଶିଲା । ଏବେ ପହିଲିମା ଭୁଲିଗଲାଣି—ସେଇ ଟିକକ ନିଷ୍ପାପ, ନିରପରାଧ ସୁଖର କ୍ଷୀଣ ରେଖାକୁ ଲିଭେଇ ଦେବାପାଇଁ । ହୁଏ ତ ସେ ଯାଇ କହିବ—ମା ଆଉ ବଞ୍ଚା'ନ୍ତି ନାହିଁ । ନୂଆ ବାବୁ ଶୁଣୁଛନ୍ତି କାନ ଡେରି ।

ତାଙ୍କୁ ବାଧା ଦେଇ ହେଲା ନାହିଁ । ସେ ତ ଉଠି ଚାଲି ଗଲା । କବାଟ ଆଉଜେଇ ଦେଇଛି । ତନ୍ମୟ ହାତରୁ ମନର ଉଚ୍ଛ୍ୱାସ ବିକ୍ଷିପ୍ତ ତରଙ୍ଗ ପରି ବାଜୁଛି ଆସି ବାରମ୍ବାର । ତାଙ୍କ ସାଙ୍ଗରେ ପରିଚିତ ହେବାକୁ ସେ ଯେପରି ଅଧିବସାୟରେ ଲାଗିଛି ! ସଞ୍ଜ ପହରର ସବୁ ଢେଉ ଆଉ ଗହଳ ଭେଦ କରି ସେ ଯେପରି ଜଣେଇବାକୁ ଚାହୁଁଛି—ହେ ଅପରିଚିତ ! କେବଳ ତମରି ପାଇଁ, ତମର ନିର୍ଜ୍ଜନତା ଦୂର କରିବା ପାଇଁ, ତମକୁ ଟିକିଏ ଆନନ୍ଦ ଦେବା ପାଇଁ, ଦୂରରେ ଥାଇ ପାଖରେ ରହିବାକୁ ଚେଷ୍ଟା କରି—ହେଇ ଏତିକ ନିର୍ମଳ ମନରେ ଏକାଗ୍ର ଭାବରେ କହୁଛି । ବୁଝିଲେ ମୋର ଶ୍ରମ ସାର୍ଥକ ହେବ ।

ଡାକ ମାର୍ଫତରେ ଚିଠି ଦିଆନିଆ ହୋଇ ଯାହା ହୋଇଥାଏ, ଗୃହାଣୀ ବନମୟୂରେ ବି ସେତିକ ସମ୍ଭବ । ଚିଠିପତ୍ର ପାଇଁ ଲୋଡ଼ା ହୁଏ ପରିଚୟ ଓ ବନ୍ଧୁତା । ଗୃହାଣୀ ବନମୟୂପାଇଁ ଦରକାର ହୁଏ ପରିଚୟ ନଥାଇ ଖାଲି ମୁହାଁମୁହିଁ ହେବାର ଆକସ୍ମିକ ସୁଯୋଗ । କିନ୍ତୁ କାହାରି ବିନା ସାହାଯ୍ୟରେ ନିଜକୁ

ଚିହ୍ନାଇବାକୁ, ଆଉ ଅପରକୁ ଚିହ୍ନିବାକୁ, ଏତିକି ଆଉ ଏଇ ପ୍ରକାରର, ବିଭିନ୍ନ ପ୍ରକାରର ଛୋଟ ମୋଟ ଶକ୍ତି ଓ ପ୍ରତିଷ୍ଠା ।

ସିତାର ବନ୍ଦ ହୋଇ ଗଲା ହଠାତ୍—ଚନ୍ଦ୍ରମା ତାହା-ହେଲେ ପହୁଞ୍ଚି ଯାଇଛି । ଦୁହିଁଙ୍କ ଭିତରେ ଯେଉଁ ଟିକିକ ସେତୁବନ୍ଧ ସେ ଖାଲି ଆକାଶ ପବନ ଉପରେ ବାନ୍ଧି ଦେଇଥିଲା, ସେତିକି ଫୋପାଡ଼ି ଦେଇଛି—ଅପମୃତ୍ୟୁ ପରି, ଦୁର୍ଘଟଣା ପରି, ଜୀବନ୍ତ ସିତାରଟି ବନ୍ଦ ହୋଇ ଯାଇଥିଲା । ଯାହା ସେ କହୁଥିଲା, ଶେଷ କରି ପାରି ନାହିଁ । ଯାହା କହିଥାଆନ୍ତା କହିପାରିବ ନାହିଁ ।

ସିତାର ବନ୍ଦ ହେଲା । ଏଥର କୃଷ୍ଣପ୍ରିୟା ଭୁଲି ଯାଇଛି ଅପରର ଚେଷ୍ଟାରେ । ପ୍ରଥମ ଦେଖାରେ ଭୁଲି ଯାଇଥିଲା ନିଜର ଖିଆଲରେ ବା ଅଭ୍ୟାସରେ । ଭୁଲିଯାଇ ହୁଏତ ଅନୁତାପ କରିଥିଲା ଯେ ଆଶାର୍ଥୀ ଲୋକର ସାମାନ୍ୟ ଦେଖିବାର ଇଚ୍ଛାକୁ ଆଘାତ ଦେବା ଅନ୍ୟାୟ । ସେତିକି ସଂଶୋଧନ କରିବାକୁ ସେ ସେ ଦିନ ପୁଣି ସେଇ ସିତାର ବାଜାଣି ଉପରେ ଚେଷ୍ଟା କରିଥିଲା—ଦେଖିବାର ସୁବିଧା ଦେଇ ନାହିଁ । କଥା ଶୁଣାଇବାର ସୁବିଧା ନାହିଁ । କିନ୍ତୁ ଆବେଗର ଓ ଅଭିପ୍ରାୟର ରୂପରେଖ ଜଣାଇବାକୁ ସମସ୍ତଙ୍କ ଉପସ୍ଥିତିରେ ଆଉ ପ୍ରତ୍ୟେକର ଅଜ୍ଞାତସାରରେ ନିର୍ଦ୍ଦିଷ୍ଟ ଲୋକକୁ ନିର୍ଦ୍ଦିଷ୍ଟ କଥା ଜଣାଇବାକୁ ଯେତିକି ଯେଉଁ ଉପାୟରେ ସମ୍ଭବ—ସେତିକି ସେ କରିଛି ।

ଗୋପନ ଚିଠି ପ୍ରକାଶ ପାଇବାର ସୂଚନା ମିଳିଲେ, ଗୋପ୍ୟମନ୍ତ୍ର ପ୍ରକାଶ ପାଇଗଲେ, ପ୍ରଚ୍ଛନ୍ନ ସମ୍ବନ୍ଧ ବା ବ୍ୟବହାରର ବା କୂଟନୀତି କେହି ଜାଣିଗଲେ ସେ ସବୁ ଆପଣା ଛୁଏଁ ମଉଳି ଯାଆନ୍ତି । ହଠାତ୍ ଶ୍ୟାମାଦେବୀଙ୍କ ମୁହଁ ଉପରେ ଅସହିଷ୍ଣୁ

ଅପ୍ରସନ୍ନ ଭାବ ଖେଳ ଯାଇଥିଲା। କୋଣ୍ଡ଼ ପାଖରେ ଥିବା ପିତାରଟି ତା'ର ମୂକ ସାକ୍ଷୀ।

ହୃଦୟର ଆବେଗ ଯେ ଧରିପାରେ, ଆକୁଳ ମନର ଅଧୀରତାକୁ ଯେ ରୂପ ଦେଇପାରେ, ସେ ମଧ୍ୟ ହୃଦୟର ଅଭାବ ମନର ଭାବକୁ ସବୁଠାରୁ ଅଧିକ ଗୋଚମାପ୍ ବୁଝିପାରେ।

ଶ୍ୟାମା ଦେବୀ ଗୃହିଁଥିଲେ ପଦ୍ମଲମା ମୁହଁକୁ । ଧୀରେ ଧୀରେ ସେ କହିଲା ନଜର ଲୋକପରି—ତମେ ଏଣେ ବଜେଇ ବଜେଇ ଥକବଣି। ଆଜି ସେ ବାବୁ ଏକା ଧ୍ୟାନରେ ହଲ୍ ଚଲ୍ ନ ହୋଇ ଶୁଣୁଛନ୍ତି। ମୁଁ ଧାଇଁ ଆସିଲି ପରା !

···ତେବେ ଦନଟି ସାର୍ଥକ ହୋଇଛି। ପିଏ ପୁଣି ଏମିତି ଦୁର୍ଯୋଗ ଭିତରେ। ବାବୁଙ୍କୁ ଶୁଣାଇବାକୁ ଚେଷ୍ଟା ହୋଇଥିଲା। ଆଜି ସେ ଶୁଣିଛନ୍ତି ମନ ଦେଇ—ଏତିକ ହେଉଛି ସୁସମ୍ବାଦ ! ଆଜି ତାଙ୍କୁ ପଦ୍ମରେ ଶୁଣେଇବାକୁ ଯେଉଁ ଇଚ୍ଛା ଥିଲା, ସେଥିରେ ଆଣ୍ଠ କଣ ଠିଆ ହେଲାଣି ପଦ୍ମଲମା।······

କଳାକାରର ଇଚ୍ଛା ବାଧା ପାଇଲେ ବଡ଼ ଅସନ୍ତୁଷ୍ଟ ହୁଏ। ଶ୍ୟାମାଦେବୀଙ୍କର ସମସ୍ତ ସଫଳତାର ଆନନ୍ଦକୁ ତାଙ୍କ ଦେଇ ବ୍ୟର୍ଥତା ଚରମରେ ପହଞ୍ଚିଗଲା ।

ଗୋପନ କଥା ଫିଟି ପଡ଼ୁଛି। ବାଜା ବନ୍ଦ ରହୁ। ତାର ଢିଲା କଲାବେଳେ ଯେଉଁ ଟିକକ ଶବ୍ଦ ହୋଇଥିଲା, ସେଇଟା ସେଇ ଜୀବନ୍ତ ଆଶାର ଆର୍ତ୍ତନାଦ ପରି ଶ୍ୟାମାଦେବୀଙ୍କ କାନରେ ଅଡଡ଼ା ପକାଇଲା ।

ସୁଭାଷବାବୁଙ୍କୁ ଶୁଭନାହିଁ । ତାଙ୍କ ପାଖରେ ପହଞ୍ଚୁଛି ସଙ୍ଗୀତର ମୃତ୍ୟୁ ସମ୍ବାଦ। ଦେ ମର ଯାଇଛି। କନ୍ତୁ ସେଇ ନଷ୍ଫଳତା ଭିତରେ, ସଙ୍ଗିଣୀର ଅପମୃତ୍ୟୁ ଭିତରେ ସୁଭାଷବାବୁଙ୍କର କୃଷ୍ଣପ୍ରିୟା

ବିରସ ମୁହଁରେ, ସହାନୁଭୂତିର ରେଖା ଫୁଟାଇ କହୁଛି—ହେ ଅପରିଚିତ ! ସଂସାରର ବନ୍ଧନ, ନିଜର ପ୍ରିୟ ପରିଜନଙ୍କର ଶାସନ, ଏମିତି ନିର୍ମମ । ଏତିକ ଦେବାର ଏକାଗ୍ର ଚେଷ୍ଟା ନିଷ୍ଫଳ ହୋଇଛି । ମୋର ଦୋଷ କ୍ଷମା ଦେବେ । ଆଜି ମତେ, ମୋର ପ୍ରୀତି ଫେରାଇ ଦେବ ମୂଳ କଳନ୍ତରରେ ।

ସୁବାସବାବୁ ସେଇଠି ଏକୁଟିଆ ଘରେ ଏଇ ଭାବର ପ୍ରତିଧ୍ୱନି ଶ୍ୟାମା ଦେବୀଙ୍କୁ ଶୁଣେଇବାର ନିଷ୍ଫଳ ଚେଷ୍ଟା କରୁଥିଲେ ନିଜର ଦୀର୍ଘନିଶ୍ୱାସ ଓ ଇତସ୍ତତ ଭାବ ଦ୍ୱାରା । କିନ୍ତୁ ତାଙ୍କର କଥା ଶ୍ୟାମା ଦେବୀଙ୍କ ପାଖରେ ପହଞ୍ଚିପାରି ନାହିଁ ।

କିଛି ସମୟ ଶ୍ୟାମାଦେବୀ ସ୍ଥିର ହୋଇ ବସିଗଲେ । ପଦ୍ମଲମା ତାଙ୍କର ଗମ୍ଭୀର ମୁହଁକୁ ଚାହିଁ କହିଲା—ଆସ, ଟିକିଏ ମୋଡ଼ି ଦିଏଁ । ହାତ ଉଣ୍ଟି ଯାଇଥିବ ।

—କାହିଁ, କ'ଣ ହୋଇଛି କି ମୋର ! ଯୁଆଡ଼ୁ ତ ବେଶିବେଳ ବଜେଇଲେ କିଛି ହୁଏ ନାହିଁ । ତତେ କ'ଣ ଭଲ ଲାଗେ ନାହିଁ ?

—କେଜାଣି, ଏ ଟୁଣ୍ଟୁଣ୍ରୁ ମୁଁ କିଛି ବୁଝେ ନାହିଁ । ସେ ବାବୁ କହୁଥିଲେ ଭାରି ଭଲ ବୋଲି !

—ତତେ କାହିଁକି କହୁଥିଲେ ?

—ମୁଁ ସେଠି ଥିଲି ପରା । ଦରମା ଛୁଣ୍ଡେଇବାକୁ ଯାଇଥିଲି ।

—କେତେ ହେଲା ? ଅନାସକ୍ତ ସ୍ୱରରେ ପଚାରିଲେ ।

—କହିଲା ବେଳେ ତ ତମେ ବାଜଣା ଆରମ୍ଭ କଲ । ଆଉ କ'ଣ ସିଏ କୁହାଇ ଦେଲେ କି । କହିଲେ, ତୁ ରହ—ମୁଁ ଶୁଣିବି ।

ମତେ ଏ ଚଢ଼ ମାଡ଼ିଲା । ଭଲ କର ତ ଶୁଭୁନାହିଁ ଦୂରକୁ । ଲୋକଙ୍କୁ ତ ଦେଉନୁ । କେତେବେଳ ଯାଏ ବନ୍ଦ କରି ବସିବ ? ଉଠି ଧାଇଁ ଆସିଲା ଏଣେ । କଜ୍ଜଳ ମା'ଙ୍କ ପାଖରେ ବସି ପଢ଼ରେ ଶୁଣିଲେ ଭଲ ଲାଗିବ ।

—ଆସି ବନ୍ଦ କଲୁ ପରା ।

—ବନ୍ଦ କଲି ! ନାହିଁ ତ । କଜ୍ଜଳ ନା ସେ ବାବୁ ଶୁଣୁଛି ମାଗଣାରେ ।

—ଆଉ କ'ଣ ପଇସା ଦେଇ ଶୁଣନ୍ତେ—କହି ଶ୍ୟାମାଦେବୀ ଭିତରକୁ ଚାଲିଲେ ନିଜର ଛୋଟିଆ ସ୍ୱପ୍ନ ନେଇ । ସ୍ୱପ୍ନ ଦେଖିଲା-ବେଳେ ଜୀଅନ୍ତା ମଣିଷ ଏକାବେଳକେ ବିଡ଼ମ୍ବନା ।

ସୁଭାଷବାବୁଙ୍କର ଆଉ ସ୍ୱପ୍ନ ନଥିଲା । ତାଙ୍କର ମନ ଭିତରୁ କଳ୍ପନା ସ୍ୱପ୍ନ ଆଉ ବାସ୍ତବର ବିଭିନ୍ନ ସ୍ତର—ଜୀବନର କୈଶୋର, ଯୌବନ ଆଉ ପ୍ରୌଢ଼ ଅବସ୍ଥା ପାର ହୋଇ ଜରାଜୀର୍ଣ୍ଣତାକୁ ଧରିଲା ପରି ଶେଷ ମୁଣ୍ଡରେ ପହଞ୍ଚିଥିଲା । ଅସମ୍ପୂର୍ଣ୍ଣ ନିସଙ୍ଗତା, କଳ୍ପନାବିହୀନ ଭାବନା ଆଉ ନିଶ୍ଚଳ ଅବସ୍ଥାରେ ତାଙ୍କ ପାଖକୁ ଆସି ରୁଣ୍ଡିଯାଇଛନ୍ତି ।

ବେଣୁଧର ଆସି ନାହିଁ । ପଦ୍ମଲମା ଫେରିବ ନାହିଁ । ସାଙ୍ଗସାଥି ଆସି ନାହାନ୍ତି । କାମ କରିବାକୁ ମନ ଡାକୁ ନାହିଁ । ସମୟ କଟାଇବାର ଅନ୍ୟ ସୁବିଧା ନାହିଁ ।

ସେ ଧୀରେ ଧୀରେ ଛାତ ଉପରକୁ ଗଲେ । ସେ ଏଣେ-ତେଣେ ବୁଲି କୃଷ୍ଣପ୍ରିୟା ଘର ଆଡ଼କୁ ଚାହିଁଲେ । ଘର ଭିତରର

କଷ୍ଟିପିନ ଆଲୁଅର କ୍ଷୀଣ ଶିଖା ଘରଟିର ଖାଲି ସୂଚନା ଦେଉଛି । କୃଷ୍ଣପ୍ରିୟା ଯେଉଁଠି ଠିଆ ହୋଇଥିଲା, ସେ ଜାଗାଟି ବି ଅନ୍ଧାର ।

ବହୁତ ବେଳ ଚାହିଁ ରହିଲେ । ସେ ଆଜି ଆସିଲା ନାହିଁ । ତାର ଚାକର ପିଲାଟି ଏପାଖ ସେପାଖ ହେଉଥିଲା । ଆଜି କେବଳ ଢଣ୍ଢୁଳାହାନ୍ତି । ଖାଲି ଘରଭିତରୁ ଅଳ୍ପ ଅଳ୍ପ ଆଲୁଅ ପଦାରେ ପଡ଼ିଥାଏ—ନୁହେଁ ସ୍ପଷ୍ଟ, ନୁହେଁ ଅସ୍ପଷ୍ଟ । ସେ ଆଲୁଅ ଯେପରି କହୁଥାଏ—କୃଷ୍ଣପ୍ରିୟା ଚାଲିଛି ।

ଆଉ ସିତାର ବାଜି ନାହିଁ ସେ ଦିନ । ତହିଁ ଆରଦିନ ହୁଏତ ବାଜିବ । ଦିନ ହେଲେ ହୁଏତ କୃଷ୍ଣପ୍ରିୟାର ଦେଖା ମିଳିବ—ଆଉ ଟିକିଏ ସ୍ପଷ୍ଟ—ଆଉ ଟିକିଏ ନିକଟ ।

ଏଣୁ ତେଣୁ ବହୁତ ପ୍ରକାରର ଶବ୍ଦ ଶୁଭେ । କିନ୍ତୁ ଅଳସ କଣ୍ଠର କେଇଟି ଶବ୍ଦ ଆଉ—ଶୁଭୁନାହିଁ । କୃଷ୍ଣପ୍ରିୟା ହୁଏତ ନିଜକୁ ଲୁଚାଇ ଦେଇ କହୁଛି—ତମେ ଶୁଣିବା ଠିକ୍ ନୁହେଁ । ଶୁଣିବ ନାହିଁ । ଘରେ ଚଳପ୍ରଚଳ ହେଉଛି । ଦୂରରୁ ନ କହି ପାଖକୁ ଯାଇ ହୁଏତ ଧୀର ଗଳାରେ କହୁଛି । ସୁଭାଷବାବୁଙ୍କୁ ଶୁଭୁନାହିଁ । କିନ୍ତୁ ସେ କାନଡେରି ବସିଛନ୍ତି । ଭିକାରୀପରି କାନ ପାତି ଚାହିଁଛନ୍ତି । ଅଧିକାର ନଥାଇ ଖାଲି କାକୁତି ବଳରେ ଯାହା ମିଳିବ ସେତିକି ତୋଳି ନେବେ ।

ଦୁଆର ଠେଲି ବେଣୁଧର ଆସିଲା—ଆସୁ । ଏଣେ ତେଣେ ଚାହିଁ ମନକୁ ମନ କହିଲା—ବାବୁଙ୍କର ଅକଲ ଯେମିତି । ଦେଖ ହୋ, ଘର ମେଲା ରଖି ବାବୁ ଚଲ୍ । ପହିଲମା ସଫେଇ ଦେଇ ଘର ଜଗୁଥିଲା ଯେ ସେ ବି ଅଦୃଶ୍ୟ । ଏଣେ ଚୋରିଗଲେ ବେଣୁଧର ହେବ ଚୋର । ସେଇଠୁ ହେବ ଦାଗୀ ।

ବାବୁ ତାଙ୍କର ଏଇ ପ୍ରଶଂସା ଶୁଣି ଛାତି ଉପରେ ଚିବୁ୍ ଥୋଇ ବସିଲେ । କାରଣ ଯେବେ ତଳକୁ ଓହ୍ଲାଇଲେ ବେଣୁଧର ଦେଖିବ । ତାଙ୍କର ମାନ ତେବେ ଛଡ଼ିଯିବ ।

ବେଣୁଧର ଧାଣ୍ଡିକବାଟ ଆଜି ବାବୁଙ୍କ ଘରେ ଶିକୁଳି ଦେଇ କାମରେ ଲାଗିଲା । ଏଣେ ବାବୁ ଚାହିଁ ରହିଲେ ସେଇ ଘରଟିକୁ । କିଛି ନ ଦେଖୁ କି ନ ଶୁଣୁ ଏକଟକେ ଚାହିଁ ରହିବାର ଗୋଟିଏ ଆପଣା-ଭୁଲା ମଜା ଅଛି । ପ୍ରତୀକ୍ଷା କେତେବେଳେ ବିଷ, କେତେବେଳେ ଅମୃତ । ଆଶଙ୍କାର ପ୍ରତୀକ୍ଷା ଯେତିକି ପୀଡ଼ାଦାୟକ ପ୍ରୀତିର ପ୍ରତୀକ୍ଷା ସେତିକି ସୁଖପ୍ରଦ— ଆଶଙ୍କା ଭିତରେ ବି ସୁଖପ୍ରଦ ।

ଯିଏ ଯାହା କହନ୍ତୁ, କୃଷ୍ଣପ୍ରିୟା କଥା ନ ସେଇଲାରେ ନ ଭାବିଲେ ବଞ୍ଚିବାରେ ଆଉ କି ସୁଖ ? ସମସ୍ତେ ଖାଆନ୍ତି, ପିନ୍ଧନ୍ତି ଓ ଧର୍ମ କରନ୍ତି । କିନ୍ତୁ ଯେ ଭଲ ପାଇନାହିଁ, ପ୍ରିୟାର ପ୍ରତୀକ୍ଷା ରଖି ନାହିଁ, ପାଇବାର କାରଣ ନ ଥାଇ ପାଇବାର ଅସମ୍ଭବ କଳ୍ପନା କରି ନାହିଁ,—ସେ ହେଉଛି ସୃଷ୍ଟିର ଗୋଟିଏ ଅଭିଶପ୍ତ ଜୀବନ ।

ସମସ୍ତେ ସମସ୍ତଙ୍କର ହୁଅନ୍ତି ନାହିଁ । କିନ୍ତୁ ସମସ୍ତଙ୍କୁ ଭଲ ପାଇବାର ସର୍ବଗ୍ରାସୀ ଓ ସର୍ବବ୍ୟାପୀ ଆଶା କେବଳ ଆଜନ୍ମ ପ୍ରେମିକ ପକ୍ଷରେ ସମ୍ଭବ ।—ସୁଭାଷବାବୁ ହସିଥିଲେ ।

ରାତି ପାହିଥିଲା । ପାହାନ୍ତି ପବନର କୋମଳତା ସୁଭାଷବାବୁଙ୍କ ମନ ଭିତରୁ ସେଇ ବାତୁଳ ଚିନ୍ତାର ପ୍ରଖରତା ଲୁଆଁଇ ଦେଇଥିଲା । ପ୍ରୀତିର ପ୍ରଥମ ସୋପାନର ସହଜ ସୁଲଭ ସଙ୍କୋଚ ଛୁଣା ପଡ଼ିଯାଇଥିଲା । ସକାଳ ପହରର ନିର୍ମଳ ଆଲୁଅରେ କୃଷ୍ଣପ୍ରିୟାର

ଘର ତା'ର ସେହି ପ୍ରଥମ ଯଉବନସ୍ୱର କଳ୍ପନା-ସୁଲଭ କମନୀୟତା ହରାଇଥିଲା । କୃଷ୍ଣପ୍ରିୟାଙ୍କର କଣ୍ଠସ୍ୱର ସେମିତି କଅଁଳ, ଅଳସ ଶୁଭୁ ନ ଥିଲା । ଗୋଟିଏ ପରିଚ୍ଛେଦ । ଏବେ ପରିବର୍ତ୍ତନ ଆସିଛି ।
—ଗୋଟିଏ ଦିନ ଭିତରେ ।

ସବୁ ଘର ପରି ସେ ଘରଟି ସେଇ ପଚିଶିତର ସମସ୍ତ ଅଗୌରବ, ମ୍ଳାନି ଓ ସ୍ନେହ ନେଇ ଠିଆ ହୋଇଥିଲା । ନିଜ କାମରେ ଚଳପ୍ରଚଳ ହୋଇ ସୁଭାଷବାବୁ ଆଉ ଘରଟିକୁ ଧ୍ୟାନ ଦେଇ ନ ଥିଲେ ।

ସରକାରୀ କାମରେ ସେଇ ଦିନ ସନ୍ଧ୍ୟାବେଳେ ସେ ବାହାରକୁ ଯାଇଥିଲେ—ପଦ୍ମମା ଜିମା ଘର ଦେଇ । ଆଉ ସେଦିନ ଫିଚାଇ ବାଜି ନାହିଁ । ପଦ୍ମମା ଆସି ନାହିଁ । କେହି କାହାରି କଥା ଶୁଣିବାକୁ କାନ ଡେରି ନାହାନ୍ତି ।

ସେ ଦିନ ଶ୍ୟାମା ଦେବୀ ପଚାରିଥିଲେ ପଦ୍ମମା'ଙ୍କୁ—କି ବାବୁର ଘାଇଟି ଧଇଲୁ ? ହାଣ୍ଡି କଳା ପଡ଼ି ନ ଥିବ । ବାବୁ କ'ଣ ଯାଇ ବାହାରେ ।

— ଆମ ବାବୁଙ୍କ ବୁଝିବା ପରି ହୋଇଥିବ । ସରକାର ଘର ଭୁଲିଏ ଏକା ଲୋକଙ୍କୁ । ତହିଁରେ ଭଡ଼ା ଦିଏ । ଆଉ ଆମେ ଟିକିଏ ଭି କୋଉଠି କି ଗୋଡ଼ କାଢ଼ି ପାରୁ ନାହିଁ ।

—ତୁ ଯା'ନ୍ତୁ କି ଚିନ୍ତା କର ?

—ନାଇଁ ମ, ଟିକିଏ ସ୍ୱାର୍ଥ କରି ଥାଆନ୍ତୁ ଯେ, କିଏ ନଦ ?

—ତୋ ବାବୁଙ୍କୁ କହିନୁ······ବୁଲେଇ ଆଣନ୍ତେ । ତତେ ଦେଖି ଦେଖି ଘର କୁଅଁ ଦେଇ ବୁଲିଗଲେଣି । ଆଉ କ'ଣ କାହାକୁ ଦେଲେ କି ? ଏଠି ଆଣି ବୁଝ ଦୋଉଛୁ କାହିଁକି ? ହଜିଲେ ଆମକୁ ଖୋଜି କରିବୁ ନା ?

—ବାବୁଟି ଖାର ଭଲ । ଖାର ନିର୍ମାୟା ପୁରୁଷ । ସେ ତ ମଣିଷ ନୁହନ୍ତି······ଦେବତା ।

ଗପରେ ଫୁଲି ଉଠିଲେ ଶ୍ୟାମା ଦେବୀ । ବନ୍ଧୁ ପ୍ରକଳପର କହିଲେ—ଟଙ୍କା ହେଲେ ତ ମଣିଷ ଦେବତା ହୋଇଯାଏ । ବସେଇ ରଖି ଯେ ଯେତେ ବେଶି ଦେଲା, ସେ ତ ସେତେ ବଡ଼ ଠାକୁର ।

—କାହିଁକି ? ତମର ଟୁଣୁଟୁଣୁ ବାଜଣା ଶୁଣି ସେ କ'ଣ ସେମିତି ଖୁସି ହେଲେ ନାହିଁ ? ତାଙ୍କ ପାଖରେ ପର ଆପଣା ଭେଦ ନାହିଁ ।

ଶ୍ୟାମା ଦେବୀ ଉଠିଗଲେ ।

ସେ ଦିନ ସେ ଚାହିଁ ରହିଥିଲେ ସେଇ ଘରଟି ଆଡ଼େ । ଯେତେ ଯେପରି ତାଙ୍କର ଜଣେ ଅତି ନିକଟର ଲୋକ ଚାଲି ଯାଇଛି । ମନରେ ତାଙ୍କର ଅଭିମାନ ଉଚ୍ଛୁଳି ଉଠୁଥିଲା—ନିଜର ସ୍ୱାମୀଙ୍କ ଉପରେ, ଆଉ ସେଇ ଅପରିଚିତ ପଡ଼ୋଶୀ ଉପରେ । ଦିହେଁ ତାଙ୍କୁ ଛାଡ଼ି ଦେଇ ଯାଇଛନ୍ତି । ଦେବ ଆସିଲା ଯେ, କଥାଟା ବଦଳେଇ ବୁଲେଇ କହୁଥିଲା । ସେ କି ଆସି ନାହିଁ ।

ସିତାରକୁ ଚାହିଁ ଭାବୁଥିଲେ—କାହାପାଇଁ ବାଜିବୁ ? କିଏ ଶୁଣିବ ? ବଜେଇଲା ବେଳେ ମୁଁ ବି ଠିକ୍ ଶୁଣେ ନାହିଁ । ତୁ ବି ଶୁଣୁନାହିଁ । ମଣିଷ ତା'ର ଛାତିର ଦୁକ୍ ଦୁକ୍ ଶୁଣେ ନାହିଁ—ମନ ଉଚାଟ ନହେଲା ଯାଏ । ବାଜାରେ ମଜ୍ଜି ରହିଲେ ବାଜା ମିଶିଯାଏ ତା ନିଜ ଦେହରେ । ସେ ଶୁଣିଥିଲେ···ଦୂରୁ ଶୁଣି ନାହାନ୍ତି······ ଭୁଲିଗଲେ—ଆଉ କାହିଁକି ଶୁଣିବେ ? ସେ ଆମର କିଏ ?

ମନ ଭିତରୁ ବାରମ୍ବାର ପ୍ରତିବାଦ ଆସୁଥିଲା—ଆପଣାର ଲୋକେ କିଛି ନୁହଁନ୍ତି । ସେମାନେ ନିରେଖି ଚାହାନ୍ତି ନାହିଁ । କିଛି ଖୋଜନ୍ତି ନାହିଁ । ପୁରୁଣାକୁ ନୂଆ କରନ୍ତି ନାହିଁ । ନୂଆକୁ ନୂଆ ପ୍ରକାରେ ଦେଖନ୍ତି ନାହିଁ । ମନର ଦର୍ପଣ ଆଗରେ ସେଇ ପର ମଣିଷ ଆପଣାର । ସେଇମାନେ ବାରମ୍ବାର ଭିତରକୁ ଆସିବାକୁ, ଭିତରେ ଆସି ରହିବାକୁ ଯତ୍ନ କରୁଥାଆନ୍ତି । ନାଗ୍ର ବଞ୍ଚିଛି ବୋଲି—ସେଇମାନେ କେବଳ ବାରମ୍ବାର ବୁଝେଇ ଦିଅନ୍ତି । ସମସ୍ତେ ଯେ ଯାହା କାମରେ ଭୁଲି ଯାଇଛନ୍ତି ।

ବିଧାତା ବଡ଼ ନିଷ୍ଠୁର । ମନ ଭିତରେ ଅସରନ୍ତି ଅପୂରନ୍ତ କାମନା ଦେଇ ଉପରେ ବୋଳି ଦେଇଛନ୍ତି ମେଞ୍ଚାଏ ରଙ୍ଗ । ଦୁନିଆ ତ କହୁଛି—ସେଇଟା ରୂପ ନୁହେଁ । ଆଉ ପାଖ ଲୋକେ ଭୁଲାଇବାକୁ କି ଭଣ୍ଡିବାକୁ କହୁଛନ୍ତି ମୋର ରୂପ ଅଛି ବୋଲି । ଥରେ ଦେଖି ଆଉ ଥରେ ଦେଖିବାକୁ ଯଦି ମନ ଉଚାଟ ନ ହେଲା, ସେ କି ରୂପ ? ଥରେ ଚାଖି ଆଉ ଥରେ ଚାଖିବାକୁ ଯଦି ଜିଭ ନ ଖୋଜିଲା—ସେ କି ସୁଆଦ ?

ସତେ କ'ଣ ମୁଁ ସୁନ୍ଦର ? ସୁନ୍ଦର ନୁହେଁ ବୋଲି କ'ଣ ସମସ୍ତେ ମୋତେ ଛାଡ଼ି ଦେଇ ଯାଇଛନ୍ତି ?

ଛୋଟି ଦର୍ପଣଟି ଆଗରେ ଥୋଇ ଶ୍ୟାମା ଦେବୀ ଚାହିଁଲେ ବହୁତ ବେଳ । ଏପାଖ ସେପାଖ ବୁଲେଇ ଦେଖିଲେ । ମୋର ଦାନ୍ତ ଯ'ମାଟି ତ ବଡ଼ ସୁନ୍ଦର ! ଆଖି ଦୁଇଟି ତ ସୁନ୍ଦର ! ଯେମିତି ଦେଖିଲେ ବି ମନକୁ ଟାଣୁଛି । ମନେ ପକାଇଲେ ଚନ୍ଦ୍ରା ଫଟୋସ୍ଟୁର ଧାଡ଼ି ଧାଡ଼ି ମୁହଁ । ସବୁଗୁଡ଼ାକ ଅସୁନ୍ଦର, ଅଗଠନ—ଖାଲି ତାଙ୍କରି ମୁହଁଟିକୁ ଛାଡ଼ି ।

ଓଠ କଣରେ ଗବର ସ୍ମିତ ଫୁଟି ଉଠିଗଲା । ସାନପିଲା ଢଉଟି ଖାଉ ଭଲ ଦଶିଲା । ମୂର୍ତ୍ତିର ସୁନ୍ଦରତା ତାଙ୍କର ମନେ ହେଲା ଯେପରି ପ୍ରକୃତରେ ଲୋଭନୀୟ । ଆଖି, ନାକ, ଓଠ ସବୁ ମିଶି ତାଙ୍କୁ କରୁଥିଲେ ସେ ଅପୂର୍ବ ସୁନ୍ଦରୀ ।

ଖାଲି ଯାହା ନାହିଁ ତାଙ୍କର ଶ୍ୟାମା । ରଙ୍ଗ ଶ୍ୟାମଳ ବୋଲି ବାପା ମା ସେହି ନାଁ ଦେଇଥିଲେ । ତାଙ୍କର ଭୁଲ । ନାଁ ଦେଲାବେଳେ ମନେରଖିବା ଉଚିତ ଥିଲା, ସେଥିରେ ଝିଅର ଗୌରବ ବଢ଼ିବ କି କମିବ ।

ପୁଣି ଦର୍ପଣକୁ ନଜରେଖି ବୁଲିଲେ । ସାନପୁଅ ଆସି ପହଞ୍ଚିଲା । ତା' ମୁହଁ ଦେଖିବ ବୋଲି ।

—ଦେଖିଲୁ ବେଟା, କିଏ ବସିଛି ?

—ମା ।

—ଆରେ ତୋର ମା ସୁନ୍ଦର ······ନା ତୁ ସୁନ୍ଦର ?

ଏକାଠି ମୁହଁକୁ ମୁହଁ ଯୋଡ଼ି ଶ୍ୟାମାଦେବୀ ଦେଖାଇଲେ । ପୁଅକୁ ଅସଜ ଲାଗିଲା ଦି'ଟା ମୁହଁ ଏକାଠି ଦେଖି । ସେ ମୁହଁ କାଢ଼ି ନେଇ ମା'କୁ ଅନାଇଲା ।

—କରେ, କ'ଣ ଦେଖିଲୁ ?

—ମୋ ମୁଣ୍ଡ କୁଣ୍ଡେଇ ଦିଅ । ମୁଁ ଜାମା ପିନ୍ଧିଲେ ଭଲ ଦଶିବ । ପୁଅ ଚତୁର୍ଣ୍ଣୀ ଧରିଲା ।

ପୁଅ ମୁଣ୍ଡକୁ ଅତି ଯତ୍ନରେ ସଜାଡ଼ିଲା ବେଳେ ଶ୍ୟାମଦେବୀ ଭାବିଲେ ସେ ନିଶ୍ଚୟ ସୁନ୍ଦର । ନହେଲେ ପୁଅ କାହିଁକି ମୁଣ୍ଡ କୁଣ୍ଡେଇବାକୁ ଜିଦ୍ ଧରନ୍ତା ।

ପୁଣି ଗୋଟିଏ ଦିନ ସେ ସେମିତି ଏକୁଟିଆ । ପିଲା ଦୁଇଟିକୁ ନେଇ ନିଜର ଗ୍ରେଟିଆ ଘରକରଣାର ଗଦ୍ୟମୟ ବାସ୍ତବତା ଭିତରେ ସେ ପାଶୋରି ଦେଇଥିଲା ସମସ୍ତଙ୍କୁ । ସନ୍ଧ୍ୟାବେଳେ ପାଖ ଘରୁ ଶବ୍ଦ ଶୁଭିଲା ।

ସେ ଆସିଗଲେଣି ଟଗ୍ । ପଦ୍ମଲମା ନାହିଁ—ଯାଇଥିବ କେଉଣେ । ଜିନିଷପତ୍ର ରଖାଥୁଆର ଶବ୍ଦ ଶୁଭୁଛି । ସେ ବାରମ୍ବାର ଆସି ଦୁଆରେ ବୁଲିଲା ।

—ଆରେ କୁନ, ପଦ୍ମଲମା କାହିଁ ଦେଖିଛୁ କି ? ତାଙ୍କ ଘର ଆଡ଼େ ଦେଖିଲୁ । କୁନା ଆଉ ବେବି ଆଗପଛ ହୋଇ ବୁଲିଲେ ସୁଭାଷବାବୁଙ୍କ ଘରଆଡ଼କୁ । ପଦ୍ମଲମା'ଙ୍କୁ ବାରମ୍ବାର ସେଇ ଘରକୁ ଯିବା ଆସିବା କରିବା ସେମାନେ ଦେଖିଛନ୍ତି ।

ଦୁଆର ମୁହଁରେ ଠିଆ ହୋଇ ଖୁନ୍ଦିଲେ । ବେଣୁଧର ଦେଖି କହିଲା—କହୋ ପିଲାମାନେ ଆସିଗଲ ପଦ୍ମଲମା'ଙ୍କୁ ଖୋଜ । ସେ ଆଜ ଆମ ଘରେ କାମ କରିବ ନାହିଁ ?

ଏତିକ ଶୁଣି ସେମାନେ ଧାଇଁ ଫେରିଗଲେ । ବାବୁ ପଚାରିଲେ—କିଏ ?

—ସେଇ ବାବୁଘର ପିଲାମାନେ ।

—ମତେ ଡାକି ଆସିଥିଲେ ପରା । ପଦ୍ମଲମା କହିଲା ।

—ହେଇ ଦେଖ୍ ବୁଢ଼ୀ, ତୁ ମାଗଣାରେ ଟଙ୍କା ନେଇ ଗୋଟାଏ ଯୁଆଙ୍ଗ କରୁଛୁ ନା କ'ଣ ? ଦି'ଦିନ ବସି ଯାହା ଘର ଝାଡ଼ୁଛୁ ଦେଖିଲେ ତ ଜଣାପଡ଼ୁଛି । ଏବେ ଆସୁ ଆସୁ ଚର ପଦ୍ମେଇଲୁଣି !

ଶ୍ୟାମା ଦେଈଙ୍କୁ ଶୁଭିଗଲା । ସେ ଅନୁତାପ କଲେ ପିଲାଙ୍କୁ ପଠେଇ ଥିବାରୁ । ଏଣେ ପଦ୍ମଲୋମା ଓଠାରେ ହୋଇ କହିଲା— ରଖ୍ ମ ରୁକଣୀ । ତୁଁ ଭାକର ସରିଲା । ଏବେ ଆରମ୍ଭ କଲା ବୁଢ଼ାହାଡ଼ା କଥା । ମୁଁ ଚଟେଇ ବୁଢ଼ୀ ଭଳିଆ ଦିଶୁଛି ?

ବେଣୁଧର ଜବାବ ଅଟକି ଗଲା —ବାବୁ ଅଛନ୍ତି । ବାବୁ ବାହାରି ଆସି କହିଲେ—ନାହିଁ ଲୋ ପଦ୍ମଲୋମା, ଦିନଯାକ ମଠରେରେ ଚେଷ୍ଟାକେରି ହୋଇ ବେଣୁଧର ହାଲିଆ ହୋଇ ପଡ଼ୁଛି । ସେ ହୁଡ଼ୁଛି ବୋଲି କ'ଣ ତୁମେ ହୁଡ଼ିବ ?

—ଶୁଣିଲ ବାବୁ, ଏ କେମିତିକା କଥା ! ବଚନ ମୁହେଁ ଯେ ଅମୃତ, ଆଜି ସିଏ କେମିତି କେମିତି କଥା କହୁଛନ୍ତି ଶୁଣ । କାଲି ଦିନଯାକ ନଜ କରି ତିନି ଥର ସ୍ନାପହଁରା କଲି । ଆଜି ବି କଲି । ସେଥିରେ ପୁଣି ନିନ୍ଦା ।

—ହଁ ତ, ମୁଁ ଆଖିରେ ଦେଖିଛି । ସବୁ ଠିକ୍ ଅଛି । ତୁମେ ଯାଅ । ତୁମ ବାବୁ ଘରେ ଡାକାଳିଣୀ । ଆମେ ତ କଣିକିଆ ଲୋକ । ଆଜି ଏଠି, କାଲି ସେଠି । କାହିଁକି ତମ ମନରେ ଦୁଃଖ ଦେବା ?

ପଦ୍ମଲୋମା ଏଣେ ମନରେ ଚଙ୍ଗଚଙ୍ଗ ହୋଇ ଟିକଏ କାମରେ ଲଗିଗଲା । ସେଇଠୁ କଅଁଳ ବଚନରେ ବାବୁଙ୍କୁ କହିଲା— ବାବୁ, ଟିକକରେ ଆସୁଛି । ସମସ୍ତେ ତ ଖାଇବେ । ସମସ୍ତଙ୍କର କାମ ପଡ଼ିବ ଏକାବେଳକେ । କାଲିଠୁ ଆଉ ଅସୁବିଧା ହେବ ନାହିଁ ।

—ହଁ ଯା । ଆମେ ତ ଆସି ଅବେଳରେ ପହଞ୍ଚିଲୁ । ଦଣ୍ଡେ ଘଡ଼ିଏ ଆଗରୁ ଆସିଥିଲେ ଅବା ପଛରେ ପହଞ୍ଚିଥିଲେ ସବୁ ସୁଧୁରି ଯାଇଥାଆନ୍ତା ।

ବାବୁଙ୍କୁ ଦେବତା ବୋଲି ଯାହା ଭାବୁଥିଲା ତହିଁରୁ ବହୁତ ବଡ଼ । ସେ ଗଦ୍‌ଗଦ୍ ହୋଇ ଫେରିଗଲା ଶ୍ୟାମାଦେବୀଙ୍କ ଘରକୁ । ଏକ ନିଶ୍ୱାସରେ କହିଗଲା—ବାବୁ ଭଲ ମଣିଷ ବୋଲି କିଛି କହିଲେ ନାହିଁ । ଛୁଟି ଦେଲେ । ମତେ ଡାକିଥିଲ କି ?

—ତୁବ ନେଇଛୁ ବୋଲି ମୁଁ ଜାଣି ନାହିଁ । କେତେବେଳ ହେଲୁ ହେଲାଣି । ସେ ଘରେ ଧଡ଼୍‌ଧାଡ଼୍ ହେବାରୁ ମୁଁ ଭାବିଲି ଚୋର ପଶିଲାଣି । ସେଥିପାଇଁ ତୁ କୋଉଠି ଅଛୁ ବୋଲି ପଠେଇ-ଥିଲି ଦେଖିବାକୁ । ବାବୁ ଆଜି କି କାଲି ଆସି ପହଞ୍ଚିବେ । ଦି'ଟା ଗହମ ଫେଣ୍ଟି ଦେବୁ ପରା ?

—ଆଜି ଆସିବେ ?

—ହଁ । ଆସିବା କଥା ଅଛି ।

ଶ୍ୟାମାଦେବୀ ମୁଣ୍ଡ କୁଣ୍ଡାଇବାରେ ଲାଗିଲେ । ବାବୁ ଆସୁଛନ୍ତି ଶୁଣି ପଦ୍ମଲମା ଘର କାମରେ ମନ ଦେଲା । ଚକ ଝୋକିଲା ।

ଦେବତା ମନ୍ଦିରକୁ ଫେରିବେ । ଶ୍ୟାମାଦେବୀ ସଜାଡ଼ି ହେଉଥିଲେ ସେ ଦିନ—ସେ ଭୁଲିଯିବେ ଦିନ ଥାଉଣୁ ପିଲାଙ୍କୁ ନେଇ । ଦେଖିଥିଲେ ଦୂରରୁ—

ଶ୍ୟାମଳ ମୁହଁ ଭିତରୁ ବେଳେ ବେଳେ ହସ ଫୁଟି ଉଠୁଥିଲା— ସେଇ ଅପରିଚିତ ବାବୁଙ୍କ ପାଇଁ । ତିନିଦିନ ହେଲାଣି ତାଙ୍କ ନାଁ ଟାଁ ଜଣା ପଡ଼ିଲା ନାହିଁ । ସେ ଗସ୍ତରୁ ଫେରିଲେ ବୁଝାଯିବ । ପଦ୍ମଲମା ଏତେ ଖବର ଦେଇ ପାରିବ ନାହିଁ । ଏମିତି ଏଣୁତେଣୁ ଭାବି ଶ୍ୟାମାଦେବୀ ନିଜକୁ ସଜାଇବାରେ ଲାଗିଲେ ।

—ନାଁ ହେଲା ନାହିଁ । ଏମିତି ତ ମୁଣ୍ଡ ବାନ୍ଧୁଥିଲ ସବେ । ହେବ କହୁଥିଲ—ହେଁ, ମରଦମାନେ ସିନା ଏକାପରି ସବୁଦିନ ମୁଣ୍ଡ କୁଣ୍ଡାନ୍ତି । ମାଇପେ ଯଦି ସେମିତି ଏକାପ୍ରକାରର ସବୁଦିନେ କରିବେ ତେବେ ଏତେ ବାଳ ମୁଣ୍ଡରେ ବୋହି ବୁଲି ଗରମରେ ଧନ୍ଦା ହେବା ଅକାରଣ । ଶ୍ୟାମାଦେବୀ ହସିଲେ ପଛକଥା ମନେ ପକାଇ—

ନିଜ ରୂପ ଦର୍ପଣରେ ଦେଖି ସେ ଚମକି ପଡ଼ି ପଛକୁ ଘୁଞ୍ଚିଲେ । ମନର ଉଲ୍ଲାସ ଭିତରେ ଭିତରେ କୁରୁଳୁଛି । ଏମିତି ଉଲ୍ଲାସିଆ ମନରେ ନାନା ପ୍ରକାରର ସୁଖପ୍ରଦ ଚିନ୍ତା ଆସିଲାବେଳେ ମଣିଷ ଘୁଞ୍ଚେଁ ଲୁଚି ରହିବାକୁ—ନିଜର ଆନନ୍ଦରେ ଆତ୍ମହରା ହୋଇ ରହିବାକୁ ।

ଯେତେ ସଜେଇଲେ ବି ଭଲ ଦିଶୁ ନାହିଁ । କୌଣସି ପ୍ରକାରର ସଜାଡ଼ା ମନକୁ ପାଇଲା ନାହିଁ । ବାଳଗୁଡ଼ାକ ଅମାନିଆଁ ହେଲେଣି । ଯେମିତି ବନ୍ଧା ହୋଇଥିଲେ ମାସ ମାସ ଧରି ସେମିତି ବନ୍ଧା ହେବାକୁ ଖୋଜୁଛନ୍ତି । ଆଉ ପ୍ରକାରରେ ବାନ୍ଧିଲେ ମଣିଷ ପରି ନାହିଁ କରୁଛନ୍ତି ।

ଗୁଣୁ ଗୁଣୁ ହୋଇ କହିଲେ—ତମେ ମୋ ପାଇଁ, ନା ମୁଁ ତମ ପାଇଁ ? ମୋ କଥା ମାନ । ସଜାଡ଼ି ହୋଇ ଯାଅ ଅପୂର୍ବ ପରି—ତୁମକୁ ଦେଖିଲେ ଯେମିତି ଲୋକେ ମନେ ରଖିବେ ।

ନାମ ଧାମ ଭୁଲି ହୁଏ । କିନ୍ତୁ ଠାଣି ପାଶୋର ଯାଏ ନାହିଁ ।

ତେବେ ନିଜ ବାଳଗୁଡ଼ିକ ବୋଲ ମାନୁ ନାହାନ୍ତି । ବହୁତ ସାଧ ସାଧନା କରି ଶ୍ୟାମାଦେବୀ ଉଠିଲେ—ଗୋଟାଏ ପ୍ରକାରର ହେଲା ।

ଦମକାଏ ପବନ ଧୂଳି ଉଡ଼େଇ ପଶିଗଲା ଭିତରକୁ । ଶ୍ୟାମାଦେବୀ ବିବ୍ରତ ହୋଇ ପଡ଼ିଲେ—ଗଲା ଗଲା ! ଏମିତି ସବୁ ଯାଏ । ବଡ଼ ଅସୁନ୍ଦର ଶୁଣିଲା ବେଳେ ଏଗୁଡ଼ାକ ଦାଉ ସାଧନ୍ତି । ଟିକିଏ ଯୋଉ କରି ବେଶ ପୋଷାକ ହେଲାହେଲେ ବି ସେଇ ଉତ୍ପାତ । ଏଇ ନିଆଁଲଗା ପବନ ଖାଲି ଗୁହେଁ ଯେ ମଣିଷମାନେ ମୋଟାସୋଟା ଖାଇପିନ୍ଧି ବସିଥାନ୍ତୁ ।

ଦର୍ପଣରେ ଦେଖିଲେ—ଟିକିଏ ଅଲଗା ହୋଇଛି । ନିଜର ବିରକ୍ତି ଲୁଚେଇବାକୁ ସେ ଡାକ ଛାଡ଼ିଲେ—ଏ ରତନା, ଏ ପଦ୍ମିନୀ, ଅଝଟାରେ ଧୂଳି ମିଶାଇଲ ?—ଏ ଯେଉଁ ପବନ !

—ନାହିଁ ଆମେ ଆପଟ କରିଅଛୁ ।

ଦୁମ୍ ଦୁମ୍ ହୋଇ ଏଣେ ତେଣେ ବୁଲିଲେ । ବାସି ଲୁଗାରେ ଛୁଟେ କାଦୁଅ ଲାଗିଗଲେ ମଣିଷ ନା'ନ୍ତୁରୀଶ କରେ ।

ସବୁ ବୃଥା ହୋଇଯିବ । ସୁନ୍ଦରର ସୌନ୍ଦର୍ଯ୍ୟରୁ ଖଣ୍ଡାଏ କି ଖାଣ୍ଡିଏ ଭଙ୍ଗା ହୋଇଗଲେ ସବୁ ବିଗିଡ଼ି ଯାଏ—ଭରକାଟି ବିଗିଡ଼ିଲା ପରି, ଟିକିଏ ଲୁଣ କମ୍ ବେଶିରେ ।

ସେ ଯିବେ ବାହାରକୁ । ପାଖ ଘରକୁ ଶୁଭିବା ପରି ବଡ଼ ପାଟିରେ ଗଳା ଥରାଇ ଅଭିନୟ କଲାପରି ଡାକିଲେ—ଏ କୁନା, ଏ ବେବି ! ଲୁଗାପଟା ପିନ୍ଧ । ଧୋଇଧାଇ ହୁଅ । ସେ ସାନ୍ଧ୍ୟକ ଯିବା ।

—ଯିବା ? ହଁ ମା ଯିବା ! ମତେ ଲୁଗା ଦିଅ—ମୋ ଗୋଡ଼ରେ କାଦୁଅ ଲାଗିଛି । ପିଲାମାନେ ହାଉ ହାଉ ହେଲେ ।

—ହଁ ଯିବା ତ । ଟିକିଏ ବେଳ ଗଡ଼ିଯାଉ । ତମେମାନେ ତିଆରି ହୋଇ ଯାଅ ।...ଯିବା । ଫୁଲ ଆଣିବା କାହାଙ୍କ ପାଇଁ—କାହା ଆସିବେ ଆଜି ।

ବୁନା ପାଟିକରି କହିଲା—ସେ ଶୋଇବ ନାହିଁ । ବାପା ଆସିବାଯାଏ ରହିଁ ବସିଥିବ । ବେବିକୁ ମାଡ଼ ଖୁଆଇବ । ବେବି ହଠାତ୍ କାନ୍ଦି ଉଠିଲା—ସେ ମାଡ଼ ଖାଇବ ନାହିଁ ।

ଶ୍ୟାମାଦେବୀ ଖୁବ୍ ଖୁସି । ତାଙ୍କୁ ହାଲୁକା ଲାଗୁଥାଏ । ସେ ନଭରେ ଉଡ଼ିଲାପରି ନିଜକୁ ହାଲୁକା ମନେ କରୁଥାନ୍ତି । ମନ ଥାଏ ସେଇ ପଡ଼ୋଶୀ ଘର ଉପରେ । କୋଠା ଉପରେ କେହି ନାହିଁ । ବହୁତ ବେଳ ସେ ଦୁଆରେ ଏପାଖ ସେପାଖ ହେଲେ । ଘରୋଇ ପୋଷାକ । ଘରୋଇ ଚାଲିଚଳଣି—ସେଠି ନିନ୍ଦୁରିଆ ନୁହେଁ । ବାହାର ପୋଷାକ ଖୁବ୍ କଷାକଷି—ଭଡ଼ାଭଡ଼ି । ସେଥିରେ ବହୁତ ପ୍ରକାରର ବନ୍ଧନ ଓ ଶୃଙ୍ଖଳା ରହିଥାଏ । କିନ୍ତୁ ଘର ଭିତରେ ମଣିଷ ଯେମିତି ନିର୍ଦ୍ୱନ୍ଦ—ତା'ର ପୋଷାକପତ୍ର ମଧ୍ୟ ସେମିତି ସ୍ୱଚ୍ଛନ୍ଦ ଓ ବନ୍ଧନହୀନ ।

ଅନେକ ଦେଖିଥିଲେ ସେ ଦିନ । ଆଜି ବି ଅନେକ ଦେଖନ୍ତୁ । ହାତ ତିଆରି ଜିନିଷ କେହି ନ ଖାଇଲେ, ହାତ ତିଆରି ସଜବାଜ କେହି ନ ଦେଖିଲେ ସେସବୁ ବୃଥା ହୋଇଯାଏ । ଟିକିଏ ବି ମମତା ଥିଲେ, ମନର ଡୋରି ଅଳ୍ପକେ ଲାଗିଥିଲେ ଶ୍ୟାମାଦେବୀ ଏକାବେଳକେ ଚଞ୍ଚଳ ଓ ନିଷ୍ଫଳ ହେବେ ନାହିଁ ।

ଅପେକ୍ଷା କରି କରି ବିରକ୍ତ ଲାଗିଲାଣି । ବିଶେଷ ଅପମାନ ଓ ଆଘାତ ଶ୍ୟାମାଦେବୀଙ୍କ ମନ ଭିତରେ ପ୍ରତିବାଦର ଲହର ଉଠାଇ ଥିଲା—ଦେଖ ବନ୍ଧୁ ! ଆଉ ଯଦି କେବେ ମୁଁ ତୁମ କଥା ଭାବି ନିଜକୁ ସଜାଇବି ତେବେ—

ନିଜର ଚଳପ୍ରଚଳ ଆଉ ନିତିଦିନିଆ କାମ ଭିତରେ ମନ ଏକ ଲକ୍ଷ୍ୟରେ, ଏକ ଧ୍ୟାନରେ ସେହି ଅପରିଚିତ ଲୋକଙ୍କୁ ଡାକୁଥିଲା । ସୁଭାଷବାବୁ ବାହାରୁ ଆସି ଏକାବେଳକେ ସନ୍ତୁଷ୍ଟ

ଓ ଚଞ୍ଚଳ ହୋଇଥିଲେ—ସ୍ତୁତ ଉପରକୁ ଯିବା ପାଇଁ । ଦି'ଦିନ ନରହି ସେ ଭାବୁଥିଲେ ସେଠାର ବହୁତ ଦିନ ପରେ ପୁଣି ଫେରୁଥନ୍ତି ଘରକୁ । ତାଙ୍କ କୃଷ୍ଣପ୍ରିୟା ଯେମିତି ଦୂରରେ ଅପରିଚିତ ହୋଇ ରହିଲେ ବି ତାଙ୍କୁ ଥରେ ଦେଖିବାକୁ—ଦେଖା ନ ହେଲେ ବି ଟିକେ ଚେଷ୍ଟା କରିବାକୁ ତାଙ୍କର ମନ ଉଚାଟ ହେଉଥିଲା ।

ସେ ତମର ନୁହେଁ, ସେ ଦୂରରେ ଅଛି, ସେ ତୁମକୁ ଆପଣା-ପର ଭେଦରେ ଠେଲି ଫୋପାଡ଼ି ଦେଉଛି ।—ସେହିଲୋକ କେବଳ ତମ ମନର ଅଧିକାରୀ । କୃଷ୍ଣପ୍ରିୟା ସେହି ଗ୍ରହାନ୍ତର ଲୋକ । ତାଙ୍କୁ ନ ଦେଖିଲେ ସେ ଦିନଟି ବି ବୃଥା ହୋଇଯିବ ।

ମନଭିତରେ ଭୁହାଇ ଭୁହାଇ ସେ ପ୍ରାର୍ଥନା ଜଣାଉଥିଲେ । ···ଶରୀର କ୍ଲାନ୍ତ ଲାଗୁଛି । ଆଜି କ'ଣ ଯିବାର ବଳାଇବ ନାହିଁ ଠିକ୍ ସେହିଦିନ ପରି ? ମୁଁ ବସିଥିବି ଆଖି ବୁଜି । ତୁମର କଥା, ତୁମର ଯନ୍ତ୍ର ଉପରେ ଦେଇ ଆସି ବୁଣି ହୋଇ ପଡ଼ିଥିବ ଏଇ ଅଭାଜନର ନିଃସଙ୍ଗ ଦେହ ଆଉ ମନ ଉପରେ । ଫୁଲର ସୁବାସ ପରି ଭାସି ଆସୁଥିବ ତୁମର ସଙ୍ଗୀତ । ଆଜି ଯଦି ଏତକ ନ ଘଟେ ତେବେ ତୁମ ସଙ୍ଗରେ—

ଶ୍ୟାମାଦେବୀ ଯେମିତି ଗଛରେ ଫୁଟିଥିବା ଫୁଲଟି ପରି ଚାହିଁଥିଲେ ଉପରକୁ । ଫୁଲ ଗୋଟିଏ ସ୍ଥାନରେ ରହି ଆଲୁଅ, ପବନ, ସୂର୍ଯ୍ୟ, ଚନ୍ଦ୍ର, ତାରା, ପୋକ, ମାଛି, ମଣିଷ ଆଉ ଦେବତା ସମସ୍ତଙ୍କୁ ଧ୍ୟାନ କରୁଥାଏ । ସେମିତି ଶ୍ୟାମାଦେବୀ ତାଙ୍କ ସ୍ୱଚ୍ଛନ୍ଦ ସ୍ୱାଧୀନ ଆଉ ମୁକ୍ତ ସାଜସଜ୍ଜା ଓ ବ୍ୟବହାରରେ ଦେଖାଇ ରଙ୍ଗମଞ୍ଚର ପ୍ରେମ-ବିଧୁରା ନାୟିକାପରି ଚାହିଁ ରହିଥିଲେ । ଦୁହିଙ୍କୁ—ସ୍ୱାମୀ ଆଉ ସୁଭାଷ ବାବୁଙ୍କୁ ।

ଅନୁଭବୀ ଲୋକେ କହନ୍ତି ଯେ ସଂସାର ଚଳାଉଥିବା ବିଧାତା ସବୁ ପ୍ରକାରର ମଣିଷଙ୍କର ସବୁ ପ୍ରକାରର ବଞ୍ଛସାନ କାମନା ପୂରଣ କରନ୍ତି । ବନଶୀ ଧରିଥିବା ପିଲାକୁ ମାଛଟିଏ ଯେମିତି ମିଳେ, ଗୁଡ଼ି ଉଡ଼ାଇ ସେମିତି ଠାକୁରଙ୍କୁ ଡାକ ଗୁଡ଼ି ଉଡ଼ାରେ ଜଣି ହୁଏ; ସାନ ପିଲା ଅଭିପ୍ରେତ ଖେଳଣାଟି ପାଏ । ବଡ଼ମଣିଷ-ମାନେ ବି ତାଙ୍କର ମନର ଆବେଗ ଅନୁଯାୟୀ ପାଆନ୍ତି ।

ଆଶା ପୂରଣ ନହେଲ ସୃଷ୍ଟି ସ୍ୱର୍ଗେ ପଡ଼ନ୍ତା । ଠାକୁର ଲୁଚି ଯାଆନ୍ତେ । ଖଡ଼ା କି ନେଉଟିଆ ଘଟାଳି କରି କେହି ନିଜ ପେଟ ପୋଷି ପାରନ୍ତା ନାହିଁ କି କାମ କରୁଛି ବୋଲି ବଡ଼େଇ କରି ପାରନ୍ତା ନାହିଁ । ଅସୁନ୍ଦରକୁ ସୁନ୍ଦର ବୋଲି କହିବାକୁ, ଭଲ ପାଇବାର ଅଯୋଗ୍ୟ ଲୋକ ଭଲ ପାଇବାକୁ, ବିନା କାରଣରେ ରକ୍ଷାବନ୍ଧନ ସୂତା ପରି ପ୍ରୀତିର ଡୋରି ବାନ୍ଧିବାକୁ ଯେତେକ ଏହି ସଂସାରରେ ଗୁଡ଼ିଏ ଲୋକ ସବୁବେଳେ ସଜବାଜ ହେଉନଥାନ୍ତେ, ତେବେ ମଣିଷ ରହି ପାରନ୍ତା ନାହିଁ ।

ସମସ୍ୟା ନଥିଲେ ଘର ବୈକୁଣ୍ଠ ନହୋଇ ନରକ ପାଲଟି ଯାଏ । ଅନ୍ୟର ଆକର୍ଷଣ ଏକାବେଳକେ ଲୁଚିଗଲେ ପରସ୍ପର ସ୍ନେହ ବନ୍ଧନରେ ବାନ୍ଧି ହୋଇଥିବା ଲୋକେ ନିଜକୁ ଅଲଗା କରି ଦେଇ ଠିକ ଯାଆନ୍ତେ ।

ହେଲ ତ ! ସୁଭାଷବାବୁ କୋଠା ଉପରେ ଆଉ ଶ୍ୟାମାଦେବୀ ଦୁଆରେ । ଦୁହେଁ ଏକାପରି ସଙ୍କୁଚିତ ହୋଇଗଲେ । କାହାରି କାହାରି ଠାରେ ମନ ନାହିଁ ! କିନ୍ତୁ ଦୁହେଁ ଦୁହିଁଙ୍କୁ ଦେଖିଥିଲେ ଆଉ ଭାବିଥିଲେ— ଏଇ ମୋର ମନର ମଣିଷ ! ଏଇ ମୋର ଆଖିର ପିତୁଳା !

ତୁଣ୍ଡରୁ ପଦେ କଥା ବି ବାହାରି ନାହିଁ । ଆଖି ପତା ନିସଙ୍କୋଚ ଆଉ ନିର୍ଭୟରେ ଅପରକୁ ଚାହିଁ ନାହିଁ । ପାଣିର ଧାରରେ ଢେଉ ନଇଁ ଭାଙ୍ଗି ପଡ଼ିଲା ପରି ପରସ୍ପର ପ୍ରତି ଅନୁରାଗର ଆବେଗ ଦୁହିଁକୁ ନୁଆଁଇ ଦେଇଥିଲା । ଦୁହେଁ ଏକ ସଙ୍ଗରେ ଏକ ମନରେ ଭାବୁଥିଲେ— ଛି ! ସେ କଣ ଭାବୁଥିବେ କେଜାଣି !

ଦେଖିବାକୁ ଓ ଦେଖାଇବାକୁ ଏତେ ଆୟୋଜନ କରି ସେହି ଦେଖା ଦେବାକୁ ଓ ଚିହ୍ନା ପଡ଼ିବାକୁ ଏତେ ବାଧା ! କେହି ବାହାରର ଲୋକ ନୁହନ୍ତି । ନିଜର ଲୋକ ବି ଦେଖିଦେଲେ, ମୁକୁଳା ମନର ଗୋପନ କଥା ଜାଣିଗଲେ ମନ ଭରମି ଯାଏ ଲାଜରେ ।

ଦୁହେଁ ଭାବୁଥିଲେ—ଆଜି ଗୋଟିଏ ଶୁଭଦିନ । ଦୁହେଁ ଭାବୁଥିଲେ ଯେ ଏଇ ଦେଖା ଦେବା ଅନ୍ତରର ନିବିଡ଼ ଅନୁରାଗର ଗୋଟିଏ ପରଖ । କିନ୍ତୁ ପରିଚୟ ନାହିଁ—ଯେଉଁ ଟିକକ ଥିଲେ ନିସଙ୍କୋଚରେ ନିର୍ଭୟରେ ଜଣେ ଆସି ଆଉ ଜଣେ ପାଖରେ ବସି ମନକୁ ମନ ସାଙ୍ଗରେ ମିଶାଇ ପାରନ୍ତା ।

କିନ୍ତୁ ପ୍ରୀତିର ଧାରା ଏମିତି ଜଟିଳ ଯେ ପରିଚୟର ଅଭାବରେ ଯେଉଁ ପ୍ରକାରର ନିବିଡ଼ ଅନୁରାଗ, ଆସକ୍ତି ଓ ଆକର୍ଷଣ ସମ୍ଭବ; ପରିଚୟର ଅଧିକାର ଭିତରେ ତା'ର କାଣିଚାଏ ବି ସମ୍ଭବ ନୁହେଁ । ଦୂରତା ଯେତିକି କମି ଆସେ, ମନ ସେତିକି ଦୂରେଇ ଯାଏ ।

ଦୁହେଁ ଘୁଞ୍ଚିଗଲେ ପରସ୍ପର ଠାରୁ । ଶ୍ୟାମାଦେବୀ ଅଳସ ଚାଲରେ କିଛି ନ ଜାଣିଲାପରି ଭିତରକୁ ଚାଲିଗଲାବେଳେ ଅଶଲା କଣ୍ଠରେ ବେବିକୁ ଡାକି କହିଲେ—ଚାଲ ରେ ପିଲେ ଯିବା, ଦିନ ପଡ଼ି ଆସିଲାଣି । ଯୁଆଡ଼େ ସୂର୍ଯ୍ୟ ବୁଡ଼ୁଛନ୍ତି ସେଆଡ଼େ ଯିବା ।

—ମା, ସେଇଟା ପଶ୍ଚିମ ଦିଗ ।

—ହଁ, ପଶ୍ଚିମକୁ ଯିବା ।

ସୁଚ ଉପରୁ ଓହ୍ଲାଇଗଲା ବେଳେ ସୁଭାଷବାବୁ ମେନ୍ତ ପ୍ରାଣ-ଉନ୍ମାଦକା କଥା କେଉଁପଦ ସଙ୍ଗୀତର ମୂର୍ଚ୍ଛନା ପରି ଶୁଣିଥିଲେ ।—କୃଷ୍ଣପ୍ରିୟା ଜଣେଇ ଦେବା ପାଇଁ ତାଙ୍କୁ ସେପରି କହୁଛି ।

ସେ କଣ ଯିବେ ତେବେ !—କାହିଁକି ନ ଯିବେ । ଗଲେ କ୍ଷତି କ'ଣ । ଭଲ ପାଇବାରେ ଦୋଷ କ'ଣ—ଆଇନ ତ କହୁଛି, ମନର କୌଣସି କଳ୍ପନା ଦୂଷଣୀୟ ନୁହେଁ । ସେ ଯଦି ଆପଣା ଗ୍ରୁଏଁ ପୂର୍ବ ପଶ୍ଚିମ ହୋଇ ତିନଥର ବୁଲିବେ, ବୁଲିବୁଲି କୃଷ୍ଣପ୍ରିୟାକୁ ବାରମ୍ବାର ଭେଟିବେ, ତେବେ ସେଥିରେ ଦୋଷ ନାହିଁ । କେହି ଜାଣିଲେ ଅବା ଖ୍ରଣିବ ।

ଘରକୁ ଆସି ସେ ନିଜକୁ ସଜାଡ଼ିବାରେ ଲାଗିଲେ ।

ମୁହଁ କଳା ପଡ଼ି ଯାଇଛି ଶ୍ରାନ୍ତି, କ୍ଳାନ୍ତି ଓ ପରିଶ୍ରମରେ । ମନ ଉପରେ ସେ ସରସ ଦାଗ ନାହିଁ । କୃଷ୍ଣପ୍ରିୟା ତାଙ୍କୁ କ'ଣ ଭାବିବ କେଜାଣି—ହେଲେ ନଆସି ଥାନ୍ତେ କି ସେ ଦିନ ।

ବେଣୁଧର ବାବୁଙ୍କୁ ଦେଖି କହିଲା—ଆଜି ରୋଷେଇ ପାଇଁ କିଛି ନାହିଁ ଘରେ । ଯାହା ଥିଲା ଗସ୍ତରେ ଶେଷ ହୋଇଯାଇଛି । ସେ ବଜାରକୁ ଯିବ ।

—ଘରେ ଆଉ କିଏ ରହିବ ? ପଦ୍ମଲମା—

ବାବୁ ତରତର ହୋଇ ସଜାଡ଼ି ହେଉଛନ୍ତି ଯିବେ ବୋଧ-ହୁଏ ବାହାରକୁ । ସେ ଚୁପ ରହିଲା ।

ବାବୁ ଯାଇ ବହୁତ ବେଳ ପୋଷାକ ପିନ୍ଧିଲେ । ମନ ଭିତରରେ ବହୁତ ପ୍ରକାରର ଉଦ୍‌ବେଗ, ଆଶଙ୍କା, ଆଶା ଓ କୌତୂହଳ । କୃଷ୍ଣପ୍ରିୟା ସାଙ୍ଗରେ ଦେଖା ହେବ ।

ସେ ହସି ଭାବୁଥିଲେ—ସ୍କୁଲ କହନ୍ତି ଅଭ୍ୟାସ ! ପଢ଼ା ବହିରେ ଏଇଥିରୁ କାଣ୍ଡେ କାଣ୍ଡେ ଭର୍ତ୍ତି ଦେଇ ମାଷ୍ଟରମାନେ କ'ଣ କମ୍ ଉତ୍ପାତ ନ କରନ୍ତି—ନହେଁ, ନିଷ୍ପାପ ଅନଭିଜ୍ଞ ଛାତ୍ରମାନଙ୍କ ଉପରେ !

ସାମାନ୍ୟ ଅଭିଜ୍ଞତାରେ ଯାହା ଜାଣି ହୁଏ କି ବୁଝି ହୁଏ ସେତକ ଗୁରୁଙ୍କର ପାଦତଳେ ବସି ଯେତେ ପ୍ରକାରର ଭାବ, ଅର୍ଥ ଓ ଶବ୍ଦ ଯୋଜନା କଣ୍ଠସ୍ଥ କଲେ ବି ସମ୍ପୂର୍ଣ୍ଣ ରୂପେ ମନସ୍ଥ ହୋଇ ପାରେନାହିଁ !

ଚାରୁ ଦର୍ପଣର ସଜବାଜ ହୋଇ ବାହାରିଲା ବେଳେ ଗୋଡ଼ ଛନ୍ଦି ହୋଇଗଲା ଦୁଆର ବନ୍ଧରେ । ଛାତି ଦାଉଁ ଦାଉଁ ପଡ଼ୁଥିଲା—ବାଟରେ ଦେଖା ହେବ !

ଶ୍ୟାମାଦେବୀ ଭାବୁଥିଲେ ଯେ ସେ ବାବୁଟି ଘର ଭିତରେ ଥିବେ । ଗଲାବେଳେ ଶ୍ୟାମାଦେବୀ ସେଇଠି ତାଙ୍କ ପିଲାଙ୍କୁ ପଦେଅଧେ କହି ବୁଲିଯିବେ । ଘର ଯେତେବେଳେ କରିନାହାନ୍ତି,—ଭଡ଼ାଟିଆ ହୋଇ ରହନ୍ତୁ ।

ସୁଭାଷ ବାବୁ ଭାବୁଥିଲେ—ନ ଜାଣିଲା ପରି, ନ ଚିହ୍ନିଲା ପରି ମୁହାମୁହିଁ ହୋଇ ରାସ୍ତାର ଏକାପାଖରେ ଭେଟାଭେଟି ହୋଇଯିବେ । ପିଲାମାନଙ୍କୁ ଦେଖି ହସିବେ ଚିହ୍ନିଛନ୍ତି ବୋଲି । କୃଷ୍ଣପ୍ରିୟା କ'ଣ ପଚାରିବ ନାହିଁ ପିଲାଙ୍କୁ—ସେ କିଏ ? ସେତକ ଶୁଣିଲେ ସେ କୃତାର୍ଥ ହୋଇଯିବେ ତ ।

ସେଥିପାଇଁ ସେ ରାସ୍ତାର ବାଁ କଡ଼ ମାଡ଼ି ନ ଚାଲି ଡାହାଣେ ଡାହାଣେ ଛନ୍ଦଚ୍ଛନ୍ଦ ହୋଇ ଚାଲୁଥିଲେ—ପଶ୍ଚିମରୁ ପୂର୍ବକୁ ରାସ୍ତାଟା । ପଶ୍ଚିମରୁ ଫେରିଲେ ଦେଖା ହୋଇଯିବ । ଜଙ୍ଗଲ ଉପରୁ ଖାଲି ଝରି ପଡ଼ୁଥାଏ ।

ସୁଭାଷ ବାବୁଙ୍କୁ ସେଇ ସନ୍ଧ୍ୟାଟି ମୋଟେ ସୁଖ ଲାଗୁ ନ ଥିଲା । ଆଲୁଅର ମ୍ଳାନ ରେଖା ବକ୍ରି ହୋଇ ପଡ଼ୁଛି—ଧୂଳିଆ ରାସ୍ତା ଉପରେ । ଯୋଡାର ରଙ୍ଗ ବୁଡ଼ିଗଲାଣି । ପାଦ ଉପରକୁ ଛିଟିକୁଛି ଧୂଳିର ଅଂଶ । କାହିଁ, କୃଷ୍ଣପ୍ରିୟା କୋଉଠି ? ମନକୁ ଫେରି ଚାହିଁବା ଠିକ୍ ନୁହେଁ । ସେ ବାଡ଼ି ପରି ନିଜକୁ ସିଧା ରଖି ଆଗକୁ ଚାଲୁଥିଲେ ।

ବୁଲିବା ବାଟରେ ଲୋକ ଧୀରେ ବା ବେଗରେ ଚାଲିପାରେ । କିନ୍ତୁ ରାସ୍ତାରେ ଧୀରେ ଚାଲିଲେ ପାଖପଡ଼ୋଶୀ ଲୋକେ କ'ଣ ଭାବିବେ ? —ଏଣେ ଶୀଘ୍ର ଶୀଘ୍ର ଚାଲିଲେ ବାଟ ସରିଯିବ ।

ସେତେବେଳେ ଶ୍ୟାମାଦେବୀ ରାସ୍ତା ଉପରେ ସ୍ଥିର ଲକ୍ଷ୍ୟ ରଖି ପିଲା ଦୁହିଁଙ୍କୁ ବାଟକଢ଼ାଇ ଗଲାବେଳେ ସୁଭାଷବାବୁଙ୍କ ଘର ପାଖରେ ଘରକୁ କଣେଇ ଚାହିଁ ନିଜର ଉଦ୍‌ବେଗକୁ ଛପାଇବାକୁ କହୁଥିଲେ—ଏଇ ପାଖକୁ ଆସ । ରାସ୍ତା ମଝିରେ ଚାଲନା । ଘୁଞ୍ଚି ଯାଇଥିଲେ ସେ ଘରଠାରୁ ଓଲଟା ପାଖକୁ ।

କାହାରି ମୁହଁ ଦିଶିଲା ନାହିଁ । ଦୁଆର ଅଧା ଆଉଜା ହୋଇଛି । ଝିଙ୍କା ବନ୍ଦ । ଛାତ ଉପରେ ବି କାହାରି ଛାଇ ନାହିଁ ।

କ'ଣ ନାହାନ୍ତି ସେ ? ···ଶୁଣି ନାହାନ୍ତି କି ! ବେଳ ସନ୍ଧି ଜକେଇ ଯାଇଥିଲା । ସେ ଭାବିଲେ ଫେରିଯିବାକୁ । ହଠାତ୍ ଯେପରି ମେଲା ଦୁଆର ବନ୍ଦ ହୋଇଯାଇଅଛି । ଦେଖିବାକୁ ଚାହୁଁ ଥିବା ଲୋକଟି ଆଉ ତ ନାହିଁ ।

ଆସିବାର ଚେଷ୍ଟା ତାଙ୍କୁ ଆଗକୁ ଠେଲାଥିଲା ପିଲା ଦୁଇଟିଙ୍କର ପଛେ ପଛେ । ଛୋଟ ଛୋଟ ପାହୁଲ ପକାଇ ସେମାନେ ଚାଲିଛନ୍ତି । ଶ୍ୟାମାଦେବୀ ଆଗକୁ ବଢି ଚାଲିଲେ ।

ଦେଖିବାର, ମୁହାମୁହିଁ ହେବାର ଯେଉଁ ଟିକକ ଆଶା ହଠାତ୍ ବହୁ ଉଗ୍ର ହୋଇ ମୁକୁଳି ଉଠିଥିଲା ପୁଣି ସେମିତି ହଠାତ୍ ଝାଉଁଳି ଯାଉଛି । ଦିନର ଆଲୁଅ ମରି ନାହିଁ । ସେହି ଆଲୁଅରେ ନିଜକୁ ଯେ ଦେଖିବାକୁ ଚାହୁଁ ନ ଥିଲେ ରାସ୍ତା ଉପରେ—ଅସ୍ପଷ୍ଟ ଅନ୍ଧାର ହୋଇଉଠୁଛି ଶ୍ୟାମଳୀ ନିର୍ଜୀବ ବନ୍ଧୁ । ଦିନର ଆଲୁଅ ନୁହେଁ ।

କିଛି ଦୂର ଯାଇ ସୁଭାଷବାବୁ ଫେରିଚାହିଁଲେ । ଅଳ୍ପ ଆଗରେ ତ କୃଷ୍ଣପ୍ରିୟା ନାହିଁ । ଯୋଜ ଯେଜ ଆସିଲେଣି ବହୁତ ଦୂର । ଫେରନ୍ତି ବାଟରେ ତାଙ୍କର ଆଖି ଥିଲା ରାସ୍ତାର ସୀମାନ୍ତରେ । ଆଖିରେ ହେଇ ଜାଗ୍ରତ ଆକାଙ୍କ୍ଷା—କୃଷ୍ଣପ୍ରିୟା କ'ଣ ଆସିଲା ନାହିଁ !

ସେ ଚାହିଁଥିଲେ କୃଷ୍ଣପ୍ରିୟାକୁ । ତାକୁ ପ୍ରଥମେ ଚାହିଁଲେ ସେ । କିନ୍ତୁ କୃଷ୍ଣପ୍ରିୟା ଚାହିଁଥିଲା ରାସ୍ତାଆଡ଼େ । ସେ ଉତ୍ତର କରି ପାରି ନଥିଲା ଯେ ତାଙ୍କର ଏତେ ନିକଟରେ ପହଞ୍ଚଲେଣି ।—ରାସ୍ତା ଉପରେ ହଠାତ୍……… ।

ସେତେବେଳକୁ ସେ ନ ଜାଣିଲା ପରି ପିଲା ଦୁଇଟିଙ୍କୁ ଥରେ ଥରେ ଛୁଇଁ ଦେଇ ଡାହାଣରୁ ବାଁ [illegible] ଘୁଞ୍ଚି ଯାଉଥିଲେ ।

କୃଷ୍ଣପ୍ରିୟା ତଳକୁ ମୁହଁ ପୋତିଥିଲା । ସୁଭାଷବାବୁଙ୍କ ଓଠ କଣରେ କ୍ଷୀଣ ହସର ଗାର ଲେଖି ରହିଥିଲା—ଦେଖା ହୋଇଛି ବୋଲି । କିନ୍ତୁ ସେ ତାକୁ ସେ ଦିନ ସ୍ପଷ୍ଟ କରି ଦେଖି ନାହାନ୍ତି । ଭେଟାଭେଟି ହୋଇଛି । ମନ ଅଖିର ଦେଖା ଅଣ୍ଟା ପରିଚୟ ହୋଇପାରି ନାହିଁ ।

ଖାଲି ତାଙ୍କ ମନରେ ଭାସି ଉଠିଥିଲା ଗୋଟିଏ ଅପରୂପ ଲାବଣ୍ୟ—ପ୍ରତିମା । — ନିଟୋଳ ରୂପ, ଅସାମାନ୍ୟ ସୁନ୍ଦରୀ । ତା'ର ପ୍ରତ୍ୟେକ ଅବୟବ ତାଙ୍କ ମନରେ ଉଗ୍ର କାମନାର ଝଡ଼ ଖୋଲି ଦେଇଥିଲା । କିନ୍ତୁ ନାହିଁ—ତୃଷ୍ଣା ହିଁ ଅଛି ।

ସେତେବେଳେ ଉଭୟେ ସେଇଠୁ ଫେରିବାକୁ ଚାହିଁଥିଲେ ଓଲଟା ବାଟରେ । କେଉଁ ପଥ ଜାଣନ୍ତି । ଇଚ୍ଛା ବିରୁଦ୍ଧରେ ବାପଘର ବାଟକୁ ଯାଇ ଦୁଇଦିନର ଅପେକ୍ଷାର ଦୂରତ୍ୱ ବଢ଼ାଇ ଦେଲାବେଳେ ଏକାପରି ଭାବିଥିଲେ—ତେବେ ରାସ୍ତାରେ ବୁଲିବାରେ ଲାଭ କ'ଣ ?

ସେ ଯାହା ଚାହିଁଥିଲେ କରିପାରିଲେ ନାହିଁ । କିନ୍ତୁ ଦୁହିଁଙ୍କ ନିଶ୍ୱାସ ପ୍ରଖର ହୋଇଥିଲା । ସୁବାସବାବୁ ଚାଲି ଚାଲି କୃଷ୍ଣପ୍ରିୟା ଘରଯାଏ ଗଲାବେଳେ ଗମ୍ଭୀର ମନଯୋଗ ସହିତ ସେହି ଘରଟିକୁ ଲକ୍ଷ୍ୟ କରିଥିଲେ । ଝରକା ଦେହରୁ ରଙ୍ଗ ଫୁଟି ବାହାରିଥିବା କଳଙ୍କି ଦାଗ ବି ତାଙ୍କ ଆଖିରୁ ଲୁଚି ପାରି ନ ଥିଲା ।

ଲେଉଟି ଦେଖିଲେ କୃଷ୍ଣପ୍ରିୟା ଫେରିଲାଣି । ନିଜ ବସା ପାଖରେ ବାବୁ ଭାବିପାରିଲେ—ନା, ଆଉ ଯାଇ ଲାଭ ନାହିଁ ।

ଘର ଭିତରୁ ଶ୍ୟାମା ଦେବୀ ଦେଖିଥିଲେ । ସେ ଜାଣନ୍ତି ଯେ ତାଙ୍କର ପ୍ରତ୍ୟେକ ଭଙ୍ଗୀ ଏବେ ଲକ୍ଷ୍ୟ କରିବାକୁ ଜଣେ ସଜାଗ ରହିଲେଣି । ସେଇ ରାସ୍ତାରେ ସେ ଅଜ ବୁଲିବାକୁ ଚାହୁଁ ନ ଥିଲେ । ଦାଣ୍ଡକୁ ବାହାରି ଆଉ କିଛି ଉପାୟ ନାହିଁ । ଘରୁ ବାହାରିବା

ଯେତିକି ଭୁଲ, ଘରୁ ବାହାରି ଆସି ଘରକୁ ନ ଫେରିବା ସେତିକି ଅଶୁଦ୍ଧ ।

ମୁହଁ ଉପରେ ଉତ୍ତେଜନାର ଲାଲସ୍ମ ଢେଉ ଖେଳାଇ ସୁଭାଷବାବୁ ବାଧ ହୋଇ ଅତି ସୁଧୀର ଲୋକ ପରି ଚାଲି ଘରଟିକୁ ପାରି ହେଲାବେଳେ ଏକାଗ୍ର ମନରେ ଆଖି ରଖିଥିଲେ ନିଜ ଘର ଆଡ଼େ । ଅତି ଅଧିକ ନିଷ୍ଠା ଦେଖାଇ ନ ଥିଲେ ସୁଭାଷବାବୁଙ୍କର ହୁଏତ ସନ୍ଦେହ ଆସିଥାନ୍ତା । କିନ୍ତୁ ସେହି ଚକିତ ଖିନ୍ନ ପଦକ୍ଷେପ —ନଜାଣିବାର ନ ବୁଝିବାର ଛଳନା—ତାଙ୍କୁ ଏକା ନୁହେଁ, ଶ୍ୟାମାଦେବୀଙ୍କୁ ବି କହି ଦେଇଥିଲା—ଏଇଟା ଭୁଲ । ତେବେ ବି ସେ ଅନ୍ୟ ପ୍ରକାର କରିପାରିଲେ ନାହିଁ । ନିଜକୁ ଲୁଚାଇବାକୁ ଯାଇ ସମ୍ପୂର୍ଣ୍ଣ ଭାବରେ ପ୍ରକାଶ କରି ଦେଇଗଲେ—ସେ ଜାଣନ୍ତି, ଚିହ୍ନନ୍ତି ଆଉ ବୁଝନ୍ତି ଶ୍ୟାମାଦେବୀଙ୍କୁ ।

ସେଇ ସାମାନ୍ୟ ଦେଖାରେ ମନ ଖୋଜୁଥିବା ମନ-ମତାଣିଆ ଆବେଗଭରା ସମ୍ବନ୍ଧ ପରସ୍ପରକୁ ବୁଝେଇଲା ପରି ଦୈର୍ଘ୍ୟ, ପ୍ରସ୍ଥ ଆଉ ଉଚ୍ଚତା ନେଇ ଠିଆ ହୋଇଯାଇଛି । ତହିଁରୁ ଭଲ ହୋଇ ଥାଆନ୍ତା, ମୁହଁ ଖୋଲି ପଚାରିଥିଲେ—ମୁଁ ତୁମକୁ ଯେତିକି ଖୋଜୁଛି, ତମେ ମତେ ସେତିକି ଖୋଜୁଛ କି ?

ଘରେ ପହଞ୍ଚି ଶ୍ୟାମାଦେବୀ ଆଉ ରାସ୍ତାକୁ ଫେରି ଚାହିଁ ନାହାନ୍ତି । ଚକ ଘୋଷଣା ଶୁଭିଛି । ଘରର କାମ ତା'ର ଶୃଙ୍ଖଳା ଧରିଛି । ସେ ଛପି ଛପି ଘର ଭିତରକୁ ପଶିଲେ ।

କେଡ଼େ ଅସହ୍ୟ କଥା ହେଲା ! କ'ଣ ସେ ଭାବଥିବେ କେଜାଣି ! ଯେବେ ଭାବଥିବେ—। କେଡ଼େ ଜଂଜାଳ ନହେବ ? ଅଭିଆଡ଼ା ଲୋକେ ଖାଲି ବ୍ୟଗ୍ର ନିଜର କଳ୍ପନାକୁ ସମସ୍ତଙ୍କୁ ଜଣାଇବାକୁ । ସେ ଯଦି କହି ବୁଲନ୍ତି— ।

ନିଜର ଆଶଙ୍କା ତାଙ୍କୁ ଦୁର୍ବଳ କରି ଦେଇଥିଲା—ନା ସେ ଲୁଚିବେ ଏଥର । କାହାରି ମନ ସାଙ୍ଗରେ ଖେଳିବା ଉଚିତ ନୁହେଁ । ଅପରର ଉତ୍ସାହକୁ ବଢ଼ାଇବା ଅନ୍ୟାୟ । ଉତ୍ସାହ ତ ସହଜେ ପବନ ପରି ବଢ଼ିଲେ ସେ ହୁଏ ଝଡ଼ । ଝଡ଼ର ବିବେକ ନାହିଁ କି ବିଚାର ନାହିଁ—ସ୍ଥାନ କାଳ ପାତ୍ର ଓ ଆପଣା ପର ଜ୍ଞାନ ନାହିଁ । ଶ୍ୟାମାଦେବୀ ଏବେ ବିନା କାରଣରେ କୌଣସି ଉଦ୍ଦେଶ୍ୟ ନଥାଇ ଆଉ ଜଣକୁ ଟାଣିଛନ୍ତି,—ତାଙ୍କୁ ଭଲ ଲାଗିଲା ନାହିଁ ।

ବହୁତ ବେଳ ବସି ରହିଲେ—ନୀରବ ଆଉ ଅଚଳ ।

ସେମିତି ସୁଭାଷବାବୁ ସେଇ ବାଟରେ କୃଷ୍ଣପ୍ରିୟାଙ୍କୁ ଭଲକରି ଦେଖିଲାବେଳେ ଅତିରିକ୍ତ ଆକର୍ଷଣ ଅନୁଭବ କରିଥିଲେ—ନିକଟରେ କୃଷ୍ଣପ୍ରିୟା ଆହୁରି ସୁନ୍ଦର ! ତାଙ୍କର ସ୍ୱାମୀ ପ୍ରକୃତରେ ଭାଗ୍ୟବାନ୍ ।

ଖାଇବା ଜିନିଷ ଦେଖିଲେ କ୍ଷୁଧା ବଢ଼ିଲା ପରି ତାଙ୍କ ମନରେ କୃଷ୍ଣପ୍ରିୟାର ଲଭିଯାଇଥିବା ଉଗ୍ରତା ହଠାତ୍ ଚେଇଁ ଉଠିଲା । ମନର ସବୁ ସଂଯମ ଆଡ଼େଇଦେଇ ସେ ପୁଣି ଥରେ ଅଭିଭୂତ ହୋଇ ବସି ରହିଲେ ।

ସମ୍ବନ୍ଧ ଥାଉ କି ନ ଥାଉ ଏକାଗ୍ର ଚିନ୍ତା ଅନ୍ୟ ଲୋକର ମନକୁ ଚଞ୍ଚଳ କରିପାରେ । ସେ ଦିନ ବି ଶ୍ୟାମାଦେବୀ ନିଜର ଅଜାଣତରେ ଆଉ ଇଚ୍ଛା ବିରୁଦ୍ଧରେ—କାହିଁକି କରୁଛନ୍ତି ନ ଭାବି ଟିକିଏ ପରେ ସିତାର ଧରି ବସିଲେ ।

ସନ୍ଧ୍ୟା ଗାଢ଼ ହୋଇ ନାହିଁ । ସେତେ ଶୀଘ୍ର ସେ ଏ ସବୁ ଗାଆଣ ବାଜଣା କରନ୍ତି ନାହିଁ । କିନ୍ତୁ ସେ ଦିନ ଧରିଥିଲେ ତାଙ୍କର ସେହି ପ୍ଲେଟିଆ ହାତ ବାଜାଟିକୁ ।

ସେଇ ତାଙ୍କର ଚଞ୍ଚଳ ମନକୁ ସ୍ଥିର କରିଛି ବହୁତ ଥର । ବାହାରକୁ ଭିତରର ସମ୍ବାଦ ପଠାଇଛି, ଆଉ ଭିତରର ଆନ୍ଦୋଳନ ବାହାରେ ଆଣି ଥୋଇଛି । ସେଇ ତାଙ୍କର ଆପଣା-ଭୁଲା ବନ୍ଧୁ ।

ଅତି ନିବିଡ଼ ଆଶ୍ଳେଷରେ ସେ ବହୁତ ବେଳ ବସି ରହିଥିଲେ ସିତାର ପାଖରେ । କେହି ଶୁଣିଲା କି ନାହିଁ—ସେତିକ ହି ଭାବି ନାହାନ୍ତି । ସ୍ପଷ୍ଟ ମନର କଥା ପରି ସେ ଦିନ ସେ ବାଜୁଥିଲା ବଡ଼ ସ୍ପଷ୍ଟ ହୋଇ ।

ସୁଭାଷବାବୁ ତନ୍ମୟ ହୋଇ ଶୁଣୁଥିଲେ ।

ଯାଦୁକରୀ ସେ । ନିର୍ମଳ ସ୍ନେହ, ଅଯାଚିତ ସେବା ଆଉ ଅତର୍କିତ ଦାନ ଦେଇ ସୁଭାଷବାବୁଙ୍କୁ ସେ ଋଣର ବନ୍ଧନରେ ବାନ୍ଧି ଦେଇଛି ।

ସେ ଦିନର ସଙ୍ଗୀତ ବି ସରିଥିଲା । ଶ୍ୟାମା ଦେବୀ ଶ୍ରାନ୍ତ— ଯାହା ଦେବାର ସେ ଦେଇ ଯାଇଛି ।

ତାଙ୍କୁ ଉପହାସ କରିବାକୁ ସ୍ୱାମୀ ଗସ୍ତରୁ ଫେରିଲେ । ଲୁନା ସଙ୍ଗେସଙ୍ଗେ ବାପାଙ୍କୁ କହିଦେଲା—ବେଶ ଗର୍ଜୁଛି ଖୁବ ବଡ଼ ପାଟିରେ । ବେଶ ମନାକଲା । ଆଉ ବାପାଙ୍କୁ ଜଣାଇଲା ସେ ଭାଇ କୁକୁରକୁ ଖୋଲି ଦେଇ ବୁଲୁଥିଲା ରାସ୍ତାରେ ।

ପଦ୍ମଲୋଚନ ବାବୁମାନଙ୍କୁ ଆକଟ କରି କହୁଥିଲା—ବାବୁ ଆସିଲେ । ଆଗ ଟିକିଏ ବସନ୍ତୁ । ତା' ପରେ ତମେ ନାଳିସ କରିବ ।

—ବାପା, ପଦ୍ମଲୋଚନ ସେ ବାବୁଙ୍କ ଘରେ ଚାକିରି କରୁଛି ...ସେ ଯୋଉ ଘଡ଼ିଟା ଭିଆରି ହେଉ ନ ଥିଲା, ଆମେ ଯାଇ ନ ଥିଲୁ ଟବଙ୍ଗ ଦେଖିବାକୁ !

—ସେଠି କ'ଣ କିଏ ଲୋକ ରହିଲାଣି ? କିଏ ଆସିଲେ ।

କେହି କିଛି କହିଲେ ନାହିଁ । ସେ ପୁଣି ପଚାରିଲେ ।

ଶ୍ୟାମା ଦେବୀ କହିଲେ—କିଏ ଜଣେ ନୂଆ ଆସିଛନ୍ତି । ମୁଁ ତ ଜାଣେ ନାହିଁ । ପଦ୍ମଲୋଚନ ଯୋଗ କଲା—ତାଙ୍କର ଗସ୍ତ ଚାକିରି । ସେ ଦିନେ ଆସି ରହିଲେ । ସେଇଠୁ ଦି' ଦିନ ରହିଲେ ପଦାରେ ...ପିଲାମାନେ ଏକାଠି ଯୋଉଠି ଦେଲେ ତାଙ୍କର ଗାଈ କୁକୁର କେହି ନାହାନ୍ତି । ପଦ୍ମଲୋଚନ ଚାବି ରଖିଛି—ଏଇ ଟେବୁଲରେ ରଖିଥିଲା ଦୁଇ ଦିନ ।

ଶ୍ୟାମା ଦେବୀ ଚମକି ପଡ଼ିଲେ ।

—କହୋ, ଚାବି ଏଠିଥିଲା ? ଆଉ ଜାଣି ନାହିଁ ?

—ଏଇ ପଦ୍ମଲୋଚନ ଥୋଇଥିବ । ସେ ପରା ଜଗୁଆଳୀ ହୋଇଛି ।

—କିଏ ସେ ? ଯାଇ ବୁଝି ଆସିବା କି ?

—ଭଡ଼ାଘରେ ଲୋକ ରହିବେ ତ । ଏତେ ରାତିରେ ତାଙ୍କର ତଲାସ ନେବା କ'ଣ ଦରକାର ?

ସୁଭାଷବାବୁଙ୍କୁ ଶୁଭୁଥାଏ । ତାଙ୍କ ମନରୁ ସେଇ ମାସୁଡ଼ୋର ଟିକିଏ ଟିକିଏ ହୋଇ କଟି ଯାଉଥାଏ ।

ଏଇ କ'ଣ ତେବେ ସେଇ ନାଗ୍ପ—ସେ ଇସାରା ଇଙ୍ଗିତରେ ଟିକଏ ଦେଖା ଦେଇ, ଦି' ପଦ କଥା ଶୁଣେଇ, ବ୍ୟବହାରର ଆମ୍ତୀୟତାରେ ତାଙ୍କୁ ବାନ୍ଧି ଦେଇଥିଲା ? ଏଇ ତ ସେହି କୃଷ୍ଣପ୍ରିୟାର ଅଳସ, ଦୁର୍ବଳ କଣ୍ଠସ୍ୱର !

ମନର ତଳପଟରେ ଏଇ ଦୁଇଟି ଛବି ଏକାଠି କରି ସେ ଦେଖୁଥିଲାବେଳେ ବେଣୁଧର ଆସି ଅସ୍ପଷ୍ଟ ଭାବରେ କହୁଥିଲା— ସେ ବାବୁ ଆସିଲେଣି, ବୁଝି ଆସିବି ?

ଅତ୍ୟଧିକ ଉତ୍ତେଜିତ ହୋଇ ବାବୁ କହୁଥିଲେ—ତମର କ'ଣ କିଛି କାମ ନାହିଁ କି ବେଣୁଧର ? ସେ ଆସିଲେ, କି କିଏ ଆସିଲେ ଆମର ସେଥିରେ କ'ଣ ଅଛି ? କିତାବରେ କାମ କରି ଏତିକ ଅକଲ ହେଲା ନାହିଁ !

ବେଶି ଦୂରରେ ନୁହେଁ । ସଞ୍ଜ ଦି' ଘଣ୍ଟା ଘଡ଼ି ହୋଇଗଲେ ଗାଁର ଅନ୍ଧାର ଏକା ଆସେ ନାହିଁ । ଆସେ ଗୋଟାଏ ସ୍ୱାଭାବିକ ନିର୍ଜନତା— ଶୁଭୁ ନଥିବା ସବୁ ଶବ୍ଦ ଶୁଣାଇବା ପାଇଁ ଆଉ ଶୁଭୁଥିବା ଶବ୍ଦକୁ ପ୍ରଖର କରିବା ପାଇଁ ।

କେଶବ ବାବୁଙ୍କର କାନରେ ହଠାତ୍ ସୁଭାଷବାବୁର ସେଇ କେତୋଟି କଥା ଶ୍ୟାମାଦେବୀଙ୍କର ଉପଦେଶର ଉତ୍ତର ପରି ଆସି ପହଞ୍ଚି ଯାଇଥିଲା ।

କେହି କାହାର ନୁହନ୍ତି । କିଏ ଆସିଲେ ଗଲେ, କିଏ ରହିଲେ—ଏଇ ଖବରର କୌଣସି ପ୍ରୟୋଜନ ନାହିଁ । ଜଣକର ଆଉ ଜଣକ ନିକଟରେ ।

ଧୀରେ କେଶବବାବୁ ସ୍ତ୍ରୀଙ୍କୁ କହିଲେ—ଶୁଣ, ପାଖରେ ଘର ନ ଥିଲା ବେଳେ ଯେମିତି ଇଚ୍ଛା ସେମିତି କଥା କହୁଥିଲ ବୋଲି ଆଜି—ଶୁଣ, ଭଦ୍ରଲୋକ କ'ଣ କହିଲେ ।

ଶ୍ୟାମାଦେବୀଙ୍କ ଭୁଣ୍ଡ ଥର ଉଠିଥିଲା—ପିତାରର ମୃଦୁ କମ୍ପନ ପରି । ସେ ଲେଉଟି ମାଡ଼ ଶୁହିଁ ନ ଥିଲେ ଏତେ ଶୀଘ୍ର । ଭୂନ ରହିଲେ—ଅଭିମାନରେ, ନିଜକୁ ପ୍ରକାଶ କରିଦେଇ ଥିବାର କ୍ଷୋଭରେ, ଆଉ ଅସନ ପ୍ରତିଦାନରେ ।

ଦାନ୍ତ ଚପି ମନକଥା ମନକୁ କହିଥିଲେ—ପୁରୁଷମାନେ ଅଧମ । ପ୍ରୀତି ବଦଳରେ ତାଚ୍ଛଲ୍ୟ ସଠେଇ ଦିଅନ୍ତି । ଆଜି ତାକୁ କହନ୍ତ ପ୍ରୀତିର ଅର୍ଘ୍ୟ ବୋଲି ।

ସକାଳର ପାହାନ୍ତି ପବନ ସବୁଦିନେ କେଶବବାବୁଙ୍କୁ ନିଦରୁ ଉଠେଇ ଦିଏ । ଏଇଟା ତାଙ୍କର ବହୁତ ଦିନର ଅଭ୍ୟାସ । ଏବେ ପେଟର ରୋଗ ତାଙ୍କୁ ବାଧ କରୁଛି ସକାଳ ପହରର ଅନ୍ଧାର-ଭଙ୍ଗା କ୍ଷୀଣ ଆଲୁଅରେ ବାହାରେ ବୁଲି ପ୍ରାକୃତିକ ଚିକିତ୍ସା କରିବା ପାଇଁ । ସବୁଦିନ ପରି ସେ ଦିନ ବି ସେ ବାହାରକୁ ଯାଇଥିଲେ ।

ଫେରିଲାବେଳେ ସୁଭାଷବାବୁଙ୍କ ଘର ଆଗରେ ଠିଆ ହୋଇ ଖବରକାଗଜ ଉପରେ ଆଖି ରଖିଥିବା ସୁଭାଷବାବୁଙ୍କୁ ଲକ୍ଷ୍ୟକରି ଆତ୍ମୀୟତା ମିଶା ସ୍ୱରରେ ପଚାରିଲେ—କିଏ ଭିତରକୁ ଆସି ପାରେ କି ?

—କିଏ ? କାହାକୁ ଖୋଜୁଛନ୍ତି ?

—ଆପଣଙ୍କୁ । ଆମେ ଚିହ୍ନା ହୋଇ ନାହୁଁ । ମୁଁ ଏଇ ପାଖ ଘରେ ଥାଏ ।

ଉତ୍ସାହରେ ସୁଭାଷବାବୁ କହିଲେ—ଆପଣ ! ଆସନ୍ତୁ ଭିତରକୁ, ନମସ୍କାର ।

—ନମସ୍କାର, ଆସିଥିଲି ଚନ୍ଦ୍ରା ଦେଖିବାକୁ । ମୋ ନାଁ କେଶବ । କାଲି ସନ୍ଧ୍ୟାରେ ଆସିଥାନ୍ତି । ଡେରି ହୋଇଗଲା ।

ନଜାଣିଲା ପରି ସୁଭାଷବାବୁ କହିଲେ—ଆପଣ କ'ଣ ନ ଥାନ୍ତି ଏଠି ?

—ନା । ଥାଏ ଆଉ ନ ଥାଏ ବି । ମାନେ ଗୃହକର୍ତ୍ତାର ଦରମା ଏଇଠୁ ପାଏ । ଆଉ ଘରେ ରହେ ବୃନ୍ଦାବନରେ ବୁଲେ । ବୁଲୁଥାଏ ଏଠିସେଠି ।

—ସବୁ ଗୃହକର୍ତ୍ତା ତ ସେମିତି ।

ଏଣୁତେଣୁ କହୁଛ ପ୍ରକାରର କଥା ପଡ଼ିଲା । ସରକାରୀ ଗସ୍ତ କେମିତି ଅନାଧୁନିଆ, ଘରସାଳର କାମକୁ ପାଞ୍ଚଟଙ୍କାରେ କରନ୍ତି । ପିଲାକୁ ପୋଷ କାମରେ ପଠାଇ ଦେବ, ସେଠିକି ପାଳନିଆ ବୁଢ଼ାକୁ ପେଲନ୍ତି । ସବୁ ସମୟ କଟେ ଯିବା ଆସିବାରେ । ହେଲେ ରିପୋର୍ଟ ଲେଖିଲେ କାମ ଶେଷ ।

—ସେ'ତ ହେଉଛି କାମ ।

—କଟକର ମହକୁମାରେ ରିପୋର୍ଟ ଲେଖାହୁଏ ଗଛ ମୂଳରେ ଆଉ ତପସ୍ୱୀ ନିଏ ଗସ୍ତ ଖର୍ଚ୍ଚା । ତା'ର ଯିବା ନଯିବାର ଖବର ନାହିଁ । ଆଉ ଆନ ମହକୁମାରେ ମଣିଷ ରହି ମିଛରେ ଯାଇଛି ବୋଲି ରିପୋର୍ଟ ଦେଲେ ଗୃହକର୍ତ୍ତା ଶେଷ ।

—ନାହିଁ, ମୁଁ ତ ଜଣେ କଟକର ହାକିମ । ଏ ସବୁ କିଛି ଜାଣେ ନାହିଁ ।

—ମୋତେ କ୍ଷମା କରିବେ । ମୁଁ ନ ବୁଝି କହିଦେଇଛି । ସେତେବେଳଯାଏ ସେ ସୁଭାଷବାବୁଙ୍କର ପରିଚୟ ନେଇ ନ ଥିଲେ । ଲଜ୍ଜିତ ସ୍ୱରରେ ପଚାରିଲେ—ଆପଣଙ୍କ ପରିଚୟ ପାଇଲି ନାହିଁ ।

— ଦେଖୁଣି ତ ! ମୋ ନାଁ ସୁବ୍ରତ । ନୂଆ ଚାକିରି କରୁଛି—କଟକର ମହକୁମାରେ ।

— ପଚାରିପାରେ କି ଆପଣଙ୍କ ପରିବାର ?

—ବିଭା ହୋଇ ନାହିଁ ।

—ତେବେ ଆପଣ ସୁଖୀ । ଆପଣ ସ୍ୱାଧୀନ ।

—ଲୋକେ ତ କହନ୍ତି ଆଉ ପ୍ରକାରରେ । ମୋର କେହି ନାହିଁ । ଗାଈ ଛୁଆ କି କୁକୁରପିଲାଟିଏ ବି ନାହିଁ ।

ଲଜ୍ଜିତ ହୋଇ ସେ କହିଲେ—ଆମ ଘର ପାଖରେ କେହି ହାକିମ ହୁକୁମା ନଥିଲେ ବୋଲି ପିଲାରୁ ବଡ଼ ଯାଏ ଗୋ'ଧା ହେଉ । ସେ ସବୁ କଥା ଧରିବେ ନାହିଁ ।

ହଠେଁ ଦୁହିଙ୍କ କଥା ଫୁଟିଲେ । ଜଣକ କଥା ଆଉ ଜଣକ ଶୁଣିଛୁ । କେଶବବାବୁ ସୁବ୍ରତବାବୁଙ୍କର ହାତ ଧରି ପକାଇ ହସି ହସି କହିଲେ—ଆମେ ପଡ଼ୋଶୀ ହେଲୁ । ତେଣୁ ଆପଣଙ୍କୁ ଆମ ଘରେ ଆଜି ନିମନ୍ତ୍ରଣ । ସେ ସବୁ ଧରନ୍ତୁ ନାହିଁ —ଲଜ୍ଜା କଥା । କିଏ କ'ଣ କହିଲା—ସେ ସବୁ ଧରି ରଖିଲେ ଆଉ ଚଳି ହେବ କି ?

ବେଣୁଧର ଲକ୍ଷ୍ୟ କରୁଥିଲା ବାହାରୁ । ବାବୁ ତ ଭିତରେ କୋପ ହେଉଥିଲେ ପଦେ କଥା ଶୁଣି । ଆଉ ପଦକରେ ଏକା-ବେଳକେ ପାଣି ପାଟି ଗଲେଣି । ନିଜର ନାଁ ବି କହିଲେଣି । ଘରୁଆ କଥା କୁହାକୋହି ହେଲେଣି ।

—ଯିବେ ?

—ହଉ ! ଏବେ ନୁହେଁ । ଅଫିସ ବେଳକୁ ପାଇବ ନାହିଁ । ହଁ, ପଚାରିବାକୁ ଭୁଲିଥିଲି । କିଏ ସବୁ ଅଛନ୍ତି ଏଠି ?

—ଏତେ ଦିନ ରହିଲେଣି, ଜାଣି ନାହାନ୍ତି ! ଏଠି ଆଉ କିଏ ଅଛି ? ମୋର ସ୍ତ୍ରୀ ଆଉ ଯୋଡ଼ିଏ ପିଲା । ଦୁଇଟି ଗାଈ, ଗୋଟିଏ ବାଛୁରି, ଆଉ ଗୋଟିଏ କୁକୁର । ସେତିକି ଅଛି ବୋଲି ଆପଣ ମୋତେ କହୁଛନ୍ତି—ମୋର ସବୁ ଅଛି ।

—କାହିଁ ଆପଣ କ'ଣ କହିଲେ ନାହିଁ କି ସେଇ କଥା—ମୋର ସେଇ କେତୋଟି ନାହାନ୍ତି ବୋଲି ମୁଁ ସ୍ୱାଧୀନ, ଆଉ ଭଲରେ ଅଛି ।

ଦୁହେଁ ହସିଥିଲେ । ଜଣକର ପ୍ରଶ୍ନ ଠିକ୍ ଅଉ ଜଣକର ଉତ୍ତର—ଦୁହିଙ୍କୁ ପ୍ରଥମ ଦେଖାର ମେଳ ଓ ସୌଜନ୍ୟରେ, ଶିଷ୍ଟା-ଚାରର ପ୍ରୀତିରେ ଗୁନ୍ଥି ଦେଇଥିଲା । ଜଣେ ନିମନ୍ତ୍ରଣ କରୁଛି—ଯେତିକି ଶ୍ରଦ୍ଧା କି ଅଶ୍ରଦ୍ଧା ଥାଇ, ଆଉ ଜଣକ ଯାଉଛି ଠିକ୍ ସେତିକି ନେଇ ।

ପରସ୍ପର ଅଲକ୍ଷ୍ୟରେ ଦୁହିଁଙ୍କର ଆଖି ଆଗରେ ଭାସି ଆସି ଥିଲା ଗୋଟିଏ ନାରୀ —ଶ୍ୟାମା ଓ କୃଷ୍ଣପ୍ରିୟା । ସେ କ'ଣ କହିବ ନିମନ୍ତ୍ରଣ କଥା ଶୁଣିଲେ ? ସେ କ'ଣ ଖୁସି ହେବ ।

ଦୁହିଙ୍କ ଆଖିରେ ସନ୍ଦେହ ଓ ଶଙ୍କା । କେହି କାହାର କଥା ବୁଝି ପାରୁ ନାହାନ୍ତି ।

—ଆଜି ତାଙ୍କୁ ଡାକଛି ସନ୍ଧ୍ୟାବେଳେ । କେମିତି ହେଲା ? ସବୁ ସେ ଶୁଣିଛନ୍ତି ।

ଚମକି ପଡ଼ି ଶ୍ୟାମାଦେବୀ ଚାହିଁଲେ ସ୍ୱାମୀଙ୍କ ମୁହଁକୁ—ଡାକଛ ! କ'ଣ ଏତେ ସକାଳୁ ଏତେ ଦୂର ବନ୍ଧୁତା ହୋଇଗଲା ଯେ ଏକାବେଳକେ ଭୋଜି ପାଇଁ ଡାକଗ !

—ଡାକ ନଥାନ୍ତ ଯେ । କାହିଁକି ଘର ଭଲ ଲାଗିଲା । ମନ ହେଲା ତ ଡାକଦେବାକୁ । ଆଜ ତ ନଷ୍ଟେ ଭଲ ଖାନା-ପିନା ହେବ । ଘଣ୍ଟାଏ ଏକାଥରକେ ଦ'କଥା ହେଇ ଯାଉ ।

—ଜଣାଶୁଣା ନାହିଁ । ସେ କ'ଣ ଆସିବାକୁ ରାଜି ହେଲେ ?

—ହଁ ତ । ସକାଳେ ଆସିପାରିବେ ନାହିଁ—ଅଫିସ ବେଳ ।

—କି କାମ କରନ୍ତି, ଘର କେଉଁଠି, ନାଁ କ'ଣ ?

—ହେଇ ଯା, ଭୁଲିଗଲି ସେ କଥା ତ । ଘର କଥା ପଚାରି ନାହିଁ । ନାଁ ହେଉଛି ସୁଭାଷ । କାମ କରନ୍ତି ଜଟେରରେ—ଜଣେ ଡାକମ । ନୂଆ ଚାକିରି ପାଇଛନ୍ତି । ଘର ସଂସାର ନାହିଁ । ଅର୍ଦ୍ଧେକ ହୋଟେଲରେ ଅଛନ୍ତି ।

ଏକାଗ୍ର ମନରେ ଶ୍ୟାମାଦେବୀ ଶୁଣୁଥିଲେ । ତାଙ୍କର କୌତୂହଳ ଘରଣାନ୍ତ ମନରେ ଆଶ୍ୱାସ ଆସୁଥିଲା । କଥା ବନ୍ଦ ହେଲାବେଳେ ସେ ଚମକି ପଡ଼ିଲେ ।

—କ'ଣ ଭାବୁଛ କି ?

—ନା, କିଛି ନାହିଁ । ଆଜି ଦେହଟା ଭଲ ଲାଗୁ ନାହିଁ । ସେଥିରେ ଜଣକୁ ଡାକିଲ । କାହିଁ ଆଗରୁ ତ ପଚାରିଲ ନାହିଁ ?

—ଡାକିବା କଥା ନ ଥିଲା । ପାଟିରୁ ବାହାରି ଗଲା । କ'ଣ କରିବା ?

—କିଛି ନାହିଁ । ହେଇଯିବ ସବୁ । କହି ଦେଇଛ ତ ।

—ତାଙ୍କର କିଛି ଖାଇବାର ବାରଣ ଅଛି କି ?

—ଯାଃ, ସେତକ ବି ଭୁଲି ଗଲି । କିଛି ନଥିବ —ବାରଣ ଥିଲେ ସେ ନିଜେ କ'ଣ କହିନଥାନ୍ତେ । ଲୋକଟି ଭଲ—ଲାଜକୁଳା । ଲାଜ ଢାଙ୍କିବାକୁ ଭାରି ଗମ୍ଭୀର ବୋଲି ଦେଖାଇ ହୁଅନ୍ତି ।

— କାହାକୁ ଲଜ ! କ'ଣ ପାଇଁ ?

ବେବି ପଚାରିଲା—ବାପା କିଏ ଲଜ କରେ ?

ଧୀର ଅଥଚ ଦୃଢ଼ ଶାସନଗତ ଶ୍ୟାମାଦେବୀ କହିଲେ—ପାଟି ବନ୍ଦ୍ ନକଲେ ତୋ ପାଟିକି ଭାଙ୍ଗିଦେବି ।

ବେବି ତୁନି ପଡ଼ିଲା । ସେ ଦୋଷ କରିଛି ।

କେଶବବାବୁ କହିଲେ—ଝିଅ ଜମରର ଲୋକ ତ । ସେମାନେ ନୂଆ ଲୋକ ଦେଖିଲେ ବିଚଳିତ ହୋଇ ପଡ଼ନ୍ତି । ମଣିଷ ସାଙ୍ଗରେ କଥା କହିବାକୁ ଲାଜ ମାଡ଼େ । କ'ଣ ବା କହିବେ ? ଆପଣା ଚିନ୍ତାରେ ଭୋର୍ । ପଢ଼ିବାବେଳେ ବହି, ଆଉ ପଢ଼ା ସରିଲେ ଖବର କାଗଜ— ସେଇଥିରେ ତ ଢାଙ୍କିଥାନ୍ତି ମୁହଁଟାକୁ ।

ଓଠରେ ହସ ଖେଳାଇ ଶ୍ୟାମାଦେବୀ କଳ୍ପନା କରିଥିଲେ ସେ ଲୋକଟିକୁ । ଲାଜରଙ୍ଗା ମୁହଁ । ଆଖିରେ ପ୍ରୀତିର କଜଳ । ପାଖ ପଡ଼ୋଶୀ—ସେ ଆଜି ଆସିବେ ଘରକୁ ।

ଶ୍ୟାମାଦେବୀ ଉଠିଗଲେ ନିଜର କାମ ତଦାରଖ କରିବାକୁ— ଆଜି ବହୁତ କାମ । ଘରେ କୁଣିଆ । ବାବୁଙ୍କର ଅଫିସ୍ । ଆଜି ବେଳଟା ଅଣ୍ଟିବ ନାହିଁ ।

ଶ୍ୟାମାଦେବୀ ଚାଲିଗଲା ପରେ କେଶବବାବୁ ଗ୍ଲେଟିଆ କାଗଜରେ ଲେଖି ପଚାରି ପଠାଇଲେ ରଚନା ହାତରେ—ସେ ମସଲ୍, ଆଁଷ ଆଦି କୌଣସି ଖାଦ୍ୟ ବାରନ୍ତି କି ନାହିଁ ।

ଏହି ପ୍ରଶ୍ନଟା କେଶବବାବୁଙ୍କର ନୁହେଁ—ତାଙ୍କ ସ୍ତ୍ରୀଙ୍କର । ନିଜେ ପଚାରିଲା ପରି ପଚାରିଛନ୍ତି । ସେ ଲେଖିଦେଲେ—ଯେଉଁ ପ୍ରକାରର ଯାହା ରନ୍ଧା ହୋଇଥାଉ ସୁଆଦିଆ ହୋଇଥିଲେ ସୁବାସବାବୁ ନିଶ୍ଚୟ ଖାଇବେ । ସୁଆଦ ହୋଇ ନଥିଲେ ବି ନଖାଇବାର ପ୍ରଶ୍ନ ଉଠିପାରେ ନାଁ......

ହସି ହସି ସେହି କାଗଜ ଖଣ୍ଡିକ ଶ୍ୟାମାଦେବୀଙ୍କୁ ଗାଧୁଆଳୁଗା ପାଲଟିଲା ବେଳେ ଦେଇ କହିଲେ—ସବୁ ରକମ ତାଲିକା ! ଖାଲି ବଡ଼ିଆ ଗହଣା ଦରକାର । ସଲଜ୍ଜ ଭ୍ରୂକୁଟି ଫୁଟି ଉଠିଲା ଶ୍ୟାମା ଦେବୀଙ୍କ ମୁହଁରେ । କାଗଜ ଦେଖି ରହସ୍ୟ କରି ସେ କହିଲେ—ଭଲ କାମ ବାଛେଇ ଜାଣନ୍ତି ତମ ବନ୍ଧୁ । ଆଉ ଲାଜ କଥା କ'ଣ କହୁଥିଲ !

—କହିବାରେ ଯେ ଲାଜ କରେ ଖାଇବାରେ ଆଉ ଲେଖି-ବାରେ ତା'ର ତ ଲାଜ ନାହିଁ ।

ମନ ଭିତରେ ସେଇ କଥା କେଇପଦ ସମ୍ପୂର୍ଣ୍ଣ ଭାବରେ ଧରି ରଖି ଶ୍ୟାମାଦେବୀ ମନେ ମନେ ଠାକୁରଙ୍କୁ ଜଣେଇଥିଲେ—ଭଲରେ ଭଲରେ ସବୁ ଜିନିଷ ହୋଇଯାଉ । ମନ ଅନୁସାରେ ଫଳ ଫଳୁ ।

ଦିନଯାକ ଶ୍ୟାମାଦେବୀ ଓ ସୁଭାଷବାବୁ ଘଣ୍ଟାକୁ ବାରମ୍ବାର ଚାହୁଁଥିଲେ । ଉପରେ ସୂର୍ଯ୍ୟଙ୍କ ଆଡ଼କୁ ଆଉ ଭୁଇଁରେ ଖରା ଆଡ଼କୁ ବାରମ୍ବାର ଆଖି ପକାଉଥିଲେ । ଦିନଟା ମୋଟେ ସରୁ ନାହିଁ । ଅତ୍ୟନ୍ତ କ୍ଷିପ୍ର ଗତିରେ ପରସ୍ପର ନିକଟ ହୋଇ ଆସୁଛନ୍ତି । ଦିନକର ଦେଖା । ଦି'ଦିନର କଥା । କିନ୍ତୁ ଏତେ ବେଶି ଆଗ୍ରହ ଆଉ ଉଦ୍‌ବେଗ—ପ୍ରୀତି ଓ ବନ୍ଧୁତା ପାଇଁ ଆଉ ଏମିତି ପରମଶିଷକୁ ଆପଣାର କରିବା ପାଇଁ—ମନର ସବୁବେଳେ ଅସରନ୍ତି ଆଗ୍ରହ । ଯୌବନରେ ସେଇଟା ଯେତିକି ତୀବ୍ର, ପ୍ରୌଢ଼ ଅବସ୍ଥାରେ ସେତିକି ମନ୍ଥର ।

ସେଥିପାଇଁ ସମସ୍ତେ ଯୌବନର ତାରଫ୍ କରନ୍ତି । ବହୁଣର ଦୁର୍ଦ୍ଦମତାକୁ ତରଳ ଯୌବନର ଉନ୍ମାଦନାକୁ ଏତେ ବେଶି ବଡ଼ ସ୍ଥାନ ଦିଅନ୍ତି । ତା'ର ସଂସାରର ଲୀଳାଖେଳା—ଏଇ ଦୁନିଆର ଭଙ୍ଗାଗଢ଼ା, ଉନ୍ନତି ଅବନତି ସବୁ—ଏଇ ଯୌବନର ଓ ଯୁବକର ଉନ୍ମାଦନାରେ ସମ୍ଭବ ହୋଇଥାଏ ।

ବହୁତ ପ୍ରକାରରେ ଭାବ ଶ୍ୟାମାଦେବୀ ଆୟୋଜନ କଲେ—ଆଖି ରୁଚିଲା ଘର ରଙ୍ଗ, ବାସ ଆଉ ସୁଆଦ । ପୂଜା ସାମଗ୍ରୀ କାଢ଼ିଲା ପୂର୍ବରୁ ଭକ୍ତ ଯେପରି ନିଜର ପୋଷାକ, ପରିଧାନ, ପରିପାଟୀ ପୂଜାର ଉପଯୁକ୍ତ କରି ସଜାଡ଼େ, ଶ୍ୟାମାଦେବୀ ସେହିପରି ନିଜକୁ ଯତ୍ନସହିତ ଘର ଆଉ ପର ଉଭୟଙ୍କ ପାଇଁ ପ୍ରସ୍ତୁତ କରିଥିଲେ ।

ସେ ଲୁଚନ୍ତି ନାହିଁ । ସେଇଟା ପିଲା ଦିନରୁ ଅଭ୍ୟାସ । ଆଉ ସ୍ୱାମୀଙ୍କର ସେଥିରେ ସମ୍ପୂର୍ଣ୍ଣ ମତ । ଦେଖା ସେ ନ ହେବ, ଏମିତି ନୁହେଁ ।

ବାରମ୍ବାର ଶ୍ୟାମାଦେବୀଙ୍କ ମନରେ ଗୋଟିଏ ଭାବନାର ଶିଖ ଉଠୁଥିଲା ।—ଆଜି···ଗୋଟିଏ ମନେ ରହିଲା ପରି ଦିନ ।

ଘରେ ଥିବା ଲୋକଙ୍କୁ ପାଶୋରି କେଶବବାବୁ ନାନା ପ୍ରକାର କଥାରେ ପ୍ରଗଲ୍ଭ ହୋଇ ଯାଇଥିଲେ ।

—ସବୁ କହିଛନ୍ତି ଏ, ନିଜେ । ଆପଣ ଜାଣନ୍ତି ନାହିଁ ମୋର ସ୍ତ୍ରୀ ଶ୍ୟାମାଦେବୀଙ୍କୁ । ତାଙ୍କ ପାଇଁ ମୋର କଷ୍ଟ ଅଭାବ ହୁଏ ନାହିଁ । ମୋର ସବୁ ପ୍ରକାରର ଦୁଃଖ ମୁଁ ପାଶୋରି ଯାଏ । ଯେତେ ଟଙ୍କା

କାଶ୍ମୀର ଦେଖିବା ବାହୁଁକି ଆ[illegible]ତ ଶ୍ୟାମା ଅଳ୍ପରେ ବହୁତ କଥା କହିଦେଲେଣି ଏଇ ଦଶ୍ୱରୁ କ୍ଷୁଦ୍ର [illegible] ଜଣେଇ ଦେଇପାରନ୍ତି···। [illegible]-କରିବା ପ୍ରତ୍ୟେକ ବାଗ [illegible] ଅ[illegible] [illegible] [illegible] ପ୍ରକାର [illegible] ଦେଇଯାଏ।

ସୁଖଶାନ୍ତିଙ୍କର କଥା [illegible] ବାହୁଁ— [illegible] ମଧ୍ୟ [illegible], [illegible] ସେ [illegible] [illegible]। [illegible] ଶ୍ୟାମାଦେବୀ [illegible] [illegible] [illegible] [illegible]। [illegible] ପ୍ରତ୍ୟେକରେ ସ୍ୱାମୀ ମୁଖର। [illegible] ପ୍ରସନ୍ନ।

[illegible] [illegible] [illegible] ଜାଣିଥିଲୁ। ତାହାରେ ଯେ ଦେଖା ଦେଇଥିଲୁ—[illegible] [illegible] [illegible] ଉପୁଛି। ଦୁଇ ଅକ୍ଷା ଏକାଥର। [illegible] [illegible] ହରଗୌରୀର ମିଳିତ [illegible] ଉଭୟଙ୍କ [illegible] [illegible]। [illegible] ମଣିଷକୁ ଖାଲି ଯେ [illegible]-[illegible] [illegible] [illegible] [illegible] ପ୍ରକାରର ସ୍ୱବଶ୍ୟ ନିଜର ନାମ [illegible] ସେମିତି [illegible] [illegible] ଆଉ [illegible] ଦଏ।

ଏଇ [illegible] ଭେ[illegible] [illegible] ଦୂରର ଲୋକକୁ [illegible] [illegible] ଆଜି [illegible] [illegible] ଥିଲେ ତାହାଙ୍କ ଭିତରେ ଦୂର ବୋଲି ମନେ [illegible] [illegible] [illegible] [illegible] [illegible]— [illegible] ପ୍ରୀତିମ[illegible] ମନ [illegible] [illegible] ନାମ !

[illegible] [illegible] ଆଉ [illegible] କମେଇବାର [illegible] [illegible] ମଣିଷ [illegible] [illegible] ମନ ସାଙ୍ଗରେ [illegible]। [illegible] ବେଳେ ଏଇ ଅଧମ [illegible] ପାଞ୍ଚା ପ୍ରଭେଦ।

ଚଞ୍ଚଳ ଚକିତ ଆଖି ଖୋଜି ବୁଲୁଥିଲା କୃଷ୍ଣପ୍ରିୟାଙ୍କୁ । କେଶବ ବାବୁ ତାଙ୍କର ସ୍ତ୍ରୀର ନାଁ ଶ୍ୟାମାଦେବୀ ବୋଲି ଜଣାଇଲେ ସୁଦ୍ଧା ସୁଭାଷବାବୁ ଭାବୁଥିଲେ—ମୁଁ ତ ମୋ ମନରୁ ତା'ର ନାଁ ଦେଇଛି । ସେ କେଶବବାବୁଙ୍କ ପାଖରେ ଶ୍ୟାମା ହେଲେ ବି ମୋ ପାଖରେ ସେ କୃଷ୍ଣପ୍ରିୟା । ଅସୁନାହିଁ ବୋଧହୁଏ— !

କେଶବଙ୍କୁ କହିଲେ— ଆପଣ ପ୍ରକୃତରେ ସୁଖୀ ! ମୋତେ ସକାଳେ କହି ଆସିଥିଲେ ମୁଁ ସୁଖୀ ବୋଲି । ଆଜି ଆସି ଏଠିକାର ସମସ୍ତ ବିଷୟ ଦେଖିଲା ପରେ ମୁଁ ନିଜକୁ ନିଜେ ବାରମ୍ବାର କହୁଛି ଯେ ଏଇ ନିର୍ମଳ ସର୍ବବ୍ୟାପୀ ସୁନ୍ଦର କାଣିଚୁଏ ମୁଁ କେବେ ପାଇଲି ନାହିଁ । ଆପଣଙ୍କର ଏଇ ବାଧା-ବନ୍ଧନ-ମୁକ୍ତ ଶୃଙ୍ଖଳା-ଦେଖ ପରାଧୀନତା ଭିତରର ସ୍ୱାଧୀନତା-ମୋର ସେହି ସ୍ୱାଧୀନ, ଜୀବନରେ ଥରେ ହେଲେ ଅନୁଭବ କରି ପାରୁ ନାହିଁ । ମୁଁ ମୋର ସ୍ୱାଧୀନତା ନିକଟରେ ବନ୍ଦୀ । ଆପଣ ନିଜର ପରାଧୀନତା ନିକଟରେ ମୁକ୍ତ !

ଶ୍ୟାମା ଦେବୀ ହସିଲେ ଘର ଭିତରୁ ।

—ଅସୁ ନାହିଁ ।

ଶ୍ୟାମାଦେବୀ ସ୍ୱାମୀଙ୍କର ଡାକରା ପାଇ ଦୁଆର ମୁହଁରୁ ଘୁଞ୍ଚିଗଲେ ଭିତରକୁ । ଦୁନିଆ ଯାକର ଲାଜ ଅଜାଡ଼ି ହୋଇପଡ଼ିଲା ତାଙ୍କ ଉପରେ । ସେ ବଉଦ ଉହାଡ଼ର ଜ୍ୟୋସ୍ନାପରି ନିଜର ଲାଜର ଆଢ଼ାଳରେ ଢାଙ୍କି ହୋଇଗଲେ ।

କେଶବ ବାବୁ ହସି କହିଲେ—ବଡ଼ ଅଦ୍ଭୁତ ମୋ'ର ସ୍ତ୍ରୀ ! ସେ ନିର୍ଭୟ ନିଜଙ୍କ ମନରେ ଯେତିକି ଅବାଧରେ ଚଳ ପ୍ରଚଳ

ହୋଇ ପାରନ୍ତି ଠିକ୍ ସେତିକ ସେ ଅପ୍ରକାଶ୍ୟ ଓ ପ୍ରଚ୍ଛନ୍ନ ରହିବାକୁ ସମର୍ଥ । ତାଙ୍କୁ କେବେ ମୁଁ ଏକ ପ୍ରକାର ଦେଖି ନାହିଁ । —ସେ ଭାବିଲେ ପୁଣି ।

ଚକିତ ଧୀର ଗତିରେ ସେ ରେକାର୍ଡରେ ମସଲ୍ଲ ଥୋଇ ଆସିଲେ—ଯେପରି ଗୋଡ଼ହାତ ଆଉ ମୁହଁରୁ କେଉଁଟି ପ୍ରଥମେ ପ୍ରକାଶ କରିବେ ସ୍ଥିର କରିପାରୁ ନାହାଁନ୍ତି । ରହିଗଲେ ପରଦା ସେପାଖେ । ହାତର ରେକାର୍ଡଟି ଠେଲିଥିଲ ପରଦାକୁ ।

ବିହ୍ବଳ ହୋଇ ସୁଭାଷବାବୁ ଚାହିଁ ରହିଥିଲେ— ପରଦା ଖୋଲିବ । ଆଉ ତାଙ୍କର ସେଇ ହୃଦୟର ଅଧିକାରିଣୀ କୃଷ୍ଣପ୍ରିୟା ଶ୍ୟାମାଦେବୀଙ୍କ ରୂପରେ ଆସି ଠିଆ ହେବେ । ତାଙ୍କର ହୃତ୍‌ପିଣ୍ଡ ଯେମିତି ବନ୍ଦ ହୋଇଯାଇଥିଲା । ଆଉ ତାଙ୍କର ଆଖି ଉପରେ ନୂଆ ଅନୁଭୂତିର ସମସ୍ତ କୌତୂହଳ ଶୋଷି ନେବାପାଇଁ ସର୍ବଗ୍ରାସୀ ପ୍ରେମିକର ସେଇ ସ୍ଥିର ଅଲକ୍ଷ ସୁଦୂର ପ୍ରସାରୀ ଅନ୍ତର୍ଭେଦୀ ଦୃଷ୍ଟି ଲଗି ରହିଥିଲା ।

ଶ୍ୟାମା ଦେବୀ ନିଜେ ଆସି ତାଙ୍କର ପରିଚୟ ଦେଇଥିଲେ —ଅପ୍ରତିଭ ଭାବଭଙ୍ଗୀ ଦେଖାଇ ।

—ଆପଣ କେମିତି ପରାଧୀନ ଅଛନ୍ତି, ଦେଖିବାକୁ ଆସିଲି ।

ସୁଭାଷବାବୁ ତଳକୁ ମୁହଁ ପୋତିଲେ ।

କେଶବ ବାବୁ କହିଲେ—ସେ ଜାଣନ୍ତି ନାହିଁ କିଛି । ଅନେକ ଲୋକ ଏମିତି ମେଳରେ ଖୋଲାରେ ବୁଲୁଥାନ୍ତି । ତାଙ୍କର ସ୍ୱାଧୀନତା କି ପରାଧୀନତାର କୌଣସି ଧାରଣା ନଥାଏ ।

ମୁହଁ ଉଠାଇ ସୁଭାଷ ବାବୁ ଚାହିଁଲେ ଶ୍ୟାମାଦେବୀଙ୍କୁ । ସେ ହସୁଛନ୍ତି ।

କେଶବ ବାବୁ କହିଲେ—ପ୍ରଥମେ ସେ' ବି କହୁଥିଲେ ବନ୍ଦୀ ହୋଇଛନ୍ତି ବୋଲି—କି କଳ୍ପନା ! ତୁମେ କ'ଣ ଜୁଲୁମରେ ବନ୍ଦୀ ?

ଲାଜରେ ଗୃହିଣୀ ଶ୍ୟାମାଦେବୀ ଚାହିଁଥିଲେ ସ୍ୱାମୀଙ୍କ ଆଡ଼େ ।

କେଶବ ବାବୁ କହିଲେ—ବନ୍ଦୀର ମନ ଅନୁକୂଳ କରିବାକୁ ହେଲେ ତାକୁ ପ୍ରଥମେ ବନ୍ଧନମୁକ୍ତ କରି ଦେବା ଦରକାର । ନଚେତ ଭକ୍ତି ଓ ମନ ଉଦ୍‌ବେଗ ଲୋକେ ଦେଖି ଭଲପାଇବା ମିଳୁଥିବାର ପ୍ରମାଣ ଦେଖାଇ ପାରନ୍ତି । କିନ୍ତୁ ସେଥିରେ ଅସଲ ହୃଦୟର ଭଲପାଇବା ସମ୍ଭବ ହୁଏ ନାହିଁ । ମୁକ୍ତ ଆକାଶର ବିହଙ୍ଗ ବନବିହଙ୍ଗମାନେ ନିଜ ନିଜ ସ୍ୱାଧୀନ ଯେଉଁ ଭଲପାଇବା ଦେଇ ପାରନ୍ତି ସେପରି ନିବିଡ଼ ଭାବ ପାଇବା ଉଚିତ । ଆଉ କିଛି କରି ନ ପାରିଲେ ବି ଏହି ଚେଷ୍ଟିଆ କଥାଟି କରିବାକୁ ମୁଁ ବିଶେଷ ଚେଷ୍ଟା କରିଥାଏ ।

— ଆଜ୍ଞା ! ସବୁବେଳେ କେବଳ ଏହା କଥା କହି ହୋଇ କ'ଣ ଯାଏ ? ବନ୍ଧୁଙ୍କୁ ପଚାର—ମୋ ଭଲ ହୋଇଥିଲା କି ନାହିଁ ।

— ଖୁବ୍ ଭଲ ହୋଇଥିଲା । ମୋତେ ସବୁ ଜିନିଷ ଭଲ ଲାଗିଲା । ଖାଲି ଭଲର ଅତିରିକ୍ତ ଯାହା ଓ ଲମ୍ବଲମ୍ବା ହୋଇଥିଲା । ଏତେ ଖାଇବାର—ସୁଭାଷ ବାବୁ କହିଲେ ।

—ଆପଣ କହିଥିଲେ ଯେବେ ସୁସ୍ୱାଦ ହୋଇଥିଲେ ଖାଇବେ ନ ହୋଇଥିଲେ ବି ଖାଇବେ । ଏମିତି ଯେ ଭଲ ମନରେ ଖାଇବାକୁ ଚାହିଁଲେ ସେପରି ଲୋକ ପାଇଁ ରାନ୍ଧୁରାନ୍ଧୁ ହାତ ପୋଡ଼ିଗଲେ ବି ବାଧେ ନାହିଁ ।

ତନ୍ମୟ ହୋଇ ସୁଭାଷବାବୁ ଚାହିଁଥିଲେ ଶ୍ୟାମାଦେବୀଙ୍କ ମୁହଁକୁ ! ସେ ତାଙ୍କୁ ସମ୍ପୂର୍ଣ୍ଣ ଭାବରେ ଜିଣିଛନ୍ତି ।

କଥାର ତରଙ୍ଗ ଭିତରେ ଉଠିବାବେଳ ହୋଇଯାଉଛି । କେତେ ଶୀଘ୍ର ଗଡ଼ି ଯାଉଛି ଏଇ ସୁନ୍ଦର ସମୟ—ସେଇ ସୁଖର ସ୍ପର୍ଶ । ସନ୍ଧ୍ୟାର ବେଳା—ବିଦାୟର ସମୟ ଆସି ପହଞ୍ଚି ଯାଉଛି ଘଡ଼ିର ମୁହଁ ଉପରେ ।

କିଏ କହିବ ଯା ବୋଲି—ଶ୍ୟାମାଦେବୀ ? କେଶବ ବାବୁ ? ନା ନବେନ ସୁଭାଷ ବାବୁ ?

ସତେ ଯେପରି ସମସ୍ତେ ଚାହିଁଥିଲେ ଆଉ ଜଣକ କହୁ—ବେଳ ହେଲାଣି । ଯିବା ଲୋକ ତ ଯିବେ । ତାକୁ ଯିବାକୁ କହିବ କିଏ ? —କେମିତି କହିବ ! ମାଷ୍ଟ୍ର ପଢ଼ା ପଢ଼ଉଥିଲେ ବେଳେ ଯେମିତି କ୍ଲାସରେ ଏକାବେଳକେ ମେଘଭରା ଆକାଶର ନୀରବତା ଘେରିଯାଏ, ସେହିପରି ହଠାତ୍ କେତେବେଳେ ଯାଏ ସେ ତିନିଜଣ ନୀରବ ହୋଇଗଲେ । କାନ୍ଥ ଘଣ୍ଟାର ଟିକ୍ ଟିକ୍ ଶବ୍ଦ ଶୁଭୁଥାଏ ସ୍ପଷ୍ଟ ହୋଇ ।

ଶେଷକୁ ସୁଭାଷବାବୁ କହିଲେ—ବହୁତ ଧନ୍ୟବାଦ ! ଭଦ୍ରତା ଖାତିରରେ କହୁଛି । କିନ୍ତୁ ମୁଁ ପ୍ରକୃତରେ ବଡ଼ କୃତଜ୍ଞ । ଏଥର ଛୁଟି ମାଗିବି ଆପଣମାନଙ୍କଠାରୁ ।

—ଖରାପ ଲାଗୁଛି ବସିବାକୁ ପରଘରେ ? ଶ୍ୟାମାଦେବୀଙ୍କର ଅଳସ କଣ୍ଠସ୍ୱର ବାଜି ଉଠିଲା ।

— ଘର ! ନାଁ ! ତେବେ ମୁଁ ତ ଏଠି ସବୁବେଳେ ରହିପାରିବି ନାହିଁ । ବେଣୁଧର ବସିଥିବ । ମୁଁ ଗଲେ ସେ ଶୋଇବ ।

—ଠିକ୍ କଥା କହୁଛନ୍ତି । ଆପଣ ପରାଧୀନ—ବେଣୁଧରର ଅଧୀନ । ଏମିତି ଗ୍ରେଟିଆ ମଣିଷ ବା ଗ୍ରେଟିଆ ଜନଷକୁ ଯେ ଆପଣାର ବୋଲି ଭାବି ପରକୁ ନିଜର କରି, ତାଙ୍କର ସୁଖ ପାଇଁ ଅଳ୍ପବହୁତ ଦୁଃଖ ବରଣ କରିପାରେ— ସେ ହେଉଛି ଭଲ ମଣିଷ । କହି ସ୍ୱାମୀଙ୍କ ମୁହଁକୁ ଚାହିଁଲେ । ସେ ଚାହାଣୀରେ ଅଭିଯୋଗ ।

ସୁଭାଷବାବୁ ବାକ୍ୟହୀନ ହୋଇଗଲେ ।

—ହଉ ତେବେ ଯାଆନ୍ତୁ । ଏମିତି ଦୀନ ଦରିଦ୍ରଙ୍କ ପ୍ରତି ମନ ରଖିଥିବେ । ତେବେ ସିନା ଅପରର ସ୍ନେହ, ମନ, ସେବା ଓ କୃତଜ୍ଞତା ସବୁ ପାଇବେ । ସେଇ ପରାଧୀନତା ଭାରି ସୁଖ ଦିଏ । ସ୍ୱାଧୀନ ଜୀବନର ଦୁଃଖ ବହୁତ ପ୍ରକାରର । ଅନୁଭବ ହେଲେ ବୁଝିବେ । ହଉ ଯାଆନ୍ତୁ—ନମସ୍କାର ।

ଶ୍ୟାମାଦେବୀ ଉଠିଗଲେ ଭିତରକୁ । ଗଲାବେଳେ ତାଙ୍କର ବ୍ୟବହାର କହି ଯାଉଥିଲା—ଏଇ ହେଉଛି ଆରମ୍ଭ । ମଣିଷ ଶୋଇ ଉଠି ନିଜକୁ କଶୋରରୁ ବୃଦ୍ଧ ଅବସ୍ଥାକୁ ନେବା ପରି, ମଣିଷ ବାରମ୍ବାର ଆରମ୍ଭ ଓ ଶେଷ କରି କରି ବହୁତ ଥର ଦାମ୍ପତ୍ୟ ମିଳନ ଭିତରେ ମାନ-ଅଭିମାନ, ରାଗ-କ୍ରୋଧ, ଶାନ୍ତି-କ୍ଷମା ହୋଇ ଚଡ଼ିନିଏ ଅନ୍ତରଙ୍ଗ ବନ୍ଧୁ ।

ସୁଭାଷବାବୁ ଉଠି ନାନା କଥା ମନରେ ଖେଳାଇ ଖେଳାଇ ସେଇ ଘର ଛାଡ଼ିଲାବେଳେ ନିଜକୁ କହୁଥିଲେ—ଦେହ ଫେରି ଯାଉଛି, କିନ୍ତୁ ମନଟା ରହିଗଲା କୃଷ୍ଣପ୍ରିୟା ପାଖରେ । ସେ ତା'କୁ ବାନ୍ଧି ରଖିଛି ।

ତା'ପରେ ଦି'ଦିନ ଖାଲି ବନ୍ଧୁତା—ଆତ୍ମୀୟତା । ଅଫିସ୍ ବେଳ ଛାଡ଼ିଲେ ବାକି ବେଳ ହୁଏ ଥାଆନ୍ତି ଏଙ୍କ ଘରେ, ନହେଲେ ଏ ଥାଆନ୍ତି ତାଙ୍କ ଘରେ । ସୁଭାଷବାବୁ ଓ କେଶବ ବାବୁ ସେପରି ବହୁ ଦିନର ବନ୍ଧୁ । କହି କହି କଥା ସରୁ ନାହିଁ ।

କେଶବ ବାବୁଙ୍କର ସବୁ ସୁଖଶାନ୍ତିର କାହାଣୀ ଶୁଣିବାର ଇଚ୍ଛା କେବେହେଲେ ତୃପ୍ତ ହୁଏ ନାହିଁ । ଶୁଣିଲେ ହିଂସା ହୁଏ । ନ ଶୁଣିଲେ ମନଟା ହାଉଁପାଉଁ ହୁଏ । କେଶବ ବାବୁଙ୍କର ବି କହିବାରେ କ୍ଳାନ୍ତି ନାହିଁ । ମଧୁର ଜୀବନର ମଧୁରତା କହିଲାବେଳେ ସତେ କି ବାହାରି ଆସେ ତାଙ୍କର ତୁଣ୍ଡ ଓ ଆଖିରେ ।

ସୁଭାଷବାବୁ ସା'ଆଁସ କରନ୍ତି । କିନ୍ତୁ ଶ୍ୟାମାଦେବୀ ରହି ଯାଆନ୍ତି ସେଇ ଉହାଡ଼ରେ । କବାଟ ଏ ପାଖକୁ ଆଉ ପାଦ ପଡ଼େ ନାହିଁ ।

ମଧୁର ଶାସନର ସ୍ୱରରେ ଥରେ ଅଧେ କହନ୍ତି ନିଜ ସ୍ୱାମୀଙ୍କୁ ଉପଲକ୍ଷ୍ୟ କରି ସୁଭାଷବାବୁଙ୍କୁ—କି ଖାଲି ସିଗାରେଟ ଖିଆ ହେଲାଣି ଏବେ । ପଇସା ଅଣ୍ଟିବ କି ।

—ନାହିଁ, ଆମ ବନ୍ଧୁ ଖଟେଇ ଦେଲେ !

···ବନ୍ଧୁ ଦେଲେ କ'ଣ ହେଲା । ତାଙ୍କର ଆଉ ତମର ପଇସାରେ କ'ଣ ଫରକ ଅଛି ନା ! ସିଗ୍ରେଟ୍ ଧୂଆଁ ଖାଲି ତମର ଛାତିରେ କଳା ବସାଇବ ଆଉ ତାଙ୍କୁ କିଛି ଲାଗିବ ନାହିଁ ? ପଚାରିଲି ତାଙ୍କୁ—ସେ ଏହି ସିଗାରେଟରୁ କ'ଣ ପାଉଛନ୍ତି । ବେଶି ଅମଳ କଲେ କ'ଣ ଶ୍ୱାସ, କାଶ ଆଉ ପ୍ରକାର ପ୍ରକାର ବେମାରି—

ସୁଭାଷବାବୁ ଲିଭେଇ ଦିଅନ୍ତି ସିଗାରେଟ୍ ।

ପୁଣି କେତେବେଳେ କହିଥିଲେ ଶ୍ୟାମାଦେବୀ ସଗର୍ବରେ—ଅସାମାନ୍ୟ ଲୋକଙ୍କୁ ବାରମ୍ବାର କହିବା ଭୁଲ । ସବୁ ଅସାମାନ୍ୟ ଲୋକ ଏକା ପ୍ରକାରର । କେହି କେହି ଦୁର୍ବୋଧ ହୋଇଥାଆନ୍ତି ।

ସ୍ତ୍ରୀ କଥିବାବେଳେ ମୋ ଶରତ୍ କୁ ଜାଣନ୍ତି,...ସ୍ୱାମୀ ହେଲେ ଭଲ ସ୍ତ୍ରୀ ଦେଖି ଆସିବେ । ସେ ଆପଣଙ୍କୁ ଶାସନ କରିବ କିନ୍ତୁ ହୁକୁମ କରିବ ନାହିଁ । ଅନୁରୋଧ କରିବ, ତର୍କ କରିବ ନାହିଁ...ଆମର ଶ୍ୟାମା ଝିଅ ଭଲ । ମୁଁ ଦେଖିଲାବେଳେ ତାଙ୍କର କିଛି ନାହିଁ । ଫେରି ଆସିଲେ ତାଙ୍କର ସବୁ ଅଛି । ପ୍ରତ୍ୟେକଥର ବାହାରୁ ଆସିଲେ ମୋର ମନେହୁଏ ସେ ଯେମିତି ପୃଥିବୀରେ କାହାର ଆଦ୍ୟ ଦେବସଙ୍କୁ ଫେରି ଯାଉଛନ୍ତି । ଅପୂର୍ଣ୍ଣରୁ ସମ୍ପୂର୍ଣ୍ଣ ହେଉଛନ୍ତି । ମୋର ମନ ଭରିଯାଏ ଅଶେଷ କୃତଜ୍ଞତାରେ ।

ପୁଣି ଗୋଟିଏ ଅଧ୍ୟାୟ—କେଶବବାବୁ ଗୃହତ୍ୟାଗୀ । ଆଉ କିଛି ବଦଳି ନାହିଁ । ଖାଲି ପରିବର୍ତ୍ତନ ଆସିଛି ଦୁଇଜଣଙ୍କର—କେଶବବାବୁ ଓ ଶ୍ୟାମାଦେବୀଙ୍କର ।

ଆଜି ସନ୍ଧ୍ୟାରେ ସିତାର ବାଜେ ନାହିଁ । ସନ୍ଧ୍ୟା ପୂର୍ବରୁ ସେ ବୁଲି ଯାଆନ୍ତି ନାହିଁ । ଆଗପରି ଏକା ସୁଭାଷ ବାବୁ ଛାତ ଉପରେ ବୁଲନ୍ତି । କିନ୍ତୁ ଶ୍ୟାମା ଦେବୀଙ୍କର ଦର୍ଶନ ମିଳେ ନାହିଁ । ସିଗାରେଟର ଧୂଆଁର କୁଣ୍ଡଳୀ ଯେମିତି କାହାରି ଭୂରିଭୂରି ପ୍ରତିବାଦ ନ ଉଠାଇ ପବନରେ ମିଳେଇ ଯାଏ । ଅପଲକ ଆଖି ସେହି ଶୂନ୍ୟତାରେ ଭରିଯାଏ ।

ଯେବେ ବେଳେ ଶ୍ୟାମାଦେବୀ ସୁଭାଷ ବାବୁଙ୍କ ଅଜାଣତରେ ତାଙ୍କର ଘର ଆଗ ଦେଇ ଫୋଣ୍ଟେନବେଲ ରାସ୍ତାରେ ଚାଲିରୁ ଧୂଳ ଝାଡ଼ନ୍ତି । ନୀଳ ଅଂଚଳ ସ୍ପଷ୍ଟ ତଳରେ କହନ୍ତି—ରାସ୍ତା ମୋଟେ ଚଳିଛି ଦେଇ ନାହିଁ । ତାଂ ମାଂ ଶୁଣିବି ଠିକ୍ ସୁଭାଷ ବାବୁଙ୍କ କୋଠରୀ ସାମନାରୁ । ଏହି ଶବ୍ଦ ସେ ଲୋକଙ୍କୁ ଶ୍ୟାମାଦେବୀ ଶୁଣିବଲେଣି । ଅଥଚ ସେଠାରେ ଲୋକଙ୍କ ଦେଖା ମିଳନ୍ତି ନାହିଁ ।

ତାଙ୍କ ଘରକୁ ଯିବାପାଇଁ ସୁଭାଷ ବାବୁ ଚେଷ୍ଟା ହୋଇପଡ଼ନ୍ତି । ଗୋଡ଼ ଅଚଳ ଯାଏ । ଯିବାପାଇଁ ବାଟ ପାଆନ୍ତି ନାହିଁ । ଡାକିଲେମା କିଛି କହି ନାହିଁ । ତେଣୁ ସେ ଶବ୍ଦ । ସମସ୍ତ ଅଙ୍ଗ ମେଳ ବାନ୍ଧି ଏମ ସଂଯୋଗ କରନ୍ତି ?

ମନରେ ଆବେଗ ଭରା କଳ୍ପନାକୁ କେମିତି ସେ ଗୁଡ଼ା ଉପରେ ବୁଲୁଥାଆନ୍ତି ତଥା ସମ୍ପର୍କ ନାହିଁ । ଆଜି ଶ୍ୟାମାଦେବୀ ଲୁଚି ରହନ୍ତି ଘର ଭିତରେ । ସେ ରାତ୍ରି ହେବା ଆଗରୁ ଦେଖା କରିବାକୁ ଯେତିକି ସୁବିଧା ଦେଉଥିଲା, ଅନ୍ଧକାର ହେବାପରେ ସେତିକି ଅଦୃଶ୍ୟ ହୋଇ ଯାଉଛନ୍ତି । କେଉଁ ନାରୀର ଅଳସ ଗଳାର ସ୍ୱର ବାରମ୍ବାର ଯେମିତି ଆବେଶ ସୁଭାଷ ବାବୁଙ୍କୁ ନିମନ୍ତ୍ରଣ କରୁଥାଇ । ସେ ଶୁଣନ୍ତି । ହୃତ୍‌ପିଣ୍ଡ ଧଡ଼ ଧଡ଼ ହୁଏ । ଶ୍ୟାମାଦେବୀଙ୍କର ସବୁ ସ୍ମୃତି ଭାସି ଉଠେ । ଅଭିମାନ ଭରା ନିଜ ମନକୁ ନିଜେ କହନ୍ତି—ତାଙ୍କର ମନ ଏବେ ତାଙ୍କର ଅଧୀନରେ ନାହିଁ ବୋଲି ଶ୍ୟାମାଦେବୀଙ୍କର ଏଇ ଅତ୍ୟାଗ୍ରହ ।

ରତନାକୁ ଜାଣନ୍ତି ଅତି ଶାନ୍ତ ସ୍ୱଭାବରେ । ପୁଣି କେତେ କେତେବେଳେ ସେମାନଙ୍କର ଅତିବାଳ୍ପ ଭାବନା—ସବୁ କଥାରେ କେତେବେଳେ ସେ ଲକ୍ଷବଧ ପୁଣି ତୋତଲେଇକି ଶାନ୍ତ ।

ଦୁହିଙ୍କ ମନରେ ବାରମ୍ବାର ପ୍ରଶ୍ନ ଉଠେ—ଆଜି କ'ଣ ଦେଖା ହେବନାହିଁ ସେ ନ ଫେରିବା ଯାଏ ?

ରହସ୍ୟମୟୀ ନାରୀ ଯେତେ ରହସ୍ୟ-ରଙ୍କୁଣୀ ହେଲେ ବି ନିଜେ ସବୁବେଳେ ରହସ୍ୟ ଖୋଲି ଦେଖିବାକୁ ଚାହେଁ । ହନା କାରଣରେ ବାବୁଟି ଲୁଚି ରହିଛନ୍ତି—ଏଇଟା ତ ଠିକ୍ ବୁଝେଁ । ଦେଖା ପଡ଼ୁଛନ୍ତି, କିନ୍ତୁ ଦେଖା କରିବାକୁ ଆସୁନାହାନ୍ତି । ଲାଜ ଲାଗୁଛି ବୋଧହୁଏ !

ଶ୍ୟାମା ଦେବୀ ବସି ବସି ତାଙ୍କର ଫଟୋଗୁଡ଼ିକୁ ଦେଖୁଥିଲେ । ପାଖରେ କୁନା ଆଉ ବେବି ହାମୁଟେଣ୍ଡଭ ପଢ଼ୁଥିଲେ । ଶ୍ୟାମାଦେବୀ ପଚାରିଲେ—ଦେଖିଲ ପିଲାଏ, କେଉଁଟା ଭଲ ହୋଇଛି ?

—ଏଇଟା—ଏଇଟା ।

କଳି ଲାଗିଲା—କେଉଁଟା ଭଲ ହୋଇଛି ମା କହିବ ।···ମୁଁ କହିପାରିବି ନାହିଁ ।···କାହାକୁ ପଚାରିବା ?

—ଅଚ୍ଛା ଦେଖ, ବେବି କୁନା କେମିତି ଦିଶୁଛନ୍ତି ?

ପିଲାମାନେ ଖୁସି ଭଲକରି କହିଲେ—ଆମେ ତ ଏଥିରେ ନାହୁଁ ।

—ହଁ ଅଛ ତମେ, ଯା, ବୁଝି ଆସିବ ସେ ବାବୁଙ୍କ ଘରୁ । ସେ ଚିହ୍ନିବେ ।

କୁନା ସବୁଯାକ ଛବି ନେଇ ଧାଇଁଲା ଦେଖାଇବାକୁ—ପଛରେ ବେବି ।

ଶ୍ୟାମାଦେବୀ ଚାହିଁ ରହିଲେ ପିଲା ଦୁଇଟିଙ୍କୁ । ସେମାନେ ଲେଉଟ ସମ୍ବାଦ ଆଣିବେ । ସେ ଉତ୍ତର ଶ୍ୟାମା ଦେବୀଙ୍କର ଖୁବ ଦରକାର । ସେ କିଛି ଖବର ପାଇ ନାହାନ୍ତି । ପାଖରେ ଥିବା ଲୋକଟି ଦୂର ହୋଇଯାଉଛି ।

ଆଗ ପଛ ହୋଇ ଅଜାଡ଼ି ହୋଇଗଲେ ଦୁଇଜଣ ଯାକ । ଉତ୍ସାହ ଯୋଗୁଁ ସେମାନେ ସୁଭାଷବାବୁଙ୍କର ଦୂରତା ମାପି ପାରୁ-ନଥିଲେ । ପିଲାମାନଙ୍କୁ ଅଡ଼ୁଆ ଲାଗୁ ନାହିଁ ।

—ମା ପଚାରିଛି କହି ଦେବାକୁ କୋଉଟା ଭଲ—କହି ଫଟୋଗୁଡ଼ିକ ଥୋଇଲେ ସୁଭାଷବାବୁଙ୍କ ଆଗରେ । ସବୁ ଫଟୋ-ଗୁଡ଼ିକ ପୁରୁଣା ଦିନର ଭିନ୍ନ ଭିନ୍ନ ଅବସ୍ଥାର—ଶ୍ୟାମାଦେବୀଙ୍କର । କୁନା, ବେବି, ସମସ୍ତଙ୍କର । ଖାଲି ନାହାନ୍ତି ସୁଭାଷବାବୁ ।

ମନ ଦେଇ ସେ ସବୁଗୁଡ଼ିକ ଦେଖିଲେ । ହସି କୁନାକୁ କହିଲେ—ଆଜିକାଲି କାହିଁକି ମା କାଖରେ ବସୁ ନାହିଁ ? ପିଲାବେଳେ ମା କାଖରେ ରହୁଥିଲୁ ତ ଭଲ ।

—ମା ଆଉ ଭଲ ପାଉ ନାହିଁ । ପଢ଼ା ନକଲେ ମାଡ଼ ଦେବ ବୋଲି କହୁଛି । ବେବି ପ୍ରତିବାଦ କଲା ଖୁବ କଥାରେ । ଭୁଲ, ମା'କୁ କହି ଦେଉଛି । କୁନା ପଚାରିଲା—କେମିତି ହୋଇଛି ଫଟୋ ? ବାପା ବି ଉଠିଛି ଫଟରେ···ମାର କେଉଁ ଛବିଟା ଭଲ ?

ଧୀର ସ୍ୱରରେ ସୁଭାଷବାବୁ କହିଲେ—ସବୁଯାକ ଭଲ ହୋଇଛି । ଭଣ ମଣିଷର ଛବି ଖୁବ ଭଲ ଉଠେ । ତମେମାନେ ଯେମିତି ଖୁବ ଭଲ, ମା'ବି ସେମିତି ।

କୁନା ଏକା ନିଶ୍ୱାସରେ କହିଗଲା—ମା ଖୁବ ଭଲ ଗୀତ ଗାଇ ପାରେ । ରାନ୍ଧି ପାରେ ଆଉ ଛବି ଆଙ୍କି ପାରେ ।

ବୈଶ୍ୟାରେ ଆସି ଜାଣେ ପଞ୍ଚୁଆଲ ପିଲା ଦୁଇଟିଙ୍କ କଥାରେ ୧୦ ଜଣଙ୍କର ମଧ୍ୟ ମାଗୁ ନିଶ୍ଚିନ୍ତ ଘର ଭାଙ୍ଗିବେ ବୋଲି । ଏବେ ତ ବଦଳେ ଯୋଡ ଯାଉଥିବାକୁ ମନା କରିବେ ।

ବୈଷ୍ଣବଙ୍କ ନିଷ୍ଠା [illegible] ପାଖେ ଅଭିଯୋଗ କରୁଥାନ୍ତେ— ଶ୍ୟାମାଦେବୀ କୁହିଁ ହେଉ ।

ଅଳିବାକୁ ଆଦର ପିଲା ଦୁଇଟିଙ୍କୁ ଭଲପାଇ ଦେଇଥିଲା । ଦୁହିଁଙ୍କ କଥା ଠିକ୍ ହୋଇଛି ।

ଜନ୍ମାଣୁ ଦିନେ ଶ୍ୟାମାଦେବୀ ପିଲା ଦୁଇଟିଙ୍କର ଆସିବାକୁ ଅପେକ୍ଷା କରୁଥିଲେ । ସେହି ସମୟରେ ଖାଲି ଚିତ୍କାର କରି କରି ପିଲାମାନେ ଆସିଲେ — ଏଇ ମା ! [illegible] ଭଲ ହୋଇଛନ୍ତି ବୋଲି । ଭଲ ହୋଇଯିବେ ପାଠ ଭଲ ହେବ ! ଆମ ସମସ୍ତଙ୍କର ଭଲ ହେଉଛି ।

—କେମିତି ଜାଣିଲ ଠିକ୍ କରି ?

—ନାହିଁ । ଶୁଭ ଦେଖିଛୁ ।

ଶ୍ୟାମାଦେବୀ ହସିଲେ । ଏଇ ପିଲା ଦୁଇଟିଙ୍କୁ ପିଠି ଥାପୁଡ଼ାଇ କହିଥିଲେ — ସେମିତି ଭଲ ପିଲା ହୋଇଥିଲେ ସବୁଦିନେ ତମର ପାଠ ଭଲ ହେଉଥିବ ।

ସେଦିନ ଅନ୍ୟ [illegible] ଶ୍ୟାମାଦେବୀ ଜୁଡ଼ାରେ ଫୁଲ ଖୋସି ଭଲ କରି ହୋଇଥିଲେ — ସୁଭାଷବାବୁଙ୍କ ଦୃଷ୍ଟି ଆକର୍ଷଣ କରିବାପାଇଁ । ସେ [illegible] ମୁହଁରେ କି ଭୁଲିପିବେ ସେତକ ପରଖ କରିବାକୁ ।

ସୌନ୍ଦର୍ଯ୍ୟର ଗୋଟିଏ ବିଶେଷ ଗୁଣ କି ଦୋଷ ହେଉଛି ଯେ ସେ ଅନ୍ୟର ପ୍ରଶଂସା ଲୋଡ଼େ । ନିର୍ଜୀବ ଛବିକୁ ଚାହିଁଲେ ବି ମନେ ହୁଏ ଯେପରି ଅସୀମ କାକୁତିରେ ସେ ଚାହିଁ ରହିଛି ଟିକିଏ ପ୍ରଶଂସା ପାଇଁ । ଶ୍ୟାମାଦେବୀଙ୍କୁ ସେଦିନ ଦେଖି ସୁଭାଷବାବୁ ଭିତରର କାଙ୍ଗାଳ ମନର ସବୁ ଦୈନ୍ୟ ଭଲରି ବୁଝିଥିଲେ ଯେ ଶ୍ୟାମାଦେବୀ ମଧ୍ୟ ଖୋଜୁଛନ୍ତି ପ୍ରଶଂସା—ନିଜ [illegible] । ହେଉ, ଦେଉ ନ ଥିଲେ ଏତେ ଦିନ ।

ତାଙ୍କର ଦୃଷ୍ଟି ସୁଭାଷବାବୁଙ୍କ [illegible] । ଦୂରରୁ ତାଙ୍କର ଲାଜ ସରମ ଦିଶୁନାହିଁ । କିନ୍ତୁ ସେ [illegible] ଲୁଚାଉ ନାହାନ୍ତି । ତେଣେ ସୁଭାଷବାବୁଙ୍କର ମନେ [illegible]—ଯେମିତି ସେ ଠିଆ ହୋଇ ଶ୍ୟାମାଦେବୀଙ୍କୁ ଖୋଜୁଛନ୍ତି । [illegible] ତାଙ୍କୁ ଦେଖୁଛନ୍ତି ସମସ୍ତେ ।

ଶ୍ୟାମାଦେବୀ ନଥିଲାବେଳେ ସେ [illegible] ବେଳ ରହି ପାରୁଥିଲେ । ସେଦିନ ସେ ଓହ୍ଲାଇଗଲେ [illegible] ।

ଶ୍ୟାମାଦେବୀ ଚାଲିଗଲେ ଘର ଭିତରକୁ—ଏଇ ରୂପକାଙ୍ଗାଳ ପ୍ରୀତିକାଙ୍ଗାଳ ଲୋକେ ହୁଏତ ଏମିତି ମନର ଆଶାକୁ ସଫଳ ନକରି ବ୍ୟର୍ଥ କରନ୍ତି । ଅନ୍ଧାରରେ ଲୋକଲୋଚନ ଅନ୍ତରାଳରେ ଯେମାନେ ଆଶାପୂର୍ଣ [illegible] ପାଇଁ ଯେତିକି ବ୍ୟଗ୍ର; ଦେଖା ହେଲେ ଅନ୍ୟର ଦୃଷ୍ଟି ଆଗରୁ [illegible] ସେତିକି ବ୍ୟଗ୍ର ।

ସେଦିନ ସୁଭାଷ ବାବୁ ଶ୍ୟାମାଦେବୀଙ୍କ ଘର ଆଡ଼େ ଯିବାକୁ ଖୁବ ଇଚ୍ଛାକରିଥିଲେ ଘରେ [illegible] । ଭିତରକୁ ଯାଇ ପାରିଲେ ନାହିଁ । ଆଗ ବଢ଼ି ଫେରିଗଲେ । ଶ୍ୟାମାଦେବୀ ଦେଖିଥିଲେ ତାଙ୍କୁ ଆଜି ସେ ବି ଦେଖିଛନ୍ତି । କେହି ଅଟକି ରହି ନାହାନ୍ତି । କେହି ମଧ୍ୟ ଅଟକାଇଲେ ନାହିଁ । ପିଲାମାନେ ନଥିଲେ ।

ସନ୍ଧ୍ୟା ବେଳକୁ ଶ୍ୟାମାଦେବୀଙ୍କର ଦୁଆରେ ବହୁତ ଲୋକଙ୍କର ମେଳ । ତାଙ୍କର ପରିଚିତ ପରିବାରଟିଏ ଆସିଥିଲେ । ହସମିଶା କଥାର ଝଙ୍କାର ବାରମ୍ବାର ସୁଭାଷବାବୁଙ୍କର ତନ୍ଦ୍ରା ଭାଙ୍ଗୁଥିଲା ।

ବାରମ୍ବାର ହସ—କଥା କଥାରେ, ଆଲୋଚନାର ପ୍ରତ୍ୟେକ ସ୍ତର ଯୋଗାଉଛନ୍ତି ଅପୂରନ୍ତ ହସର ଫୁଆରା । ଏତେ ଆନନ୍ଦ ଏକାଠି ଠୁଳ କରି ପାରନ୍ତି ସ୍ତ୍ରୀମାନେ ! ସଙ୍ଗୀତର ବିଭିନ୍ନ ପଦ ପରି ପିଲାମାନଙ୍କର ଆନନ୍ଦ କୋଳାହଳ ସୁଭାଷ ବାବୁଙ୍କର ନିର୍ଜନତାର ପୃଷ୍ଠଭୂମିରେ ଆଘାତ ଦେଉଥାଏ ।

ଶ୍ୟାମାଦେବୀଙ୍କୁ ବାରମ୍ବାର ଦେଖିଥିଲେ । ତାଙ୍କର କଥା ଶୁଣିଥିଲେ । କିନ୍ତୁ ହସ ଶୁଣି ନ ଥିଲେ । ସେହି ହସର ଲହର ସରିଯାଇଥିବା ସଙ୍ଗୀତର ଶେଷ ମୂର୍ଚ୍ଛନା ପରି ବାରମ୍ବାର କାନରେ ଆସି ବାଜୁଥିଲା । କଥା ଯେମିତି ଅଳସ, ହସ ସେହିପରି ତରଳ । ସତେ ଯେପରି ଦୁଇ ପ୍ରକାରର ସ୍ୱର ଓ ଦୁଇ ପ୍ରକାର ରାଗିଣୀ ଶ୍ୟାମାଦେବୀଙ୍କର କଣ୍ଠରେ ରହିଛି ।

ବାବୁଙ୍କ ମନରେ ଈର୍ଷା । ଶ୍ୟାମାଦେବୀଙ୍କର ଏତେ ଆନନ୍ଦ ! ସେଥିରୁ ତାଙ୍କୁ ବଞ୍ଚିତ କରି ସେ ଏକା ଏକା ଉପଭୋଗ କରୁଛନ୍ତି । ବାହାରର ଲୋକେ କ'ଣ ତାଙ୍କର ଏତେ ପ୍ରିୟ ? ସେଥିରେ କ'ଣ ସୁଭାଷବାବୁଙ୍କର ଭାଗ ନାହିଁ ?

ବାରମ୍ବାର ଚାହୁଁଥିଲେ କୋଠାଉପରୁ—ରଙ୍କୁଣୀ ଚାହାଣୀ, ଈର୍ଷା-କାତର ଚାହାଣୀ ! ଦୁଆରେ ଜଳାହୋଇଛି ଗୋଟିଏ ଗ୍ୟାସ

ଆଲୁଅ । ବିଜୁଳି ଆଲୁଅ ନଥାଇ ବିଜୁଳି ଆଲୁଅର ଉଜ୍ଜ୍ୱଳତା ଆଣିବାକୁ ଶ୍ୟାମାଦେବୀ ସେଦିନ ସନ୍ଧ୍ୟାଟିକୁ ଆଲୋକ—ପ୍ଲାବିତ କରିଥିଲେ । ବିଭିନ୍ନ ପ୍ରକାରର ରୂପ ଓ ବର୍ଣ୍ଣର ସମାବେଶ—ସୁଭାଷବାବୁ ଦେଖୁଥିଲେ ପ୍ରେମିକର ଏକମନା ଦୃଷ୍ଟିରେ ତାଙ୍କର ସେଦିନ କୃଷ୍ଣପ୍ରିୟା ବା ଶ୍ୟାମାଦେବୀଙ୍କୁ—ବାରି ହୋଇ ପଡ଼ୁଛି ତ !

ସେଇଠି କଥା ଚଢ଼ିଥାଏ—ଶ୍ୟାମାଦେବୀ ଯିବେ ସହର ଗୁଡ଼ । ତାଙ୍କର ଗୋଟିଏ ବନ୍ଧୁର ଭଉଣୀ ବାହାଘର । ଶ୍ୟାମାଦେବୀ ନ ଗଲେ ଚଳିବ ନାହିଁ ।

— କ'ଣ, କହ ଶ୍ୟାମା, ଯିବୁ କି ନାହିଁ ?

ସେଇ ଅଳସ କଣ୍ଠରେ ଉତ୍ତର ନ ଦେଇ କୁମାରୀ-ସୁଲଭ ପ୍ରଗଲ୍‌ଭତାରେ ଶ୍ୟାମାଦେବୀ କହୁଥାନ୍ତି—ଘରେ ପରା କେହି ନାହାନ୍ତି—ସେ ତସ୍ତରେ ଯାଇଛନ୍ତି ।

କାନ ଡେରିଥାନ୍ତି ସୁଭାଷବାବୁ—ଆଉ କେହି !—ନା କିଛି ଶୁଭିଲା ନାହିଁ । ଗୁଡ଼ିଯିବା ପାଇଁ ଶ୍ୟାମାଦେବୀଙ୍କର ଅନ୍ୟ କିଛି ବନ୍ଧନ ନାହିଁ—ଖାଲି ତାଙ୍କର ଘର ଓ ପରିବାରକୁ ଗୁଡ଼ ।

—ବାବୁ ଗସ୍ତରେ ଗଲେ ତ ରହିବାରୁହୁ ବେଶ୍ । ଆଉ ତୁ ସେମିତି ଗଲେ ବାବୁ କ'ଣ ଚଳିପିବେ ନାହିଁ କି ? କାକୁଡ଼ି ଲଟା ଖଡ଼ିପରି ଆମ ଶ୍ୟାମା ଏବେ ଶିଖିଗଲାଣି—ସେ ଗଲେ ଘର ମରିଯିବ···ପୁଣି କିଏ କହିଲେ—ଦେଖ ମ, ଧରିଦ ! ଦିନ ଯେତିକି ବେଶି ହେଉଛି ସେତିକି ସୁହାଗ ବଢ଼ୁଛି ।

—ମାସ୍ଥା ସିନା ବଡ଼ନ୍ତା । ଏ ତ ବଢଉଛି ଛଟକି ! ଏଣେ ଏକା ରହିଛି ସହର ବଜାରରେ ।···ଦି'ଘରର ଦିନ ଗଲେ ସବୁ ସ୍ତ୍ରୀ'ର ଲଟିଡ଼ି ଯାଉଛି···! ଘର ଭାଙ୍ଗି ଚଢ଼ିବ···

ଏହି ପ୍ରକାରର ଆଲୋଚନା ଶ୍ୟାମାଦେବୀଙ୍କୁ ଘେରି ଗୁଞ୍ଜିଥାଏ—ତାଙ୍କୁ କାଟି ନେବାପାଇଁ ସେଇ ଦଳ । ନଇଁ ପଡ଼ି ସୁଭାଷବାବୁ ରହିଁ ଥାଆନ୍ତି ଶ୍ୟାମାଦେବୀଙ୍କ ମୁହଁ ଆଡ଼କୁ—ଯେପରି ଅସ୍ପଷ୍ଟ ହେଲେ ବି [illegible] ଜାଣିଯିବ ! କି ଶୁଭୁଥିବ…'ସେ ନାହିଁ କରିଦେଲେ ।'

କାହିଁ ହେଲା ନାହିଁ ତ ! ପୁରୁଣା ବନ୍ଧୁମାନଙ୍କର ଅନେକ ଉପରୋଧ ରଖି ଶ୍ୟାମାଦେବୀ ହୋଇଥିଲେ ଯିବା ଲାଗି । ବେଶୀ ନୁହେଁ—ବହୁଦିନ । ସେଥିପାଇଁ ଯଦି ତାଙ୍କୁ ଅନୁମତି ଦିଅନ୍ତୁ ଆଉ ବନ୍ଧୁମାନେ ଲୋକ ପଠାଇ ଅଥବା ତାର କରି ତାଙ୍କଠାରୁ ନିର୍ଭର ଆଉ ନିର୍ଦ୍ଦିଷ୍ଟ ଅନୁମତି ଆଣିଥାନ୍ତେ ।

—ଆହା ! ଏମିତି ନାଁ ନେବା କାହିଁ ଅଛି !

ପୁଣି ଥରେ ଲୋହାର ଧକ୍କା ଉଠିଲା ଦୁଆର ଉପରେ । ଗ୍ୟାସ ଆଲୁଅର ଶିଖା ନିଷ୍ପ୍ରଭ ଦିଶିଲା ସେଇ କୋଳାହଳ ପାଖରେ ।

ସମସ୍ତେ ଏକାଠି ହୋଇ ଏହା ପ୍ରକାରରେ କହୁଥିଲେ— ଶ୍ୟାମା ଭଲ ଅଭିନୟ କରିଜାଣେ । ନାଟକ ଦେଖାଇ ପାରେ । ଯେତିକି ଭକ୍ତି ଅଛି, ତହିଁରୁ ଅଧିକ ଦେଖାଇ ପାରୁଛି ।…ବାଃ

—ଏତେ ରାଗ ଧୂଆଁରେ ହେବ କୋଳି କିଏ ଗାଉଥିଲା । ଯାହା ହେଉ ଶ୍ୟାମା ଭଲ ବାଟ ଧରି ନେଇଛି ତା'ର ଘରଟିକୁ ଆଉ ବରଙ୍କୁ ବି !

ଆଉ ଜଣେ କହିଲା—ଏମିତି ମନ ନେଇଜାଣିଲେ ସବୁ ଆଡ଼େ ତ ତ୍ରିଭୁବନ ପାଲଟି ଯାଆନ୍ତା ! ସମସ୍ତେ ସମସ୍ତଙ୍କୁ ଟେକି ଧରିଥାନ୍ତେ ମୁଣ୍ଡରେ । ଶୁଖିଲାମୁହଁ ତରୁଣୀମାନଙ୍କଠାରୁ କୁଣ୍ଡଳୀ ଛଟକାମାନେ ବଡ଼ ହୋଇ ପୂଜା ପାଆନ୍ତେ ।

···ଚାଲି ନାହାନ୍ତି କି ? ଚାଲିଛନ୍ତି ଆଉ ଚାଲିବେ ଓ ଚାଲି-ଥିବେ । ଯେ ବ୍ୟବହାରରେ ଭଣ୍ଡି ପାରିଲା, କଥାରେ ମୋହି ପାରିଲା, ସେଇ ତ ଆଣି ସମସ୍ତଙ୍କ ଆଖିରେ ବୋଳିଦେଲା ମନ-ମୋହିନୀ ଅଞ୍ଜନ । ସେହି ମୋହିନୀକୁ କିଏ ବଶ କରିପାରିବେ ? ଦୁନିଆଁ ତା'ର ଗୋଡ଼ ତଳେ । ସଂସାରର ମୂଲ୍ୟବାନ ବିଷୟ ହେଲା —ଅଭିନୟ ।

ସେ ଦିନର ଗହଳ ଭାଙ୍ଗିବା ପରେ ବହୁତ ବେଳଯାଏ ସୁଭାଷ ବାବୁଙ୍କର କାନ ପାଖରେ ଦୁଇଟି ସ୍ୱର ଶୁଭୁଥିଲା । ଗୋଟିଏ ଶ୍ୟାମା ଦେବୀଙ୍କର ହସ । ଆଉଟି ତାଙ୍କର ଅଭିନୟକୁଶଳତାର ବିବରଣୀ । ବାରମ୍ବାର ସେ ମନକୁ ପଚାରୁଥିଲେ—ଏଇ କ'ଣ ଶ୍ୟାମାଦେବୀଙ୍କର ପରିଚୟ ? ସତେ କ'ଣ ସେ ଖାଲି ଅଭିନୟ କରେ !

ଅଭିନୟରେ ହୃଦୟ ନଥାଏ । ଅଭିନୟଠାରୁ ହୃଦୟ-ଭରା କଥା କେଇପଦ ସଂସାରରେ ବହୁତ କାମରେ ଲାଗେ ।

ଉରି ଉରି ଫୁଲଗୁଡ଼ିଏ ସକାଳେ ଆଣି ଥୋଇଲାବେଳେ ବେଣୁଧର ପଚାରିଥିଲା ବାବୁଙ୍କୁ—ଆଣିବି କି ନାହିଁ ।

ବାବୁ ବୁଝିପାରିଲେ ନାହିଁ । ଭଲ ଫୁଲ ଗୁଡ଼ିଏ ! ବିଚକ୍ଷଣ ବେଣୁଧର ସଂଗ୍ରହ କରିଛି । ବୁଝି ନପାରି ପଚାରିଲେ—କ'ଣ କହୁଛ ବେଣୁଧର ?

—ସବୁଦିନେ ଆଣିବି ?

କୋଉଠୁ ଆଣୁଛ କି ?

ଉପରେ ଛଳନା କରି କହିଲା—ତାଙ୍କ ପରୁ । ମା ଦେଖିଲେ । —ଦେଲାବେଳେ କହିଲେ—ଫୁଲଗୁଡ଼ାକ ଝଡ଼ିପଡ଼ୁଛି ତଳେ । ନେଉନାହିଁ । ବାବୁ କ'ଣ ଫୁଲକୁ ମୁଖ ପାଆନ୍ତିନାହିଁ ?

ବାବୁଙ୍କ ମୁହଁର ରେଖାଗୁଡ଼ିକ ଫୁଟି ଉଠିଲା । ଆଗଦିନ ରାତିରେ ଶୁଣିଥିଲେ—ଶ୍ୟାମାଦେବୀ ଅଭିନୟ କରି ଜାଣନ୍ତି । ବିକ୍ଷୁବ୍ଧ ସ୍ୱରରେ ପଚାରିଲେ— ହୁଁ ତମେ କ'ଣ କହିଲ ?

—ଶୁଣିଛ ? କହିଲି—ଫୁଲକୁ କିଏ ମୁଖ ନ ପାଏ । ଆପଣ ଜାଣେ ଦେବେ ନାହିଁ ବୋଲି ମୁଁ ମାଗୁ ନଥିଲି । ସେଇଠୁ ସେ ନିଜେ ବାଛିବୁଛି ଏତେ ଦେଇ କହିଲେ—ଏଥିରେ ସବୁ ରଙ୍ଗର ଫୁଲ ଅଛି । ବଡ଼ ସାନ ସବୁ ପ୍ରକାରର ଫୁଲ ଅଛି । ଠିକ୍ କରି ସଜେଇବ—ସୁଆଡ଼ୁ ଗୁହିଁଲେ ନୂଆ ପ୍ରକାରର ଦିଶିବ । ଆଜ୍ଞା,—ଖାଲି ବୁଦ୍ଧି ତାଙ୍କର !

ମୁହଁରେ ଆନନ୍ଦ ଉକୁଟି ଉଠିଲା ନାହିଁ । ବେଣୁଧରୁ ବିବ୍ରତ ହୋଇ ପଡ଼ିଲା । ଆପଣା ଭୁଲ ସଜାଡ଼ିବାକୁ ଯାଇ କହିଲା—କି ଫୁଲ ଏ ଗୁଡ଼ାକ ! ଦେଖିଲେ ବୋଲି ଯିବା ବୋହିଆଣିଲି । ଆମ ସାହିବଙ୍କ ହତାରେ ଯୋଉ ଜାତିଜାତିକା ଫୁଲ ଅଛି, ସେଥିରୁ ଗୋଟାଏ ଆଉ ଏଥିରୁ ପାନ୍ତୁଆ ଏ—

ପହଲମା ଆସି ପହଞ୍ଚି ଯାଇଛି । ଦୁହେଁ ଅପରାଧୀ ପରି ପହଲମାକୁ ଗୁହିଁଲେ । ଶ୍ୟାମାଦେବୀଙ୍କର ବଗିଚାର ଫୁଲ ରହିବ ନା କଡ଼ା ହେବ—ବେଣୁଧର ଖବୁଛି ଥୋଇଦେବାକୁ ବାହାରେ । ବାବୁଙ୍କ ଠାରୁ ଇସାରା ପାଇଲେ ହେଲା ।

ପହଲମା ବେଣୁଧରକୁ ତାଗିଦ୍ କରି କହିଲା—ଯେମିତି ମା କହିଛନ୍ତି ସେମିତି ରଖ । ସେ ଆଜି ଆସି ପରୀକ୍ଷା କରିବେ ଖରା-ବେଳେ । ଯାଉଛନ୍ତି ବାହାଘରକୁ । ସେ ମତେ କହିଛନ୍ତି—

ସବୁଦିନେ ମୁଁ ଫୁଲ ଆଣି ଦେଉଥିବ ଏଠି । ସେ ଫେରିବା ଯାଏ,

ସୁଭାଷ ବାବୁ ପଚାରିଲେ—କାହିଁକି ?

—ମୁଁ କେମିତି ଜାଣିବ ? ତାଙ୍କର କେତେବେଳେ କୋଉ ମନ । ପିଲାଏ ଗୋଟିଏ ଫୁଲ ଛିଣ୍ଡାଇଲେ ସେ ନିଆଁ ହୋଇ ଯାଆନ୍ତି । ଆଜି ତ ପୁଣି ଏତେ ପଠେଇଦେଲେ ଏଠିକି । କେଜାଣି ବାବୁ —...

କ'ଣ କହୁଥିଲି କହିପାରିଲି ନାହିଁ । କହିଥିଲେ ହୁଏ ତ କଥାଟି ଶେଷ ହୋଇଥାଆନ୍ତା । ବାବୁ ଆଉ ବେଣୁଧର କହି ଥାଆନ୍ତେ କଣ୍ଟୁ ।

ଫୁଲଗୁଡ଼ାକ ବେଶ୍— । ଗଛରେ ଥିଲେ ସିନା ଶୋଭାପାଏ । ମଉଳି ଯିବ । ତା ଗଛରୁ ଶିଶି ଭୁଟିଯିବ...। ହଉ ବେଣୁଧର ! ସଜେଇ ରଖ । ବାବୁ କହିଦେଇ ବାହାରିଗଲେ ଦୁଆରକୁ ।

ସୁଭାଷ ବାବୁ ଚୁପ୍‌ଚାପ ଥିଲେ । ସେ ଠିକଣା କରିଛନ୍ତି ଯେ ଶ୍ୟାମା ଦେବୀଙ୍କ କଥା ଆଉ ଭାବିବେ ନାହିଁ ।

ଦୁଆରେ ବାବୁଙ୍କୁ ଦେଖି ପଦ୍ମଲୋଚନ ନିଜର ନିଜର ଲୋକପର ଶ୍ରଦ୍ଧାର ଅତ୍ୟାଚାର ଆରମ୍ଭ କଲା—ସତେ ବାବୁ, ମା ନ ଆସିଲେ ଘରକୁ ମାନୁନାହିଁ ।

ସେ କଣ୍ଟୁ ନ କହିବାରୁ ପଦ୍ମଲୋଚନ ପୁଣି କହିଲା—ଦେଖୁ- ନାହାନ୍ତି ସେ ବାବୁଙ୍କୁ । ସବୁବେଳେ ଘର ପୁରି ରହିଛି । ଆଉ ଏଠି ଚଢ଼େଇଟିଏ ବି ଆସୁ ନାହିଁ । ଘରଟା ଖାଲିଖାଲି ଲାଗୁଛି ବୋଲି ମୁଁ କହିଥିଲି ଆମ ମା'ଙ୍କୁ । ଶୁଣି ସେ କହିଲେ, ବାବୁ କ'ଣ ବାହାହେବେ ନାହିଁ କି, ହେବେ । ଖାଲି ସଅଳ ଉଚ୍ଚୁର କଥା ଯାହା ।

—ସେ କେମିତି ଜାଣିଲେ ?

—ମା ନ ଥାଇ ମାଯ୍ବା ନାହିଁ । ସେଠି ଦରି କଥା ପଡ଼େ—ବାବୁ ଆପଣ ଭାରି ସ୍ନେହୀ ଲୋକ । ଭାରି ଭଲ ଲୋକ···

—ଥାଉ । ତାଙ୍କୁ କହିବ ବାବୁଙ୍କ କଥା ଘରେ କଥା ହେବେ ନାହିଁ । ବାବୁ ତ ତାଙ୍କ ଘର କଥା ବୁଝୁ ନାହାନ୍ତି ଏଠି ।

ପଦ୍ମମା ମୁହଁ ଉପରେ ଚିନ୍ତାର ଗଭୀର ରେଖା ଫୁଟି ଉଠିଲା । ଏଇ ହାକିମଙ୍କୁମା ଲୋକେ ଭାରି ଏକବାଗିଆ । କିଛି ବୁଝନ୍ତି ନାହିଁ । ସବୁବେଳେ ଚମଚମ ହେଉଥାଆନ୍ତି । ସମସ୍ତଙ୍କ ଅଲକ୍ଷ୍ୟରେ ସେ ଥରେ ନାକ ଛିଞ୍ଚାଡ଼ି ଦେଲା ।

ବେଣୁଧର ବାହାରି ଆସିଲା କୋଠରୀ ଭିତରୁ । ପଦ୍ମମା'କୁ ଲକ୍ଷ୍ୟ କରି କହିଲା—କି ଫୁଲଗୁଡ଼ାକ ! ମୋଟେ ସଜାଡ଼ି ହେଉନାହିଁ । ମୁଁ ତାକୁ ରଖିଦେଇଛି କାଚ ଥାଳିଆରେ । ଉପରେ ପାଣି ଛିଞ୍ଚି ରଖିଛି ।

ଶ୍ୟାମାଦେବୀ ସବୁ ସମ୍ବାଦ ମୋଟାମୋଟି ସଂଗ୍ରହ କରିନେଲେ । ବାବୁଟି ଭାରି ଚିଡ଼ି ଯାଇଛନ୍ତି । ନିଜକୁ କହିଲେ—ଅଧିକାର ନ ଥାଇ ଯେ ଅଧିକାର ଚଳାଇବାକୁ ବସେ ତାକୁ ବୋକା ନ କହି ଆଉ କ'ଣ କହିବ ! ଦେଖ ମ ! ଆମ ଉପରେ ଛୁରୀ ଭୁଲିଲଣି ।

ଓଠରେ ଓଠ ଚାପି ଶ୍ୟାମାଦେବୀ ଗ୍ରହିଁଲେ ସେ ଘରଟି ଆଡ଼କୁ । ମନେ ମନେ ହେଲେ—ବାବୁ ଖେଳ ଜାଣନ୍ତି ନାହିଁ ବୋଲି ଖେଳୁ ନ ଥିଲି । ଖେଳିଲେ ବାବୁ ଜାଣନ୍ତେ । ଆଉ ଛୁଇଁନ୍ତେ ନାହିଁ ଯେ—

ଚଞ୍ଚଳା ନାରୀର ଅଭିମାନ ଓ ଗର୍ବରେ ଆଘାତ ଦେବା ସବୁବେଳେ ଭୁଲ । ସେ ଇଚ୍ଛାକଲେ ନିଆଁ ଜାଳିଦେଇ ପାରେ । ପୁଣି ସେମିତି ନିଆଁକୁ ଲିଭେଇ ପାରେ ।

ଫୁଲଗୁଡ଼ିକୁ ଗୁହିଁ ସୁଭାଷବାବୁ ଟିକଏ ଅନୁତାପ କରିଥିଲେ । —ସତରେ ଭଲ ଫୁଲଗୁଡ଼ିଏ । ଅଭିମନ୍ୟୁ ହେଉ କି ମନର ସରାଗରେ ହେଉ, ବର୍ଣ୍ଣଶ୍ରୀ ପଠାଇଥିଲା ତାଙ୍କର ମନ ନେବାକୁ । ପଦେ ଭଲ କଥା ଶୁଣିଲା ନାହିଁ । —ଯେତେବେଳେ ଗ୍ରୁଳଯାଉଛି ତ । ଗଲାବେଳେ ଦ'ଘର ଭିତରେ ଗୋଟିଏ ଡୋର ବାନ୍ଧି ଦେଇଯାଉଛି--ଫୁଲ ଡୋର ।

ଭୁଲିବାକୁ ଚେଷ୍ଟା କରି ସେ ନିଜକୁ କାମରେ ଲଗାଇଲେ । ମନ ସାହା ହେଉ ପଛକେ, ଆଉ ସୁଭାଷବାବୁ କୋଠାଉପରକୁ ଯାଇ ନାହାନ୍ତି କି ସେହି ରାସ୍ତାରେ ଆଉ ଶ୍ୟାମାଦେବୀଙ୍କ ଘର ଆଡ଼କୁ ପାଦ ପକାଇ ନାହାନ୍ତି ।

ଶ୍ୟାମାଦେବୀ ଗୁହିଁ ରହନ୍ତି । ତାଙ୍କର ସମସ୍ତ ପ୍ରଚେଷ୍ଟା ବୃଥା ହୋଇଛି । ସେ କିଛି ବୁଝି ପାରିଲେ ନାହିଁ ।

ସେ ଦିନଟି ପାର ହୋଇଗଲା । ତାଙ୍କର କ୍ରୋଧ ଚଞ୍ଚଳତାର ରୂପ ନେଲା । ସେ ପିଲା ଦୁଇଟିଙ୍କୁ ପଠେଇଲେ ସୁଭାଷବାବୁଙ୍କୁ ଡାକିନେବାକୁ ।

—ଆସ, ମା ଡାକୁଛନ୍ତି । ଦୁଇଟିଯାକ ପିଲା ଦ'ହାତ ଧରି ଟାଣିଲେ । ସେଇ କଅଁଳ ସ୍ପର୍ଶ ତାଙ୍କୁ ଶ୍ୟାମାଦେବୀଙ୍କର ସ୍ପର୍ଶ ପରି ମନେହେଲା ।

—କାହିଁକି ଡାକୁଛନ୍ତି ?

—କେଜାଣି । କହିଲେ ତ ଯାଅ ଡାକିଆଣିବ । ଗୁଲ ଯାଅ— ।...ପିଲା ଦୁଇଟି ଟାଣିଲେ ।

ହସି ହସି ସୁଭାଷବାବୁ ବାହାରିଲେ । ଦୁଇ ପାଖରେ ଦୁଇଟି ପ୍ରହରୀ । ତାଙ୍କର ଯିବାକୁ ଯେପରି ମୋଟେ ଇଚ୍ଛା ନୁହେଁ ।

ସେଇ ଗୋଳମାଳ ଭିତରେ ସେ ଭାବିବାକୁ ଚେଷ୍ଟା କରୁଥିଲେ—ଏଇ ଯୋଉ ନୂଆ ଖେଳ ଆରମ୍ଭ ହେଲା, ସେଇଟା କଣ ଭଲ ନା ମନ୍ଦ ! ମିଳନ ନା ବିଚ୍ଛେଦ ! —ଆଗରେ ଶ୍ୟାମାଦେବୀଙ୍କ ଘର ।

କେହି ବସି ନାହାନ୍ତି । ପିଲାମାନେ ତାଙ୍କୁ ନେଇ ଘରେ ବସାଇଲେ ।

ପିଲାମାନେ ଧାଇଁ ବାହାରିଗଲେ ଭିତରକୁ । ସେ ବସିଥାନ୍ତି ସେଠି—ଶ୍ୟାମାଦେବୀଙ୍କର ଓ କେଶବବାବୁଙ୍କର ଛବି ଦୁଇଟିକୁ ଚାହିଁ । ଶ୍ୟାମାଦେବୀଙ୍କର ଦେଖା ନାହିଁ । ସୁଭାଷବାବୁ ଚଞ୍ଚଳ ହୋଇ ଉଠିଲେ ।

ମାରବଗା ଠେଲି ଶ୍ୟାମାଦେବୀଙ୍କର ସେହି ଅଳସ କଣ୍ଠସ୍ୱର ବାଜି ଉଠିଲା - ଘର ଜମା ଦେବାକୁ ଡାକିଲି । ମୁଁ ଯାଉଛି ପିଲାମାନଙ୍କୁ ନେଇ ବୃନ୍ଦାବନ ପାଇଁ । ବାବୁଙ୍କୁ ଖବର ଦିଆହୋଇଛି । ଯେବେ ସେ ଖବର ପାଇ ନ ଥାନ୍ତି, ତେବେ ସେ ଆସି ପହଞ୍ଚିଲେ ଆପଣ ତାଙ୍କର ଖାଇବାର ବ୍ୟବସ୍ଥା ବୁଝିବେ ।

ସୁଭାଷ ବାବୁ ଆଶ୍ଚର୍ଯ୍ୟ ହେଲାପରି ଚାହିଁ ରହିଲେ— ଦୁଆର ପରଦାର ସେ ପାଖେ ଟିକିଏ ଦୂରରେ ସମ୍ପୂର୍ଣ୍ଣ ଭାବରେ ଦେଖା ଦେଇ ଠିଆ ହୋଇଛନ୍ତି ଶ୍ୟାମାଦେବୀ । ମୁହଁରେ ଲଜ୍ଜା । ଆଖିରେ ଭୟ ।

—ଏତେ ହଠାତ୍ ?

—ହଠାତ୍ ନୁହେଁ । କାଲି ଆସିଥିଲେ ଯେ ମୋର ବନ୍ଧୁମାନେ — ବନ୍ଦୋବସ୍ତ କରି ଚାଲିଗଲେ ଯାଇଛନ୍ତି । ହିଁଅବଲେ ସେମାନେ ମୋତେ

ହଁ ଆଖିରେ ଦେଖି ପାରୁ ନ ଥିଲେ। ଏବେ ଆସି ଯୋଉ ଅଭିନୟ କଲେ ଦେଖିଲେ ଆପଣ ଜାଣି ଥାଆନ୍ତେ । ସେମାନେ ବହୁତ ଢଙ୍ଗ ଦେଖାଇ ପାରନ୍ତି !

—ସତେ, ଆପଣ ତାଙ୍କୁ କଣ କହିଲେ ?

—କିଛି ନାହିଁ । ନିନ୍ଦା କରିବା ଲୋକ ଯଦି ପ୍ରଶଂସା କରିବାକୁ ଆସିଛି ତେବେ ସେଇଟା ସତ ହେଉ କି ମିଛ ହେଉ, ସେ ପ୍ରଶଂସା ନ ଶୁଣିବି କାହିଁକି ?

···ଏଇ ଦୁନିଆରେ ତ କେହି କାହାର ନୁହେଁ । ସେଥି ଭିତରେ ଯାହା ମିଳିଲା···ଛଟକ ହେଉ, ରଙ୍ଗରହସ୍ୟ ହେଉ ଅବା ପ୍ରକୃତ କଥା ହେଉ । ସବୁ ମୁଁ ଧରି ରଖି ପାରୁଛି ବୋଲି ଆଜି ଆପଣଙ୍କପରି ବଡ଼ ମଣିଷଙ୍କ ଆଗରେ ଠିଆ ହୋଇପାରୁଛି—ନୁହେଁ ?

ସୁଭାଷବାବୁ ସେମିତି ଏକା ନିଶ୍ୱାସରେ ଶୁଣି ଯାଉଥିଲେ ଶ୍ୟାମାଦେବୀଙ୍କର ସେଇ ଉଚ୍ଛ୍ୱାସ । ସେ ସତେ କି ରହିରହି ନିଜର ମନର ଭାବକୁ ସୁଭାଷବାବୁଙ୍କ ମନରେ ବସେଇ ବସେଇ କହୁଥିଲେ ।

—ତେବେ ଆପଣ ପ୍ରଶଂସା ଶୁଣି ମିଛକୁ ସତ ଭାବି ଯାଉଛନ୍ତି ? କଗଲେ ଚଳନ୍ତା ନାହିଁ ?

ଦୀର୍ଘନିଶ୍ୱାସ ପକାଇ ଶ୍ୟାମାଦେବୀ କହିଲେ—ହଁ ଚଳନ୍ତା । ତେବେ ଏତିକ ଅଧିକାର କିଏ ମୋତେ ବାନ୍ଧି ରଖୁଛି କଏ ? ମୋର ତ କେହି ନାହିଁ ।

—ମୁଁ କହୁଛି, ରହନ୍ତୁ ।

—'ଆପଣ' ! ଟିକଏ ଗୁଡ଼ି କହିଲ—ଆପଣଙ୍କର ସେ ଅଧିକାର ଅଛି ? ନିଜେତ ନେଇ ନାହାନ୍ତି ଆପଣ । ମୁଁ କ'ଣ ଦେଇଛି

ଆପଣଙ୍କୁ ? କାହିଁ ଆଗରୁ ତ କହିଲେ ନାହିଁ ! ମୁଁ ପଶୁର ପଠାଇ-
ଥିଲି ସେ ଉତ୍ତର ପାଇଲି ନାହିଁ ! ଏବେ ଯିବାପାଇଁ ବାହାରିଲଣି ।

—କେତେବେଳେ ପଶୁରିଲେ ?

ଶ୍ୟାମାଦେବୀ ଗୁହିଁଲେ ସୁଖଦବାବୁଙ୍କ ମୁହଁକୁ । ସେ ମୁହଁ ତ ସେତେ ନିଷ୍ପାପ ଓ ସରଳ ନୁହେଁ । ବୁଝି ନପାରିବାର କିଛି ଚିହ୍ନବର୍ଣ୍ଣ ନାହିଁ । ସେଇଠୁ ପୁଣି ଥରେ ଖର ନିଶ୍ୱାସ ପକାଇ କହିଲେ—ହଉ ଛାଡ଼ନ୍ତୁ ସେ କଥା । କାହିଁକି ବା ଆପଣ ବୁଝିବେ ? ଆପଣ ବିରକ୍ତ ହୋଇଛନ୍ତି ଆମ ଉପରେ ।

—ସେ ଅଧିକାର କ'ଣ ମୋର ଅଛି ?

—ହଁ ଅଛି । ନଥିଲେ ବି ଆପଣ ଅଧିକାର କରିବସିଲେ ସେଇ ଅଧିକାର ପାଇବେ । ପାଇଛନ୍ତି ।

ସୁଖଦ ବାବୁଙ୍କର ଓଠ ଉପରେ ଗମ୍ଭୀର ଆନନ୍ଦର ରେଖା ଆଙ୍କି ହୋଇଗଲା ।

—ପ୍ରକୃତରେ ଆପଣ ଭାରି ସରଳ । ଠିକକରେ ଯେମିତି ବଗିଡ଼ ଯାଉଛନ୍ତି, ସେମିତି ଆଜ ଠିକକରେ ଆପଣ ସଜାଡ଼ି ହେଉଛନ୍ତି । କିନ୍ତୁ ଆମେ ଖୋଜୁ—ମୁଁ ଆଜ ମୋ'ର ପରି ଲୋକେ —ଯେ ଆପଣମାନେ ଗମ୍ଭୀର ହୋଇଥିବେ, ଝିଙ୍ଗିକତାସ ଆପଣମାନଙ୍କୁ ବଦଳାଇ ପାରୁନଥିବେ ।

—ଆଉ କ'ଣ ବଦଳିବାର ଅଧିକାର ଖାଲି ଆପଣମାନଙ୍କର ?

—ସେ ତ ଦୁର୍ବଳର ଜନ୍ମଗତ ଅଧିକାର । ଯେ ପ୍ରତିବାଦ କରିପାରେ ନାହିଁ କି ବାଧା ଦେଇପାରେ ନାହିଁ ; ସେଇ ନିଜ ରଙ୍ଗକୁ ବହୁତ ପ୍ରକାରର କରି ଚଳେ । ଆମର ସେ ଅଧିକାର ଅଛି । ଠିକ୍ ସେମିତି ହେଲେ ଆପଣ ବି ଆମପରି ହୋଇଯିବେ । ଆଉ ହେବ ଆମର ବନ୍ଧୁତାର ସମାଧି ।

କହିଦେଇ ଶ୍ୟାମାଦେବୀ ଫେରିଗଲେ ଭିତରକୁ । ଚାକର ହାତରୁ ଚା' ଜଳଖିଆ ଆଣି ସୁଭାଷବାବୁଙ୍କୁ ଆଗରେ ଥୋଇ ସେମିତି ହସି କହିଲେ—ସେ ସବୁ କଥା ଛାଡ଼ନ୍ତୁ ଏଇଥିରେ ଖୁସି ହୁଅନ୍ତୁ । ଘର ଜଗିବେ । ତାଙ୍କ କଥା ବୁଝିବେ । ମୁଁ ଫେରିବି ଚାରିଦିନ ପରେ ।

ସୁଭାଷବାବୁ ବାରମ୍ବାର ଚାହୁଁଥିଲେ । ତାଙ୍କର ଆଖି କହି ଦେଉଥିଲା—ଖାଇଲାବେଳେ ଟିକିଏ କଥାବାର୍ତ୍ତା ହେଲେ ଭଲ ହୁଅନ୍ତା ।

ଇଙ୍ଗିତ ବୁଝି ଶ୍ୟାମାଦେବୀ କହିଲେ—ଯେଉଁ କାମଟି କରିବେ ସେଥିରେ ଅନ୍ୟ କାମ ମିଶାଇବେ ନାହିଁ । ସେ ଅଧିକାର ଖାଲି ଆମମାନଙ୍କର । ଆମେ ଏକାଠି ପାଞ୍ଚ ପ୍ରକାରର କାମ କରୁ—କରିବା କଥା ଆଉ ନ କରିବା କଥା ଏକାଠି ମିଶେଇମାଶେଇ । ସେଇଥିପାଇଁ ଆମେ ସବୁଠାରେ ଦୋଷୀ ହେଉ । କିନ୍ତୁ ଆପଣମାନେ—

ସୁଭାଷବାବୁଙ୍କର ଆଖି ନଇଁ ଆସିଲା ଶ୍ୟାମାଦେବୀଙ୍କ ବ୍ୟକ୍ତିତ୍ୱ ଆଗରେ । ସେ ଭାବିଲେ—ଏ ସବୁ ତ ଛଳନା ନୁହେଁ—ହୃଦୟର କଥା ।

ପୁଣି ନୀରବତା ଭାଙ୍ଗି ଦୁଃଖମିଶା ସ୍ୱରରେ ଶ୍ୟାମାଦେବୀ କହିଲେ—ଏଇ ସବୁ ହେଉଛି ଏକୁଟିଆ ଜୀବନର କେଇଟି କଥା । ବହୁ ଲୋକଙ୍କ ମେଳରେ ବି ମୁଁ ଏକୁଟିଆ । ଠିକ୍ ଆପଣଙ୍କ ପରି । ସେଥିପାଇଁ ଆପଣଙ୍କୁ ଦେଖିଲା ଦିନୁ ମନ ଭିତରେ କେତେ ଦୁରାଶା—ଆପଣ ମୋର ଜଣେ ବନ୍ଧୁ ! କ'ଣ ହେବେ ନାହିଁ ?

ସୁଭାଷବାବୁଙ୍କୁ କଥାଗୁଡ଼ିକ ବାକ୍ୟହୀନ କରି ଦେଇଥିଲା । ସେ ନିଜର ସ୍ଥିତି ହରେଇଥିଲେ ।

ବାହାରର ଲୋକେ ଏଇସବୁ ଘଟଣାକୁ ମାୟାବିନୀର ମାୟା, କୁହୁକିନୀର କୁହୁକ, ଛଇଳୀର ଛଟକ ବୋଲି ବୁଝିଲେ ସୁଦ୍ଧା

ଯେତେବେଳେ ଏ ସବୁ ଜୀବନରେ ଘଟେ—ଘଟିଲାବେଳେ ସେତକ ହୁଏ ଜୀବନର ଅବିସ୍ମରଣୀୟ, ଚିର-ସ୍ମରଣୀୟ ଘଟଣା ! ମଣିଷ ସତ କଥା କି ଭଲ କଥାକୁ ଯେତେ ଗୁରୁତ୍ୱ ଦିଏ ନାହିଁ, ଏହିସବୁ ଭଲକ ଭଲ କଥାର ଝଙ୍କାରକୁ ତହିଁରୁ ଅଧିକ ସ୍ଥାନ ଦିଏ । ଏତକ ହେଉଛି ଏ ମାୟାମୋହୀ ସଂସାରର ଇନ୍ଦ୍ରଜାଲ । ଏଠି ମିଛ ସତ ଉପରେ ବଡ଼ । ଛଳନା ଅସଲ ଉପରେ ରାଜା ।

ଚିଠି ପଠାଇ ଦେଇ ଶ୍ୟାମାଦେବୀ ଚାଲି ଯାଇଥିଲେ ! କେଶବବାବୁଙ୍କର ଫେରିବାକୁ ଅପେକ୍ଷା ନାହିଁ ।

ଗୋରୁଗାଈ କୁକୁର ରହିଗଲେ ନିଜ ଘରେ । ରତନା ବି ରହିଲା । ଘରେ ତାଲା ବନ୍ଦ । ଚାବି ସୁଭାଷବାବୁଙ୍କ ଜିମା । ରତନା ଖାଇବ ସୁଭାଷବାବୁଙ୍କ ଘରେ । ଘର ଜଗିବ ।

ଏମିତି ଉପରେ କିଛି ଲେଖା ଓ ତଳେ ଦସ୍ତଖତ ନଥାଇ ଖଣ୍ଡିଏ କାଗଜ ଆଉ ଚାବି ଆସି ପହଞ୍ଚିଥିଲା ସୁଭାଷବାବୁଙ୍କ ପାଖରେ । ଅଫିସରୁ ଫେରି ରତନା ହାତରେ ଚାବି ଆଉ ଚିଠି ଦେଖି ସୁଭାଷବାବୁ ନିରୁତ୍ତର ରହିଥିଲେ ।

ତେବେ ଏଇ ପ୍ରକାରରେ ଶ୍ୟାମାଦେବୀ ବିଦାୟ ନେଇଛନ୍ତି !

ଚାବିକୁ ଦେଖି ଦେଖି ସୁଭାଷବାବୁ ଶ୍ୟାମାଦେବୀଙ୍କର ଉପସ୍ଥିତି ଅନୁଭବ କରିଛନ୍ତି । ସେ ନିଜେ ଚାବି ଦେଇଯାଉଥିଲେ ଅହଲ୍ୟାକୁ । ଆଉ ଶ୍ୟାମାଦେବୀ ତାକୁ ନଦେଇ ଜିମା କରିଦେଇ ଯାଇଛନ୍ତି ସୁଭାଷ ବାବୁଙ୍କୁ ।

ମନେ ପଡ଼ିଲା । ଶ୍ୟାମାଦେବୀଙ୍କର ସକାଳ ବେଳର ଅନୁରୋଧ—ପ୍ରତିଦିନ ଫୁଲ ଦେଇ ଆସୁଥିବ ବାବୁଙ୍କ ଘରେ···ସେ ଫେରିବା ଯାଏ ।

ଘାଟ ଉପରକୁ ଯାଇ ସେ ଶ୍ୟାମାଦେବୀଙ୍କର ଫୁଲଗଛ ଆଡ଼କୁ ଚାହିଁ ଦୀର୍ଘ ନିଶ୍ୱାସ ପକାଇଥିଲେ--ତମେ ନାହିଁ ! ଫୁଲ ଆଉ ଛିଣ୍ଡାଇବ କିଏ······ନା ଥାଉ । ଫୁଲ ଫୁଟୁଥାଉ ଗଛରେ ।

ସୁଭାଷବାବୁଙ୍କ ଦିନଗୁଡ଼ିକ ହତଶ୍ରୀ ହୋଇଥିଲା । ଶ୍ୟାମାଦେବୀଙ୍କ ଦୁଆରେ ବେଳେବେଳେ ଉଇଁକି ଦେଖାପଡ଼େ । ସେ ଘରଟି ବି ହତଶ୍ରୀ ଦିଶୁଛି—ଶ୍ୟାମାଦେବୀ ଚାଲିଯିବା ପରେ । ସୁଭାଷବାବୁ ବୁଝିଗଲେ—ତାଙ୍କ ଜୀବନରେ ଶ୍ୟାମାଦେବୀ କେତେ ବଡ଼ !

କେଶବବାବୁ ଫେରି ନାହାନ୍ତି । ଶ୍ୟାମାଦେବୀ ଫେରି ଆସିଲେ । ସେମିତି ଠିକ୍ ହଠାତ୍—ଚାରିଦିନ ପୂରିବା ପୂର୍ବରୁ । ସୁଭାଷବାବୁ ଅଫିସ ବାହାରିଲା ବେଳକୁ ଖବର ଆସିଲା ଚାହା ପାଇଁ ।

ଏତେବେଳେ ଏଇ ଅବେଳରେ—ତେବେ କ'ଣ ଅଫିସ ନଗଲେ ଭଲ ହୁଅନ୍ତା ! ସୁଭାଷବାବୁ ଚାହିଁଲେ ନିଜ ଆଡ଼େ । ଅଫିସ ଯିବାପାଇଁ ତିଆରି ହୋଇ ସାରିଲେଣି । ରହିଯିବାକୁ ମନ ହେଲା ନାହିଁ । ଇଚ୍ଛା ନଥିଲେ ବି ସେ ଅଫିସକୁ ଗଲେ ।

ଶ୍ୟାମାଦେବୀ ଭାବିଲେ—ବାବୁ ବଦଳି ନାହାନ୍ତି ତେବେ ! ପୁଣି ଦେଖାହେଲେ—

ଗୋଟିଏ ଜାଗାରୁ କେତେଦିନ ଚାଲିଯାଇ ପୁଣି ସେଠିକି ଫେରିଆସିଲେ ସେହି ଜାଗାର ଆଉ ସେଠି ଚଳପ୍ରଚଳ ହେଉଥିବା ଲୋକଙ୍କର କେତେକ ଦୋଷତ୍ରୁଟି ହଠାତ୍ ବାରି ହୋଇ ପଡ଼େ । ଶ୍ୟାମାଦେବୀ ଫେରିଆସି ସେହିପରି କେତେଗୁଡ଼ିଏ ବିଷୟରେ ମତ ବଦଳାଇଥିଲେ ।

ସୁଭାଷବାବୁଙ୍କୁ ଦେଖିବାକୁ ଓ ଦେଖାଦେବାକୁ ତାଙ୍କୁ ମୋଟେ ଭଲ ଲାଗିଲା ନାହିଁ । ତାଙ୍କ ପାଖରେ ରଖା ହୋଇଥିବା ବହିଟିକୁ ହାତରେ ଏପାଖ ସେପାଖ କଲାବେଳେ ସେଥିରୁ ସେ କୌଣସି ପ୍ରକାର ଅନୁଭୂତିର ସନ୍ଧାନ ପାଇପାରିଲେ ନାହିଁ । ଗଛଗୁଡ଼ିକ ସେମିତି ଫୁଲର ଭାରରେ ଓହଳି ପଡ଼ିଥାନ୍ତି—ସେଗୁଡ଼ାକୁ କେହି ଛୁଇଁଲେଇ ନାହିଁ । ଟିକିଏ ରହିଁ ରହିଲେ ତେଣେ । କିନ୍ତୁ ମନ ଟାଣିକଲା ନାହିଁ ।

ତାଙ୍କର ଘରୋଇ ଜୀବନ—ଶୁଖିଲା ଠକ୍ ଠକ୍ କ୍ଳାନ୍ତିକର ଓ ବିରକ୍ତିକର ଏକ ପ୍ରକାରର—ମାଟି ଓ ଆକାଶପରି ନୂଆଦୃଶ୍ୟର ଅନୁଭୂତି ବିହୀନ—ତାଙ୍କୁ ମଧ୍ୟ ଚଞ୍ଚଳ କଲା ନାହିଁ । ସବୁ ଚାଲିଛି ତ ପ୍ରକାରେ । ପିଲାମାନଙ୍କର କୋଳାହଳ, ଗାଈ ବାଛୁରି କୁକୁରଙ୍କର ଗତିବିଧି ଆଉ ରଚନା—ସମସ୍ତେ ଏକାଠି ଏକ ପ୍ରକାରର ଦୁରନ୍ତ ଚକର ଧାରା ଦେଖାଉଥିଲେ ତାଙ୍କୁ ।

ସେ ବହୁତ ବେଳ ସ୍ଥିର ହୋଇ ବସି ରହିଲେ କିଛି ସମୟ କଟାଇଲେ । ଶେଷରେ ଅଭ୍ୟାସ ଯୋଗୁଁ ସଜାଡ଼ି ହେଲେ । ଆଖିରେ କ୍ଳାନ୍ତି । ମନରେ ଅବସାଦ । ଦେହରେ ଆଳସ୍ୟ । ଆଖି ଆଗରେ

ନାନା ବୈଚିତ୍ର୍ୟଭରା ସୃଷ୍ଟି । ସେଦିନ ବି ବୈଚିତ୍ର୍ୟହୀନ ।— ନିରସକୁ ସରସ କରିବାକୁ ଅରୂପକୁ ରୂପ ଦେବାକୁ ତାଙ୍କର ଉତ୍ସାହି ମନରେ ଯେଉଁ ଟିକକ ଆଗ୍ରହ ଥିଲା, ସେତକ ଆଉ ନାହିଁ ।

କେହି ନାହାନ୍ତି—କେହି ନ ଆସନ୍ତୁ । ସେ ସେମିତି ଏକୁଟିଆ ହୋଇ ବସି ରହିବେ ଜୀବନସାରା । ମୂକ ହୋଇ ଚାହିଁଥିବେ ସମସ୍ତଙ୍କୁ ।

ଦେବ ଆସି ପହଞ୍ଚିଲା । ଦେବ ଟିକଏ ଅଲଗା ପ୍ରକାରର ପିଲା । ସବୁ କଥାରେ ତାର ଆନନ୍ଦ । କୌଣସି କାମରେ ତା'ର ଈର୍ଷା ହିଂସା କି କ୍ରୋଧ ନାହିଁ । ଭଲ ଆଉ ମନ୍ଦ ଯେଉଁଥିରୁ ଯାହା ପାଉ ସେ ପ୍ରତିବାଦ କରେ ନାହିଁ । ହସି ହସି ସବୁ ସାଉଣ୍ଟି ନିଏ । କେଣ୍ଟୁଆରୁ ଆସିବା ଦିନ ସେ ଯାହା ଆସିଥିଲା—ଆଉ ଯାଇ ନାହିଁ । ସେ ଦିନ ସେ ରୋଷ ଓ ଅଭିମାନ ଦେଖାଇଥିଲା ଶ୍ୟାମାଦେବୀଙ୍କ ଉପରେ···କେଜାଣି କାହିଁକି ସେ ଟିକଏ ଅଲଗା ପ୍ରକାରର ହେଲାଣି । କୋଉ ଦିନରୁ······

କୈଫିୟତ ପାଇନାହିଁ । ତା'ର ମନକଥା ବୁଝିବାକୁ କେହି ଚେଷ୍ଟା କରିନାହାନ୍ତି । ତାକୁ ଭଲ ଲାଗୁଥିଲା—ଆସୁଛି । ଭଲ ଲାଗୁନାହିଁ—ଆସୁନାହିଁ । ସେଥିରେ ଶ୍ୟାମାଦେବୀଙ୍କର ସମ୍ପର୍କ କ'ଣ ?

ତା'ର ବିରସ ମୁହଁ, ଉତ୍ସାହହୀନ ଆଖି ଦେଖି ଶ୍ୟାମାଦେବୀ ପଚାରିଲେ—ଆଜି ନୂଆ ଦିଶୁଛୁ ଦେବ । କେତେଦିନ ହେଲାଣି କେମିତି ଅଲଗା ପ୍ରକାରର ହୋଇଗଲଣି ।

ଦେବ ତୁନି ପଡ଼ିଲା; ଶ୍ୟାମାଦେବୀଙ୍କ ମୁହଁକୁ ଚାହିଁ ରହିଲା । ସତେ ଯେପରି ସେଥିରେ ଗୋପନ କଥା ସେ ଲକ୍ଷ୍ୟ କରୁଥିଲା ।

—ମୁଁ ବଦଳି ନାହିଁ । ନିଜକୁ ଦେଖିଲେ ବୁଝିପାରିବ ।

—ମଣିଷ ନିଜ କଥା ବୁଝିବାକୁ ଅନ୍ୟକୁ ଖୋଜେଁ । ନିଜର ଭଲ ମନ୍ଦ ମାପିବାକୁ ଅନ୍ୟର ଗୁହାଣୀ, ଅପରର କଥା ତା'ର ସବୁଠାରୁ ବେଶି ଦରକାର । ମାପି ସାରିଲଣି । ଏବେ ମୁଁ ବୁଝୁଛି ସେ ।

ତମେ ମତେ କହୁଛ ଭୁଲିଯିବାକୁ । ଆସୁ ନ ଥିଲି । ଭଲ ଲାଗିଲା ନାହିଁ । ଆସିଛି ପୁଣି । ଦେବ କହିଲା ।

—କ'ଣ ହେଲା ? କିଏ ତମକୁ କ'ଣ କହିଲା ? ଆମେ ତ କେହି କିଛି କହିନାହୁଁ !

—ମତେ ନ କହି ବୁଝାଉଛ । ତମକୁ ଏକୁଟିଆ ଲାଗୁଥିଲା ବୋଲି ସିନା ମୋତେ ବସାଇ ଏତେ ଆଦର ସୋହାଗ ଦେଖାଉଥିଲ ! ଏବେ ତ ତୁମେ ଆଉ ଏକୁଟିଆ ନଥିବ—

ଗମ୍ଭୀର ହୋଇ ଶ୍ୟାମାଦେବୀ ପଚାରିଲେ—କ'ଣ କହୁଛ ତମେ ! ଅଜି କ'ଣ ଗୋଟାଏ ନୂଆପାଠ ପଢୁଛ କି ?

—ଡରୁଛ କାହିଁକି······ହେଲେ ଶୁଣ କୋଉଠି ଗୋଟାଏ କବାଟ ଫିଟିଲା·· ସେଇ ନୂଆଘରେ ହେବ ପରା ।···

ଶ୍ୟାମାଦେବୀ ବିବ୍ରତ ହୋଇ ପଡ଼ିଲେ । ଦେବର ଅଭିଯୋଗ ସୁଖଦବାବୁ ବିଷୟରେ । ଆସିଲେଣି ସେ । ହୁଏତ କାନ ପାରିଥିବେ ।

ସ୍ୱରକୁ ଯଥାସମ୍ଭବ କରୁଣ କରି ଶ୍ୟାମାଦେବୀ କହିଲେ—ମନେ ରଖିଥିବ ଦେବ । ଏଇ ଭଗବାନଙ୍କ ରାଜ୍ୟରେ ସମସ୍ତେ ପାପ କରନ୍ତି । କିଏ ଦେଖେଇ ଦେଖେଇ କରେ । ଆଉ କିଏ ଲୁଚେଇ ଛପେଇ କରେ । କିନ୍ତୁ ଯିଏ ପାପ କରି ନଥିବା ଲୋକକୁ ସନ୍ଦେହ କରେ ସେଇ ଏକା ହେଉଛି ପାପୀ ।

ସୁଭାଷବାବୁଙ୍କୁ ଶ୍ୟାମାଦେବୀଙ୍କ କଥା ନୂଆ ପ୍ରକାରର ଶୁଭିଲା—ଏବେ ଶ୍ୟାମାଦେବୀ କାହାକୁ କ'ଣ ପାଇଁ ଏତେ କୈଫିୟତ ଦେଉଛନ୍ତି ।

ଦେବ ଟିକିଏ ବିରକ୍ତ ହୋଇ କହିଲା—ଛୋଟ କଥାକୁ ବଡ଼ କରିବା ଯେତିକି ଭୁଲ; ଗୁରୁତର କଥାକୁ କିଛି ନୁହେଁ ବୋଲି ଲୁଚେଇ ଦେବା ସେମିତି ଭୁଲ । ଖାଲି ପାଟିକଲେ ଭୁଲ୍ ଠିକ୍ ଜଣାପଡ଼େ ନାହିଁ ।

ନରମି ଯାଇ ଶ୍ୟାମାଦେବୀ କହିଲେ—କ'ଣ କରିବା, ମଣିଷ ତ ଯାହାକୁ ସ୍ନେହ କଲା ସେଇ ଲୋକ ତ ଆସି ତାକୁ ଶାସନ କରିବାକୁ ତିଆର । ଆଜ ପହଞ୍ଚିଲ ଯେ—ଆଦ୍ୟରୁ ଦେବ ଆସି ଦୋଷ ଦେଖାଇଲେଣି ।

ଦେବ ଚାହିଁ ରହିଲା ଶ୍ୟାମାଦେବୀଙ୍କୁ । ସେ ତଳକୁ ମୁହଁ ପୋତିଛନ୍ତି । କ୍ରୋଧ ବିରକ୍ତି ଦେଖାଇବାର ଏଇ ଅଭ୍ୟାସଟି ଶ୍ୟାମା-ଦେବୀଙ୍କର । ଦେବ କହିଲା—ଆଜି ଯାଏଁ । ପୁଣି କେଉଁଦିନ ଗୁଡ଼ି ଆସିବ । ସେତେବେଳକୁ ବୁଝିଥିବ ଯେ ସମସ୍ତେ ଏକା ପ୍ରକାରର ନୁହନ୍ତି । ସମସ୍ତଙ୍କ ଉପରେ ସମାନ ଭରସା ରଖାଯାଏ ନାହିଁ ।

କହି ଧପ୍ ଧପ୍ ହୋଇ ଦେବ ବାହାରିଗଲା ।

ଦୁଆର ମୁହଁରେ ସୁଭାଷବାବୁ ଠିଆ ହୋଇଥିଲେ । ଦେବ ତାଙ୍କୁ ଭଲ କରି ଚାହିଁଲା—ପ୍ରତିଦ୍ୱନ୍ଦ୍ୱୀର ଆଖିରେ । ଅଳ୍ପଦିନ ହେଲା ଆସି ସେ ପତିଆରା ଦେଖାଇ ବଡ଼ ହୋଇ ଗଲେଣି

ଶ୍ୟାମା ଦେବୀଙ୍କ ଆଗରେ । ଦେବକୁ ସେଇ ଠେଲି ବାହାର କରି ଦେଇଛନ୍ତି ।

ସୁଭାଷବାବୁ ଚାହୁଁଥିଲେ ଦେବ ସହିତ ପରିଚିତ ହେବାପାଇଁ । ଶ୍ୟାମାଦେବୀ ତେବେ ତାଙ୍କୁଇ ପାପପୂର୍ଣ୍ଣ ବିଷୟରେ ବୁଝାଉଥିଲେ । ଘଟଣାଟି ସୁଭାଷବାବୁଙ୍କୁ ଚଞ୍ଚଳ କରିଥିଲା ।—ତରୁଣ ଗୁଣ୍ଡପରି ଦିଶୁଛି । କ'ଣ ସେ ଆସି ଶ୍ୟାମାକୁ କିଛି କହିଛି ଅବା ଶିଷ୍ଟାଚାର ନମାନି କିଛି ବ୍ୟବହାର ଦେଖାଇଛି—

ସେଇ ସନ୍ଦେହର ଉତ୍ତର ତାଙ୍କର ମନ ଦେଇପାରୁ ନଥିଲା । ସେ ନିଜେ ବୁଝିଥିଲେ ଯେ ମୌନ ନାରୀଠାରୁ ବାକ୍ୟମୟୀ ନାରୀ ବିଶେଷଭାବେ ନିରାପଦ । ଶ୍ୟାମାଦେବୀଙ୍କର କଥା ତାଙ୍କର ଖାଲି ଯେ ଆବରଣ ସେତିକି ନୁହେଁ, ସୁବିଧା ଅସୁବିଧାରେ ତାଙ୍କର ରକ୍ଷା-କବଚ ପରି କାମ କରୁଛି । ତେବେ ଦେବକୁ ସେ ଏତେ କଥା କହୁଥିଲେ କ'ଣ ପାଇଁ ?

ଦେବ ମଧ୍ୟ ସାହସ କରିପାରିଲା ନାହିଁ ସେଠି ଉହ୍ଲାଇ ସୁଭାଷବାବୁଙ୍କର ପରିଚୟ ନେବାକୁ । ସେଇ ଅପରିଚିତ ଅଜ୍ଞ ପ୍ରତିଦ୍ୱନ୍ଦ୍ୱୀ ଲୋକଟି ଶ୍ୟାମାଦେବୀଙ୍କର ସବୁଯାକ କୌତୂହଳ ଟାଣି ନେଇଛନ୍ତି ନିଜ ଆଡ଼କୁ ।

ଦେବ ଜ୍ୱଳିଗଲା । କିନ୍ତୁ ଦୁହେଁ ନିଜ ନିଜର ସଙ୍କୋଚ ପାଇଁ ଦୁଃଖିତ ହୋଇଥିଲେ । ଉଭୟଙ୍କର ଯେପରି ଠିକଏ ମାମୁଲି ପରିଚୟର ଆବଶ୍ୟକତା ଥିଲା—ଶ୍ୟାମାଦେବୀଙ୍କ ବିଷୟରେ ଜାଣିବାକୁ । ଦୁହିଙ୍କ ମନରେ ଈର୍ଷା ଓ ସନ୍ଦେହ । ଦୁହେଁଯାକ ଭାବୁଥିଲେ ଯେ ଆର ଜଣକ ଓ ଶ୍ୟାମାଦେବୀ ବହୁ ଦୋଷରେ ଦୋଷୀ ।

ଖୁବ୍ ଶୀଘ୍ର ଡାକ୍ତର ଆସିଲେ ଶ୍ୟାମାଦେବୀଙ୍କ ଘରୁ । ସୁଭାଷ ବାବୁ କହି ପଠାଇଲେ ଟିକକ ପରେ ଯାଇଁ ପହଞ୍ଚୁଛନ୍ତି । ଯାଇଥିଲେ ।

—ଡାକିଥିଲ ଆପଣଙ୍କୁ । କିଛି ବିରକ୍ତ ହେଲେ କି ? —ଶ୍ୟାମାଦେବୀ କୁନା ଭୁଣ୍ଡରେ କୁହାଉଥାନ୍ତି ।

—ବିରକ୍ତ ହେବାର କ'ଣ ଅଛି । ବିଭାଘର କେମିତି ହେଲା ?

କୁନା ନିଜେ ଆରମ୍ଭ କରିଦେଲା—ଖୁବ ଭଲ । ବହୁତ ବାଣ ଫୁଟିଲା । ବହୁତ ଲୋକ । ଏତେ ମଜା ଯେ ମୁଁ ଭାବୁଥିଲି ଏକା-ବେଳକେ ରହିଯିବାକୁ ।

—ସତେ । ଏତେ ବଢ଼ିଆ ହେଲା ?

—ଖୁବ ବଢ଼ିଆ । ମା ଆମେ କେବେ ଯିବା ଆଉ ଗୋଟାଏ ବାହାଘରକୁ ?

ଶ୍ୟାମାଦେବୀ କୁନାକୁ କହିଲେ—ଯିବା ନାହିଁ, ବାହାଘର ଏଇଠି ହେବ । ତମେ ଦେଖିବ, ଆମରି ଘରେ—ଏଇଠି ।

—ସତରେ ହେବ । ମିଛ କହୁଛ ମ । କେବେ ହେବ କୁହ । —ହଉଛି—ହବ—କହି, ଗୁହିଁଲେ ସୁଭାଷବାବୁଙ୍କୁ ।

ଶ୍ୟାମାଦେବୀ ସେମିତି ପାଖ କୋଠରିର ପରଦା ସେପାଖେ ସାକ୍ଷାତରେ ଠିଆ ହୋଇ କହୁଥାନ୍ତି । ତାଙ୍କୁ ଅଟକିବାକୁ ଇଚ୍ଛା ନାହିଁ । ଦୂରରେ ରହୁଥିବା ଲୋକକୁ ଡାକ ଅଣିଛନ୍ତି । ତାଙ୍କର ଯେପରି ଗୋଟିଏ ଖିଆଲ ହୋଇଛି ଦୂରର ଲୋକକୁ ନିକଟକୁ ନେଇ ଆସି କେତେ ଦୂରରେ ରଖିବା ସମ୍ଭବ—ସେତିକି ପରୀକ୍ଷା କରିବେ ।

କୁନାଉ କଥାକୁ ଆଡ଼େଇ ଦେଇ, ବାହାଉକୁ ନ ଶୁଭିଲାପରି ସେ ପୁଣି ପଚାରିଲେ—ତେବେ କ'ଣ ପିଲାମାନଙ୍କର କଥା ଉଣ୍ଡାବ?

—କି କଥା ?

—କହୁଥିଲି ଯଦି ଆପଣଙ୍କୁ ଏମିତି ଦେଖିବାକୁ ଆଉ ଭଲ ଲାଗୁ ନାହିଁ ।

—କ'ଣ .? ଯାତ୍ରାରୁ ଫେରି ଲୋକ ନଜେ ଯାତ୍ରା ଦଳ ଗଢ଼େ । ଆପଣଙ୍କର ମନ ହେଲାଣି କ ?

କୁନା ଆଉ କେବ କଳ ଲଗାଇଲେ କଣ୍ଢେଇ ପାଇଁ । ଶ୍ୟାମାଦେବୀ କହିଲେ—ହେଲ ଦେଖ ଝୁଆଏ, ଭାଟି କଲେ ଆଜ ମାଡ଼ ଖାଇବ ।

—ଆମେ ପଢ଼ିବୁ ନାହିଁ ଅଜ ।

—କ'ଣ, ପଢ଼ା ଛାଡ଼ିଲଣି ଏତେ ବଡ଼ ହେଲଣି । ଅଜ କାହିଁକି ପଢ଼ିବ ନାହିଁ ?

—ନାହିଁ, ଆଜ ଓଳକ ଛୁଟି । କାଲି ସକାଳୁ ପଢ଼ିବୁ । ପିଲା ଦୁଇଟି ଏକଜର କର ଚାହିଁଲେ ସୁଭାଷବାବୁଙ୍କୁ । ପ୍ରାର୍ଥନାଭରା ଚାହାଣୀ ଛୁଟି ମାଗୁଛି ।

ସୁଭାଷବାବୁ କହିଲେ—ଆଜ ଦନଟା ଛୁଟି ମିଳୁ ତାଙ୍କୁ ।

—ନାଁ । ସେମାନେ ବିଗିଡ଼ିଯିବେ ।

ପିଲା ଦୁହେଁ 'ଛୁଟି' 'ଛୁଟି' ପାଟିକରି ଉଠିଲେ । ସେହି ଗହଳ ଭିତରେ ଧାପେ ଘୁଞ୍ଚି ଆସି ଶ୍ୟାମାଦେବୀ ସୁଭାଷବାବୁଙ୍କ ଉପରେ ମୁରବୀ ପଣିଆ ଦେଖାଇ କହିଲେ—ଆପଣ ପିଲାଙ୍କୁ ମୁହଁ ଦେଉଛନ୍ତି ।

—ଓଳଏ ଛୁଟି ତ !

—ନାଁ । ବଡ଼ନେ ହେଲେ କ'ଣ ହେଲା ! ତେବେ ମୁଁ ବେଶ୍ ବୁଝି ପାରୁଛି । ଆପଣଙ୍କର ଜଣେ ମୁରବୀ ଦରକାର ।

—ମୋର ମୁରବୀ ! ଅଛନ୍ତି ତ ଏଇଟି ।

ଆଖି ଛଳ ଛଳ କରି ଶ୍ୟାମାଦେବୀ କହିଲେ—ଅମାନଅାଁ ହେଉଛନ୍ତି ଆପଣ । ମୁଁ ତ ଗୁଳିଯାଉଛି—ଏଇ ସୃଷ୍ଟିରୁ । ମୋତେ ଆପଣ ନେଇ ଏଠି ସେଠି ଥୋଉଛନ୍ତି କାହିଁକି ? ପାଣିରୁ ମାଛକୁ କାଢ଼ି ନେଲେ ସେ ମରେ ।

— କ'ଣ ଏମିତି କଥା କହୁଛ ଯେ—

—କହୁଛି ନୁହେଁ । ଠିକଏ ଭୁଲ, ପଦେ କଥା, ଯଉଛକୁ କେଜାଣି କ'ଣ ନ ହୋଇ ପାରେ ! ଆପଣ ଶୀଘ୍ର ଘର କରନ୍ତୁ । କଥାରେ ଶ୍ୟାମାଦେବୀଙ୍କର ଆଦେଶ ।

— ଘର କଲେ କ'ଣ ଆପଣ ଏମିତି ଭଲରେ ମନ୍ଦରେ ଯତ୍ନର ପାରିବେ ? ଖୁସି ହୋଇ ପାରିବେ ? ସ୍ନେହ ଆଦର ଦେଖାଇ ପାରିବେ ?

—ପାରିବ ନାହିଁ କାହିଁକି ! ମୁଁ ପାରିବ ତ……

ସୁଭାଷବାବୁ ଚାହିଁ ରହିଲେ ଶ୍ୟାମାଦେବୀଙ୍କର ମୁହଁକୁ । —ସେହି ଓଠରୁ ଫୁଲ ପାଖୁଡ଼ା ପରି ହସ ଝରି ପଡ଼ୁଥିଲା । ତାଙ୍କର ଭୁଣ୍ଡର କଥାଗୁଡ଼ିକ ତାଙ୍କର ବେଶ ପୋଷାକ ପରି ତାଙ୍କରି ସ୍ବରଆଡ଼େ ଖଞ୍ଜି ହୋଇଯାଇଥିଲା । ଲାବଣ୍ୟଭରା ମୁହଁର ଓ ମଧୁର ବୃନ୍ଦାଣୀର ସେହି ଅଳସ କଣ୍ଠସ୍ବର ସତେ ଯେପରି ପ୍ରକାଶର ଗୋଟିଏ ମାର୍ଗ । ଶ୍ୟାମାଦେବୀ ନିଜେ ସୁଭାଷବାବୁଙ୍କୁ ଦେଖାଉଥିଲେ ଓଲଟା ବାଟ । ସେଠି ଶ୍ୟାମାଦେବୀ ଆପଣାର ନୈଜ ନୁହନ୍ତି—ପର ।

ସୁଭାଷବାବୁଙ୍କୁ ନିରେଖି ଚାହିଁ ଶ୍ୟାମାଦେବୀ କହିଲେ—ଦୁନିଆର ହାଟରେ ସମସ୍ତେ ଗୋଟିଏ ଗୋଟିଏ ପସରା ରଖନ୍ତି । ପସରା ନ ଥାଇ ବଣିଜ ଚଳେ ନାହିଁ । ପସରା ନ ଥିଲେ ହାଟ ଆପଣଙ୍କୁ ବାସନ୍ଦ କରିବ ।

—କ'ଣ ଆଜି ଦିନଯାକ ଆପଣ ଉପଦେଶ ଦେଉଛନ୍ତି ? ସେତେବେଳେ ପାପପୁଣ୍ୟ ବିଷୟରେ କହୁଥିଲେ ।

—ହଁ, କହୁଥିଲି ଦେବକୁ । ସେ ମତେ ଆସି ବୁଝାଉଥିଲା — ଆପଣଙ୍କୁ କହିବା ଉଚିତ ନୁହେଁ । ଅପଣ ଚିହ୍ନନ୍ତି ତାକୁ ?

— ନାଁ । ଆଜି ଯାହାକୁ ଦେଖିଥିଲି ଅଫିସରୁ ଫେରିଲାବେଳେ ସେଇ ହେଲେ ହେବେ ପରା ! ହେଇଥିଲେ ଚିହ୍ନିଛି । କିନ୍ତୁ କଥାଭାଷା ହୋଇ ନାହିଁ । ତାଙ୍କୁ ଦେଖି ମୋର ମନେ ହେଉଥିଲା ସେ ଯେମିତି କ'ଣ କହିବାକୁ ଚାହୁଁଥିଲେ ।

ନିଜର ଚଞ୍ଚଳତା ଲୁଚାଇ ଶ୍ୟାମାଦେବୀ କହିଲେ—ବଡ଼ ଭଲ ପିଲାଟିଏ ! ହେଲେ ଖୁବ ଅଭିମାନୀ । ଟିକିଏ ସ୍ନେହ ପାଇଁ ତାର ଭରି ଅହନ୍ତା ।

—ପିଲା !

—ପିଲା ନୁହେଁ ତ ଆଉ କ'ଣ ?

ସୁଭାଷବାବୁ ହସିଲେ । ଶ୍ୟାମାଦେବୀ ଗମ୍ଭୀର ହୋଇଗଲେ । ତାଙ୍କ ଚାହାଣୀରୁ ଉଦ୍ଧତ ଆସ୍ଫାଳନ ଝରି ପଡ଼ୁଥିଲା— ହିଂସ୍ର ପଶୁର କ୍ରୋଧ ପରି ।

ଧୀର ସଂଯତ ସ୍ୱରରେ ସୁଭାଷବାବୁ କହିଲେ—ଆପଣ ଗୋଟିଏ ଅଦ୍ଭୁତ ଲୋକ !

—ସମସ୍ତେ ତ ଅଦ୍ଭୁତ ମୁଁ ଏକା କାହିଁକି । ଖାଲି ଖାଲି ଯାହା ଦେହରେ ଧକ୍କା ବାଜିଯାଏ । ସେ ହଠାତ୍ ଆଉ ଗୋଟିଏ ରୂପ ଦେଖାଇ ଦିଏ । ଆପଣ କ'ଣ ସେମିତି ନୁହନ୍ତି କି ?

—ମୁଁ କ'ଣ ସେମିତି ? କ'ଣ ଟିକିଏ—ଜିନିଷ ତ ନୁହେଁ, ଜିନିଷର ବାସ—ଛୁଇଁବା ତ ନୁହେଁ, ଖାଲି ଦେଖିବାକୁ ନିଜର ନୁହେଁ ବୋଲି ଜାଣି ମଧ୍ୟ ନିଜର କରିବାକୁ, କ'ଣ ମୁଁ ଆସି ନାହିଁ ?

ମୁଁ ଅନ୍ୟ ପ୍ରକାରର କ ରୂପ ଦେଖାଇବ ? ଭୟଙ୍କର ଓ ଆଶ୍ରୟ-ପ୍ରାର୍ଥୀର ଖାଲି ଗୋଟିଏ ରୂପ — କାକୁତି ମିନତି ଓ ଅଶ୍ରୁ ।

ସୁରର ଆଖି ଏକାଠି ହୋଇଥିଲା । ଦୁହେଁ ହସିଥିଲେ ।

ନୀରବତା ଦୂର କରି ଶ୍ୟାମାଦେବୀ କହିଥିଲେ—ଯାଉଛି । ବହୁତ କାମ । ସଞ୍ଜ ଦେବି । ଘଣ୍ଟା ବାଜିଲାଣି । ଆପଣ ଯାଆନ୍ତୁ । ଭଲହେବ । ପୁଣି ଦେଖା ହେବ ।

ଶ୍ୟାମାଦେବୀ ତାଙ୍କୁ ଠେଲି ବାହାର କରି ଦେଇଛନ୍ତି । ବାହାର କରିଦେବା ଆଗରୁ ଟାଣି ନେଇଥିଲେ ଅତି ନିକଟକୁ । ଏତେ ଆତ୍ମୀୟ ଅନ୍ତରଙ୍ଗ ପରି କେବେ ସେ କଥା କହି ନ ଥିଲେ । ଆଉ ବି ଏତେ ତିରସ୍କାର କେବେ ସେ କରି ନ ଥିଲେ ।

ସୁଭାଷବାବୁଙ୍କୁ ଭଲ ଲାଗିଲା ନାହିଁ । ବଡ଼ ପରସ୍ତେଇ ହେଲେ ସେଠିକି ଯାଇଥିବାରୁ । ଶ୍ୟାମାଦେବୀଙ୍କର ସମସ୍ତ ଆକର୍ଷଣ, ସମସ୍ତ ସୌନ୍ଦର୍ଯ୍ୟ ଲୁଚି ଯାଇଥିଲା । ସେଇ ବିଦାୟ ବେଳର ଶେଷ କେଇପଦ କଥା ଭିତରେ ।

ତହିଁ ଆରଦିନ ଆଉ ଦେଖା ହୋଇନାହିଁ । ପୁଣି ଦିନେ ତା' ପରେ ଆଉଦିନେ ।

ଖାଲି ଯାହା ଦୂରରୁ ଶୁଭିଯାଏ ଶ୍ୟାମାଦେବୀଙ୍କର ପିଲାଙ୍କ ଉପରେ ଅତ୍ୟାଚାର, ଶାସନ······କରେ, ପଢ଼ୁନାହିଁ, ଦୁଷ୍ଟାମି କରୁଛ ! ମତେ ଚିହ୍ନିନାହିଁ ? ମୁଁ ଯେତିକି ସ୍ନେହ କରିପାରେ ସେତିକି ତମକୁ ସାଧ କରିପାରେ······ଭୁଲିଯାଉଛ କ'ଣ······ଯାଇପାରିବ ? କୋଉଠିକି ଯିବ ?

ଶ୍ୟାମାଦେବୀ କାହାକୁ କହୁଥିଲେ—ଘର ସ୍ୱାମୀମାନ ହେଲେଣି । କ'ଣ ପାଇଁ କେଜାଣି—ମନଟା ସବୁବେଳେ ନଥିବା ଲୋକଙ୍କପାଇଁ ଅଧୀର ହୁଏ । ଦେଖି ନ ଥିଲେ ଦେଖିବାକୁ ଇଚ୍ଛାହୁଏ······କେଜାଣି ତ ବୁଝିନାହାଁନ୍ତି ମୋ କଥା······ଟିକକରେ ରୁଷିଯାଉଛନ୍ତି······ ମନରେ କେତେ କାନ୍ଦିବି ? ······ମନଟା ବଡ଼ ଅବୁଝା······ଯାହା ନ ମିଳିଲା ତାଶ ପାଇଁ ଝୁରିଲ !

ଓଠରେ ଓଠ ଚପି ସୁଭାଷ ବାବୁ ପ୍ରତିଜ୍ଞା କରନ୍ତି—ନାଁ, ଏଥର ଆଉ ନୁହେଁ । ଦୁର୍ବଳତାର ସୁଯୋଗ ସେ ନେଉଛି । ଦୁର୍ବଳ କରିଦେଇ ହତାଦର ଦେଖାଉଛି ।

ଗୋଟିଏ ପ୍ରଶ୍ନବାଚକ ଚିହ୍ନ ପରି ଶ୍ୟାମାଦେବୀ ବାରମ୍ବାର ଭାସି ଉଠନ୍ତି ସୁଭାଷ ବାବୁଙ୍କ ଆଖି ଆଗରେ । ତାଙ୍କୁ ସେ ଚିହ୍ନିବାକୁ ଚେଷ୍ଟା କରନ୍ତି । ଶ୍ୟାମାଦେବୀ ତାଙ୍କୁ ଭଲ ପାଆନ୍ତି କି ନାହିଁ ବୁଝିବାକୁ ଚାହାଁନ୍ତି । ବ୍ୟସ୍ତ ହୋଇ ପଡ଼ନ୍ତି ।

ସେଇ ପ୍ରଶ୍ନର ଉତ୍ତର ତାଙ୍କର ଦରକାର । ତା'ର ଉପରେ ସତେ ଯେପରି ତାଙ୍କର ଭବିଷ୍ୟତ ଥୁଆ ହୋଇଛି ।

ବାରମ୍ବାର ପାଖକୁ ଡାକି ଠେଲି ଦେଲେ ମଣିଷ କ'ଣ ସତରେ ଆନନ୍ଦ ପାଏ—ନାଁ ସେଇଟା ତା'ର ଅଭ୍ୟାସ ! ସବୁ ଉପରିସ୍ଥ କର୍ମଚାରୀ ଏମିତି ପାଖକୁ ନେଇ ଦୂରକୁ ଠେଲି ମାଡ଼ ମାରି ଆଉଁସି ଦେଇ, ବାରମ୍ବାର ଆଶ୍ୱାସନା ଦେଇ ଓ ହୁଙ୍କାର ଶୁଣାଇ ମନ ଭିତରୁ କାଢ଼ି ନେଉଛନ୍ତି—ମନର ରସ ।

ଦେବ ଆସେ—ଯାଏ । ସୁଭାଷ ବାବୁ ଲକ୍ଷ୍ୟ କରିଥିଲେ ଯେ ସେ ଦିନଠାରୁ ଦେବର ଯିବାଆସିବା ବହୁତ ବଢ଼ି ଯାଇଛି । ବହୁତ

ବେଳ ଉଦ୍‌ବେଗ । ଫେରିଲାବେଳେ ଖୁସି ଥିଲାପରି ଜଣାଯାଏ । ଆସିଲାବେଳେ ବଡ଼ ଉତ୍ସାହ ଥାଏ । ପିଲାମାନେ ମାମୁଁ ମାମୁଁ ହେଉଥାଆନ୍ତି । କିନ୍ତୁ ସେ ଶ୍ୟାମାଦେବୀଙ୍କୁ କ'ଣ କହେ କି ଶ୍ୟାମାଦେବୀ କ'ଣ କହନ୍ତି କିଛି ଶୁଭେନି ନାହିଁ ।

ପଡ଼ିଲାମା'ଙ୍କୁ ପଚାରିବାକୁ ବେଳେ ବେଳେ ସୁଭାଷ ବାବୁ ମନ କରି ରହି ଯାଆନ୍ତି । ସେ ବି କିଛି କହେ ନାହିଁ । ସେ ଗୋଟାଏ ଅଦରକାରୀ ଲୋକ ପରି ଆସେ ଓ ଯାଏ—ଖାଲି ହାଜିରା ଦେବାକୁ ।

ସ୍ନେହର ମାଳା ଆଉ ନୂଆ ଫୁଲରେ ବୋଝେଇ ହୁଏ ନାହିଁ । —ଝାଉଁଳି ଯାଏ ମନ ଭିତରେ । କିନ୍ତୁ କୌତୂହଳ ବଢ଼ି ଉଠେ । ଶ୍ୟାମାଦେବୀଙ୍କୁ ଭଲରୂପେ ଜାଣିବାକୁ ନାନା ପ୍ରାଣ କରନ୍ତି ।

ବହୁତ ରୂପ ଦେଖାଇଛି । ବହୁତ ଅଭିନୟ କରିଛି । ଦେଖାଯାଉଛି ଯେ ଯେପରି ସେ ନିର୍ଦ୍ଵନ୍ଦରେ ନିର୍ବିରୋଧରେ ସୁଭାଷ ବାବୁଙ୍କ ସାଙ୍ଗରେ ମିଳାମିଶା କରିପାରେ, ସେମିତି ସେ ଦେବ ସାଙ୍ଗରେ ଖେଳେ । ଖେଳାଳୀ ବିଭିନ୍ନ ଖେଳ-ସାମଗ୍ରୀକୁ ନେଇ ଖେଳିଲାବେଳେ ସେ ଗୋଟିକ ଯାକ ତା'ର । ଏଇ ଅଭିନୟ କ'ଣ ତା'ର ଜୀବନ ! ତା'ର ପ୍ରକୃତି—ତା'ର ଅଭ୍ୟାସ ? ଅଭିନୟ ଭିତରେ କ'ଣ କେହି ସୁଖୀ ହୋଇ ପାରେ ?

ତାଙ୍କର ଦ୍ଵନ୍ଦ ଦୂର କରିବାକୁ ଶ୍ୟାମାଦେବୀଙ୍କର କଥା ବିଭିନ୍ନ ପ୍ରସଙ୍ଗରେ ଆସି କାନରେ ବାଜେ । କିନ୍ତୁ ଡାକରା ଆସେ ନାହିଁ । ସିତାର ବାଜେ ନାହିଁ । ପିଲାମାନେ ଆସନ୍ତି ନାହିଁ । ଶ୍ୟାମାଦେବୀ ବି ଆଉ ଦେଖାଯାନ୍ତି ନାହିଁ ।

ସୁବ୍ରତବାବୁ କୋଠାଉପରେ ବସିଥାଆନ୍ତି ନପୂମ କଲପର ।

କେଶବବାବୁ ଫେରି ଆସିଛନ୍ତି । ସେ ଆସି ହଠାତ୍ ଅଭିଯୋଗ ଆରମ୍ଭ କଲେ—ଆପଣ କ୍ଷମା କରିବେ ଶ୍ୟାମାକୁ । ସେ ଜାଣେ ନାହିଁ ଯେ ଆପଣଙ୍କ ପରି ଲୋକଙ୍କୁ ଘରେ ଜମା ଦେବା ଏକାବେଳକେ ଭୁଲ୍ । ସେ ଆପଣଙ୍କୁ ଆମର ସମାନ ବନ୍ଧୁ ବୋଲି ସେପରି ଅନୁରୋଧ କରିଥିଲା । ସେ ବହୁତ କରି କ୍ଷମା ମାଗିଛି । ସେହି ଦିନୁ କୁଆଡ଼େ ରାଗକରି ଆମ ଘରଆଡ଼କୁ ଯାଉ ନାହାନ୍ତି ?

—କାହିଁ ନାହିଁ ତ ! ଯାଇ ପାରି ନାହିଁ କାମ ଥିଲା ବୋଲି ।

—ସେ ତ ସେଆ କହୁଛି । ଏତେ ପାଖରେ ଘର । ଆପଣ କୁଆଡ଼େ ଯାଆନ୍ତି ନାହିଁ । ରାତି ଅଧଯାଏ ଥଣ୍ଡା କାକରରେ ଛାତ ଉପରଟାରେ ବସିଥାଆନ୍ତି । କେବେ ଆସନ୍ତି ନାହିଁ । ତାଙ୍କୁ ଡାକିବାକୁ ଡର ଲାଗେ କାଳେ ଆପଣ ଖରାପ ଭାବିବେ ବୋଲି ।

—ନାହିଁ ତ । ବେଳେ ବେଳେ ପିଲା କହେ । କ'ଣ ଆଉ କରନ୍ତି ? ତେବେ ଅନେକ ସମୟରେ ବାହାରେ ଥାଏ ।

—ମିଛ କଥା । ସେ ତ ଡାଇରି ରଖିଛି ଆପଣଙ୍କର । ମୁଁ ଦେଖି ଯାହା ହସିଲି ! ସେ ମତେ ବୁଝାଇଲା ଯେ ବାହା ହୋଇ ନଥିବା ଲୋକେ ଏତିକି ବେଳରୁ ଏତିକି ବେଳ ଛାତଟାରେ ବସି ପାରନ୍ତି । ଆଉ କହିଲା—

—କ'ଣ କହିଲେ ?

—କହିବି ? ବିରକ୍ତ ହେବେ ନାହିଁ ତ ?

—କହନ୍ତୁ, କ'ଣ ସେ କହିଲେ ।

ହସି କେଶବ ବାବୁ କହିଲେ—କହୁଥିଲି 'ତମର ବନ୍ଧୁ, ଯେତେବେଳେ ଏକୁଟିଆ ଆସନ ପ୍ରାଣାୟାମ କି ଜପ ତପ କରୁଛନ୍ତି, ସେମିତି ବହୁତଦିନ କରିଗଲେ ଆମେ ତାଙ୍କୁ ହଜେଇବା । ସେ ତ ଛାଡ଼ିଯିବେ ସମସ୍ତଙ୍କୁ—ଏଇ ବସା ଘର, ତାଙ୍କର ଚାକିରି ଆଉ ଆମ ସମସ୍ତଙ୍କୁ—ସବୁ ଛାଡ଼ିଦେବେ ।

ସୁଭାଷ ବାବୁ ହସିଲେ ।—ଭଲ ଅଭିନୟ ଜାଣନ୍ତି ସେ । କେଡ଼େ ସୁନ୍ଦର କରି ମୋତେ ଆପଣଙ୍କ ଆଗରେ ଆଙ୍କି ଦେଲେ । ଆପଣ ବି ସତ ବୁଝିଲେ ।

—ଛନ୍ଦ କପଟ ନଥିବା ମଣିଷ । ସେଥିପାଇଁ ସେ ବଡ଼ ଦୁଃଖ କରେ ଯେ ତାକୁ ସମସ୍ତେ ଠକି ଦେଉଛନ୍ତି । କେହି ତାର ଆଦର ରଖେ ନାହିଁ । ମୋ ଉପରେ ତ ବହୁତ ଅଭିଯୋଗ, ବହୁତ ରାଗ । ଏଇ ଚାକିରି ଆମର ପେଟ ପୋଷୁ ନାହିଁ ଯେ ଆମ ମନକୁ ଦୁଇ ଭାଗ କରି ଦେଉଛି ।

—ଆପଣ କ'ଣ କହନ୍ତି ?

—କିଛି କହେ ନାହିଁ । ମୁଁ ଜାଣେ ଏଇଟା ତା'ର ଅଭିମାନ । ଅଭିମାନର କୌଣସି ମୂଲ୍ୟ ନାହିଁ—ଏଇ ଟଙ୍କା ପଇସାର, ପେଟ ପୋଷିବାର ଧନ୍ଦା ଭିତରେ । ସେଥିପାଇଁ ଶୁଣେ ଆଉ ଚୁପ ରହେ ।

ସୁଭାଷ ବାବୁ କ'ଣ ସବୁ ଭାବୁଥିଲେ । କେଶବ ବାବୁ ପଚାରିଲେ—କଥା କ'ଣ କି, ଶ୍ୟାମାର ଜଣେ ସାଙ୍ଗ ତା'ର ସାନ ଭଉଣୀର ବାହାଘର ପାଇଁ ତାକୁ ଡାକି ନେଇଥିଲା । ମୁଁ ଜାଣୁଛି ଆଜି । ସେତିକିବେଳେ ଆପଣଙ୍କୁ ସେ ଘରର ଦାୟିତ୍ୱ ଦେଇଥିବାରୁ ଆପଣଙ୍କୁ କ୍ଷମା ମାଗିଛି । କ୍ଷମା ଦେଇ ଆପଣ ଆସିବେ ଆମ ଘରକୁ ।

—ଯାଇ ଥାଆନ୍ତ ତ ଆଜ । ଯିବ ନିଶ୍ଚୟ ।

—ଆଜି ଗସ୍ତରେ ଯାଇଥିବେ ?

—ନାଁ ।

କୁନା ଚଢ଼ିଆସିଲା ବାପାଙ୍କୁ ଡାକିବାକୁ । କେଶବ ବାବୁ ଉଠିଲେ । ବ୍ୟସ୍ତ ହୋଇ କୁନା କହିଲା—ମଉସା ଯିବେ । ମା କହୁଛନ୍ତି ।

—ଆସନ୍ତୁ ।

—ଏବେ ଟିକିଏ କାମ ଅଛି । ଗଲେ ଡେରି ହୋଇଯିବ । ଉପରଓଳି ଯିବ । ନିଶ୍ଚୟ ଯିବ ।

ମୁହଁ ଶୁଖାଇ କେଶବ ବାବୁ କୁନାର ହାତ ଧରି ବାହାରି ଗଲେ । ଆହତ ଗୃହିଣୀ କହି ଦେଉଥିଲା—ସୁଭାଷବାବୁଙ୍କର ହୃଦୟ ନାହିଁ ।

ବଡ଼ ଜଞ୍ଜାଳ ହେଲାଣି । ଅସମ୍ଭବ କଥା ! ଘୁଞ୍ଚ ହେବ ନାହିଁ କି ଧରି ହେବ ନାହିଁ । ଏଇ ଘର ନ ଘୁଞ୍ଚିଲେ ଆଉ ମୁକ୍ତି ନାହିଁ ।

—ହୋ ବେଣୁଧର, ଆଉ ଘର ପାଇବା ?

ଲଜ୍ଜିତ ହେଲା ପରି ବେଣୁଧର କହିଲା ଯେ ସେ ଘର ଖୋଜି ନାହିଁ —ଖୋଜିବ କି ?

—ହଁ ଖୋଜ । ଏ ଘରଟା ଏକଦମ୍ ନୂଆ । କବାଟର ରଙ୍ଗ ସବୁବେଳେ ଦେହରେ ଲାଗି ରହୁଛି । ମଣିଷ କେତେ କୋଠା ଉପରେ ବସି ରହିବ ।

—ତାଙ୍କୁ ଭଡ଼ା ଦିଆ ହୋଇଛି ଦି'ମାସର ।

—ସେ କ'ଣ ଫେରେଇବ ନାହିଁ ?

— କେଜାଣି ବାବୁ, ମୋର ବିଶ୍ୱାସ ହେଉନାହିଁ ।

ଦୀର୍ଘ ନିଶ୍ୱାସ ପକାଇ ସୁଭାଷବାବୁ କହିଲେ—ତେବେ 'ଦି'ମାସ ଭୋଗିବା । ଆଉ ଉପାୟ କ'ଣ ।

ଆଖି ଆଗରେ ଶ୍ୟାମାଦେବୀ ଭାସି ଉଠିଥିଲେ—ଦୁଇମାସ ଯାଏ ତାଙ୍କର ସ୍ନେହ ଯତ୍ନ, ପ୍ରୀତି କି ଅତ୍ୟାଗ୍ରହ ଯାହା ବୁଝ—ତାଙ୍କର ଦୌରାତ୍ମ୍ୟରୁ ମୁକ୍ତି ନାହିଁ ।

ଭୁଲାଇ ଭୁଲାଇ ତାଙ୍କରି କଥା ମନକୁ ଆସୁଥିଲା । ଅଭିନୟ ହେଉ ଅବା ମନର କଥା ହେଉ, ଖିଆଲ ହେଉ କି ଯୋଜନା ହେଉ, ଶ୍ୟାମାଦେବୀ ସୁଭାଷବାବୁଙ୍କୁ ଭଲ ପାଆନ୍ତି—ଏଥିରେ କିଛି ମିଛ ନାହିଁ ।

ପଢ଼ାବେଳର କଥା ସବୁ ମନେ ପଡ଼ୁଥିଲା । ଯୌବନ ହେଉଛି ଉପଭୋଗ ପାଇଁ । ତେବେ ଥରେ ଶ୍ୟାମାଦେବୀଙ୍କ ସାଙ୍ଗରେ ଖୋଲଖୋଲି ବୁଝାମଣା କରିବା ଦରକାର । ତାଙ୍କରି ମୁହଁରୁ ଜାଣିବା ଉଚିତ—ସେ କ'ଣ ପାଇଁ, କି ଲାଭ ଆଶାରେ, ତାଙ୍କର କେଉଁ ଲକ୍ଷ୍ୟର ସିଦ୍ଧି ପାଇଁ ଜଣେ ଅଜଣା ଅଶୁଣା ଲୋକକୁ ଏପରି ମର୍ମାନ୍ତକ କରିଛନ୍ତି !

ଶ୍ୟାମାଦେବୀଙ୍କ ଅଳସ କଣ୍ଠସ୍ୱର ତାଙ୍କୁ ଶୁଭିଲା । ସେ କେଶବବାବୁଙ୍କ ଉପରେ ବିରକ୍ତ ହୋଇ କହୁଛନ୍ତି—ଯେ ଏମିତି କଥାକୁ ଢାଙ୍କି ନପାରି ଘର କଥାକୁ ଯାଇ ବାହାରେ ଢାକେ ଫୁକାରେ ତାଙ୍କୁ କୋଉଠିକି ପଠାଇବା ଉଚିତ ନୁହେଁ ।

...ନାହିଁ ମ ! ସେ ମୋଟେ ସେ କଥାକୁ ଧରି ନାହାନ୍ତି । ମୁଁ ଠିକ୍ ବୁଝିଛି ।

—କିଛି ବୁଝିନା । ସେ କେବେ ନିଶ୍ଚୟ ଆସିବେ ?

—ହଁ ଦେଖିବା ।

ସୁଭାଷବାବୁ କାନ ଡେରି ବସି ରହିଲେ । ଆଉ କିଛି ଶୁଭିଲା ନାହିଁ । କିନ୍ତୁ ତାଙ୍କ ମନରୁ ସବୁ ଅଭିଯୋଗ ପୋଛି ହୋଇଗଲା । ନିଜକୁ ଦୋଷୀ ମନେ କରି ସେ ନିଜ ପାଖରେ କ୍ଷମା ମାଗିଲେ ।

ମଣିଷର ହୃଦୟ ହେଉଛି ତା'ର ସବୁଠାରୁ ବଡ଼ ବିଡ଼ମ୍ବନା ।

ଏବେ ଆସାର ଭିତରେ ପୁଣି ଥରେ ସୁଭାଷବାବୁଙ୍କ ମନ ବୁଲିଥିଲା ଶ୍ୟାମାଦେବୀଙ୍କ ଆଡେ଼ । ସେ ଘଟଣାର କଥାକୁ ବାରମ୍ବାର ମନେ ପକାଇ ଅଫିସ କାମରେ ଅନ୍ୟମନସ୍କ ହୋଇ ପଡ଼ୁଥିଲେ । ସୁଖ ପାଉନଥିବା ଲୋକ ଏବେ ଏକାନ୍ତ ଖୋଜିଲେ ମନକୁ ଅଧିକାର କରିପାରେ ନାହିଁ ।

ତଥାପି ଗୋଟାଏ ଦ୍ୱନ୍ଦ—ଗୋଟାଏ ସନ୍ଦେହ ବାରମ୍ବାର ଆସୁଥିଲା ଶ୍ୟାମାଦେବୀଙ୍କ ବ୍ୟବହାରର ରୁକ୍ଷତା କଥା ଭାବି ।

ସେ ଦିନ ଗଣି ଦେଖୁଥିଲେ । ବିକ୍ଷିପ୍ତ ମନରେ ବାହାରକୁ ଚାହୁଁଥିଲେ । ମନ ଭିତରେ ଗୋଟିଏ କଳ୍ପନାର ମାଳା—ଶ୍ୟାମା-ଦେବୀଙ୍କ ସାଙ୍ଗରେ ଦେଖା ହେବ । ପୁଣି ସେ ଫେରି ଯାଇଛନ୍ତି ପଛକୁ । ମନରେ କେମିତି ଉତ୍ସାହ ଓ ଆଗ୍ରହ—ଖାଲି ଯାହା ଟିକିଏ ବାଧା !

କାଲେ ଡେରି ହେଲେ ଉକିଲ ଆସିବ ସେଥିପାଇଁ ସୁଭାଷବାବୁ ଯାଇ ପହଞ୍ଚିଲେ । କେଶବବାବୁ ଗାଧୁଆ ଘରେ ।

—କିଛି ବୁଝିନା । ସେ କେବେ ନିଶ୍ଚେ ଆସିବେ ?

—ହଉ ଦେଖିବା ।

ସୁଭାଷବାବୁ କାନ ଡେରି ବସି ରହିଲେ । ଆଉ କିଛି ଶୁଭିଲା ନାହିଁ । କିନ୍ତୁ ତାଙ୍କ ମନରୁ ସବୁ ଅଭିଯୋଗ ପୋଛି ହୋଇଗଲା । ନିଜକୁ ଦୋଷୀ ମନେ କରି ସେ ନିଜ ପାଖରେ କ୍ଷମା ମାଗିଲେ ।

ମଣିଷର ହୃଦୟ ହେଉଛି ତା'ର ସବୁଠାରୁ ବଡ଼ ବିଡ଼ମ୍ବନା ।

ଏତେ ଆଶାର ଭିତରେ ପୁଣି ଥରେ ସୁଭାଷବାବୁଙ୍କ ମନ ଉଡ଼ିଥିଲା ଶ୍ୟାମାଦେବୀଙ୍କ ଆଡ଼େ । ସେ ଘଟଣାର କଥାକୁ ବାରମ୍ବାର ମନେ ପକାଇ ଅଫିସ୍ କାମରେ ଅନ୍ୟମନସ୍କ ହୋଇ ପଡ଼ୁଥିଲେ । ସୁଖ ପାଉନଥିବା ଲୋକ ଏତେ ଏକାନ୍ତ ଭାବରେ ମନକୁ ଅଧିକାର କରିପାରେ ନାହିଁ ।

ତଥାପି ଗୋଟାଏ ଦ୍ୱନ୍ଦ—ଗୋଟାଏ ସନ୍ଦେହ ବାରମ୍ବାର ଆସୁଥିଲା ଶ୍ୟାମାଦେବୀଙ୍କ ବ୍ୟବହାରର ରୁକ୍ଷତା କଥା ଭାବି ।

ସେ ବଡ଼ ଦେଖୁଥିଲେ । ଉକ୍ଷିପ୍ତ ମନରେ ବାହାରକୁ ଯାଉଁଥିଲେ । ମନ ଭିତରେ ଗୋଟିଏ କଳ୍ପନାର ମାଳା—ଶ୍ୟାମା-ଦେବୀଙ୍କ ସାଙ୍ଗରେ ଦେଖା ହେବ । ପୁଣି ସେ ଫେରି ଯାଇଛନ୍ତି ପଛକୁ । ମନରେ କେମିତି ଉତ୍ସାହ ଓ ଆଗ୍ରହ—ଖାଲି ଯାହା ଟିକିଏ ବାଧା !

କାଳେ ଡେରି ହେଲେ ଡାକରା ଆସିବ ସେଥିପାଇଁ ସୁଭାଷବାବୁ ଯାଇ ପହଞ୍ଚିଲେ । କେଶବବାବୁ ଗାଧୁଆ ଘରେ ।

ଶ୍ୟାମାଦେବୀ ମନ-ଉଚ୍ଛୁଳା ହସ ହସି ପଚାରିଲେ—ଆପଣଙ୍କଘର ଲୋକଙ୍କୁ ବିଶ୍ୱାସ ନାହିଁ । ଯିଏ ଆପଣଙ୍କୁ ମନ ବକବ ସେ ମନ୍ଦ··· ଆସନ୍ତୁ । ଆପଣଙ୍କ ପାଇଁ ଗୋଟିଏ ଭଲ ଜିନିଷ ରଖିଛି । ସେ ଆସିଲେ ସେ କଥା ପଡ଼ିବ ।

—'ଯାଉଛି' ବୋଲି ଭିତରୁ କେଶବବାବୁ କହିଲେ ।

—ହଁ ଆସ···ସୁଭାଷବାବୁ ତ ଏବେ ରହିବେ ବହୁତ ବେଳ···ଆପଣ ରାଗିଥିଲେ ନା ?

ଅଭିମାନିଆ ସ୍ୱରରେ ଅସ୍ପଷ୍ଟ କରି ସେ କହିଲେ—ଆଉ କ'ଣ କରନ୍ତି !

—ଛି, ମତେ କେତେ ବାଧୁଛି ! ଆପଣ କ'ଣ ବୁଝିବେ ! —ଶ୍ୟାମାଦେବୀଙ୍କ ଆଖି ଛଳ ଛଳ ହୋଇ ଆସିଲା ।

ସୁଭାଷବାବୁ ଶ୍ୟାମାଦେବୀଙ୍କ ମନକୁ ବୁଝାଇବାକୁ କହିଲେ— ଆପଣ ଖାଲି ଗୋଳମାଳ କଲେ । ଦି'ଦିନ ଦିନେ ନ ଆସିବାରୁ କେଶବବାବୁଙ୍କ ଆଗରେ ଫେସାଦ ହୋଇଗଲେ ନା ?

ଶ୍ୟାମାଦେବୀ ମୁହଁପୋଛି ଠିଆ ହେଲେ—ସେ ଯେପରି ଆଉ କିଛି କହିବାକୁ ଚାହାନ୍ତି ନାହିଁ ସୁଭାଷ ବାବୁଙ୍କୁ ।

—ବଡ଼ ଭଲ ଫୁଲଗୁଡ଼ିଏ ହୋଇଛି ।

କେଶବବାବୁ ଆସି ଜବାବ ଦେଲେ—ଏ ଫୁଲରେ କ'ଣ କମ ଖର୍ଚ୍ଚ ! ସବୁଆଡ଼େ କଣ୍ଟାକଟି ହୋଇ ପାରିଲା । ଫୁଲ ବାବଦରେ କିଛି କଟିପାରିଲା ନାହିଁ···ମୁଁ ଭୁଲିଯାଇଥିଲି କହିବାକୁ । ଆପଣ ମନାକଲେ ଫୁଲ ନେବାକୁ···ସେଥିପାଇଁ ସେ ଖାଲି ରୁଷିଛନ୍ତି ପରା ।

—ମନାକଲି ନାହିଁ ଯେ ଭାବିଲି, ଆମ ଘରର ନୂଆ କବାଟ ଖିଡ଼କି ରଙ୍ଗରେ ଭାସୁଛି । ସେଥିରେ ଫୁଲଗୁଡ଼ିକୁ ଅପଦସ୍ଥ କରି କିଛି ଲାଭ ନାହିଁ ।

ଶ୍ୟାମାଦେବୀ କହିଲେ—ସେଥିରେ ଆପଣଙ୍କର କ'ଣ ହେଲା ? ଯେ ଯାହା ଆପଣଙ୍କ ପାଇଁ କରିବ ସେଥିରେ ଆପଣଙ୍କର କ'ଣ ଅଛି କି ନାହିଁ—ସେକଥା ଭାବିବ କି ?

—ଠିଆହୋଇ ରହିଲେ ଯେ—କେଶବବାବୁ କହିଲେ ।

କେଶବବାବୁଙ୍କର କଥା ସମସ୍ତଙ୍କୁ ମନେପକାଇ ଦେଲା ଯେ ସୁଭାଷବାବୁ ଠିଆ ହୋଇ ରହିଛନ୍ତି ।

ବାଟ କଢ଼ାଇ ଗଲାବେଳେ ଶ୍ୟାମାଦେବୀ କହିଲେ—ତାଙ୍କର ତ ସବୁ କଥାକୁ ଅପମାନ—ଭାବ । କେଜାଣି ଏତିକ ଶୁଣି କାଳେ ସେ ପୁଣି ଶାସ୍ତି ଦେବେ !

ଷ୍ଟେଜର ଉପରେ ବସିବା ଜାଗା । ପାଖରେ କାନ୍ଥକୁ ଡେରି-ହୋଇଛି ସିତାରଟି, ଆଉ ଗୋଟିଏ ପାଖକୁ ଛୋଟ ଟେବୁଲ ଉପରେ ଗୋଟିଏ ହାରମୋନିୟମ୍ ।

—ଆଜି ବାବୁ ତଳେ ବସିବେ । ଆପତ୍ତି ଅଛି କି ?

ଶ୍ୟାମାଦେବୀଙ୍କ କଥାଶୁଣି ସୁଭାଷବାବୁଙ୍କ ମୁହଁ ରଙ୍ଗ ପଡ଼ିଗଲା । ସେ ବିବ୍ରତ ହୋଇ କହିଲେ—ଆଜି ମୁଁ ଆପଣଙ୍କୁ ପଚାରୁଛି—ଏମିତି କଥାମାନ କହି ଆପଣ କି ସୁଖ ପାଆନ୍ତି ?

କେଶବବାବୁଙ୍କର ବିବ୍ରତ ମୁହଁକୁ ଚାହିଁ ଶ୍ୟାମାଦେବୀ ପଚାରିଲେ ସୁଭାଷବାବୁଙ୍କୁ—ଆପଣ ସେମିତି ବ୍ୟବହାରମାନ

ଦେଖାଇ କ'ଣ ପାଆନ୍ତି ଜାଣିବାକୁ ମୁଁ କହୁଥିଲି । ···କଣ୍ଠ ହସିଲେ ।

—କି ବ୍ୟବହାର ?

— ଆସୁ ନ ଥିଲେ ନିମନ୍ତ୍ରଣ ନ ଗଲା ଯାଏ ।

—ଆସିବା ନ ଆସିବାର କାରଣ ଆପଣ ତ ନିଶ୍ଚୟ ଜାଣିଥିବେ । ତାଙ୍କୁ ଆଉ କହୁଥିଲେ କାହିଁକି ?

ସେମିତି ଅପ୍ରତିଭ ଅବିଚଳିତ କଣ୍ଠରେ ଶ୍ୟାମାଦେବୀ କହିଲେ ଜାଣେ ତ । ଆପଣଙ୍କ ପରି ଲୋକମାନେ ଖାଲି ବାହାରଟା ଦେଖନ୍ତି । ଭିତର ବୁଝନ୍ତି ନାହିଁ । ସାମାନ୍ୟ କଥାକୁ ଅପମାନ ଆଘାତ ବୋଲି ଧରି ନେବାରେ ବଡ଼ ପାରିବାର ।

— ଶୁଭ ପାଇଁ ମୁଁ ବି ମୋଟେ ବିରକ୍ତ ହୋଇ ନାହିଁ ।

—ହଁ ହେଉଛନ୍ତି । ଗଲାପରେ ମୋର ମନେ ପଡ଼ିଲା—ବାବୁ ପହିଲିମା କ୍ଷମାରେ ଧରି ଦେଇଯାଆନ୍ତି । ଆଉ ଆମେ ବାବୁଙ୍କୁ ଜଗୁଆଳୀ ରଖେଇ ଗଲୁ ।

—ସେ ତ ମୋର ଗୌରବ ।

—ହଁ, ଗୌରବ ତ ! ଆପଣ ହିନଜର ଚାହାରେ ପହିଲି-ମା'କୁ ବିଶ୍ୱାସ କରି ପାରନ୍ତି । ଆଉ ଆମେ ଏତେ ଚଳପ୍ରଚଳ ହୋଇ ପହିଲିମା'କୁ ସେତିକି ଅଧିକାର ଦେଇ ପାରୁନାହିଁ ।

କେଶବବାବୁ ଶ୍ୟାମାଦେବୀଙ୍କ କଥାକୁ ସମର୍ଥନ କରି କହିଲେ —ସୁଖଦେବାବୁ ଜଣେ ଦେବ-ପ୍ରକୃତିର ଲୋକ !

ବିଦ୍ରୂପ କଲାପରି ଶ୍ୟାମାଦେବୀ କହିଲେ—ତୁମେ ଏବେ ଗାଧୋଇ ଆସିଛ ନାଁ । ଶୁଚିଆଉଡ଼େ ଦେବତା ଦେଖୁଛ । ହଉ, ଯାଅ କି ଭଲକରି ମୁଣ୍ଡ ସଜାଡ଼ି ଲୁଗାପଟା ପିନ୍ଧି ଆସିବ ।

ହୁକୁମ ମାନି କେଶବବାବୁ ଉଠିଗଲେ ଭିତରକୁ । ଶ୍ୟାମା-ଦେବୀ ଧୀର ସ୍ୱରରେ ପଚାରିଲେ—ଦେବତା ! ଆଜି କ'ଣ କହିବାର ଅଛି ?

କରୁଣ ପ୍ରୀତିମଖା ଆଖିରେ ସୁଭାଷବାବୁ ଚାହିଁଲେ ଶ୍ୟାମା-ଦେବୀଙ୍କୁ । ଏକାଠି ବସିଛନ୍ତି ପରସ୍ପର ନିକଟରେ । ଘରେ ଆଉ କେହି ନାହିଁ । ପିଲାମାନେ ବୁଲି ଯାଇଛନ୍ତି । କେଶବବାବୁ ପାଖ ଘରେ ।

ଦି'ପଦ କଥା କହିବାର ସୁବିଧା ଯେତିକି ଅଛି, ସେତିକି ନାହିଁ ।

କ୍ଷୀଣ ସ୍ୱରରେ ପଚାରିଲେ—ମୋତେ କ୍ଷମା ଦେଇଛନ୍ତି ?

ମୁଣ୍ଡ ହଲାଇ ଶ୍ୟାମାଦେବୀ ସମ୍ମତି ଜଣାଇଲେ । ଠିକ୍ ତା'ର ପରେ ପରେ କହିଲେ—କେତେବେଳେ ହେଲେ ଦେବତା ଛୁଇଁବେ ନାହିଁ ଟି । ନିଶ୍ଚିତ ବାଣ୍ଟିନେବା ଉଚିତ—ସେ ଠାକୁର ହେବ କି ହେବ ନାହିଁ । ଠାକୁର ହୋଇ ତଳକୁ ଖସିବା ଉଚିତ ନୁହେଁ । ···ସେମିତି ପଥରମା'କୁ ସବୁଦିନେ ପୂଜା କରୁଥାନ୍ତୁ ।

ସୁଭାଷବାବୁଙ୍କର ଆଖି ଲାଲ ପଡ଼ି ଯାଇଥିଲା । ସେ ବିହ୍ୱଳ ଦୃଷ୍ଟିରେ, ଅପଲକ ଆଖିରେ ଚାହିଁଥିଲେ ଶ୍ୟାମାଦେବୀଙ୍କୁ । ଶ୍ୟାମାଦେବୀଙ୍କର ଭୟ ହୋଇଥିଲା—ସେ ଝଡ଼ ଉଠାଇଛନ୍ତି ବୁଭୁକ୍ଷୁ ପୁରୁଷର ମନରେ । —ଦୁର୍ନିବାର କାମନାର ଝଡ଼ ।

କଥା ବୁଲାଇବାକୁ ସେ ଥର ଥର କଣ୍ଠ ସ୍ୱରରେ ପଚାରିଲେ—ସିତାର ଶୁଣିବେ କି ? ମତେ ସିତାର ବଜାଇବାକୁ ଖୁବ ଭଲ ଲାଗେ ।

ସୁଭାଷବାବୁଙ୍କର ଗୃହିଣୀ ବଡ଼ଲୋକ ନାହିଁ ।

ସେ ପୁଣି ପଚାରିଲେ ସିତାର ପାଖକୁ ଯାଇଥିଲେ—ଏଇଟା ମୋର ସବୁଠାରୁ ପ୍ରିୟ ସାଥି । ମନର ବହୁତ ଦୁଃଖ, ନାନାପ୍ରକାରର

ଅଭିମାନ, ବାଧା ମୋର ଦୂର ହୋଇଯାଏ······ଧୀରେ କହିଲେ—ଆଜି ବି ବାଗଦାରର ମେଘ କଟିଯିବ ।

ତାଙ୍କର ଶେଷ କେଇପଦ ଶୁଣିବାକୁ ସୁଭାଷବାବୁ ଟିକିଏ ମୁଣ୍ଡ ଟେକିକି କଲେ ।

ଶ୍ୟାମାଦେବୀ ପଚାରିଲେ—ଶୁଣିବେ ?

—ଆପଣଙ୍କର ଯାହା ଇଚ୍ଛା !

ସିତାର ତାରରେ ମେଜ୍‌ରାବ୍‌ ଦ୍ୱାରା ଝଙ୍କାର ଉଠାଇ, ଅଳସ ହସ ହସି, ଯନ୍ତ୍ରର ଶବ୍ଦଠାରୁ ନୁଆଣିଆଁ ସ୍ୱରରେ କହିଲେ—ଇଚ୍ଛା ସ୍ୱାଧୀନତାର ଆଶ୍ରୟ ନିଏ । ମୋର ଇଚ୍ଛା ହେଉଛି—ଏମିତି ବସି ଅଖଣ୍ଡ କାଳଯାଏ କଥା ହେଉଥାନ୍ତେ, କିନ୍ତୁ ସେ······

ସିତାର ବାଜି ଉଠିଲା । ଶ୍ୟାମାଦେବୀଙ୍କ ମନର ବିକ୍ଷୋଭ ଝରି ପଡ଼ିଲା ସିତାରର ତାର ଉପରେ । ସିତାର ବଜାଇଲାବେଳେ ନର୍ତ୍ତକୀର ଛନ୍ଦଭରା ମୁଦ୍ରା ପରି ସୁଭାଷବାବୁଙ୍କ ଅପଲକ ଆଖି ଆଗରେ ଶ୍ୟାମାଦେବୀଙ୍କର ସବୁ ଲାବଣ୍ୟ ଉଲ୍‌କାପାତର ଉଜ୍ଜ୍ୱଳତାରେ ବିକ୍ଷିପ୍ତହୋଇ ପଡ଼ୁଥିଲା ।

କେଶବବାବୁ ଆସିଲେ । ସିତାର ବନ୍ଦ କରି ଶ୍ୟାମାଦେବୀ କହିଲେ—ତୁମେ ଯେତେ ସିତାରକୁ ଭଲପାଅ; ସୁଭାଷବାବୁ ସେତିକି ନାପସନ୍ଦ କରନ୍ତି । ଖାଲି ବାଧ୍ୟରେ ସେ ଶୁଣୁଥିଲେ ।

—'ନାହିଁ ବଜାନ୍ତୁ'— । ସୁଭାଷବାବୁ କହିଲେ ।

ମନ ଏକୁଟିଆ ଥିଲାବେଳେ ଆଉ ବ୍ୟସ୍ତ ଥିଲାବେଳେ ଏହି ସିତାରଟି ଅଲଗା ଅଲଗା ପ୍ରକାରର ବାଜେ । ଶୁଣିବା ଲୋକ ବି ସେମିତି ତାଁର ମନନେଇ ସେଥିରୁ ଅଲଗା ଅଲଗା ଆନନ୍ଦ ପାଏ । ଆପଣ ଆଜି ଚଳିତ ଅଛନ୍ତି । ମନ ବିରକ୍ତ ଥିଲାବେଳେ ଏସବୁ

ଭଲ ଲାଗେ ନାହିଁ । ମୁଁ ବ ବଜାଏ ନାହିଁ ।...ଆପଣ ଶୁଣିଥିବେ ଢ଼ଦେ ।

—ହଁ, ଥରେ ଅପଣ ବଜାଉଥିଲେ । ମତେ ଭାରି ଭଲ ଲାଗୁଥିଲା ଦୂରରୁ । ପାଖରେ ଶୁଣିଲି ଅଜ—ଆଉ ପ୍ରକାରେ ଲାଗୁଛି ।

—ହଁ ଆଣେ, କହି ଉଠିଲାବେଳେ ଶ୍ୟାମାଦେବୀ କହିଲେ —ସବୁ ଜିନଷ ତ ସେମିତି ଦୁଇଟା ରୂପ, ଦୁଇ ପ୍ରକାରର ଅନୁଭବ ଆଣି ଦଅନ୍ତି—ପାଖରେ ଆଉ ଦୂରରେ । ଏକାଠି କରି ମଣିଷ କେତେବେଳେ ହେଲେ ସେଇ ଜନିଷକୁ ପାଖରେ ଆଉ ଦୂରରେ ଏକାପରି ଭଲ ପାଇପାରେ ନାହିଁ । ପାଉଥିଲେ ଏ ସଂସାରଟା କେତେ ମନୋହର ନ ହୁଅନ୍ତା ।

ଶ୍ୟାମାଦେବୀ ଘେଞ୍ଚେଇ ଘରକୁ ଚାଲିଗଲେ । ଚାହିଁ ଦେଇ ଗଲେ ଦୁଇଟି ପ୍ରେମିକଙ୍କୁ—ଜଣେ ଦୂରରୁ, ଆଉ ଜଣେ ନିକଟରୁ ତାଙ୍କୁ ସବୁ ପ୍ରକାରରେ ପୂଜା କରୁଛନ୍ତି ।

ହୁଷୀକେଶବାବୁ କେଶବବାବୁଙ୍କୁ ଅଭିବାଦନ ଜଣାଇଲେ— ଶ୍ୟାମାଦେବୀ ବଡ଼ ବିଚକ୍ଷଣ ।

— ବିଚକ୍ଷଣ କ'ଣ ? ସବୁ ସ୍ତ୍ରୀ ତ ଏମିତି । ଟିକଏ ବେଶି କମ —ନ ହେଲେ—

—ପାଖରେ ପାଇ ଆପଣ ବୁଝି ନାହାନ୍ତି । ହୁଏତ ଅତି ପରିଚୟରୁ ଗୌରବ ନଷ୍ଟ ହୁଏ ।

—ଆପଣ ବାହା ହେଲେ ବୁଝିବେ ଯେ ଆପଣଙ୍କର ସ୍ତ୍ରୀ ଠିକ ସେମିତି ଆମର ଏଇ ଶ୍ୟାମାପରି ବୁଦ୍ଧିମତୀ ଆଉ ସୁନ୍ଦରୀ । ସେ ଭରିଦେବେ ଆପଣଙ୍କର ଜୀବନକୁ ଆନନ୍ଦ କୋଳାହଳରେ ।

ସୁଭାଷବାବୁ ସନ୍ଦେହ କରିଥିଲେ—ଏମିତି କ'ଣ ସବୁଠାରେ ଆଉ ସବୁବେଳେ ସମ୍ଭବ ?

ତାଙ୍କୁ ନୀରବ ରହିବା ଦେଖି କେଶବବାବୁ ପୁଣି ଥରେ କହିଥିଲେ– ସ୍ଥିର ହୁଅନ୍ତୁ । ପରୀକ୍ଷାକରି ଦେଖନ୍ତୁ । ଭାବିବା ଆଉ ଦେଖିବା ଭିତରେ ବହୁତ ପ୍ରଭେଦ । ନିଜେ କରିବା ଆଉ ଅନ୍ୟର କରିବା ଭିତରେ ବହୁତ ଫରକ !

ଶ୍ୟାମାଦେବୀ ଫେରିଆସି ସ୍ୱାମୀଙ୍କ କଥାରେ ଜବାବ ଦେଲେ । —ଯାହାହେଉ, ବାହାହେବା ପରେ ଯାହାଙ୍କୁ ଦେବତା ସ୍ଥାନରେ ବସାଇଥିଲ, ତାଙ୍କୁ ଏବେ ଶିଷ୍ୟର ସ୍ଥାନ ଦେଲଣି । କଡ଼ିଆ ଥିଏଟର କରିପାରୁଛ ।—କହି ହସିଲେ ଦୁହିଁଙ୍କୁ ଚାହିଁ ।

ଶ୍ୟାମାଦେବୀଙ୍କର ହସ ଦୁହିଁଙ୍କ ମନରେ ବିଭିନ୍ନ ପ୍ରକାରର ଭାବର ତରଙ୍ଗ ଖେଳାଇଥିଲା । ସେ ଯେମିତି ଅଳପ କଥାରେ ତୁଳନା କରି ପରାମର୍ଶ ଦେଇ କହିଥିଲେ—ପରାମର୍ଶ ଦେବାର ଯୋଗ୍ୟତା ଏକା ଶ୍ୟାମାଦେବୀଙ୍କର ଅଛି ।

ଖାଇବା ସରଞ୍ଜାମ ହାତରୁ ଓହ୍ଲାଇ ଦେଇ ସେ ପଚାରିଲେ —ହଁ, ଏଥର ଶୁଣିବା, କ'ଣ ସବୁ ହେଲା । ମୋତେ ଅଳ୍ପ ଅଳ୍ପ ଶୁଭୁଛି । ସୁବ୍ରତବାବୁଙ୍କୁ ଚାହିଁ ପଚାରିଲେ—ଆପଣ ତ ବେଶି ତୁଣ୍ଡ ଖୋଲନ୍ତି ନାହିଁ । ଆପଣ କହନ୍ତୁ କ'ଣ ସବୁ ସ୍ଥିର ହେଲା ।

—ସେ କହୁଥିଲେ ଆପଣ ଭାରି ଭଲ ବୋଲି ।

—ସେ କହିଲେ କ'ଣ ହେଲା । ନିଜର ଲୋକ ତ ଭଲ କହିବେ । ଭଲ ନ କହି ତାଙ୍କର ଚାରା କାହିଁ ? ବାହାରର ଲୋକ

ଭଲ କହିଲେ ସିନା କାମକୁ ଯାଆନ୍ତା । ଆପଣ କଣ କହୁଛନ୍ତି ?

ଗୋଟିଏ ଭଲ ଉତ୍ତର ଦେବାକୁ ସୁଭାଷବାବୁ ମନରେ ଯୋଜନା କଲେ । କେଶବବାବୁ ଚା’ରେ ଚିନି ମିଶାଉଥିଲେ ।

—ମୁଁ ତ ସବୁବେଳେ କହୁଛି ଯେ ଆପଣଙ୍କ ପରି ଲୋକ ଲକ୍ଷେ ହଜାରରେ ଗୋଟିଏ ବି ମିଳିବେ ନାହିଁ ।

—ଆଚ୍ଛା, ସତେ ଯେମିତି ଲକ୍ଷେ ହଜାର ଲୋକ ଦେଖିଛନ୍ତି । ପାଞ୍ଚ ଛଅଟି ଦେଖି ନ ଥିବେ— କହି ଶ୍ୟାମାଦେବୀ ହସିଲେ । ସେ ହସ ସୁଭାଷବାବୁଙ୍କୁ ଅଟେଇ ଦେଲା ମନ ଭିତରେ ।

କେଶବବାବୁ କହିଲେ—ଜଣକୁ ଭଲ ବୋଲି ଜାଣିବାକୁ ଦୁନିଆଯାକ ଲୋକଙ୍କୁ ଜାଣିବା ଦରକାର ନାହିଁ । ତମେ ସବୁ କଥାରେ ଅସନ୍ତୁଷ୍ଟ । ପ୍ରଶଂସାରେ ବି—

— ପ୍ରଶଂସା ! ମୋ’ର ନା ତମର ? ତମ ମନରେ ସନ୍ଦେହ ରହୁଛି ନା, ସେଥିପାଇଁ ବାହାର ଲୋକଙ୍କର ପ୍ରଶଂସା ଶୁଣିଲେ ତମେ ଖୁସି ହୋଇଯାଅ । ତମର ସନ୍ଦେହ କମିଯାଏ ।

ସୁଭାଷବାବୁ ପ୍ରତିବାଦ କରି କହିଲେ—କିଛି ବୁଝୁନ୍ତି ନାହିଁ ଆପଣ । ବିଚାର କରିବାର ବାଟ ଆପଣ ଶିଖି ନାହାନ୍ତି । ବହୁତ ଜିନିଷରେ ବି ଯେମିତି ଭଲ ମନ୍ଦ ବାରି ହୁଏ, ଗୋଟିଏ ଜିନିଷକୁ ଭଲ କରି ଦେଖିଲେ ଠିକ୍ ସେମିତି ଜାଣି ହୁଏ ।

—ଆପଣ କିଛି ଦେଖି ନାହାନ୍ତି । ଗୋଟିଏ ବି ନୁହେଁ, ଦଶ ପଚାଶ ବି ନୁହେଁ । ଆପଣଙ୍କର କହିବା କଥାର କି କଦର ?

—ତେବେ ମୋର କହିବାର କିଛି ନାହିଁ ।

—ନାହିଁ କାହିଁକି, ଅଛି । ଠିକ୍ କଥା କହିଲେ ସିନା—ମୁଁ କହୁଛି ଶୁଣନ୍ତୁ । ମଣିଷକୁ ଠିକ୍ ଚଳେଇ ପାରିଲେ ମଣିଷ ସବୁ ଦେବ ଆପଣଙ୍କୁ । ଭୁଲ ବାଟରେ ତାକୁ ବ୍ୟବହାର କଲେ ସେ ଆପଣଙ୍କୁ

ଖାଲି ଗାଳି ମନ୍ଦ ଅଭିଶାପ ଦୁହେଁ—ନିନ୍ଦା, ଅପମାନ, ଆଘାତ—ସବୁ ଦେବ । ଭଲ ଜିନିଷ ମିଳିଲେ ପ୍ରଶଂସା ଯେମିତି ଅଜାଡ଼ି ହୋଇପଡ଼େ, ଭଲ ଭଲ ବୋଲି ପାଟି ଗୋଳ ହୁଏ; ସେମିତି ଖରାପ ଜିନିଷ ମିଳିଲେ ନିନ୍ଦା ବି ଅଜାଡ଼ି ହୋଇପଡ଼େ ।

—ଆପଣ ସେମିତି ଦୁହନ୍ତି ତ !

—ଅବଜ୍ଞାର ହସ ହସି ଶ୍ୟାମାଦେବୀ କହିଲେ—ମୁଁ କଣ ମୋର ଦୋଷଗୁଣ ବୁଝେଁ ନାହିଁ ? ମୋର ଗୁଣ ଯେମିତି ଅଛି, ଦୋଷ ବି ସେମିତି ଅଛି । ଆଜି ଆପଣଙ୍କୁ ମୋର ସବୁ ଗୁଣ ଦିଶିଯାଉଛି । ଆଉ ଟିକିକରେ ସେମିତି ଖାଲି ଦୋଷ ଦିଶିବ । ହଉ, କଥା ବହୁତ ହେଲଣି ।

ବସନ୍ତ ଗୁହାଣିରେ ସୁଭାଷବାବୁ ଚାହିଁଲେ—ଗୁ ଜଳଖିଆ ଆଣନ୍ତି । ମନଟାକୁ ଅସ୍ଥିର ଅଶାନ୍ତ କରି ଛାଡ଼ି ଦେଇ ଶ୍ୟାମାଦେବୀ ତାଙ୍କୁ ଅନ୍ୟ ଜିନିଷରେ ଲଗାଇବାକୁ ଚାହୁଁଛନ୍ତି ।

ତାଙ୍କର ମଳିନ ମୁହଁକୁ ଚାହିଁ ଆଖିରେ ସହାନୁଭୂତି ଦେଖାଇ ଶ୍ୟାମାଦେବୀ ଉଠିଗଲେ । ଗଲାବେଳେ କହିଲେ··· ···

—ଭଲ ମଣିଷର ହାତ ତିଆରି ଜିନିଷ ଭଲ ଲାଗୁଛି କି ନାହିଁ ଦେଖନ୍ତୁ । ରୂପ ନ ଥିଲେ ବି ବ୍ୟବହାର ସୁନ୍ଦର ହୋଇପାରେ । ଲି ବ୍ୟବହାର ନ ଥିଲେ ବି ହାତ ତିଆରି କାମ ମନକୁ ଛୁଇଁ ରେ । ତେବେ ଖାଇଲାବେଳେ ଭାବି ଦେଖନ୍ତୁ ଶ୍ୟାମା କେତେ ଲି କି ଖରାପ ।

ହସେଁ ଚାହିଁ ରହିଲେ ଶ୍ୟାମାଦେବୀଙ୍କ ଆଡ଼େ । କେଶବବାବୁ ର ଗଳାରେ କହିଲେ—ସବୁବେଳେ ପରା ଏମିତି । ସବୁ ଜିନିଷରୁ ପା ଛଡ଼ାନ୍ତି ବୋଲି ମତେ ବେଳେବେଳେ ଭାରି ବିରକ୍ତି ଲାଗେ ।

—ଭାରି ସୁନ୍ଦର କଥାମାନ କହୁଛନ୍ତି ।

—ସୁନ୍ଦର କଥା ଶୁଣିବାକୁ ପିଲାବେଳେ ଭଲ ଲାଗେ । ଏଇ ସଂସାରର ପୋଷଣୀ ଭିତରେ ସେଗୁଡ଼ାକ କ'ଣ ଦରକାର ? ମୁଁ ତ ଦେଖିଛି କାମ ନ କରି ଗୁଡ଼ାଏ ଭଲ କଥା କହିଲେ କିଛି ସୁବିଧା ହୁଏ ନାହିଁ ।

—ତେବେ ଜୀବନକୁ ଉପଭୋଗ କରିବାକୁ—

—ଏଣିକି କ'ଣ ଆପଣ ଜାଣନ୍ତି ନାହିଁ ଯେ ଜୀବନକୁ ଉପଭୋଗ କରିବାକୁ କଥା କିଛି କାମରେ ଲାଗେ ନାହିଁ । ରସରସିଆ କଥା ଖାଲି ପଢିବାକୁ— ନ ହେଲେ ଥିଏଟରରେ ଦେଖିବାକୁ ଭଲଲାଗେ । ଘରେ ସେଗୁଡ଼ିକ କିଛି କାମ ଦିଏ ନାହିଁ ।

—ଖୁବ୍ ଗଦ୍ୟମୟ ଜୀବନ ଆପଣଙ୍କର !

—ଯାହାହେଉ ଖୁସି ହେଲି । ଆପଣ ଅନୁଭବୀ ହୋଇ ନାହାନ୍ତି ବୋଲି ଜୀବନରୁ କବିତା—କାଢ଼ିଛନ୍ତି । କବିତା ବହି ଯେମିତି ବିକ୍ରି ହୁଏନାହିଁ, କବିତା-ଭରା ଜୀବନ ସେମିତି ଭଲ ଲାଗେ ନାହିଁ ।

—ହବାର କଥା ତ ! ଆପଣ ସବୁବେଳେ ଏତେ ସୁନ୍ଦର କବିତା ପଢ଼ୁଛନ୍ତି ବୋଲି ସେଥିରେ ଅନୁରାଗୀ ହୁଅନ୍ତି । ଆମେ କିନ୍ତୁ ସେଇଟିକୁ ନଜର ଆଦର୍ଶ ଆଉ ଲକ୍ଷ୍ୟ ବୋଲି ଧରି ରଖିଛୁ ।

—ସୁବିଧା ଥିଲେ ମୁଁ ଆପଣଙ୍କୁ ଦେଖାଇ ଦିଅନ୍ତି ଯେ କବିତା ସାଙ୍ଗରେ ଘର କରିବା ବିଡ଼ମ୍ବନା !

ଶ୍ୟାମାଦେବୀ ଫେରି ଆସୁଛନ୍ତି । ତାଙ୍କ ବିଷୟରେ ଆଉ ଆଲୋଚନା କରିବା ଠିକ୍ ହେବ ନାହିଁ । କେଶବବାବୁ ମୁହଁ ବୁଲାଇ ପୁଛିଲେ ଶ୍ୟାମାଦେବୀଙ୍କୁ— ଖାଲି ଦରକାସ୍ତ ମଣିଷଟିଏ । କବିତା କାହିଁ ?

ଶ୍ୟାମାଦେବୀଙ୍କୁ କହିଲେ— ସୁଭାଷବାବୁ କହୁଛନ୍ତି ଯେ ଆମେ ଗୋଟିଏ ଗୋଟିଏ କବିତା । ତାଙ୍କୁ ଗୋଟିଏ ଦିଅନ୍ତ ନାହିଁ ?

—କେବେ କି ? ମୁଁ ତ ଗୋଟିଏ ଝିଅ ବାଛୁଛି । ଦେଖିବାକୁ ଶ୍ୟାମଳୀ । ସଙ୍ଗୀତରେ ପୁରସ୍କାର ପାଇଛି । ଘର କାମ ସବୁ ଜାଣେ । ମୋଠାରୁ ବେଶୀ ପଢ଼ିଛି । ଖୁବ ମିଠା ବ୍ୟବହାର.........

ସୁଭାଷବାବୁଙ୍କର ମୁହଁରେ ଘୋର ବିରକ୍ତି ଦେଖା ଦେଉଥିଲା । କେଶବବାବୁ କହିଲେ—ଆଉ, ସେ ସୁଖ ପାଉ ନାହାନ୍ତି ଶୁଣିବାକୁ ।

ସୁଭାଷବାବୁ ଚମକି ପଡ଼ିଲେ । ଶ୍ୟାମାଦେବୀଙ୍କ ମୁହଁକୁ ଚାହିଁ ପଚାରିଲେ—ମଣିଷ କ'ଣ ଏକାପରି ସବୁ ବିଷୟରେ ମଜ୍ଜି ଯାଇ ପାରେ ? ଜଣକୁ ଭଲ ପାଇ ପାରିଲେ କ'ଣ ସମସ୍ତଙ୍କୁ ଠିକ୍ ସେମିତି ଭଲ ପାଇ ପାରିବ ?

—ତାହାହେଲେ ଆପଣ ଭଲ ମଣିଷ ନୁହନ୍ତି । ଆପଣଙ୍କ ମନରେ ନଥିବା ପଦାର୍ଥ ପାଇଁ, ନ ମିଳିବା ଜିନିଷ ପାଇଁ ଆଗ୍ରହ ଅଛି । ଆପଣ ଭଲ ଜିନିଷରେ ସେନ୍ତ ମନକୁ ଲଗାଇ ପାରିବେ ନାହିଁ । ଆମେ ସ୍ତ୍ରୀମାନେ ଏମିତିକା ଲୋକଙ୍କୁ ଭଲ ପାଉ ନାହିଁ । କେହି ଭଲ ପାଆନ୍ତି ନାହିଁ । ଆମର ପିଲମାନେ ବି ଯଦି କଣ୍ଢେଇ ଆଉ କଣ୍ଢେଇ ଭିତରେ ପାତର ଅନ୍ତର କରନ୍ତି—ତେବେ ଆପଣଙ୍କୁ ଏତେ ବୁଝେଇ ଲାଭ କ'ଣ । ବିଭା ହେବେ ?

—ହଁ ।

—କାହିଁକି ? ସ୍ୱାଧୀନତା ଲୁଚିଯିବ ବୋଲି ଡରୁଛନ୍ତି କି ? ମନେ ରଖିଥିବେ କାହାର ସ୍ୱାଧୀନତା ନାହିଁ । କିଏ ମାଟିରେ କିଏ ମଣିଷରେ, ନ ହେଲେ ଆକାଶ ସାଙ୍ଗରେ ଲାଗିଛି । ବନ୍ଧା ହୋଇ ନ ଥିଲେ ମଣିଷ ଉଡ଼ିଯିବ ଏଣୁ ସଂସାରରୁ ।

କେଶବବାବୁ କହିଲେ—ଗୁଡ଼୍ ମ । ସିଧା ସଳଖ ନ କହି ଏତେ କୋଟିକମ କରି କ'ଣ ପଗୁରି ହେଉଛ !

—ଅମାନଆ ଲୋକ ବୋଲି ତାଙ୍କର ମନ ନେବାକୁ ତାଙ୍କୁ ଭଜେଇବାକୁ ଏତେ କଥା କହିବା ଦରକାର ପଡ଼ୁଛି । ସେ ପରା ଗଦ୍ୟ ପଦ୍ୟ କରୁଛନ୍ତି । ଯିଏ ତ ଗଦ୍ୟ ଲେଖେ ସେଇ ତ ପଦ୍ୟ ଲେଖେ । ଏକା କଥାରୁ ଗଦ୍ୟ ବି ହୁଏ ପଦ୍ୟ ବି ହୁଏ । ବାବୁ ଆମର କହୁଛନ୍ତି ସେ ଭଜା ଭର୍ତ୍ତା ଖାଇବେ ନାହିଁ । ଖାଲି ରସା ଆଉ ଆମ୍ବିଳ ଖାଇବେ । ସେ କହୁଛନ୍ତି ସେଗୁଡ଼ାକ କବିତା······ ହସି କହିଲି କ···ବି···ତା···

ସୁଭାଷବାବୁଙ୍କୁ ପୁଣି ଶ୍ୟାମାଦେବୀ ନଚେଇ ନଚେଇ କହିଲେ —ଆପଣଙ୍କ କଥା ଶୁଣିଲେ ସତରେ ଭାରି ଦୁଃଖ ହୁଏ । ଆପଣ କେମିତି ଚଳିବେ କେଜାଣି ! ରାନ୍ଧିବା ବେଳେ କବିତା ବାହାରେ ନାହିଁ । ଘର ପହଁରିବାର ଖଡ଼୍ ଖଡ଼୍ ଶବ୍ଦ, କ ଗାଈ ଗୋରୁ କୁକୁରଙ୍କୁ ବାନ୍ଧିଲାବେଳେ ଶିକୁଳିର ଝଣ୍ ଝଣ୍ ଶବ୍ଦ, ସିତାର ପରି ବାଜେ ନାହିଁ । ସେସବୁ କଲାବେଳେ କେହି ସେଥିରୁ ସଙ୍ଗୀତର ମଉଜ ପାଇପାରେ ନାହିଁ । ସେଗୁଡ଼ାକ ନ ଥିଲେ ସିତାର ବି ବାଜିବ ନାହିଁ । କବିତା ହେବ ନାହିଁ ।

—ଗଦ୍ୟମୟ ଜୀବନ ମୋତେ ଭଲ ଲାଗେ ନାହିଁ । ସୁଭାଷବାବୁ କହିଲେ ।

—କାହାକୁ ଭଲ ଲାଗେ କି ? ସମସ୍ତେ ଖୋଜନ୍ତି । ସ୍ତ୍ରୀ ହୋଇଥିବ ଏମିତି—ସବୁ ଗୁଣ ରୂପ ପ୍ରୀତି ଆଉ ଦକ୍ଷତା ସେଠି ଖଣି ପଡ଼ିଥିବ । ଆଉ ତା'ର ସାଙ୍ଗରେ ବାବୁ ଘର କରିବେ······ କେବେ କେମିତି ପେଣ୍ଡୋଲ ଉପରେ ହେଲେ ହୁଏ । ଦୁନିଆରେ ସେ

କ'ଣ ସମ୍ଭବ···ଆଗ୍ରୁ ଆପଣ କେବେ ଅଭିନୟ କରିଛନ୍ତି ? ସ୍କୁଲ କଲେଜରେ ?

—ନାଁ । କରିନାହିଁ କି ଦେଖି ନାହିଁ । ବାହାରେ ଦେଖିଛି ।

— ଭଲଲାଗେ ଦେଖିବାକୁ ?

କେଶବ ବାବୁ କହିଲେ—ସମସ୍ତେ ପଇସା ଦେଇ ଯାଉଛନ୍ତି । ଭଲ ଲାଗେ ବୋଲି ।

—ହଁ ତ, ଭଲ ଲାଗେ । ମୁଁ କ'ଣ ଜାଣେ ନାହିଁ ଏତକ ? ଶୁଣୁଥିଲି ଯେ ଆମ ବାବୁ ସେତେବେଳେ ଅଭିନୟର ବିରୋଧୀ, କାଳେ କହିବେ ଏହି ରୋକ୍‌ଠୋକ୍ ସଂସାରରୁ କବିତା ଖୋଜିବାର ଚେଷ୍ଟା କରିବା ବି ଗୋଟାଏ ଅଭିନୟ !

ନଜର ବିରକ୍ତିକୁ ଲୁଷା କରିଦେବାକୁ ସୁଭାଷବାବୁ କହିଲେ—ଆପଣ ଏକା ଭଲ କରି ଲୋକର ଦୋଷକୁ ବାହାରେ ଦେଖାଇ ପାରନ୍ତି । ଛଳନାକୁ ସତ ମନେ ନକଲେ ଜୀବନଟା ଶୁଖିଯିବ ।

—ସତେ ! ତେବେ ଛଳନା ଆପଣଙ୍କର ଦରକାର । ଅଭିନୟକୁ ବି ଆପଣ ସୁଖ ପାଆନ୍ତି ? ଆପଣ ଗଦ୍ୟକୁ ପଦ୍ୟ ଆକାରରେ ଦେଖିବାକୁ ଚାହାନ୍ତି । ହେଲା ତ ଏଥର । ବସି ହୁଅନ୍ତୁ ଏ ସବୁ ଦେଖିବେ । ପ୍ରତ୍ୟେକ ବିଷୟ ପାଇବେ ।

—ଆଉ ଜଣକ ସଙ୍ଗରେ । ଏକାଠି ରହିଲେ କ'ଣ ଛଳନା ହୁଏ ?

—ଛଳନା ଅଭିନୟ ଆଉ ବାରକଥା ଏଇ ମଣିଷ କାଢ଼ିଛି । ବିଭିନ୍ନ ପ୍ରକାରେ ସାଜିବା ବି ଛଳନା । ବିଭିନ୍ନ ପ୍ରକାରର ଗୀତ ଗାଇବା ସେମିତି ଅଭିନୟ । ଅସୁନ୍ଦରକୁ ସୁନ୍ଦର ବୋଲି କହିବା ଓ ପାପକୁ ପୁଣ୍ୟ ବୋଲି ଭାବିବା ଅଭିନୟ । ମୀତକୁ ଅମୀତ ମନେ

କରିବା, ପରକୁ ଆପଣାର କରିବା, ଆଉ ନିଜକୁ ଅନ୍ୟଠାରେ ବିକି ଦେବା, ଠିକ୍ ସେତିକି ଛଳନା ! ସେ ଛଳନା ଆଜି ଅଭିନୟକୁ ଖାବଦର ସତ କଥା ବୋଲି ଧରି ନିଏ, ସେଇ ହେଉଛି ସୁଖୀ । କାହା ହେବେ ? ଫଟୋ ଦେଖିବାକୁ ଚାହାନ୍ତି କି ? ରାଜି ହେଲେ ଏଇ ତିନିମାସ ଭିତରେ ଦିନେ ।

—ଏତେ ଚଞ୍ଚଳ ! ମୋ ଝିଅଟି ଠିକଣା ହୋଇ ନାହିଁ । କାଏମ୍ ହୋଇ ନାହିଁ ପରା—

—ସେ ଆସି କ'ଣ ସେଥିରେ ଗୋଳମାଳ କରିବ ? ଝିଅଟି ମନକୁ ତା'ର ପସନ୍ଦ ହୋଇଯିବ ।

ଅସହାୟ କଣ୍ଠସ୍ୱର । ସୁଭାଷବାବୁ କହିଲେ—ଆଉ କେତେ ଦିନ ଯାଉ ।

—କେତେଦିନ ଗଲେ କ'ଣ ସୁବିଧା ହେବ—କେମିତି ସୁବିଧା ହେବ ମୁଁ ବୁଝି ପାରୁ ନାହିଁ ।

କେଶବବାବୁ କହିଲେ—କିଏ ଛୁଞ୍ଚାଟାରେ ବାନ୍ଧିହେବାକୁ ଭଲପାଏ ? କ'ଣ କମି ବନ୍ଧନ !···ଉଃ ଦାୟିତ୍ୱ !

ସୁଭାଷବାବୁଙ୍କର ମୁହଁ ଉଜ୍ଜଳ ଦିଶିଲା । ଶ୍ୟାମାଦେବୀ କହିଲେ—କ'ଣ ଏଇ କଥା ? ସେ ଯାହା କହୁଛନ୍ତି ଆପଣଙ୍କ ମତ କ'ଣ ସେୟା ?

—ହଁ । ସେ ତ ଭୁଲ କଥା କହି ନାହାନ୍ତି ।

ବିଦ୍ରୂପଭରା ହସ ଓ ଝଙ୍କାରୀରେ ଶ୍ୟାମାଦେବୀ ସୁଭାଷବାବୁଙ୍କୁ କହିଲେ—ପୁରୁଷମାନେ ବଡ଼ ଛଳନା ପ୍ରିୟ । ଦାୟିତ୍ୱ ନ ନେଇ ଭଲପାଇବାକୁ ଚାହାନ୍ତି । ଯେଉଁଠି ଯାହାକୁ ଭଲପାଇବା ପାଇଁ ସେମାନେ ଦାୟୀ, ତାକୁ ଭଲ ପାଆନ୍ତି ନାହିଁ । ସେ ହୋଇଯାଏ ଗୌଣ—ହୀନ । ଆଉ ଏମାନେ ବୁଲୁଥାଆନ୍ତି ଚାରିଆଡ଼େ ପ୍ରୀତି

ଖୋଜିବାକୁ—ଅହଲ୍ୟା ବୃକଶ ଖୋଜିଲା ପରି । ଆଉ ସେଇଁଠୁ ଭଲ ପାଇବା ପାଆନ୍ତି ତାଙ୍କୁ ନନ୍ଦା କରି କହନ୍ତି—ଛଳନାମୟୀ, ଛଟକୀ ଆଉ ଅଭିନେତ୍ରୀ—ସେ ଦୀର୍ଘ ନିଶ୍ୱାସ ପକାଇଲେ ।

ବିନା କାରଣରେ ଆଶାର ଇନ୍ଦ୍ରଧନୁ ଦେଖାଇ ପୁଣି ତାଙ୍କୁ ହରିନେବା ଶ୍ୟାମାଦେବୀଙ୍କ ପକ୍ଷରେ ଅତି ସହଜ କାମ । ସୁଭାଷବାବୁ ଟିକିଏ ପରକୀୟା ପ୍ରୀତି ଖୋଜି ଆସିଥିଲେ ବୋଲି ତାଙ୍କୁ ଶ୍ୟାମାଦେବୀ କଥା, କାମ ଓ ବ୍ୟବହାରରେ ଉଠାଇ ନେଉଛନ୍ତି । ପୁଣି ସେମିତି ଠେଲି ଦେଉଛନ୍ତି ।

ମନମରା ହୋଇ ସେ ଶ୍ୟାମାଦେବୀଙ୍କର ସେଇ ଛଳନା-ଭରା ମୁହଁକୁ ଆଉ କେଶବବାବୁଙ୍କ ନିଷ୍କପଟ ଆଖିକୁ ବାରମ୍ବାର ଦେଖୁଥିଲେ । ସେଥିରୁ ସେ ଦେଖିପାରୁଥିଲେ ଯେ ମଣିଷ ଓ ମଣିଷର ବ୍ୟବହାରରେ ସତଠାରୁ ମିଛ, ପ୍ରକୃତ ବସ୍ତୁଠାରୁ ଛଳନା ଅଧିକ ଓ ବଳବାନ ।

ଶ୍ୟାମାଦେବୀ ସମସ୍ତଙ୍କ ଉପରେ ବିରକ୍ତ ହେଲା ପରି କହିଲେ —କାମର କଥା ତ କିଛି ହେଲା ନାହିଁ । ଝିଅଟା ବିଷୟରେ ଜବାବ ଦେଇ ରଖିପାରୁ ନାହିଁ । ସୁଭାଷବାବୁଙ୍କ ଉପରେ ଭରସା ଥିଲା ବୋଲି କହିଦେଇ ଆସିଥିଲି—ବାରଅଣା ଠିକ୍ । ସେ ଅଧିକାରୀ ବି ରହିଲା ନାହିଁ । ଏତେ ହୀନକପାଳୀ ଯେ କଥା କହି କଥା କେଉଁଠି ରଖିପାରୁ ନାହିଁ । ଯାଏ ଗାଆଣ ବାଜଣା···

କେଶବବାବୁ କହିଲେ—ତାଙ୍କୁ ପଗ ଡାକ ଆଣିଛେ । କଥା ଖାଷା ହେବା ନା ତୁମେ ଝଣ ଝଣ ଆରମ୍ଭ କରିବ ? ତାଙ୍କୁ କାଲେ ଭଲ ନ ଲାଗିବ !

—ଲାଗୁ କି ନ ଲାଗୁ । ମଣିଷ ସିନା କଥା କହେ କଥା ଶୁଣାଇବା ପାଇଁ । କଥା ଯଦି ନ ଶୁଣିଲା, ଶ୍ରୋତା ଜନତା ଯେବେ ବଧିର ହେଲା—ତେବେ କଥା କହି ଲାଭ କ'ଣ ? ସେ ସିନା ଶୁଣୁଛନ୍ତି କଥାରୁ ବି ମିଠା ଝରିବ । ମିଠା କାହିଁ ? ମୋ କଥାରେ ରାଜି ହୋଇଥିଲେ ମୁଁ ତ ତାଙ୍କୁ ଆଜି ଛାଡ଼ନ୍ତି ନାହିଁ । ଏଇଠି ରଖେଇ ଦିଅନ୍ତି—

ସୁଭାଷବାବୁ ନିରେଖି ଦେଖୁଥିଲେ ଶ୍ୟାମାଦେବୀଙ୍କୁ । ସେ ସବୁ ଦେଇ ନ ଦେବାର ଛଳନା କରି ପାରନ୍ତି । ଆଉ କିଛି ନ ଦେଇ ସବୁ ଦେବେ ବୋଲି ଆଶା ଦେଇ ପାରନ୍ତି । ସେ ଦୀର୍ଘନିଶ୍ୱାସ ପକାଇ କହିଲେ—ଶ୍ୟାମାଦେବୀ ! ଆପଣ ପ୍ରକୃତରେ ଭାରି ଅଦ୍ଭୁତ ଲୋକ ! ଆପଣଙ୍କପରି ଲୋକ ଯଦି ମୋତେ ମିଳନ୍ତା, ତେବେ ମୁଁ ଆଜି ବନ୍ଧା ହେବାକୁ ରାଜି ।

ହସି ଶ୍ୟାମାଦେବୀ କହିଲେ—ମଣିଷ ସେମିତି ମିଳନ୍ତି ନାହିଁ । ପ୍ରତ୍ୟେକଙ୍କୁ ଗଢ଼ି ନେବାକୁ ହୁଏ—କାଦୁଅକୁ ଆଉଁଷି—ପିଟି କଣ୍ଢେଇ ଗଢିଲା ପରି । ଆପଣ ଯେଉଁ ପ୍ରକାରର ଶିଳ୍ପକାର ହୋଇଥିବେ, ସେହି ପ୍ରକାରର ଲୋକ ପାଇବେ । ମୁଁ ଆପଣଙ୍କର ଘର ମଣିଷ । ମୁଁ ସ୍ୱା'ଙ୍କର ସ୍ତ୍ରୀ । ଆପଣ ମୋ ପରି ଲୋକ—ଠିକ୍ ମୋରି ପରି ଲୋକ ଖୋଜୁଥିଲେ, ଆପଣଙ୍କୁ ସ୍ୱା'ଙ୍କର ପରି ହେବାକୁ ହେବ । ହୋଇ ପାରିବେ ?

ସୁଭାଷବାବୁ ଚାହିଁଲେ କେଶବବାବୁଙ୍କୁ । ଆଖିରେ ସନ୍ଦେହ ।

ଶ୍ୟାମାଦେବୀ କହିଲେ—ସେଇଟା ଅଭିନୟ ନୁହେଁ । ପ୍ରକୃତ କଥା । ଅଭିନୟ କରି ଆପଣ ତାଙ୍କ ପରି ହୋଇ ପାରିବେ ନାହିଁ । ଯେତିକି ବା ହେବେ, ଠିକ୍ ସେତିକି ଆପଣ ଆପଣଙ୍କ ସ୍ତ୍ରୀଙ୍କୁ ମୋରି ପରି କରିପାରିବେ । ତାଙ୍କର ଗୁଣ, ଦୋଷ, ବଳ, ବୁଦ୍ଧି ମୁଁ

ଜାଣେ । ଆପଣଙ୍କୁ ବି ମୋଟା ମୋଟି ଜାଣେ । ମୁଁ କହୁଛି ଯେ ତାଙ୍କ ପରି ଆପଣ ହୋଇପାରିବେ ନାହିଁ । ହୋଇ ନ ପାରିଲେ ଆପଣଙ୍କ ସ୍ତ୍ରୀ ମୋ ପରି ନ ହୋଇ ଅଲଗା ହେବ । ସେଥିରେ କ୍ଷତି କ'ଣ ?

ଦେବ ପିଲା ଦୁଇଟିଙ୍କୁ ସାଙ୍ଗରେ ନେଇ ଆସି ପହଞ୍ଚିଲା । ଘରଟା ପୂରି ଉଠିଲା ନାନା ପ୍ରକାରର କୋଳାହଳରେ ।

ଶ୍ୟାମାଦେବୀ ପଚାରିଲେ ପିଲାଙ୍କୁ—ମାମୁଁଙ୍କୁ ସେମାନେ ପାଇଲେ କୋଉଠୁ ?

—ଆସୁଥିଲେ ଆମ ଘରକୁ । ଆମେ କହିଲୁ ପଶ୍ଚିମନଦୀକୁ ଯିବା । ମା ବୁଲେଇ ନଅନ୍ତି । ସେ ଆମ୍ଭକୁ ବହୁତ ଦୂର ନେଇଥିଲେ । ପଶ୍ଚିମ ନଦୀର ଶେଷର ପହଞ୍ଚି ପାରିଲୁ ନାହିଁ । ଫେରି ଆସିଲୁ ।

ଶ୍ୟାମାଦେବୀ ମନେ ପକାଇଥିଲେ ସେ ଦିନର ଘଟଣା, ସୁଭାଷବାବୁ ବି ସେଦିନ ଆସିଥିଲେ ରାସ୍ତାକୁ । ଦେଖା ହୋଇଥିଲା ।

ସୁଭାଷବାବୁ ଓ ଶ୍ୟାମାଦେବୀ ଚେରପାରକୁ ଚାହିଁଥିଲେ—ସେ କଥା ଆଉ ନକହୁ ।

ନ ବୁଝିଲା ପରି ଶ୍ୟାମାଦେବୀ କହିଲେ—ପିଲାଏ ଖାଲି ମନେ ରଖିପାରନ୍ତି ।···ସେଇଠୁ ଦେବକୁ ପଚାରିଲେ, ସେ ସୁଭାଷବାବୁଙ୍କୁ ଚିହ୍ନେ କି ନାହିଁ ?

'ନମସ୍କାର' ଜଣାଇ ଦେବ କହିଲା—ଚିହ୍ନେ ବୋଲି ।

—କାହିଁ ମତେ ତ କହିନାହିଁ ।

—ସବୁ କଥା କ'ଣ କହୁଥିବ ?

ସୁଭାଷବାବୁ କହିଲେ—ସେ ଠିକ୍ କହିଛନ୍ତି ଆମେ ଦୁହେଁ ଦୁହିଁଙ୍କୁ ଚିହ୍ନୁ । କିନ୍ତୁ କଥା ହୋଇନାହୁଁ ।

କେଶବବାବୁ କହିଲେ—ବହୁତ ଦିନ ହେଲାଣି । ସେ ଆମର ପରିବାରର ବନ୍ଧୁ । ଏଇ ଦେବ କୁନାଙ୍କଠାରୁ ଅଳପ ବଡ଼ ହୋଇଥିଲେ । ଆମେ ନୂଆ ବାହାହୋଇ ଆସିଥାଉ । ସେତକ ବେଳରୁ ଭଲ୍ପା । ମୋ ସ୍ତ୍ରୀ ସେଇଦିନରୁ ତାଙ୍କୁ ଘରର ପିଲା ପରି ଚଳାଇ ଆସୁଛନ୍ତି ।

—ସେ କରୁଛନ୍ତି କ'ଣ ?

ଏହି ପ୍ରଶ୍ନ ଶୁଣି ଦେବବାବୁ ବିରକ୍ତ ହେଲା ପରି କହିଲେ—ଆପଣଙ୍କର ପୋଷ୍ଟ ପାଇଁ ଦରଖାସ୍ତ ଦେଉଛି । କେଇଟା ଗ୍ରୁକରୀ ଅବା ଖାଲି ହେଉଛି । କ'ଣ ହେଉଛି କେଜାଣି ।

—ହୁଁ···ମ, ଜାଣି ପାରୁଛି । ତମର ପଢ଼ାରେ ଯୋଉ ମନ ନା, ତମେ ତାଙ୍କ ପରି ଗ୍ରୁକରୀଟା ପାଇଯିବ ଖାଲି ଭାବିଦେଲେ !

ସୁଭାଷବାବୁ ବିଦ୍ରୂପର ହସ ଓଠ କଣରେ ଖେଳାଇ କହିଲେ—ନ ହେବ କାହିଁକି ? ସେ କ'ଣ ମୋ ସାଙ୍ଗରେ ସମାନ ନୁହନ୍ତି ? ନ ହୋଇଥିଲେ କ'ଣ ହେବେ ନାହିଁ ? ଆମେ ତ ଆଉ ପ୍ରଭିବର୍ଷ ସେଇ ଗ୍ରୁକରୀଟା ଥରେ ଥରେ ପାଇବୁ ନାହିଁ ।

କପଟ ରୋଷ ଦେଖାଇ ଶ୍ୟାମାଦେବୀ କହିଲେ—ଆପଣ ଆଜି ସେ ଦୁହେଁ ସମାନ ! କି ଜାଣି ସରକାରଙ୍କ ଆଖିରେ ହେଲେ ଅବା ହୋଇପାରନ୍ତି । ସେଠି ତ ଅଭିନ୍ୟାୟ । ମୋ ମନକୁ ତ ମୋଟେ ପାଉନାହିଁ । ଆଉ ଗ୍ରୁକରୀ ପାଇଲେ ବି ସେ ମୋ ଆଖିରେ ସେମିତି ଦିଶିବ ନାହିଁ ।

ଦେବ କହିବାକୁ ଯାଉଁଥିଲା । କହିଲା—କୌଣସି ଗୁଣରେ ମୁଁ ଊଣା ନୁହେଁ ତ ।

ତାକୁ ଆକଟ କରି ଶ୍ୟାମାଦେବୀ କହିଲେ—ଛି ଦେବ, ସେମାନେ ମୋର ଯେତେବେଳେ ଗୁରୁଜନ, ତମେ ତାଙ୍କ ସାଙ୍ଗରେ ସମାନ ହେବା ଉଚିତ ନୁହେଁ । ସମାନ ହୋଇଥିଲେ ବି ସେ କଥା ତୁଣ୍ଡରେ ଧରିବ ନାହିଁ ଅବା ମନରେ ଭାବିବ ନାହିଁ । ସେ ଦୁହେଁ ଏକା ପାହାଚରେ । ଆମେ ଦୁହେଁ ଟିକେ ତଳେ ।

କହି ଶ୍ୟାମାଦେବୀ ଆଦେଶ ଶୁଣାଇଲା ପରି ସ୍ୱାମୀଙ୍କୁ କହିଲେ—ତୁମେ ସୁଭାଷବାବୁଙ୍କୁ ନେଇ ବାହାରେ ଟିକିଏ ବୁଲି ଆସ । ଘରଣ୍ଟାରେ ବସିରହିଲେ କିଛି ଭଲ ନୁହେଁ । ସେ ତ ସବୁଦିନେ ବସି ରହି ଦେହ ଖରାପ କରୁଛନ୍ତି । ତମୁକୁ ତ ଡାକ୍ତର ବୁଲିବାକୁ କହୁଛି । ଯାଅ ।

—ଇଏ ତେବେ ଘରର ଗୀଏ ନା ? ଆମେ କଟେଗୀରେ ଗୀଏ ଦେଉ । ମୁଁ କାଲି ଗୋଟିଏ ଗୀଏ ଶୁଣାଇଥିଲି ।

—ତେବେ ବୁଝିଥିବେ କେତେ କଣ୍ଠାକଣ୍ଠିରେ ମଣିଷ ଗୀଏ ଶୁଣାଏ·· ହଜି ଯାଆନ୍ତି । ଯଦି ମନ ବଦଳାଇ—ମୋ କଥା ରଖିବାକୁ,—ମୋ ମୁଣ୍ଡ ତଳକୁ ନ କରିବାକୁ ଶ୍ରଦ୍ଧା ବଳାଇ—ତେବେ···

ସେଦିନ ତିନୋଟି ଗୁଟିଆ ବୈଠକ—ପଦ୍ମଲମା ଆଉ ବେଣୁଧର ଠା'ଙ୍କରେ, ସୁଭାଷବାବୁ ଓ କେଶବବାବୁ, ରାସ୍ତାରେ ଆଉ ଦେବ ଓ ଶ୍ୟାମାଦେବୀ ନିଜ ଘରେ—ଗୋଟିଏ କଥା ଆଲୋଚନା କରୁଥିଲେ । ସମସ୍ତଙ୍କ କଥାର କେନ୍ଦ୍ର ସୁଭାଷବାବୁ ।

ପ୍ରତ୍ୟେକ ଥର କେଶବବାବୁ ଫେରିଲାପରେ ଦୁଇବାବୁଙ୍କ ଭିତରେ ଯେଉଁ ଅଭେଦ ବନ୍ଧୁତ୍ୱ ଦେଖା ଦେଉଥିଲା, ସେତକ ବେଣୁଧର ଓ ପଦ୍ମଲୀମା ଦୁହିଁଙ୍କୁ ଭାରି ଖରାପ ଲାଗୁଥିଲା । ସେ ଦୁହେଁ ବାବୁଙ୍କର ଏହି କାମକୁ ମୋଟେ ଦେଖି ସହି ପାରୁ ନଥିଲେ ।

ବେଣୁଧର ଗୁଁ ଭଆର କରି ବସିଛି । ଥଣ୍ଡା ହୋଇ ଉଜୁଡ଼ି ଗଲା । ନିଜର କୌତୂହଳ ପ୍ରକାଶ କରିବ କି ନ କରିବ ଭାବି ଭାବି ପଦ୍ମଲୀମା ଝାଡ଼ୁ ଧରି ଏପାଖ ସେପାଖ ହେଉଥିଲା ।

ବେଣୁଧର ପଚାରିଲା—କେତେବେଳ ଯାଏ ବସିଥିବ ଲୋ, ବାବୁ, କ'ଣ ଫେରିବେ ନାହିଁ ତମ ଘରୁ ? ଟିକଏ ବୁଝି ଆସନ୍ତୁ ।

ଝାଡ଼ୁଟା ତଳେଦେଇ ପଦ୍ମଲୀମା କହିଲା—ବଡ଼ବଡ଼ିଆଙ୍କୁ ତ ସବୁ ସାଜେ । ସାନଘର ହୋଇଥିଲେ ଶାଶୁନଣନ୍ଦ ପିଠାଘର ଦେଖେଇ ଦଅନ୍ତେଣି । ଏତେ ତ ଷୀରିମାର ଭାବ । ଧନେ ହେଲେ ଜାଲ ହବ ।

ଟିକଏ ଧୁଞ୍ଚି ଆସି ବେଣୁଧର ପଚାରିଲା—ସେଠି କ'ଣ ହୁଏ ?

—କିଛି ନାହିଁ ମ ! ଖାଲି ହେଟରେଷୀଙ୍କ ଘରି ଗୁଡ଼ାଏ ହସ ଆଉ କଥା । ମତେ ଶୁଣିବାକୁ ଭଲ ଲାଗେ ନାହିଁ । ପଢ଼ୁଆ ଲୋକେ ଭାରି କଥା କହିବାକୁ ସୁଖ ପାଆନ୍ତି ।

—ଏବେ କ'ଣ କରୁଛନ୍ତି ?

—ବସିଛନ୍ତି ତ ଗାଲିଚ୍ଚ ଉପରେ । ତମ ବାବୁଙ୍କ ପାଇଁ କଣ‌ଆଁ ଖୋଜୁଛନ୍ତି ଆମ ବାବୁଆଣୀ । ଆମର ଏବେ କ'ଣ ହେଲା ? ମୁଁ ଯାଉଛି ।

—ଆରେ ଚଞ୍ଚୁଳୁ କାହିଁକି ମ ! ଟିକଏ ଶୁଣ । ଗୁଁ କରିଥିଲି ଯେ ହିମକାକର ହୋଇଗଲାଣି । ବାବୁ କ'ଣ ସେଇଠି ନାସ୍ତା କରିବେ କି ?

—ନାସ୍ତା କ'ଣ ? ଖୋଲି କରି କହନ୍ତୁ ।

—ନାସ୍ତା କରୁଛୁ ଖରାପ କଥା ନୁହେଁ । ତୁ ଏମିତି ଚିଡୁଛୁ କାହିଁକି ? ଆରେ ତମ ଖାଜଧାଣି କେମିତିକା ଲୋକ ? ସବୁବେଳେ ତ ପାଖାକୁ ଯିବା ପରି ବେଶପଟା ହୋଇ ଥାଆନ୍ତି ।

ରୁଷି ଆଡ଼କୁ ଚାହିଁ ପଦ୍ମଲମା ପ୍ରତିବାଦ କରି କହିଲା—ହେଇ ଶୁଣ ଚପ୍ରାଶୀବାବୁ – ତମେ ମୋତେ ହରବରରେ ପକେଇବ । ଆମ ମା ଜାଣିଲେ ମତେ ଆଉ ଦୁଆର ମଡ଼େଇବେ ନାହିଁ । ସେ ଯାହା କଲେ କି ନ କଲେ ମୋର କ'ଣ ଅଛି ସେଥିରେ !

—ନାଇଁମ ! ତୁ ଟିକିଏ ନାସ୍ତା କର ।

ଚିଡ଼ି ଉଠି ପଦ୍ମଲମା କହିଲା—ଏତେ ବହପ ! ମତେ ନାସ୍ତା କରିବାକୁ କହୁଛୁ ? ମୁଁ କ'ଣ ନାସ୍ତା କଲା ଭଳିଆ ଦିଶୁଛି ?

—ମଲା ମଲା ଏମିତି କାହିଁକି କହୁଛୁ ନ ବୁଝି କୁଦା ମାରୁଛୁ । ହେଇ ଦେଖ୍ ନାସ୍ତା କଲି ।

ପଦ୍ମଲମା ମୁହଁ ବୁଲାଇ ନେଲା । ସେ ରୁଷି ଯାଇଥିଲା । ବେଣୁଧର ପଛରୁ ଡାକି କହିଲା—ଆଲୋ ଭଲ କଥାକୁ ଏମିତି ଚିଡ଼ୁଛୁ ?

—ହଉ ଆଉ ! ରଖିଥା ଭଲ କଥା । ବାବୁଙ୍କୁ କହିବୁ । ମୁଁ ବି ବାବୁ ଆଗରେ ସବୁ କଥା ନଶୁଣେଇଲେ—କହି କାନରେ ଗଣ୍ଠି ପକାଇଲା ।

ବେଣୁଧର ବିବ୍ରତ ହୋଇ ପଡ଼ିଲା । ସେ ଉଠି ଦୁଆରକୁ ଅଧା ପାର ହୋଇଛି, ତେଣେ ବାବୁ ଓ କେଶବବାବୁ ସ୍ତାରୁ ପଦ୍ମଲମା'କୁ ପଚାରୁଛନ୍ତି—କ'ଣ କି ପଦ୍ମଲମା ?

—କଣ୍ଟି ନୁହଁ । ଚପ୍ରାଶୀବାବୁ କ'ଣ କହୁଛନ୍ତି କେଜାଣି ! କହୁଥାଉ, ମୁଁ କହିଲି—ମୋ କାମ ସରିଲା ମୁଁ ଯାଉଛି । ତା' କଥା ଶୁଣିବ କାହିଁକି ?

କେଶବବାବୁ ପଚ୍ଚାରିଲେ—କ'ଣ କି ବେଣୁଧର, ପଦ୍ମଲମା ଚିଡ଼ୁଛି କାହିଁକି ?

—ନାସ୍ତା କରିବାକୁ କହିବାରୁ ମତେ ଗାଳି ଦଉଛି ।

ସୁଭାଷବାବୁ ଓ କେଶବବାବୁ ହସି ଉଠିଲେ । ପଦ୍ମଲମା ବିବ୍ରତ ହୋଇ ରହିଲା ।

ସୁଭାଷବାବୁ ପଚ୍ଚାରିଲେ—ଟିକିଏ ଜଳଖିଆ ନେ ? ମୁଁ ତ ଆଜି ତମ ବାବୁଙ୍କ ଘରେ ଖାଇଲି ।

ନରମି ଯାଇ ପଦ୍ମଲମା କହିଲା—ମୁଁ କ'ଣ ନାହିଁ କଲି ନବାକୁ ।

—ହଉ ଆ । ବେଣୁଧର, କ'ଣ ଦେଉଥିଲ ଦିଅ ।

ପଦ୍ମ ମା ଗାରେଇରେଇ ରହିଲା ବେଣୁଧରକୁ—ଆଉ କହିବୁ ସେ କଥା ।

ବେଣୁଧର ଜଳଖିଆ ଆଣି ପଦ୍ମଲମା'କୁ ଦେଇ କହିଲା—ଯାହା ତ କାମ କରୁଛୁ, ନେ ନାସ୍ତା କର ।

—ହେଇ ଶୁଣ ବାବୁ, ପୁଣି କହିଲାଣି !

—ଦୁଷ୍ଟାମିଟାଏ ନା କ'ଣ । ଆମେ ଜଳଖିଆ ଖାଇବାକୁ ହିନ୍ଦୀରେ ନାସ୍ତା କହନ୍ତି···ହଉ ବେଣୁଧର ଓଡ଼ିଆରେ ନ କହି ହିନ୍ଦୁସ୍ତାନୀରେ କାହିଁକି କହୁଛୁ ? ସେ ଚିଡ଼ୁଛି ।

—କୋଉ କଥାକୁ ସେ ଚିଡ଼େ ନାହିଁକି । 'ଆଜ୍ଞା' 'ଆପଣ' ନ କଲେ ଚିଡ଼ିବ । 'ନାସ୍ତା କର' ବୋଲି କହିଲେ ଚିଡ଼ିବ । 'ବୁଢ଼ୀ' ବୋଲି କହିଲେ ଚିଡ଼ିବ । ଭଲ ଲୋକ ଆମେ ରହିଛୁ !

ତଥାପି ସନ୍ଦେହ କଲାପରି ପଦ୍ମଲୋମା ଜଳଖିଆ ନେଲା । ବେଣୁଧର ପଚାରିଲା—ତୁ ଖାଇବୁ ?

ପଦ୍ମଲୋମା ରାଜି ହେଲା ପରି ଚାହିଁଲା । କାଳେ ବାବୁମାନେ କିଛି କହିଦେବେ ବୋଲି ସନ୍ଦେହ ।

କେଶବବାବୁ କହିଲେ—ତୁ ତ ତୁ ନିଜ ଆମ ଘରୁ । ଏ ବାବୁ କ'ଣ ମନା କରୁଛନ୍ତି ?

—ବାବୁ କାହିଁକି ମନା କରିବେ ! ସିଏ ତ ମତେ ମୋଟେ ଦେଖି ସହି ପାରନ୍ତି ନାହିଁ । ଅକାଳେ ସକାଳେ ଧନେ କ'ଣ ଯାଚନ୍ତି କି ?

ବେଣୁଧର କହିଲା—ମଲା, ଆମେ କେମିତି ଜାଣିବୁ ଯେ ତୋର କି ତୁ ତନେ । ହଉ ବସ୍ । ଏଇ ତୁ'କୁ ଟିକିଏ ତରେଇ ଦିଏ ।

—ଚିନି ମିଶେଇବ ନାହିଁ । ଲୁଣ ।

—ହଉ ଯା, ଚାଲୁ । ମୁଁ କସି ତୋ'ର ପାଇଁ ଆଉ ଥରେ ତୁ ଗୁଣିବ ! ଏଥିରେ ଚିନି ପଡ଼ିସାରିଛି ।

ପଦ୍ମଲୋମା ମୁହଁ ଶୁଖାଇ ଚାହିଁଲା ସୁବାସବାବୁଙ୍କୁ । ସେ କହିଲେ —ଏମିତି ଚିଡ଼ିଲେ କ'ଣ ବେଣୁଧର ତମ କଥା ଶୁଣିବ ? ତାକୁ ଟିକିଏ ମନେଇ କହିଲେ ସେ କରିଦିଅନ୍ତା ! ଭାରି ଭଲ ଲୋକ ସିଏ ।

ବାବୁମାନେ ହସି ହସି ପଦ୍ମଲୋମା'ର ନାସ୍ତା ତଥା ଲୁହାଲୁହି ହୋଇ ବୁଲି ବାହାରିଗଲେ । ଘରେ ରହିଗଲେ ପୁଣି ଦୁଇଜଣ ।

କେଶବବାବୁଙ୍କ ଘରୁ ତରଳ ହସ ଭାସି ଆସିଲା । ଘର ହସ କଥାଟାଏ ପଡ଼ିଛି ଶ୍ୟାମାଦେବୀ ଆଉ ଦେବବାବୁଙ୍କ ଭିତରେ ।

— ବୁଝିଲ ଏଥର । ସୁଭାଷବାବୁ ତାହା ହେଲେ ଗୋଟିଏ ଆକ୍‌ଟ୍ରେସ୍ ଖୋଜୁଛନ୍ତି । ତେବେ ପେଣ୍ଡାଲ ନକରିବେ କାହିଁକି ?

— ହେଇ ଏତେ ବଡ଼ ପାଟିରେ ! ଶୁଣିବେ କାଳେ !

— ସେ ପରା ଗଲେଣି ବୁଲିବାକୁ ।

— ଚପରାଶୀ ଅଛି ଘରେ ।

— ତମର ତାଙ୍କୁ ବି ଡର ।

— ଡରିବା କଥା ନୁହେଁ ସେ । ତେବେ ଆମ କଥା ଆଉ ଜଣେ କାହିଁକି ଶୁଣିବ ? କ'ଣ ଶୁଣିବ—ସେଥିରୁ କ'ଣ ବୁଝି ସେ ପୁଣି କହିବ ତାଙ୍କୁ । ଏତେ ଅଡ଼ୁଆକୁ କିଏ ଯାଏ ? ଅଳପ ଦିନର ଚିହ୍ନା ।

ଅଭିମାନ ଭରା ସ୍ୱରରେ ଦେବ କହିଲା—ଅଳପ ଦିନ ହେଇ ତ ତମେ ତାଙ୍କପାଇଁ କନିଆଁ ବାଛିଲଣି । ମୁଁ ତ ଆସିଲା-ବେଳେ ଏଇଠି ବସିଥିଲା ସଭା । କେବେଠୁଁ ତମେ ତାଙ୍କ ଆଗରେ ହେଲଣି ?

—ଆଗରେ କ'ଣ ହେଲା ? ସେ'ତ ବେଶି ଆସନ୍ତି ନାହିଁ ଏଣେ । ଆଜି ସ୍ୱାଙ୍କର ଗୋଟିଏ ଗୋଟିଏ ଏଠିକି ବୁଲି ଆସିଲେ । ତାଙ୍କୁ କ'ଣ କହିଥାନ୍ତି ବସିବା ଘରକୁ ଯିବାକୁ ?

—ବାହାର ଲୋକଙ୍କୁ ଏମିତି ଆଣି ଘର ଭିତରେ ବସାଇବା ଠିକ୍ ନୁହେଁ । ସେ କେମିତି ଲୋକ ଜାଣିଛନ୍ତି ?

ଭୟ କାତର ସ୍ୱରରେ ଶ୍ୟାମାଦେବୀ ପଚ୍ଛରିଲେ—ନା, ଜାଣେ ନାହିଁ । ତମେ ତ ଘୁରିଆଡ଼କୁ ଯାଉଛ । ସବୁ ଖବର ରଖୁଛ । ବୁଝି କହନ୍ତ ନାହିଁ ।

—କେବେ ପଚ୍ଛରିଛ କି ?

—ଏବେ ପଚ୍ଛରୁଛି ପରା !

—ହଉ ତେବେ ଶୁଣ । ସେ ଘରର ଡାହାଣୀ ପ୍ରକୃତିର ।

—ସତେ ! ଆଉ କ'ଣ ଶୁଣିଛ ?

—ସେଇ କଥା ତ । ଯୋଉଠି ସୁବିଧା ହେଲା ସେ ଆସି ଏମିତି ପତିଆରା ମେଲେଇବେ ଯେ ମଣିଷକୁ ଲାଗିବ ସତେ ଯେମିତି ସେ ଘରର ଆପଣାର ଲୋକ । ଛି ! ମଣିଷ ଏମିତି ହୁଅନ୍ତି ! ସେ ମଣିଷଙ୍କୁ ଘରକୁ କିଏ ଆଣିବ ?

—କ'ଣ କରିବା ହେବ, କଥା ବହୁତ ବଢ଼ିଗଲାଣି । ତମ ଭିଣୋଇଙ୍କର ତ ମୋଟେ ବୁଦ୍ଧି ନାହିଁ । ଦାଣ୍ଡବାଟକୁ ସେ ସିନା ଯାଉଛନ୍ତି । ସେ ଲୋକ ଦେଖି ଚିହ୍ନି ନ ପାରିଲେ ମୁଁ ଏଇ ହାଣ୍ଡିଶାଳରୁ କ'ଣ ବା ବାରିବି ?

—ଚନ୍ଦ୍ରାଦେବୀ କେମିତି ? ସେ ତ ଆସିବା ମୋଟେ ଅଳପ ଦିନ ହେଲା । ଏଇ ତ ସେ ଦିନ ଦେଖିଥିଲି ଚମ୍ପଶୀକୁ । ସେ କହୁଥିଲେ ସେ ଦିନ ବାବୁ ଆସିଲେ ବୋଲି । ତମର ଏବେ ଭାବ ହେଲା କେମିତି ?

—ଭାବ କ'ଣ ମ ! ମନ ମିଶେ ନା କ'ଣ ? ଡାକବାଲା ଯୋଉଠି ସେ ସେଇଠି । ମୁଁ ତ କେବେ ତାଙ୍କ ଆଗରେ ସାମନା-ସାମନି ହୋଇ ନାହିଁ । ତମେ କ'ଣ ଜାଣନାହିଁ ଯେ ମୁଁ ଘର ଲାଜକୁଳୀ ? ତାହାରିକି ଭରସି କିଛି କହିପାରେ ନାହିଁ ।

—ସେସ୍ନା ତ ମୁଁ ଖବୁଥିଲ । ସେଇଥିକୁ ମୁଁ ଡରେ ।... ଆସେ ନାହିଁ ।

—ହେଲ୍ଲ ତେବେ । ମୁଁ କହୁଥିଲ ଯେ ଦେବ ଭୁଲିଯାଉଛନ୍ତି ଆମୁକୁ । ଆଜ କଥା କଥାରେ ସେ ମଜ୍ଜି ଗଲେଣି—ଆଖିରେ ଶ୍ୟାମାଦେବୀଙ୍କର ତରଳ ଲାବଣ୍ୟ । ଅଳସ କଣ୍ଠସ୍ୱର । ଯେମିତି ଅଜଣା ଭୟରେ ଭରି ଯାଉଛି !

—ଯୋଉ ଦିନୁ ଦେଖିଲ ଯେ ତମେ ସୁଭାଷବାବୁଙ୍କ ବିଷୟରେ ଉତ୍ସାହୀ ସେଦିନଠୁ ମୁଁ ଆଉ ତମକୁ ଭଲ ଆଖିରେ ଦେଖୁନାହିଁ ।

—ହଇହୋ ଦେବ ! ତମର ଏତେ କପଟ ! ପେଟ ଭିତରେ ଏତେ କଥା ରଖି ତମେ ରହିପାର ହିକ ? କହିଲ ନାହିଁ ? ଟେତେଇ ଦେଇଥିଲେ ମୁଁ କ'ଣ ଆଉ ଆଜ ତାଙ୍କୁ ଦେଖା ଦେଇଥାନ୍ତି ! ସେ ବଡ଼ ହେଲେ କ ନ ହେଲେ ମୋର ବା କ'ଣ ଯାଏ ଆସେ ? କେଡ଼େ ଭୁଲକାମ ନହେଲା !

—ବ୍ୟସ୍ତ ହୋଇ ଲାଭ ନାହିଁ । ହେଲେ ଯେତିକ ହୋଇଛି ସେତିକରେ ଏଇ କେଣୁଧର ହେଇକା କ'ଣ ଫୁଟ୍‌ଫାଟ ହେଇ ନଥିବେ ?

—ତେବେ ମୁଁ ଦାଣ୍ଡରେ ପଡ଼ିଲ ! କେଡ଼େ ଅଭାଗୀ ମୁଁ ! ସେମାନେ କ'ଣ କହୁଛନ୍ତି ଶୁଣୁଛକ ? କହ ମୋ ରାଣ ଦେବ ! କହିବ ନାହିଁ ?

—କଛି ଶୁଣିନାହିଁ । ମୁଁ ତ ଆସିନାହିଁ ସେ ଦିନୁ ।

—ଲୁଚାଉଛ, ମୋ ଦେହ ଛୁଇଁ କୁହ ।

—ଦେହ କ'ଣ ଛୁଇଁବ ! ଶୁଣିନାହିଁ—ସତ କହୁଛି ।

—ମୋର ତ ମୋଟେ ବିଶ୍ୱାସ ହେଉନାହିଁ । ତମେ ଲୁଚିଉଛ । ସାହିଲୋକ ତୁଲଇ ଉଠେଇଲେଣି ମୋ ନାଁରେ । ମୁଁ ପଳେଇବି ଏଠୁ । କଳାମୁହଁ ଆଉ କାହାକୁ ଦେଖାଇବି ? ସବୁ ଦୋଷ ତମର । ତମେ ବାଡ଼ି ହୋଇ ରହିଲ । ଜାଣୁ ଜାଣୁ ମତେ ଭଙ୍ଗାରିବସା କରିଛ । ଦାଉ ସାଧୁଛ । ଏତେ କଥା ତମର ମନରେ ଥିଲା !—ଅଭିମାନର ତେଜ ଜଳୁଥିଲା ପଡୁଥାଏ ଶ୍ୟାମାଦେବୀଙ୍କ କଥାରେ ।

—ଏମିତି କାହିଁକି ହେଉଛ ? ଅଳପ ଦିନର ଦେଖା । ତମେ ତ ପୁଣି ନଥିଲ କେଇଦିନ । ସଜାଡ଼ି ହୋଇଯିବ ।

-- ନା ସଜାଡ଼ି ହେବ ନାହିଁ । ଥରେ ଦାଗ ଲଗିଲେ ଆଉ କ'ଣ ଦାଗ ଛାଡେ ? ସବୁ ଦିନକୁ ତ ମୁଁ ଯୋଡ଼ି ହୋଇଗଲି ତାଙ୍କ ସାଙ୍ଗରେ । ସେ ଶୁଣିଲେ କ'ଣ ଭାବିବେ ? ପିଲାଗୁଡ଼ାକ କ'ଣ କହିବେ ମୋ'କୁ ।

—କିଛି ହେଇନାହିଁ । ମୁଁ ଖାଲି ଭାବୁଥିଲି ଏମିତ ଏମିତ ହବ ବୋଲି ।—ହେଇପାରେ ବୋଲି ।

—ମତେ ଭଣ୍ଡୁଛ ? ମୋ ଦେହ ଛୁଇଁଲ ନାହିଁ । ମୁଁ ତ କଳଙ୍କ ଲଗାଇଛି ଦେହରେ ।

—ନା ସେ ସବୁ କଥା କହୁନିହିଁ । ହଉ, ତମ ରାଣ ମୁଁ କହୁ ଶୁଣି ନାହିଁ । ତେବେ ବୁଝିବି । ସୁଭାଷବାବୁଙ୍କ ଠୋଇଁ ବୁଝିବି ।

—ସେ ତ କପଟି ଲୋକ । ତମେ କ'ଣ ତାଙ୍କ ମନ କଥା କାଢ଼ି ପାରିବ ? ତମେ ପିଲା ।

—ପିଲା କ'ଣ ? ମୁଁ ତ ସେହି ଲୁକସା ପାଇଁ ଦରଖାସ୍ତ ଦେଇଛି ।

—ଦରଖାସ୍ତରେ କ'ଣ ଅଛି ? ଦରଖାସ୍ତ କଣ' ତମକୁ ପିଲାରୁ ବଡ଼ କରିଦେବ ? ତମେ ତ କିଛି ବୁଝ ନାହିଁ । ତମର ଛନ୍ଦ କପଟ ନାହିଁ । ତମେ ବୁଝିପାରିବ ଛନ୍ଦଆଙ୍କ କଥା ?—ନା ପାରିବ ନାହିଁ ।

—ଏତେ ପଢ଼ିଲ, ଏତିକ କଥା ବୁଝିପାରିବ ନାହିଁ ?

—ପାଠରେ କ'ଣ ଅଛି ? ପାଠ ପଢ଼ିଲେ କ'ଣ କିଏ ଚତୁର ହୁଏ ? ପଢ଼ିଛ ସିନା ! ସେଥିରେ କ'ଣ ଲେଖା ଅଛି ଆଉ ଜଣକ ମନ କଥା, ପେଟର କଥା କେମିତି କୌଶଳ କରି କାଢ଼ି ହୁଏ ।

—ହଁ, ମୁଁ ପାରିବି । ତାଙ୍କ ସାଙ୍ଗରେ ମିଶି ତମକୁ ନିନ୍ଦା କରିବି । ସେ ତ ନିଶ୍ଚୟ କହିବେ ।

—ମତେ ନିନ୍ଦା କରିବ ? ସେ ତ ମତେ ଖରାପ ବୋଲି ଭାବିବେ ?

—ମିଛିମିଛିକା ନିନ୍ଦା ନା ! ସେ ଭଲ ବୋଲି ତୁମକୁ ଭାବୁଥିଲେ କ'ଣ ଏଠିକି ଆସୁଥାଆନ୍ତେ ?

—ଆଉ କ'ଣ ମୋତେ ଖରାପ ବୋଲି ଭାବିବାକୁ ଆସୁଛନ୍ତି ! କ'ଣ ତୁମେ କହୁଛ ଆଜି ? ସତ କରି କୁହ । ମୁଁ ଖରାପ ବୋଲି କ'ଣ ସେ ଆସୁଛନ୍ତି ? ମୋ ଠାରେ କି ଆଶା ଅଛି ତାଙ୍କର ?

—ସେ ଜାଣିଥିବେ କି ତୁମେ ଜାଣିଥିବ ।

ଅକପଟ ଗୃହିଣୀ ଫୋପାଡ଼ ଶ୍ୟାମାଦେବୀ କହିଲେ—ମୁଁ କ'ଣ ଜାଣିବି ? ମୋର ତ କିଛି ଆଶା ନାହିଁ ତାଙ୍କଠାରେ । ତାଙ୍କଠାରୁ କ'ଣ ଆଶା କରିବି ? ସେ ତ ମତେ ମାଗି ନାହାନ୍ତି କିଛି । ମୁଁ ମୋଟେ ବୁଝି ପାରୁନାହିଁ ।

—ନ ବୁଝିଲେ ବ ଲୋକେ କ'ଣ କହିବେ ତମେ ବୁଝୁନାହଁ ? ସେ ନଜେ ଆଗ କହିବେ ନା ?

—ସେ କ'ଣ ଭାବୁଥିବେ କେଜାଣି । ଅକାରଣରେ ତାଙ୍କୁ ଆଣି ଏଇ ଗାଲଗ୍ଧ ଉପରେ ବସାଇଲ ! ଭିତରକୁ ଡାକ ଅଣିଛୁ ବପଦ । କୁଆଡ଼ର ଲୋକ—କାହିଁକି ଏଠିକି ଆସିଲେ ? କେଜାଣି ଏଇ ଘରବାଲା ଅଦଳଉଉରେ ତାଙ୍କୁଇ ଆଣି ଘରେ ରଖିଛୁ ମତେ ହ୍ୱନସ୍ତା କରିବ ବୋଲି ।

—ଘରବାଲା କ'ଣ କଲା ମ !

—ଆଉ କଏ ? ସେଇ ତ ଘର ଭଡ଼ା ଦେଇଛୁ । ସେଇ ତ ତାଙ୍କୁ ଆଣିଛୁ । ସେଇ ତାଙ୍କୁ ସବୁ ପରାମର୍ଶ ଦେଉଥିବ । ନ ହେଲେ ଆସୁ ଆସୁ ଏତେ ଏମିତି କ'ଣ କେଉଁ କାହାର ହୋଇ ଯାଏ ? ମୁଁ ବି କନ୍ତୁ ନ ବୁଝି ପାଣିରେ ଭାସିଲା ପରି ତାଙ୍କ ପାଇଁ କନ୍ୟା ଖୋଜିବାକୁ ଧାଇଁଗଲ । ନଜେ ତ ବୁଡ଼ିଛୁ । ପୁଣି ଆଉ ଗୋଟିଏ ଝିଅକୁ ନେଇ ବୁଡ଼େଇବାକୁ ଯାଉଛୁ—ତାଙ୍କ ସାଙ୍ଗରେ ଛନ୍ଦ ଦେଇ !

—ହୁଁ ସେ ତ ଖାଲି ତମ କଥାରେ ବେଦୀକୁ ଧାଇଁବେ ।

—ମନାକର ନାହାଁନ୍ତି ତ । କହୁଥିଲେ ମୋର ପରି ଲୋକଟିଏ ପାଇଲେ ହେଇପାରନ୍ତି ବୋଲି ।

—ତମ ପରି ନା ତୁମକୁ ?

—ଆହତ ଅଭିମାନରେ ଶ୍ୟାମାଦେବୀ କହିଲେ—ଦାଣ୍ଡରଲୋକ କହୁଛନ୍ତି । ତମେ ନ କହିବ କାହିଁକି ! ମୁଁ କ'ଣ ବାହା ନ ହୋଇଥିବା ଲୋକପରି ଦଶିଲି ତମକୁ ?

—ତଉଡ଼ୁଛ କାହିଁକି ତମେ ? କଚ୍ଛ ନ କହି ବାହାରେ ଜଣଙ୍କୁ ଦେଖିଲ, ସେ କ'ଣ କହିଦେବ ତୁମେ ବାହା ହୋଇଛ ବୋଲି ?

—ମୁଁ କ'ଣ ଏତେ ପିଲା ଦିଶୁଛି ? ଚଉଦ ବର୍ଷ ହେଲା ଘର କଲଣି । ମତେ କ'ଣ ଝିଅ ବୋଲି କହିବେ ?

—ହଁ !

—ଓ ! ବୁଝିଲି ଏଥର । ସେଥିପାଇଁ ତମେ କହୁଛ ଯେ ମତେ ତାଙ୍କ ସାଙ୍ଗରେ ଯୋଡ଼ି ବାର ପ୍ରପଞ୍ଚ କଥା କହିବେ ।

—ନାଁ ସେଥିପାଇଁ ନୁହେଁ । ସୁଭାଷବାବୁଙ୍କ ଗୁଣରୁ ସିନା କହିବେ ।

—ହଁ ତାଙ୍କ ଗୁଣ କଥା ବୁଝିବ ପର ?

—ବୁଝିବାକୁ ସମୟ ଲାଗିବ । ସେତେଦିନ ଯାଏ ତମେ ତାଙ୍କ ସାଙ୍ଗରେ —

—କଥା କହିବି ନାହିଁ । ଦେଖା ଦେବି ନାହିଁ । ତାଙ୍କୁ କହିଦେବି ଚାଲିଯିବାକୁ ।

—ନାହିଁ ନାହିଁ । ସେମିତି ଭଲ ହେବ ନାହିଁ । ସବୁ ଭଣ୍ଡୁର ହୋଇଯିବ । ସେ ଜାଣିବେ ଯେ ମୁଁ କିଛି ଗୋଲମାଲ କରିଛି । ସେତ ମତେ ଗୁହାଁନ୍ତି କଟାସ ପରି । ସତେ କି ଖାଇଯିବେ !

—ଭାରି ସାହସ ତାଙ୍କର ! ତମକୁ ସେ ସେମିତି ଗୁହାଁଲେଣି !

—ସେ ଦିନ ପରା ଗଲାବେଳେ ଗାରେଇଲେଇ ଗୁହୁଁଥିଲେ !

—ତୁମେ କ'ଣ କଲ ? କହିଦେଲ ନାହିଁ ଭଲ କରି ଅନାଅ ।

ମୁଁ ବି ଗାରେଇଲେଇ ଗୁହାଁଲି । ମନେ ମନେ ଭାବିଲି—ଦେବକୁ ଛାଡ଼ି ନାହଁ ।

—ଆଜି ତ କିଛି କହିଲ ନାହିଁ ତମେ ?

—କହିବାକୁ ଭାବିଥିଲି । ପିଲାଏ କହୁଥିଲେ ଯେ ସେ ମଉସା ହୋଇଛନ୍ତି ।

—ମଉସା ! ହଁ ହବର । ସେ ହଣ୍ଡହେଲେ ମଉସା ହୁସାବ ହୁଅନ୍ତେ । ଏବେ ସେ ଯାହା ବେଣ୍ଡୁଅର ହ ସେପ୍ସ୍ । 

—ତାଙ୍କୁ ସେଇଠି ରଖ । କହିହଅ ଯେ ତାଙ୍କର ଜାଗା ଦୁଆର ବନ୍ଧ ସେପାଖେ । ଭିତରକୁ ତାଙ୍କର ଗୋଡ଼ ନ ପଡ଼ୁ ।

—କହିବ ?—ନାହିଁ ମୁଁ ପାରିବ ନାହିଁ । ଖରାପ ଲୋକ ସେ । କାଳେ କ'ଣ ଖରାପ ବ୍ୟବହାର ଦେଖାଇବେ ।

—ତେବେ ତ'ଙ୍କୁ କ'ଣ ସେମିତି ମୁହଁ ଦେଇଛ ବୋଲି ମୁହଁ ଖାଗି ପାରୁ ନାହଁ ।

—ତମେ ତାଙ୍କୁ ସାଧ କରି ପାରିବ । ମୁଁ ପାରିବି ନାହିଁ ।

—ସେ କେତେବେଳେ ଆସୁଛନ୍ତି ମୁଁ ଅବା ଜାଣିବ କେମିତି ? ମୁଁ ଟିକିଏ ସ୍କଲରସି ପାଇଁ ପଢ଼ାପଢ଼ିରେ ବ୍ୟସ୍ତ ଅଛି । ବେଳ ମିଳୁ ନାହିଁ ।

—ପଢ଼ା କ'ଣ ବଡ଼ ? ମୋର ଏଣେ ମୁଣ୍ଡ ଛିଣ୍ଡିଯାଉଛି ଯେ !

—ତୁମେ ଆରମ୍ଭ କରିବ ସବୁ କଥା—ଟିକିଏ ବରକ୍ତି ଦେଖାଇ ଦେବ କହିଲି ।

—ସବୁ ମୋର ଦୋଷ ? ହଉ । ତମର ପଢ଼ା ବଡ଼ ହେଉ । ମୋର ମାନ ପାଣିରେ ପଡ଼ୁ । ମୁଁ ତମର କିଏ ?

—ହଉ ଆସିବ । ସବୁ ସଜାଡ଼ି ଦେବ ।

—ନଷ୍ଟସ୍ପ କରି କହୁଛ ? ନା ମତେ ଲୋକହସା କରି ନିଜେ ପୁଣି ହସିବ ? କେବେ କରିବ ?—ଆଜି ?

—ଆଜି ସେ ଫେରିବେ ଏଠିକି ? କାହିଁକି ଖାଇବାକୁ ଡାକିଛ କି ?

—ନାଁ । ଏଇଠୁ ଯେତେବେଳେ ଗଲେ, କାଲେ ଫେରିବେ ପରା ।

—ଫେର ପାରନ୍ତି, ନ ପାରନ୍ତି ବି । ସନ୍ଧ ବା ଫେରନ୍ତି । କେଶବବାବୁ ଅଛନ୍ତି ତ । ତାଙ୍କୁ କହିଲେ ସେ ବି ତାଙ୍କୁ ଠିକ୍ ବାଟରେ ଘୁଞ୍ଚ ଦିଅନ୍ତେ ।

—ତେବେ କ'ଣ ମୁଁ ତାଙ୍କ ପାଖକୁ ଯିବି ? ତାଙ୍କୁ ମୁଁ କହିବି —ସୁଭାଷବାବୁ ଖରାପ ଲୋକ, ଆଉ ତାଙ୍କୁ ତଡ଼ !

—କାହିଁକି କହିବ ନାହିଁ ?

—ସେ କ'ଣ ମୋ କଥା ସତ ବୁଝିବେ ?

—ସେ କ'ଣ ବୁଝୁଛନ୍ତି ଯେ ସୁଭାଷବାବୁ ଏଠି ଏମିତି ଯା'ଆସ କରୁଥିବେ ?

—କେ ଜାଣି ? ସେ କଥାକୁ ସେ ତ ମୋତେ ଧ୍ୟାନ ଦେଉ ନାହାନ୍ତି । ତମର ପିନା ଘୁରିଆଡ଼କୁ ଆଖି । ତମେ ସବୁ କଥା ବୁଝି ମୋତେ କହିବ । ସେ ତ କିଛି କହୁନାହାନ୍ତି । ତାଙ୍କୁ ସାଙ୍ଗରେ ନ ଧରିଲେ ମୋତେ ଭଲ ଲାଗୁ ନାହିଁ ତମ ଭାଇଙ୍କୁ ।

—ଭାରି ବଦମାସ ଲୋକ ସୁଭାଷବାବୁ ! କହୁଛି ପରା ଏମିତି ସବୁ ପଟେଇ ଲଗ୍ନଣି ଲଗାଇ କଥା କହିବ ଯେ ସନ୍ଦେହୀ ଲୋକର ବି ସନ୍ଦେହ ହେବ ନାହିଁ ।

—ଏମିତି ଲୋକଙ୍କୁ ସେ ଅବା କୋଉ ପଟ ? ତାଙ୍କୁ ତ ଏ ପାଖ ସେ ପାଖ କରିଦେବ ! ବଡ଼ ହଟହଟା ହେଲି । ଯାଏ କୋଉଠି ଲୁଚିବି ।

—କିଛି ଭୟ ନାହିଁ । ମୁଁ ଅଛି । ଆଜ ତ କିଛି ସେମିତି ନାହିଁ । ସେ ତ ରହୁଛନ୍ତି ପାଞ୍ଚ ସାତ ଦିନ । ଏଥି ଭିତରେ ସବୁ ଠିକ୍ ହୋଇଯିବ ।

—ତେବେ ମୁଁ କ'ଣ କରିବି ?

—ତାଙ୍କ ଆଗକୁ ବାହାରିବ ନାହିଁ । ସେ ଆସିଲେ କାମର ଛୁତକ ଦେଖାଇ ଅଲଗା ହୋଇଯିବ । ମୁଁ ବି ସଜ ଭଣ୍ଡି ତାଙ୍କ ଭିତରୁ କଥା କାଢ଼ିବି···ମୁଁ ଯାଏଁ । ଟିକଏ ସିନେମା ଦେଖିଯିବି ।

—ସ୍କୁଲଯିବ ! ମତେ ଏକୁଟିଆ ଲାଗୁଛି । ତମେ ରହନ୍ତ ନାହିଁ ।

—ଟିକଟଟା କଣିଛି । କାଲି କଥା ହୋଇଥିଲୁ ଆମେ ପାଞ୍ଚ ଜଣ ଯିବୁ ।

—ସିନେମା ଏବେ ନ ହେଲା ଆଜ ଦିନକ ।

—ସେମାନେ ଖରାପ ଭାବିବେ । ଆଜି ତ କିଛି ଆଶଙ୍କା ନାହିଁ ।

—ମୁଁ ତେବେ ଯିବି ସିନେମା ଦେଖି । ସ୍କୁଲ ଯିବା ।

—ଏଁ, ତମେ ଯିବ ! ଆମେ ପଗ ଯାଉଛୁ ।

—ଗଲେ କ'ଣ ହେଲା ? ମୋର ମୁଁ ବସିବି, ତମ ସାଙ୍ଗେ କ'ଣ ଖରାପ ବସୁଛି କି ?

—ଛି, ସାଙ୍ଗ ପିଲାଏ ଥଟ୍ଟା କରିବେ ।

—କ'ଣ ଥଟ୍ଟା ? ତମ ସାଙ୍ଗରେ ଗଲେ ଥଟ୍ଟା !

—ସେମାନେ କ'ଣ କୋଉ କଥା ବୁଝନ୍ତି ? ପୁରୁଷ ସ୍ତ୍ରୀଙ୍କୁ ଏକାଠି ଦେଖିଲେ ଯୋଖିସାଖି ବାଉକଥା କହିବେ ।

—ସେମାନେ କ'ଣ ଜାଣନ୍ତି ନାହିଁ ଯେ ତମେ ମୋର ଭାଇ ?

—ଜାଣିଲେ ବି ସେମାନେ ଜାର ଦେବେ ଏକା ମା ପେଟର ଆଉ ଅଲଗା ଅଲଗା ଲୋକଙ୍କୁ । ଏକା ମା' ପେଟର ଲୋକଙ୍କୁ ତ ଏକାଠି ଲଗାଇ ବାନ୍ଧ ଦେଉଛନ୍ତି ।

—ତମେ ସେ ଏଠିକି ଆସୁଛ, ସେଥିରେ କ'ଣ ସେମାନେ ସେମିତି ଭାବୁ ପାରୁଛନ୍ତି ?

—କେଜାଣି ? କହିବାକୁ ଡେରି କେତେ ?

—ତେବେ ମୁଁ କଣ ଆଜି ଏଠି ରହିବି ନାହିଁ ? କି ଯୋଗ ପଡ଼ିଲା ଯେ ମୁଁ ଏମିତି ରମ ସାଙ୍ଗରେ, ତାଙ୍କ ସାଙ୍ଗରେ ଆଜି ସମସ୍ତଙ୍କ ସାଙ୍ଗରେ ଯୋଡ଼ି ହୋଇ ନାଗରା ବାଜିବ !

ଶ୍ୟାମାଦେବୀଙ୍କର ଆଖିରେ ଲୁହ ଜକେଇ ଆସିଲା । ଏଣେ ସିନେମା ବେଳ ଡେରି ହୋଇଯାଉଛି । ପରାମର୍ଶ ଦେବାକୁ ଆସି ସିନେମାଟା ମାଟି ହେବା ଉପରେ । ଦେବ ବେପରୱା ଭାବ ଦେଖାଇ କହିଲା--ହଉ ଛାଡ଼ ସେ କଥା । ସେମାନେ ବି ଫେରୁଥିବେ । ମୁଁ ଆଜ ରାତିରେ—ନା, ଆଜି ସୁବିଧା ହେବ ନାହିଁ—ସ୍ୱା ଭିତରେ ସବୁ ଖବର ନେଇ ଆସୁଛି । କିଛି ଭୟ ନାହିଁ ।

ଦେବ ଛୁଟିପିଟି ହୋଇ ବାହାରିଲାବେଳେ ଶ୍ୟାମାଦେବୀ କହିଲେ—ହଉ ଯା' । ବିପଦରେ କେହି କାହାର ସାହା ନୁହନ୍ତି । ତମେ ବି ନୁହଁ । ସେ ବି ନୁହଁନ୍ତି । ଏଇ ଦୁନିଆରେ ବିପଦ ଆପଦରେ ଛାତି ଦେଖାଇବାକୁ କେଇ ଜଣ ?

ବାଟରେ ଗୁଣୁ ଗୁଣୁ ହୋଇ ଦେବ କହୁଥିଲା—ଅକଲରେ ପଡ଼ିଲା ବେଳକୁ ଦେବ ! ସେ ଏଣେ ସିନେମା ଦେଖିବ ନାହିଁ ? ସମସ୍ତଙ୍କ ଆଗରେ ଖଣ୍ଡିଆ ହେବ ! ସତେ ଯେମିତି ଆଜି ପାହାଡ଼ ଭାଙ୍ଗି ପଡ଼ୁଛି । ସେ ହିନ ମତେ ଅପମାନ ଦିଆଗଲା—ବେଣୁଧର ଚପରାଶୀ ଆଗରେ ।

ପହିଲିମା ଆଜି ବେଣୁଧର ଠେଇ ହସ ଶୁଣି ଜାନ ପାରିଥିଲେ । ବାବୁଘର ଛାଡ଼ି ନଯାଉଣୁ ଆରମ୍ଭ ହେଲା ମଉଜ ! ବହୁତ ବେଳ ଜାନ ପାରିଲେ । କିଛି ଶୁଝିଲା ନାହିଁ ।

ଗ୍ଲ ପାଣି ଯେମିତି ଫୁଟୁଥାଏ । ପଦ୍ମଲମା ବ୍ୟସ୍ତ ହେଲା ।

—ଶୁଣ୍ ମ ! କ’ଣ କଥା ପଡ଼ୁଛି ତମ ବାବୁଙ୍କ ଘରେ । ଆମ ବାବୁଙ୍କ ବାହାଘର କରିବାପାଇଁ ତମ ମାଲିକାଣୀଙ୍କର ତ ଖାଉ ଦାଉଦ ।

ଟ୍ପ୍ ଟପ୍ କରି ପଚାରିଲା—କ’ଣ କହୁଛ କି ଖୋଲଟା-ମୋଲଟା କରି ?

— ଭୁନ ପଡ଼ । ପାଟି କରନା ।

—ଗ୍ଲ ପାଣି ହେଇ ଗଲାଣି । ଓହ୍ଲେଇ ଦଅ । ଶୁଭିବ ନାହିଁମ କଣ୍ଠ ।

—ହଁ ତ ଶୁଭୁନାହିଁ । କଏ ଆସିଛି କି ?

—କେହି ତ ନଥିଲେ । ଆସିଥିଲେ ସେହି ଦେବବାବୁ ଆସିଥିବେ ।

—ଦେବବାବୁ କଏ ? ସେଇ ଜଣକ କି ? ହଁ, ହଁ, ସେଇ ତ ! ତାଙ୍କ ସାଙ୍ଗରେ ଏତେ ଖାବ କାହିଁକି ? ବହୁତ ଛଟକ ତାଙ୍କର !

—ପିଲାଦିନରୁ ଚାହାଁ । ତାଙ୍କୁ ଖାଇ କରିଛନ୍ତି ।

—ଏତେ ବାପ ଖାଇ କ’ଣ ହେଉଛନ୍ତି ? ତମ ବାବୁଙ୍କୁ କହନ୍ତୁ ତାଙ୍କୁ ସାଙ୍ଗରେ ନେଇ ବୁଲିବେ ।

—କି କଥା କହୁଛ ମ ! ବାବୁଙ୍କୁ ନେଇ ତ ଇଏ ଯିବୁ ଯିଭୁ ବୁଲୁଛନ୍ତି । ଜବାନ ବୟସ ତରିଲା । ସେ ତ ମାମଲତକାର । ବାବୁ କ’ଣ କରିବେ ?

—ବାବୁଙ୍କୁ କ’ଣ ଭଲ ଦିଶୁଛି ଏ ସବୁ ?

—କି ଜାଣି ! ଯିଏ ତ ବାବୁ ହେଲେ ସେ ଆଖି ଥାଇ ଅନ୍ଧ, କାନ ଥାଇ କାଲ । ତାଙ୍କୁ ଏବେ ଭଟୋଉଛି, କିଏ !

ବେଣୁଧର ଗୁ ଗିଲାସେ ବଢ଼ାଇ ଦେଇ ପଚାରିଲା—ଗୁ ଭଲ ହୋଇଛୁ ନା ! ଆଜ ପିଇବୁ ?

—ଅଚ୍ଛା ଯଦ୍ଧ, ଆଜ ଟିକିଏ ଦଅ ।

ଗୁ ଟେଣ ପାଖକୁ ଘୁଞ୍ଚି ଆସି ବେଣୁଧର ପଚାରିଲା—ତୁ କେବେ କିଛି ଦେଖିଛୁ ? ସବୁବେଳେ ତ ଚକ୍ର ସେଠି ।

—ଦେଖି ନାହିଁ ଯେ ଦେଖିଲି ପରି ।

—କ'ଣ ଦେଖିଛୁ ?

—ଏଇ ଦେବବାବୁଙ୍କ ସେଇଠି ଘର ଭିତରେ ଟ୍ରିପ୍ ଟ୍ରିପ୍ ଫୁସ୍ ଫୁସ୍ ହେଉଥିବ ମୁହଁକୁ ମୁହଁ ପୋଡ଼ି । ମତେ ଖାଲି ଛଡ଼ ମାରୁଛି ।

— ତୁ କଣ କହୁନାହିଁ ?

—କହିବି ? ଥରେ ତ ପଚାରିଥିଲ ନୂଆ ନୂଆ ବେଳେ— ମା, ଇଏ କଏ କ···ଇଲେ ମା, ଯାଏ କୁଆଡ଼େ !···ମତେ କହୁଛି —କ'ଣ ପରି ଦଶୁଛି କି ସିଏ ତତେ ? ଆଉ ଯେବେ ଏମିତି କଥା ସବୁ ପଚାରିବୁ ତେବେ ତତେ ନେଇ ଜହଲ ଖଟେଇବି···ମୁଁ କାହିଁକି ଜହଲ ଖଟିବି ? ତମର ଯାହା ଇଚ୍ଛା ତାହା କର ।

—ସତେ ! ଏମିତି !

—ସେହିଦିନୁ ସେମାନେ ସେ ପାଖରେ ବସିଥିଲାବେଳେ ମୁଁ ତେଣେ ଆଉ ଯାଏ ନାହିଁ । ହସ ଖୁସି ଖାଲି ପଡ଼ୁଥାଏ ।

—ପିଲାମାନେ ?

—ପଢ଼ । ନ ପଢ଼ିଲେ ମାଡ଼ । ପଢ଼ିଲାବେଳେ ପାଟିକରି ପଢ଼ । ସେମାନେ ସିନା ବୁଝନ୍ତି ନାହିଁ । ପଢ଼ାଲୋକ ସବୁ ବୁଝେ ।

—ଉରଜା ?

—ସେ ତ ମାସେ ହେଲା ଆସିଛି । ମତେ ଭଉଜ ବୋଧେ ବାବୁଆଣୀ ।

—ତବେ ଭଉଜ ? ଚଳ ପାରବ ନି ?

—ତାଙ୍କର ତ ଭାରି ଦମ୍ଭ ! ଖାଇ ଦେଇ ମୁହଁ ପୋଛି ଦେବେ । ଏଣେ କହିବେ ମୁଁ ଖାଇ ନାହିଁ ।

—ବାବୁ ଥିଲାବେଳେ କ'ଣ ସେମିତି—

—ଆଜ ବେଶ ବାବୁ ଅଛନ୍ତି । ବାବୁ ଗଲେ ଦାଣ୍ଡକୁ । ଏଣେ ଭୁଲଲ୍ ନାହିଁ । ଆଜ କ'ଣ ଦେବବାବୁ ଆସିଲେ ନାହିଁ କି ?

--ହଁ ମ, ସେଇଥି ଦିନ ମତେ ଦେଖି କଟମଟ କରି ଚାହୁଁ ଥିଲେ ।

— ଉକୁଣା ଆଖି—ତମ ବାବୁଙ୍କୁ କି ସେ କୋଉ ସୁଖ ପାଉ-ଥିବେ କି ? ଭଗାରିଆ ବୁଦ୍ଧିରେ ବାଇ ଫିସାଦ କରୁଥିବେ ।

—ଆମ ବାବୁ ପାଉଛନ୍ତି ତ ।

— ହେଲେ ବାବୁଙ୍କୁ ଖାନ୍ଦାଣୀ ଖାତର କରୁଛି । ସେଥିପାଇଁ ଦେବବାବୁଙ୍କ କଥାକୁ କାନେଇ ନାହିଁ ।

—ଆମ ବାବୁ ସେଠି କ'ଣ କରନ୍ତି ?

—ତମ ବାବୁ ? ସେ ତ ସେବେଠୁ ଯା' ଆସ କରନ୍ତି ନାହିଁ । ଆଜ ଯାହା ବସିଥିଲେ ପଦାରେ । ଆଜ ସେଦିନ ତ ଖାଇଥିଲେ । ସବୁ ଥର ତ ତାଙ୍କ ଖାଉନ୍ଦ ଅଛନ୍ତି ।

—ତେବେ ଏତେ ଖାଦାପିନା ଲାଗିଛି କାହିଁକି ?

—ବଜଣୀ ଥୋପ ପଡୁଛି ।

—ବାବୁଙ୍କ ଟୋଉ ଟଙ୍କା ନବ କି ?

— କି ଜାଣି ! ବାବୁଙ୍କର ତ ଖୋଲା ହାତ । ଅଜାଡ଼ିବାକୁ କଏ ବା ମନାକରିବ ତାଙ୍କୁ । ତମ ଆମକୁ ଦବାବେଳକୁ ସିନା ବାଉ ହିସାବ ।

—ହଇ ! ଠିକ୍ କଥା । ବାବୁଙ୍କର ଥରେ ବେଶ ଘର ଚଳଲେ ଆମର ମାସ ମାସକର ଦରମାକୁ ନଅଣ୍ଟ । ଆଜ ଆମକୁ ଜୋରମନା କଲବେଳକୁ ଥରକରେ ଗୁଟ ଧନର ଦରମା ଶେଷ ।

—ତମ ବାବୁ ବାହା ହଇ ନାହାନ୍ତି ?···ଚପରାଶୀ ସାହାବ !

— ଲୋକ ତ ଲାଗିଥିଲେ । ଟାଳି ଦେଇଛନ୍ତି ବର୍ଷେ ।

—କ'ଣ ଏସ୍ତା କରିବେ ବୋଲି ! ଅଇଁଠା ଖୋଜବେ !

— ଅଇଁଠା ଗୁଡ଼ିକେ ତାଙ୍କୁ ଯେତେ ସୁଖ ଲାଗିଲା—ଗୁଡେନ୍ତୁ ।

—ସତେ ମ ଚପରାଶି ସାହେବ, ମଣିଷଙ୍କୁ ବାରଙ୍ଗିଳ ତେର ପିଣ୍ଡା ହବାକୁ ଭାରି ଆଚ୍ଛା ଲାଗେ ।

—ଦେଖୁଛୁ ତ, ଏଠି କାଣ୍ଟିଆ ହେଲା । ବାବୁ ଯାଇ ସେଠି ଖାଇଲେ । ଘରେ ନ ଖାଇ ହୋଟେଲରେ—

— ଖାଆନ୍ତୁ । ସେ ତାଙ୍କ ଜିନିଷ ଖାଇଲେ ଆମେ ସେ'ଙ୍କ ଜିନିଷ ଖାଉଛୁ । ଦଇବ ଦାଉଡ଼ିରେ ସମସ୍ତେ ବନ୍ଧା । କେହି ଗୁଞ୍ଜ ଯିବେ ନାହିଁ ରେ ବାବୁ ! ସେ କାହା'ଠୋଉଁ ନଉଥିଲେ ତାଙ୍କ ଠୋଉଁ କିଏ ନେବ !

— ଭଲ କଥା ନୁହେଁ । ବାବୁଙ୍କୁ ଭଲ ବାଟରେ ନ ରଖିଲେ ସେ ତ ବଗିଡ଼ିଯିବେ !

—କିଏ କହିବ ?···କାହିଁକି ବିଧାତା ତାଙ୍କୁ ଏ ଅଣବାଟରେ ନେଇ ଥୋଇଛି ! ଭଲଲୋକ ବୋଲି କାବୁଅରେ ପଡ଼ି ଯାଇଛନ୍ତି ଅବା !

ବେଣୁଧର ଚପ୍ରାଶିଆ ନିଶ୍ୱାସ ମାରି କହିଲା—ବାବୁ ନଥିଲା ବେଳେ ବି ପାଦରେ ଅଳତା, ମୁଣ୍ଡରେ ଫୁଲ । ସେଦିନ ବାସୁଥିଲା ମହମହ ।

— ଖାଲି ଏତିକି ? ହାତ ନଖ ଦେଖିନ ତପସ୍ୱୀ ପୁଅ । ସେ କି ଅଳତା ଜାଏ ?

— ଏତେ କଣଧର କି ହୁଏ ନାହିଁ ପରା ! ଫୁଲ ଖୋସା ହୁଏ ମୁଣ୍ଡରେ । ଫୁଲ ବି ଆସୁଥିଲା ଏଠିକି । ଆମ ବାବୁ ତ ମଗିଲେ ନାହିଁ । ଫୁଲ ବନ୍ଦ ହୋଇଗଲା ।

— ତମ ବାବୁ ସେମିତି ଲୁଦନ୍ତି । ମରଦ ପିଲା । ଫୁଲ କ'ଣ କରିବେ ? ସେ କ'ଣ ମାଇକିଆ ହୋଇଛନ୍ତି ?

— ନାଇଁ ଟି ମୁଣ୍ଡି, ବୁଝିନୁ, ଏଇ ଫୁଲ ଭିତରେ ବହୁତ ମର୍ମ କଥା ଅଛି ! ସେ କ'ଣ ଫୁଲକ ? ସେ ପରା ଚଟୋଇ !

— କେଜାଣି ଆମେ ମୂରୁଖ ଲୋକ ଏତେ କଥା ବୁଝୁ ନାହିଁ, ମନକୁ ପାଇଲା ତ ମନ ଲଗେଇ ଦେଲୁ । ମନକୁ ନପାଇଲେ ତ ମୁହଁ ଚାହିଁବୁ ନାହିଁ । ମୋର ଟୋକି ବୟସରେ ମୁଁ ତ କେତେ ଏମିତି ଛୁ କରି ଦେଇଛି !

ବେଣୁଧର ହସି ଉଠିଲା । ପଦ୍ମଲମା ଚିଡ଼ିଉଠି କହିଲା— ହଉ ବସିଥା । ଟିକିଏ ଭଲ କଥା ପଡ଼ିଲାବେଳକୁ ମତେ ଚଡ଼୍ଢୋଉଛୁ ନା ? ମୁଁ ଆଜି ସେ ସବୁ କଥା କହିବି ନାହିଁ— ବାକ ମୋଡ଼ି ହେଲା ଏଇଠି ।

ପଦ୍ମଲମା ଚାଲି ଯାଉଥିଲା ରୁଷି କରି । ବେଣୁଧର ବଡ଼ ପାଟିରେ ନ ଡାକି ଆସିଥିଲା ପଛେ— ପଛେ । ଶୁଣମ ।

— ନାଁ । ମୁଁ ଶୁଣିବି ନାହିଁ ।

ଦାଣ୍ଡ ଦୁଆର ଫିଟିଲା । ବାବୁ ଫେର୍ଚ୍ଚେ ଆସି ପହଞ୍ଚିଲେ । ପଦ୍ମଲମା, ବେଣୁଧର ଦୁଆର ମଝିରେ ଆଗ ପଛ ଠିଆ ହୋଇଛନ୍ତି । ଦୁହେଁ ଚମକି ଚାହିଁଛନ୍ତି ବାବୁମାନଙ୍କୁ ।

— କାଲି ଯାଇନୁ କି ଏତେବେଳଯାଏ

—ନାଁ ଆଜି ତ ଏଇଠି ଖାଇଦେଲି । ଆଉ ଖାଇବ ନାହିଁ । ଘର ଅଶକତ ଲାଗିଲା । କହିଲି ଏଇଠି ଦଣ୍ଡେ ବସିଯାଏ । ବାହାରୁଥିଲି ତ ।

—ହଉ ଯା । ସୁଭାଷବାବୁ କହିଲେ ।

ବେଣୁଧରଙ୍କୁ ଗ୍ଲାସ ଉପରେ ହ'ଫେଣ୍ଡ ଚୌକି ପକାଇବାକୁ ବରାଦ ହେଲା । ସେ ଚୌକି ନେଲାବେଳେ ସୁଭାଷବାବୁ କହିଲେ—କି ବେଣୁଧର, ଫହଲମା ସାଙ୍ଗରେ ମିଳାମିଶା ହେଇଗଲା ।

—ଖେଣ୍ଡେଇ ଥାଏ । ଖାଇବ, ନିଦ୍ରାବ ।

କେଶବବାବୁ ହସିଥିଲେ ସୁଭାଷବାବୁଙ୍କୁ ଚାହିଁ ।

—ଆଉ ବସିବା କି ? ଶ୍ୟାମା ଏକୁଟିଆ ଅଛି । ଡରିବ । ବେଶି ବେଳ ବାହାରେ ରହିଲେ ରୁଷିବ ।

—କାହିଁ, ଦେବ ଥିଲେ ତ ।

—ଦେବ ବୁଲାପିଉଣି । ପିଲାମାନେ ତାକୁ ଭାରି ଭଲ ପାଆନ୍ତି । ଭାରି ସ୍ନେହୀ ପିଲା । ମଝିରେ ମଝିରେ ଆସି ଘରର ଭଲ ମନ୍ଦ ବୁଝିଯାଏ ।

—ହଁ, ପିଲାଲୋକ ସବୁବେଳେ ଭଲ । ଉତ୍ସାହ ଥାଏ ନା । ଭଲ ମନ୍ଦ ବୋଲହାକ ପାଇଁ ଏମିତିକା ଲୋକ ଥିବା ଦରକାର ।

—କେମିତି ସେ ଭଲ ବୃତ୍ତି ଫଣ୍ଡ୍ରେ ପାଇଯାଆନ୍ତା !

—ସେ ତ ହାକିମ ହେବାକୁ କହୁଛି । ହୋଇଯିବ ।

—ମୋର ତ ବିଶ୍ୱାସ ନାହିଁ ଏ କଥାରେ । ଶ୍ୟାମା ଆଉ ଟେ ଗୋଟାଏ ପଟେ । ଶ୍ୟାମା କହେ ଦେବ ଭାରି ଚତୁର ।

—ମାଇପିଙ୍କୁ ସମସ୍ତେ ସେମିତି ଦିଶନ୍ତି ।

—ସମସ୍ତଙ୍କ କଥା ଅଲଗା । ଆମ ଶ୍ୟାମା ଖୁବ ଚଲାଖ ଚତୁର ! ···ନୁହେଁ ?

ବେଣୁଧର ଗ୍ଲାସ ଉପରୁ ନ ଓହ୍ଲାଇ ଶୁଣୁଥିଲା ଆଉ ଚାହୁଁଥିଲା ଶ୍ୟାମାଦେବୀଙ୍କୁ । ତାଙ୍କ ଦୁଆରେ ସେ ଆଲୁଅ ଜାଳି ଚୌକିରେ ବସିଛନ୍ତି ।

—ଖୁବ୍ ଚତୁର ତ ! ତେବେ ଦେବ ବିଷୟରେ ମୁଁ ଠିକ୍ କହିପାରୁ ନାହିଁ । ଦେବ ସାଙ୍ଗରେ କଥା ହେଲେ ବୁଝି ପାରନ୍ତି ।

—ଦେବଟା କେଉଁଠି ମୁହଁ ଲୁଚେଇ ! ଆସୁନାହିଁ ଏଠିକି ! ତାକୁ କହିଦେବ – ଆସିବ ।

—ମୁଁ ବି ତ ଖୋଜୁଥିଲି ।

କେଶବବାବୁ ପିବାକୁ ବାହାରିଲେ ।

ବିମର୍ଷ ହୋଇ ସୁବାସବାବୁ କହିଲେ—ହଉ ଯାଆନ୍ତୁ । ଆମେ ଆମର ଗୋଟିକିଆ ଡଙ୍ଗା ବୋହିବା । ନିଜେ ନାଉରୀ···ନିଜେ ପହଁରା ।

—ହଉ ହଉ, ମଙ୍ଗୁଆଳ ଆସିଯିବେ ନିକଟରେ । ଏବେ ମୁଁ ଘରକୁ ଫେରି ଜୋରସୋରରେ ଆରମ୍ଭ କରିଦେବି କାମ ।

ବନ୍ଧୁଙ୍କୁ ଏକୁଟିଆ ଛାଡ଼ି କେଶବବାବୁ ତର ତର ହୋଇ ଘରେ ପହଞ୍ଚି କହିଲେ—ବୁଲୁବୁଲୁ ଡେରି ହୋଇଗଲା ।

—ଆଉ ସେ ?

—ରହିଲେ ଘରେ । କହୁଥିଲେ ଏକୁଟିଆ—ନାଉରୀ ଆଉ ପହଁରା ।

—ତମେ କ'ଣ କହିଲ ?

—କଣ୍ଟିଲା ଘରକୁ ଯାଇ ଶୀଘ୍ର ଶୀଘ୍ର ମଙ୍ଗୁଆଳ ପଠାଇବାର ବ୍ୟବସ୍ଥା କରନ୍ତୁ···ବୁଝିହଅ ନ ପଅନ୍ତ । ସେଇଆ ଯାହା କଥା କହୁଥିଲ । ତରୁଣ ସୁଲକ୍ଷଣବାବୁ ହନ୍ତସନ୍ତ ହେଉଛନ୍ତି ।

—ହଁଅନ୍ତୁ । ଶୁଖିଲା ଶୁଖିଲାରେ ମନ୍ଦ ଜଳସ୍ତ ମିଳିଲେ ମଣିଷ ତା'ର ତାଳ ଠିକ୍ ରଖିପାରେ ନାହିଁ । ସେ ଲୋକ ଟିକଏ ଦହଗଞ୍ଜ ହେବା ଦରକାର ।

—କ'ଣ ହେଲକ ?

—କିଛି ନାହିଁ । ଘର ଭିତରର କଥା କହୁଛି । ଦେବ ବି କହୁଥିଲେ ସେଇକଥା । ଘର ଝଲିଠିକିଆ ମନ । କହିବ ପ୍ରକାରେ ଶୁଣିବ ପ୍ରକାରେ ।

—ଛିଃ ତ ବୁଝିଛ । ଲେଖିବା ମୁଣ୍ଡରେ ଲଗେଇ ଦେବ !

—ଛିଃ କିଛି ଶବ୍ଦ ବୁଝନ୍ତି । ତୁମକୁ ମିଳିଗଲା ବୋଲି ତମେ କ'ଣ ସ୍ତ୍ରୀଙ୍କର ଗୌରବ ବୁଝିବ ? ସେ ଆସୁ, କହୁ,··· ପ୍ରାର୍ଥନା କରୁ···ଯ ଇଚ୍ଛା ।

—ଏବେ ତାଙ୍କ ଆଣିଥିଲେ ହେଉଥାଆନ୍ତା । ଆଣିଲ ନାହିଁ । ଶୁଣିଲି, ତମ ପାଖରେ ଟିକଏ ବସି ଦୁଃଖ ସୁଖ ହେବ ।

—ଏତେ ମନରେ ଥାଏଟି ! ମୁଁ ତ ଜାଣି ନଥିଲି ମୋଟେ । ଆଜ କାହିଁକି ଘର ସୋହାଗ ! ନୂଆ ବନ୍ଧୁ କିଛି ବୁଦ୍ଧି ଦେଲେ କି ?

—ସେ କ'ଣ ଜାଣନ୍ତି ମ ! ତାଙ୍କର ଅନୁଭବ କେତେ ? ସେ କ'ଣ ମୋତେ ବୁଦ୍ଧି ବତାଇବେ······ମୋର ଆଜି ମନ ହେଉଛି ଟିକଏ ଗୀତ ଶୁଣିବାକୁ ।

ଗୀତ ମୁଁ ଗାଇପାରିବି ନାହିଁ । ଘର ଲୋକ ମାଡ଼ିବ । ଏବେ ମୁଁ ଗାଉନାହିଁ । ଖାଲି ବାଜା ବଜାଏ । ଲୋକେ ହସିବେ । ତରବୁଢ଼ୀଟା କେଡେ ହେରେଷୀ ହେଉଛି !

—ସେମାନେ ତ ଆମକୁ ଛାଡ଼ୁ ନାହାନ୍ତି । ଆମେ ଆମର ଯାହାକଲୁ···

—ତାଙ୍କର ଭୁଣ୍ଡରେ ତ ଟେଙ୍କଳ କୁକୁର । ତାଙ୍କର କଥାକୁ ତମେ କ'ଣ ଏବେ କାନେଇବ ନାହିଁ ?

—ମୋର ତ ଗରଜ ପଡ଼ିଛି । ମୁଁ ଆସି ଯଣ୍ଡା ମଚ୍ଛୋଡ଼ାଣୀଙ୍କୁ ପଗୁରିବାକୁ ଯିବ ଘର କଥା ! ଗୋଟିଏ ଗୀତ ଗାଅ, ଶୁଣିବା ।

—ହେଇ ବଜାଅ ନା । ଆମର ବହୁତ ଶତ୍ରୁ । ସେ ଘରବାଲାଟା ବାରକଥା ଉଠାଇବ । ଉଠାଉ ଥିବ କି କ'ଣ । ଚହୁଛି ଯଗ ।

— ଶ୍ରେଷ୍ଠ ଲୋକ ଶତ୍ରୁ ହେଲେ ସେମିତି କରନ୍ତି । ସେଗୁଡ଼ାଙ୍କୁ ଚିଣି ବସିଲେ ମଣିଷ ତ ରହିପାରିବ ନାହିଁ । ଆମେ ଯେବେ ଘର କରି ବାହାରର ଲୋକଙ୍କ କଥାକୁ କାନପାତିବା, ତେବେ ଚଳି ହେବ ନାହିଁ — ସେ ନିଜେ ଯାଇ ହାରମୋନିୟମ ଆଣିଲେ ।

ମୁହଁ ଧୋଇବାକୁ ଶ୍ୟାମାଦେବୀ ଉଠିଗଲେ । ଅଳସ ଜହ୍ନ ଆଲୁଅରେ ସୁଭାଷବାବୁ ତାଙ୍କର କୋଠା ଉପରେ ବସି ରହିଥିଲେ । ତାଙ୍କର ଓଠ କଣରେ ଦୁଷ୍ଟ ହସ ଖେଳିଗଲା ।

ଗଳା ସଫା କରି ସ୍ୱାମୀଙ୍କ ମନକୁ ଯାଇଲା ପରି ଲୁଗା ସଜାଡ଼ି ଶ୍ୟାମାଦେବୀ ଆରମ୍ଭ କଲେ —

କୋଠା ଉପରେ ସୁଭାଷବାବୁ ଇତର ହିଂସାରେ ଜଳି ଯାଉଥିଲେ । — ହେଇ ଦେଖ ଶ୍ୟାମାକୁ । ଏବେ କେଶବବାବୁଙ୍କୁ ଧରି ମାତିଲାଣି ହାରମୋନିୟମରେ — ଭଲ ବଜେଇ ଜାଣେ । ବଡ଼ ଢଗାଳିଆ ଲୋକଟା କେଶବବାବୁ ।

—ନାହିଁ, ଗାଇ ପାରିବି ନାହିଁ । ତଣ୍ଟି ଖୋଲୁନାହିଁ । ଲାଜ ଲାଗୁଛି । ଗଳା ଘାଗଡ଼ା ହୋଇଗଲାଣି ଏଇ କେବେ ହେଲାଦିନୁ ।

—ନାହିଁ ମୋଟେ ଖାଟଣ୍ଡା ହୋଇନାହିଁ ।

ହାରମୋନିୟମ ବନ୍ଦ ନକରି ଶ୍ୟାମାଦେବୀ କହୁଥାଆନ୍ତି କେଶବବାବୁଙ୍କର ଆଗ୍ରହ ବଢ଼ାଇବାକୁ । ତାଙ୍କର ବାରମ୍ବାର ଅନୁରୋଧ ଏଡ଼ି ନପାରି ସେ ଆରମ୍ଭ କଲେ —

ଆଶାଦେଲ ଯେବେ ଅଶାସ୍ତୀ ପ୍ରାଣେ
ଦେଲ କାହିଁକି ନେଲ କାହିଁକି
ଅଜଣା ଗ୍ରାଇକେ ମୁରଜର ବାଣୀ
ବଜାଇଲ ଯେବେ ନେଲ କାହିଁକି······

ଗୀତ ଗାଇଲବେଳେ ଶ୍ୟାମାଦେବୀ ଏକାନ୍ତ ମନରେ ହୃଷୀକବାବୁଙ୍କୁ ମନେ ପକାଇ ଗାଉଥିଲେ । କୋଠା ଉପରକୁ ତାଙ୍କର କଣ୍ଠସ୍ୱର ଅଫୁରନ୍ତ ମଦିରା ଆଣି ଅଜାଡ଼ି ଦେଉଥିଲା ।

ଥରେ ନୁହେଁ—ବାରମ୍ବାର । ସେଇ ଆଶା ଦେଲ ଯେବେ ଆଶାସୂ ପ୍ରାଣେ······ ପଦକ ସେ ଗାଇଥିଲେ—କାଳେ ଶୁଭି ନ ଥିବ, କାଳେ ବୁଝି ନ ଥିବେ ।

ବାରମ୍ବାର ସେଇ ଗୀତ ଉପରେ ନିଜର ଉତ୍ତେଜନା ଓ ଉତ୍ସାହ ଅଜାଡ଼ି ଦେଇ ଶ୍ୟାମାଦେବୀ କ୍ଳାନ୍ତ ହୋଇ ପଡ଼ିଲେ । ତାଙ୍କର ମନ ଭିତରେ ଅହରହ···· ସେହି ଆଶା ଦେଇ ନିରାଶ କରିବା କଥା—ଝଙ୍କାରି ଉଠୁଥିଲା । ହାରମୋନିୟମ ଥୋଇଦେଇ ସେ ହତାଶର ସ୍ୱରରେ ପଚାରିଲେ—ହେଲା ତ ? କୁହ—କାହିଁକି ମନରେ ଏତେ ଆଶା ଉଠାଅ ? ଯଦି ଆଶା ପୂରଣ କରିବା ଏକାବେଳକେ ଅସମ୍ଭବ, ତେବେ—

ଆକାଶରେ ଅଧା ଜହ୍ନ। ସ୍ନିଗ୍ଧ କୌମୁଦୀର ଶୀତଳ ଆସ୍ତରଣ ଉପରେ ଶ୍ୟାମାଦେବୀଙ୍କର ସେହି ଆବେଗଭରା କଣ୍ଠସ୍ୱର ଅସ୍ପଷ୍ଟ ହୋଇ ସୁଭାଷବାବୁଙ୍କ ପଛରୁ ଥିଲା—ସେ ଯାହା ଶ୍ୟାମାଦେବୀଙ୍କୁ ପଚାରିବାକୁ ଚାହୁଁଥିଲେ ସେଇ ପ୍ରଶ୍ନ ଶ୍ୟାମାଦେବୀ ପଚାରୁଛନ୍ତି।

ସଙ୍ଗୀତର କଥାବସ୍ତୁ ଉପରେ ସେ ତାଙ୍କର ସ୍ୱାମୀଙ୍କୁ କହୁଥିଲେ—ଈଶ୍ୱରଙ୍କ କଥା ହେଲେ ବି, ପ୍ରକାଶ ଭଙ୍ଗୀରେ କୌଣସି ପ୍ରକାରର ଗୋପନ ସ୍ପର୍ଶ ନ ଥିଲା।

କେଶବବାବୁ କ'ଣ କହିଲେ ଶୁଭିଲା ନାହିଁ। ସୁଭାଷବାବୁ କିଛି କହିବା କଥା ନୁହେଁ। କିନ୍ତୁ ତାଙ୍କର ମନକୁ ଏକାବେଳକେ ଶୂନ୍ୟ କରିଦେଇ ଶ୍ୟାମାଦେବୀଙ୍କର ସେହି ପ୍ରଶ୍ନଟି ଝଡ଼ପରି ତରଙ୍ଗ ଉଠାଇଥିଲା ମନଭିତରେ।

ଅନୁତପ୍ତ ହୋଇ ସୁଭାଷବାବୁ ନିଜକୁ କହୁଥିଲେ—ଶ୍ୟାମାଦେବୀଙ୍କୁ ସେ ଭୁଲ ବୁଝିଛନ୍ତି। ତାଙ୍କର ମନରେ ଗୋଟିଏ ସହଜ ପିପାସା ତାଙ୍କର ଘର-ସଂସାରର ସମସ୍ତ ବାଧା-ବନ୍ଧନକୁ ଏଡ଼ିଦେଇ ଏକ ମନରେ ଏକ ଆଶାରେ ତାଙ୍କ ଆଡ଼କୁ ଚାହିଁ ରହିଛି।

ସେ କ'ଣ ସେତିକ ପୂରଣ କରିପାରିବେ ନାହିଁ? ଆଶାପ୍ଲୁତ ମନର ଅପୂର୍ଣ୍ଣ ଆଶା ପୂରଣ କରିବାକୁ ଶ୍ୟାମାଦେବୀ ଯେଉଁ କାତର ପ୍ରାର୍ଥନା ଜଣାଇଛନ୍ତି—ତାହାରି ଡାକ ହୃଦୟରେ ଆସି ବାଜୁଛି। ଏପରି ଲୋକ ପାଖରେ ଦେଇ ନ ପାରିବାର କୌଣସି ପ୍ରଶ୍ନ ଉଠିପାରେନା। ସବୁ ଦେଇ ହେବ—ଧନ, ମାନ, ଜୀବନ, ବର୍ତ୍ତମାନ ଓ ଭବିଷ୍ୟତ।

ସେଠିକି ଯାଇ ତାଙ୍କରି ଆଗରେ ବସିଥିଲେ ହୁଏ ତ ସେଇ ଗୀତଟିକୁ ସେପରି ଉତ୍ସାହରେ, ସେହି କରୁଣ ଆବେଗରେ ସେ

ଗାଇ ପାରି ନ ଥାନ୍ତେ । ଅସ୍ପଷ୍ଟ କଥା କାନରେ କହିବାବେଳେ ଯେତେ ମଧୁର—ଶରିରେ ସେ କଥା ପଡିଲାବେଳେ ତହିଁରୁ ବହୁଗୁଣ ମଧୁର ।

ବେଣୁଧର କାନ ଠିଆ କରି ସେହି ଗୀତର ଲହରି ଶୁଣୁଥିଲା ମୋଟେ ନିଜସରମ ନାହିଁ ! କେମିତି ସରଣୀ ମାଇପେ ଏମିତି ଗଳା ଖୋଲି ଏମିତିକିଆ ଗୀତ ଗାଇପାରନ୍ତି କେଜାଣି !··· ତେବେ ଗାଉଥିଲେ ଭାରି ଭଲ ।

ନିଜ ମନକୁ ସେ ଗୁଣୁ ଗୁଣୁ ହୋଇ ଚୁଲିମୁଣ୍ଡେ ବୁଝି ପଡ଼ୁଥିଲା—ଆଶାଦେଇ ଯେତେ ଆଶାପୂରି ଫ୍ରାବଣ···

କିଆଁ ତ ପାଣି ଏ ସବୁ ବଡ଼ିଆ ଜିନିଷ ବୁଝନ୍ତି ନାହିଁ । ମାଛ ଭାଜିଲାବେଳେ ଲାଗିଯାଇଥିଲା କଡ଼ାରେ । ବେଣୁଧରର ଅନ୍ୟ-ମନସ୍କ ମନକୁ ହଠାତ୍ ଯେପରି ତା'ର ଶୁଙ୍ଘିବା ଶକ୍ତି ମନେ ପକାଇ ଦେଇଥିଲା—ଗନ୍ଧ ଗନ୍ଧ । ଗାନା ଶୁଣୁ ଶୁଣୁ ମାଛ ଖତମ । ବାବୁ ଖାଇବେ କଅଣ ?

ଗୀତ ଉପରେ ସୁଭାଷବାବୁଙ୍କ ନାକ ଅଗରେ ସେଇ ସମ୍ବାଦ ଉତ୍କଟ ଗନ୍ଧ ଆକାରରେ କହିଗଲା—ଗୀତ ଗାଉ ଗାଉ ତାଙ୍କର ତରକାରି ପୋଡ଼ିଗଲା । ସେ ଭାବିଲେ ଶ୍ୟାମାଦେବୀଙ୍କ ଘରେ ଏଇ ଦୁର୍ଦ୍ଦଶା—

ହଠାତ୍ ସେ ଓହ୍ଲାଇ ଆସିଲେ ତଳକୁ । ପଠାଇବେ ନିଜ ଘରୁ ତରକାରିର ନମୁନା ।

ବେଣୁଧର ଉପସ୍ଥିତ ବୁଦ୍ଧି ଦେଖାଇ ତରକାରିର ସଂଶୋଧନ କଲାବେଳେ ବାବୁ ପଚାରିଲେ ଆଦର ଦେଖାଇ—ବେଣୁଧର, ତାଙ୍କ ଘରେ ତରକାରି ପୋଡ଼ିଗଲା କି କ'ଣ······ଏଠୁ କିଛି ପଠାଇ ପାରିବ ?

ମାଧବ ବେଣୁଧର ମୁହଁରେ ବିବ୍ରତ ଭାବ ଦେଖି ପଚାରିଲେ—କ'ଣ ଅଣିବ ନାହିଁ କି ଆମକୁ ? ଯାହା ହେଉଛି ସବୁତକ ପଠାଇ ଦିଅ । କେଶବବାବୁ ଆଜ ଆସିଛନ୍ତି···

ଇତସ୍ତତ ହୋଇ ବେଣୁଧର କହିଲା—ଆମର କଡ଼ାରେ ଲାଗିଗଲା ।

—ଏଇଠି ? ତୁମେ ନ ଥିଲ କି ?

ବେଣୁଧର କିଛି ବୁଝିପାରିଲା ନାହିଁ ।

—ତମେ ଶୋଇଥିଲ ନା କ'ଣ ?—ବାବୁଙ୍କର କଣ୍ଠସ୍ୱର ବଢ଼ିଯାଇଥିଲା ।

—ସଜାଡ଼ି ଦେଉଛି ।

—ଆଗ ପୋଡ଼ ପରେ ସଜାଡ଼ିବ । ଏମିତି କ'ଣ ଆଙ୍ଗିଷକୁ ସଜାଡ଼ ହୁଏ ? ବେକୁବ ଲୋକ ! ଝିଅଟା ବି ଦେବ ନାହିଁ ଆଜ ।

ଗର ଗର ହୋଇ ବାବୁ ଫେରିଗଲେ । ତାଙ୍କର ଉତ୍ସାହ ମଉଳିଗଲା । ଭାବିଥିଲେ—ତାଙ୍କ ଘରକୁ କିଛି ପଠାଇ ଗୋଟାଏ ନୂଆ ଫନ୍ଦ ପାତିବେ ।

—ଆଉ ତ କିଛି ବାଟ ନାହିଁ । ମନକୁ ସ୍ଥିର କରିବାକୁ ସେ ଯାଇ ଗୁଡ଼ ଉପରେ ବସିଗଲେ । ସେମାନଙ୍କର ଖାଇବାବେଳ ହେଲାଣି । ବାସନ ଧୁଆର ଝଣ ଝଣ ଶବ୍ଦ ।

ଶ୍ୟାମାଦେବୀ କେଶବବାବୁଙ୍କୁ ପଚାରିଲେ—ଆଜ ତମ ଦୁ'ଜଣଙ୍କ ପାଇଁ ହୋଇଥିଲା । ତାଙ୍କ ଭାଗଟା କ'ଣ ହେବ ?

—ମୁଁ ଜାଣିଛି ତାଙ୍କ ପାଇଁ ଯୋଗାଡ଼ କରିଥିଲ ବୋଲି । ଜାଣିଥିଲେ ତ ଡାକି ଆଣିଥାଆନ୍ତି ।

—ଜାଣିବା କଥା କ'ଣ ଥିଲା ସେଥିରେ । ଏଇଠୁ ଗଲ, ଏଇଠିକି ଫେରି ଥାଆନ୍ତ । ମଝିରେ ତାଙ୍କୁ ବିଦାୟ କରିଦେଇ

ଆସିବ ବୋଲି ମୁଁ ବା ଜାଣନ୍ତି କେମିତି । ଆଉ ସେ ତ ପାଖେ ପାଖେ ଥିଲେ । ତୁମକୁ ବା କହନ୍ତେ କେତେବେଳେ ?

—ନ । ତାଙ୍କୁ କହିଦେଲି ନାହିଁ ।

—ସେ କ'ଣ ରାଜି ହୁଅନ୍ତେ ? ଏମିତି ବାରମ୍ବାର ଆଉ ଜଣକ ଘରେ ଚଳ ପକାଇବାକୁ କଏ କ'ଣ ରାଜି ହୁଏ ?

—ତେବେ ଯାଉଛି ଡାକି ଆଣିବି ।

—ସେ ଆସିବେ ନାହିଁ ।

—ହଁ, ଆସିବେ ।

କେଶବବାବୁ ଆସି ପହଞ୍ଚିଲେ—ଆସନ୍ତୁ, ଆଜି ଆମ ଘରେ ଆପଣଙ୍କର ଯୋଗାଡ଼ ହୋଇଛି । ଏଠି ଖାଇବେ ନାହିଁ ।

—ନାଁ, ଆଉ ଦିନେ ।

—ଶ୍ୟାମା ପଠାଇଛି ଡାକିବାକୁ ଆପଣଙ୍କୁ । ଚାଲନ୍ତୁ । ବେଶି ଡେରି ନାହିଁ ।

—ନାହିଁ, ଆଜି ସୁବିଧା ହେବ ନାହିଁ । ବଡ଼ ବ୍ୟସ୍ତ ଲାଗୁଛି । ଏକୁଟିଆ ରହିବାକୁ ଇଚ୍ଛା ହେଉଛି···କାମ ଅଛି ଅନେକ ।

ବିରସ କଣ୍ଠରେ କହିଲେ—ତେବେ କ'ଣ ଯିବେ ନାହିଁ ?

—ମତେ କ୍ଷମା ଦେବେ । ଶ୍ୟାମାଦେବୀଙ୍କୁ କହିବେ କ୍ଷମା ଦେବାକୁ । ଆଉ ଦିନେ ଯିବି ।

କେଶବବାବୁ ଧୀରେ ଫେରିଲେ—ଶ୍ୟାମା ଠିକ୍ କହିଥିଲା ଆସିବେ ନାହିଁ ।

ତାଙ୍କୁ ଦେଖି ସେ ଉତ୍କଣ୍ଠାରେ ପଚାରିଲା—ଆସିଲେ ନାହିଁ ?

— କାମ ଅଛି ବୋଲି କହିଲେ । ଆଉ ଦିନେ ଆସିବେ । ଆଜି ରହିବେ ଏକୁଟିଆ ।

ଶ୍ୟାମାଦେବୀ ଦୀର୍ଘ ନିଶ୍ୱାସ ପକାଇ ଖାଇବା ଯୋଗାଡ଼ରେ ଲାଗିଲେ । ସବୁ ଠିକ୍ କରି କହିଲେ—ହଉ ତେବେ ରତନା ଏତକ ଦେଇ ଆସୁ ତାଙ୍କ ଘରେ । ତାଙ୍କରି ପାଇଁ ତ ତିଆରି ହୋଇଥିଲା···ଏ ରତନା, ଭଲ କରି ହାତଧୁଅ, ଗେଞ୍ଜି ପିନ୍ଧ୍ । ସେ ବାବୁଙ୍କ ଘରେ ଦେଇ ଆସିବୁ ।

ରତନା ଆସି ପହଞ୍ଚିଲା । ତା'ର ହାତରେ ଟିଫିନ ବାକ୍ସ ଆଉ ଟଣ୍ଡେ କାଗଜ । ସେଥିରେ ଲେଖା ହୋଇଛି—ଯାହା ପାଇଁ ତିଆରି ହୋଇଥିଲା ତାଙ୍କରି ପାଇଁ ।

କାଗଜଟି ପଢ଼ି ସୁଭାଷବାବୁଙ୍କର ମୁହଁ ଲାଲ ହୋଇ ଯାଇଥିଲା । ଏମିତି କ'ଣ ବୋକାଙ୍କ ପରି କିଏ ଚିଠି ଲେଖେ ? ବେଣୁଧର ଓ ରତନା ଠିଆ ହୋଇଥାଆନ୍ତି । ସେ ବେଣୁଧରକୁ ବାକ୍ସ ରଖିବାକୁ ଆଉ ରତନାକୁ ଯିବାକୁ କହିଲେ ।

—କିଛି ଚିଠି ଦେବେ ?

—ନାଁ, ମୁଁ ନିଜେ ଯାଇ କହି ଆସିବି ।

ଥାଳ ପାଖରେ ବସିଲାବେଳେ ବେଣୁଧର ନିଜ ପାଇଁ ରଖି ବାବୁଙ୍କ ପାଖରେ ନିଜେ ତିଆରି କରିଥିବା ଆଉ ବାହାରୁ ଆସିଥିବା ତରକାରୀ ଥୋଇଲା । ଅପ୍ରସ୍ତୁତ ହୋଇ ବାବୁ ପଚାରିଲେ—ତମ ପାଇଁ ରଖିଛ ?

—ହଁ ।

କିଛି କହିଲେ ନାହିଁ ସିନା ! ଚିଠିଟି ମନେ ପଡ଼ୁଥିଲା—"ଯାହା ପାଇଁ ତିଆରି ହୋଇଥିଲା ତାଙ୍କରି ପାଇଁ"—ଯେବେ ପଚାରିବ କ'ଣ କହିବ ? ଖାଇବାର ସୁଆଦ ଭୁଲି ସେ ଶ୍ୟାମାଦେବୀଙ୍କ କଥା ମନେ ପକାଉଥିଲେ । ଶ୍ୟାମାଦେବୀଙ୍କର ଦାନରେ ବେଣୁଧର ଭାଗ ହୋଇଛି ।

ସକାଳେ ତାଙ୍କୁ ଲାଜ ଲାଗୁଥିଲା ଆଗ ଦିନର ସବୁ କଥା ଭାବି । ରହିଲେ ଦେଖା ହୋଇଯିବ । ଅବଶ୍ୟ କେଶବବାବୁ ଆସିବେ । ତାଙ୍କ ସାଙ୍ଗରେ ଦେଖା କରିବାକୁ କି ଶ୍ୟାମାଦେବୀଙ୍କ ଘରକୁ ଯିବାକୁ ସୁଭାଷବାବୁଙ୍କର ଇଚ୍ଛା ହେଲା ନାହିଁ । ସେ ବାହାରକୁ ଚାଲିଗଲେ । ଅଫିସ ବେଳକୁ ପୁଣି ସେମିତି ଅଫିସ୍‌କୁ ବାହାରିଗଲେ — ବହୁତ କାମ ଅଛି । ଅନ୍ୟକଥା ଭାବିବାକୁ ତର ନାହିଁ ।

ସକାଳେ ଶ୍ୟାମାଦେବୀ ଥରେ ସ୍ୱାମୀଙ୍କୁ ପଚାରିଲେ — କିଛି ଖବର ପାଇଥିଲ କି — କାଲିର ରନ୍ଧା ବିଷୟରେ ।

— ନା । ସେ ତ ଦେଖା ଛଡ଼ୁନାହାନ୍ତି ଆଜି । କାମ ଅଛି ବୋଧହୁଏ ।

— କାମ ? କହି ଶ୍ୟାମାଦେବୀ ଚାହିଁଲେ ସ୍ୱାମୀଙ୍କ ମୁହଁକୁ । ଆଖିରେ ତାଙ୍କର ଅଭିମାନ ।

— ସନ୍ଧ୍ୟାବେଳ ଯେମିତି ସୁଭାଷବାବୁ ବାହାରେ ବାହାରେ ରହିଲେ । ଘରକୁ ଆସିଲେ ତାଙ୍କୁ ଯେମିତି କିଏ ଠେଲି ବାହାର କରିଦିଏ । ବେଣୁଧର ତାଙ୍କୁ ଚାହିଁଲେ, ସେ ନିଜକୁ ଦୋଷୀ ମନେକରି ଆଖି ବୁଲାଇ ନିଅନ୍ତି ।

ବେଣୁଧର କହୁଛି କି — ଶ୍ୟାମାଦେବୀଙ୍କ ଘରୁ ଶଠି ଆଉ ଖାଇବା ଜିନିଷ ଆସିଥିଲା । ନୂଆ ପ୍ରକାରର ରନ୍ଧା ।

ସନ୍ଧ୍ୟାବେଳେ କେଶବବାବୁ କହିଲେ ବେଣୁଧରକୁ — ତମ ବାବୁ ଆଜି ଏମିତି କୁଆଡ଼େ ରହୁଛନ୍ତି ଯେ ମୋତେ ଦେଖା ମିଳିପାରୁ ନାହିଁ ।

—ବହୁତ କାମ ତାଙ୍କର । କାମରେ ଯାଇଥିବେ ?

— ତୁମେ ଯ ଇନାହଁ ? ତୁମେ ଜାଣିପାରିଲ ନାହିଁ ?

—ମତେ କଣ ସବୁ କଥା କହନ୍ତି ? ସେଇ କଥା କେଇପଦ ବେଣୁଧର ନଟେଇ କରି କହିଥିଲା ।

—ହଁ, ସବୁବେଳେ କାମ ଥିଲେ ତୁମକୁ ଅବା କାହିଁକି କହିବେ ?

—ଏବେ ତ ବାବୁଙ୍କର ବହୁତ ଦରକାରୀ କାମ ପଡ଼ିଛି... କେଜାଣି ଗୁହ୍ୟକଙ୍କ ଛାଇପୁରେ ନବାବଙ୍କ ଯାଉଥିବେ କି ଘର ଖୋଜୁଥିବେ । ଅଫିସରେ କହୁଥିଲେ—ବଦଳି ହେବାକୁ ଖୋଜୁଛନ୍ତି । ଏଣେ ମତେ କହୁଥିଲେ ଆଉ ଗୋଟାଏ ଘର ଖୋଜିବାକୁ ।

—ସତେ ? ତୁମ ବାବୁ ଚାଲିଯାଉଛନ୍ତି ତାହାହେଲେ ? ଆମକୁ ତ କହିନାହାନ୍ତି ଏବେ ଯାଏ ।

—ମନକଥା ବାବୁ କାହାକୁ କହନ୍ତି ନାହିଁ । ସେ ଦୁନିଆ ବାହାରର ମଣିଷ ।

ସୁଭାଷବାବୁ ଯେତିକି ସେଦିନ ଆଡ଼େଇ ହୋଇ ରହିଥିଲେ ଶ୍ୟାମାଦେବୀ ତାଙ୍କୁ ସେତିକି ଉତ୍ସାହରେ ଖୋଜିଥିଲେ । ଆଗ ଦିନ ତାଙ୍କୁ ସେ ଯେତେ କଥା କହିଥିଲେ, ତାଙ୍କର ଛାଇପୁରେ ଯେତେ କଥା ଶୁଣିଥିଲେ, ସେ ସବୁ ଏକାଠି କରି ନାରୀ ସୁଲଭ କୌତୂହଳ ନେଇ ସେ ଚାହିଁଥିଲେ ସୁଭାଷବାବୁଙ୍କୁ ଦେଖିବାକୁ । ସୁଭାଷବାବୁଙ୍କର ଦେଖା ନାହିଁ ।

ବହୁତ ଗୁଡ଼ିକୁ ବେଶୁମାରକୁ ଡ଼ାକଲାବେଳେ ସୁଭାଷ-ବାବୁଙ୍କର ଆସିବାର ସମ୍ବାଦ ଶ୍ୟାମାଦେଈ ପାଇଲେ ।

—ବାବୁ ତେବେ ବଡ଼ମଧୁକ ଛପି ରହିଛନ୍ତି···କଣ୍ଟ ଶୁଣିନ୍ତି କି ମୋ କଥାପୁରେ ! ମନରେ ଘୃଣା ଆସିଛି । ନ ହେଲେ ସେ ତ ଦେଖା ଦେବାର କଥା । ଏକାବେଳକେ ଦେଖା ପଡ଼ୁ ନାହାନ୍ତି । ଚେଷ୍ଟା କରି ଲୁଚିଲା ପରି ଜଣା ପଡ଼ୁଛନ୍ତି ।

ଶ୍ୟାମାଦେଈ କେଶବବାବୁଙ୍କୁ କହିଲେ—ଆଜି କ'ଣ ବଡ଼-ଧାକ ବାବୁ ବାହାରେ ! ବାଡ଼ ପକେଇଲା ପରି କାହିଁକି ରହି-ଯାଇଛନ୍ତି । ନିଶ୍ଚୟ ଘୃଣା କରୁଥିବେ !

—ଘୃଣା କାହିଁକି କରିବେ ?

—ଆଉ ତେବେ ? ଭଲ ପାଉଥିଲେ ତ ନିଶ୍ଚୟ ଆସନ୍ତେ । ଆମେ ଏବେ ତାଙ୍କୁ ଶ୍ରଦ୍ଧା କରି ନ ପାରିଲୁ । ପିଲାମାନେ ତ ଅଛନ୍ତି । ତାଙ୍କୁ ଦେଖିବାକୁ କ'ଣ ସେ ଆସନ୍ତେ ନାହିଁ ? ଏମିତି ଲୋକଙ୍କୁ ତୁମେ ସାଙ୍ଗରେ ବାନ୍ଧ କାହିଁକି ? ଏଣିକି ଆସିଲେ ଗେଟ୍ ଠୋକ୍ କହିଦେବି ମୁହଁ ଉପରେ—ଏଠିକି ଆସିବ ନାହିଁ ?

ଏମିତି କ'ଣ କିଏ କାହାକୁ କହନ୍ତି ? କ'ଣ ସୁବିଧା ଅସୁବିଧା ଥିବ !

—କି କାମ ? ତମେ ଏତେ ବଡ଼ ପରେ ଆସିଛ, ସିଏ ବଡ଼ ହେଲା ନାହିଁ ଯେ—ନିଜ ଘରକୁ ତ ଯା'ଆସ କରୁଛନ୍ତି । ମଧୁର କଥା ପଦେ କହିଲେ କ'ଣ ପାଟି ଛିଡ଼ି ପଡ଼ିବ ? ଏଇ ପର ମଣିଷକୁ କେଳସୁଁ ଘର ନ ଭଲେ ଏ ଗୁଡ଼ାକ ଦଗା ଦେବେ । ମିଛଟାରେ ମୁଁ ସୁନ୍ଦିଥିଲି ସେ ଦିନ ।

—ଆଉ, ସେ କଥାରେ ତମର କ'ଣ ଅଛି । ଆମର ଇଚ୍ଛା ହେଲା···ତାଙ୍କୁ ଦେଲେ । ନଦେଲେ ଏତେବ ନ ଦେବା । କହି ଶୋଇବାକୁ ଚେଷ୍ଟା କଲେ ।

ଶ୍ୟାମାଦେବୀଙ୍କର କଥା କେଶବବାବୁ ଶୁଣିଲେ ନାହିଁ ବୋଲି ସେ ମୁହଁ ବୁଲାଇ କହିଲେ—କି ମଣିଷ ମ ଇଏ ! ଟିକିଏ ଭଲରେ ମନ୍ଦରେ ପଦେ ପଚାରିଲେ, ନିଦ ହେଲା ଆଗ ।

ସୁବୋଧବାବୁ ହାଟିଲେ ।

ଶ୍ୟାମାଦେବୀ ସେମିତି ମନେ ମନେ କହୁଥାଆନ୍ତି—କଣ ହେବନାହିଁ, ସିଗ୍ରେଟ ଟାଣି ଢମାକ୍ ଦେଖାଉଥିଲେ ସବୁ କଥା ସେମିତି ଢମାକଆ । ଅଦର କରି ପାଟକୁ ଡାକିଲେ ଦୂର ହୋଇ ଯାଆନ୍ତି······କିଛି କଥା ନ ଥିଲା ! ମୁଁ ହୁଡ଼ିଲି ! ବେଶି ଟିକିଏ ମିଶିଥିଲି ତାଙ୍କ ସଙ୍ଗରେ । ଏବେ ହଠାତ୍ ଛାଡ଼ିବାକୁ ହୋଇଗଲେ ମୋ ନାଁରେ ନିନ୍ଦା ରଟେଇବେ ।···

ଇଚ୍ଛା ହେଲା ସ୍ୱାମୀଙ୍କୁ ପୁଣି ଥରେ କହିବାକୁ—ସେ ମିଶିବେ ନାହିଁ ତାଙ୍କ ସାଙ୍ଗରେ । ତେବେ କଥାଟା ଭଲ ଦିଶିବ ନାହିଁ । ସେ ତୁନି ପଡ଼ିଲେ । ଆଉ ନିଜର ଅବୁଝା କୋହକୁ, କେତେବେଳେ ରାଗ, କେତେବେଳେ ବିରକ୍ତି ଆଉ କେତେବେଳେ କ୍ଷମା ଭିତରେ ନାନା ପ୍ରକାରରେ ଭାବି ଶେଷ କରିଦେଲେ । ସନ୍ଦେହୀ ମନର ଅନ୍ଧାରୁଆ କୋଣର ଭିତରେ ଗୋଟିଏ ସନ୍ଦେହ ଆସୁଥିଲା— ମୋତେ ସୁବୋଧବାବୁ ଭଲ ପାଆନ୍ତି ନାହିଁ ।

ତହିଁ ଆରଦିନ ସକାଳେ ନିଦ ଭାଙ୍ଗିଲାବେଳେ ସେଇ ମନ ତାଙ୍କୁ ପ୍ରଥମେ କହିଥିଲା—ସୁବ୍ରତବାବୁ ସେମିତ କରିପାରୁ ନାହାନ୍ତି । ନଈଁ ପାଟକୁ ମୋକଯୋକ ଭଡ଼ ଆଟିଲାପରି ବସ୍ତୁ ବିପଦର ଆଶଙ୍କା ନରଖି ଯେଉଁ ପୁରୁଷ ଧାଇଁ ଆସିପାରେ, ସେହି କେବଳ ଭଲପାଏ ।

ସକାଳର ଟ୍ରେଟିଆ ଟ୍ରେଟିଆ କାମ କଲାବେଳେ ମନଭିତରେ ଅଭିନୟ ଦେଖାଇବା ପାଇଁ ଛଳନା କରି ତାଙ୍କୁ ଟାଣିବା ପାଇଁ ନାରୀସୁଲଭ ଅସ୍ଥିର ଆକାଙ୍କ୍ଷା ଦେଖା ଦେଇଥିଲା — ଶ୍ୟାମାଦେବୀଙ୍କ ମନରେ ।

କୋଠା ଉପରକୁ ଚାହିଁଲେ କେହି ନାହାନ୍ତି । କେଶବବାବୁ ଯାଇଛନ୍ତି ବୁଲିବାକୁ । ସେ ତ ସେତେବେଳେ ଛାତ ଉପରକୁ ଆସନ୍ତି ନାହିଁ ।—ତେବେ ସେ ଦିନ ସକାଳେ ସେ ଆସିବା କଥା ତ । ଆସିବାର କାରଣ କ'ଣ ନାହିଁ ? ··ନିଶ୍ଚୟ ଅଛି । କାହିଁ ସେ ସର୍ବଗ୍ରାସୀ କ୍ଷୁଧା ଆଉ ସେ ଉଚାଟ କଳ୍ପନା ?

···ସାହସ ଦରକାର ! ନିର୍ଲଜ୍ଜତା ନ ଦେଖାଇଲେ ସୁବ୍ରତବାବୁ ଜିତିଯିବେ । ···ଦୂରରେ ରହିଲେଣି । ଅଉରି ଦୂରକୁ ଖସିଯିବେ । ତାଙ୍କୁ କେନ୍ଦ୍ର କରି ଏତେ କଥା ଭାବିସାରିଲା ପରେ ସେ କାହିଁକି ଆପଣା ମନକୁ ଶ୍ୟାମାଦେବୀଙ୍କଠାରୁ କୌଣସି ଇଙ୍ଗିତ ନ ପାଇ ଖସିଯିବେ ଦୂରକୁ ?

କଲମ ମଗାଇବ ! —ସକାଳୁ କ'ଣ କହି, କାହା ହାତରେ ମଗାଇବ ? ସେ ବି ଅଛନ୍ତି । ସୁବିଧା ହେବ ନାହିଁ ।···ଥର୍ମୋମିଟରଟି ମଗାଇଲେ ହୁଅନ୍ତା···ଜର ଲାଗୁଛି ବୋଲି । ହଁ, ସେଇଟା ଭଲ

ହେବ······ତାଙ୍କୁ ସେମିତି ଡାକ ଦେଲେ—ଆସିବେ ତ । କିନ୍ତୁ କହିହେବ ନାହିଁ···ନା···ଥର୍ମୋମିଟରେ ମାପିବା । ଜର ଜର ଲାଗୁଛି ।

ବାବୁ ପିଲାମାନଙ୍କୁ ଧରି ବାହାରକୁ ଯାଇଛନ୍ତି । ସେମାନେ ପୂର୍ବ ଦିଗରେ ସୂର୍ଯ୍ୟୋଦୟ ଦେଖିବେ । ଖାଲି ପୂର୍ବ ପଶ୍ଚିମ ଦିଗ ସ୍ଥିର ହୋଇଛି କେଉଁଦିନ ହେଲାଣି । ଥାଆନ୍ତେ କି ସେମାନେ···ଆଜି କିଏ ଜାଣେ ନା—ସେ ଅଣିମାଶିବ ହ୍ରଦଧାରେ···ନା ଚନ୍ଦ୍ରଲମା ?···

କିନ୍ତୁ ଗୋଟାଏ ଜିଜ୍ଞାସା କରି ନ ପାରି ଖାଲି ନିଜର ସଂଶୟ ଦୂର କରିବାକୁ ଓ ନିଜ କୌତୂହଳର କଷ୍ଟ ଉଣା କରିବାକୁ ରତନାକୁ ପଠାଇଲେ । ନିଜ ସ୍ୱାମୀଙ୍କ ନାଁ କହି ଜର ଦେଖିବା କଲଟା ମାଗି ଆଣିବୁ । ମୋ ନାଁ କହିବୁ ନାହିଁ ।

—ବାବୁ ଜର ଦେଖିବା କଲଟା ଦିଅ । ରତନା ମାଗିଲା ।

—କ'ଣ ହେବ ?

—ମା ଜର ଦେଖିବେ—ବାବୁଙ୍କର ।

—ବାବୁ କେଉଁଠି ?

—ବୁଲି ଯାଇଛନ୍ତି ।

ହସି ସୁବ୍ରତବାବୁ କହିଲେ—ତାଙ୍କର କଲ ନାହିଁ ।

ରତନା ଫେରିଆସିଲା । ବାଧ୍ୟ ହୋଇ ଶ୍ୟାମାଦେବୀ ପ୍ରକୃତ ଜରର ଅଭିନୟ କରିବାକୁ ଶୋଇରହିଲେ ।

କେଶବବାବୁ ଫେରିଲାବେଳେ ଅଟକି ଗଲେ ସୁବ୍ରତବାବୁଙ୍କ ଡାକରେ । ପିଲାମାନେ ଗଲେ ଘରକୁ । ପିଲାଙ୍କଠାରୁ ଶୁଣି ଶ୍ୟାମା ଦେବୀ ବଡ଼ ପୁଅକୁ ପଠାଇଲେ—ଯା, ବାପାଙ୍କୁ କହିବୁ । ମା ଦେହ ଭଲ ନାହିଁ । ଜର ଜର ଲାଗୁଛି ।

—ଜର ! କାଲି ତ କିଛି ନ ଥିଲା ।

ଆଜି ହୋଇଥିବ । ସୁଭାଷବାବୁ କହିଲେ ।

କେଶବବାବୁ ଫେରିଗଲେ ଘରକୁ । ଶ୍ୟାମାଦେବୀ କହିଲେ —ଦେହଟା ଭଲ ଲାଗୁନାହିଁ । ହାତ ମାରିଲେ ତ ଥଣ୍ଡା ଲାଗୁଛି । ଜର ଭିତରେ ରହୁଛି—କହି ହାଇ ମାରିଲେ ।

ତାଙ୍କର ହିମଶୀତଳ ଦେହକୁ ଛୁଇଁ କେଶବ ବାବୁ କହିଲେ —ନାହିଁ, ଜର ନାହିଁ ।

—ତମେ କ'ଣ ଡାକ୍ତର ? ମତେ ତ ଭାରି ଖରାପ ଲାଗୁଛି । କାଲି ରାତିରେ ନିଦ ହେଲା ନାହିଁ । ତମେ ଘୋଷୁଡ଼ି ମାରିଲ ।

—ନିଦ କମ୍ ହେଉଛି ବୋଲି ସେମିତି ଆଳସ୍ୟ ଲାଗୁଥିବ । ଟିକିଏ ଶୋଇପଡ଼ ।

—ଥଉ ତମେ ଯାଇ ଅଡ୍ଡା କରିବ ସେଠି ! ସେ କ'ଣ କହିଲେ ଆଜି ?

—କିଛି କଥା ହୋଇନାହିଁ । ବନ୍ଧୁ ନବକୃଷ୍ଣ କୁନା ଆସି ଡାକିଲା । ମୁଁ ବୁଲି ଆସିଲି ।

—ତମେ ଅବକା! କେଉଁଦିନ ଚିହ୍ନିବ ତ ।

—ଚିହ୍ନିବା କଥା ! ତେବେ ଅଜି ଯଦି ମୋତେ ନ ପଠାନ୍ତି ଛାଡ଼ିଦେଲେ ରହୁଛି ।

—ଦେହଟା ଖରାପ ହେଲା !

—ଏମିତି କ'ଣ ଟିକିଏ ଡର ସର୍ଦ୍ଦି ହୁଏ ନାହିଁ । ଡାକ୍ତର ଡକାଇବା ?

—ତମେ କହିବ ତ ଡାକିବା ।

ଡାକ୍ତର ଡକା ହେଲା । ଜର ନାହିଁ । ତେବେ ବି ଡାକ୍ତର ଆସିଥିବାରୁ ଦେହ ଠିକ୍ ରଖିବାକୁ ଟିକିଏ ଔଷଧ ଲେଖିଦେଲେ । ଆଉ କହିଲେ ଦେହ ଦୁର୍ବଳ ଅଛି ।

—ମତେ ଦୁର୍ବଳ ଲାଗୁଛି ସବୁବେଳେ । ମୁଁ ଭାବୁଥିଲି କାମ କରିବାକୁ ଅଳସ ହେଉଛି । ଶ୍ୟାମାଦେବୀ କହିଲେ ।

—ଏଇ ଔଷଧ ଖାଇଲେ ଠିକ୍ ହୋଇଯିବ ।

ଦୁର୍ବଳ ହୋଇଛନ୍ତି । ଜର ନ ହେଉଥିଲେ ବି ହେବାର ଆଶଙ୍କା ଅଛି । ଶ୍ୟାମାଦେବୀ ବିଛଣାରେ ଶୋଇ ରହିଲେ । ଭଲ ଲାଗୁ ନଥାଏ—ଦେହ ଏବେ ମୋଟେ ଖରାପ ନାହିଁ ଆଉ ଜର ହେଲେ ବି ଅସୁସ୍ଥ ହେବାକୁ ପଡ଼ିବ । ସେ କେଶବବାବୁଙ୍କୁ କହିଲେ—ଦେହ ଖରାପ ହେବା ସବୁଠାରୁ ବଡ଼ କଷ୍ଟ । ଏବେ ଆଖି ଥାଏ—ସୁଭାଷବାବୁ ଆସିନେ ନାହାଁନ୍ତି ?

ସତରେ ଦେହ ଖରାପ । ଡାକ୍ତର ଆସିଲେଣି । ଥର୍ମୋମିଟର ମଗାଇଲେ । ଗୋଟାଏ ଦିନ ମଧ୍ୟରେ—ନଗଲେ ଭଲ ହେବ ନାହିଁ ।

ସୁଭାଷବାବୁ ଗୋଟିଏ ଥର୍ମୋମିଟର କିଣି, ଆସି ପହଞ୍ଚିଲେ । ସେତେବେଳକୁ ଶ୍ୟାମାଦେବୀ ଉଠିଲେଣି—ଜରକୁ ସେ ଖାତିର କରନ୍ତି ନାହିଁ । ଗୁଲବୁଲ ହେଲେ ଜର ଛାଡ଼ିଯିବ । ଦେହ ଦୁର୍ବଳ ନଥିଲେ ଜର ଡ଼ରିଆନ୍ତା ନାହିଁ ।

ସୁଭାଷବାବୁ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ ତାଙ୍କୁ । ଶ୍ୟାମାଦେବୀ ଟିକିଏ ଅଧୀରଭାବ ହୋଇ କହିଲେ—ଜର ହୋଇଗଲା ।

—ଶୋଇ ନାହାନ୍ତି ତ ?

—ଶୋଇଥିଲି । ଉଠିଲିଣି । ଦୁର୍ବଳତା ପାଇଁ ହୋଇଛି ।

—ଜର କେତେ ?

—ନାହିଁ ବୋଲି ଡାକ୍ତର କହିଲେ । ସକାଳୁ ଏଇଟି ମିଳିଥିଲେ ଡାକ୍ତର ଡାକି ନଥାନ୍ତି । ଆପଣ ଥର୍ମୋମିଟର କୁଆଡ଼ୁ ଆଣିଲେ ?

ସୁଭାଷବାବୁ ନୂଆ ଥର୍ମୋମିଟରଟି କଣି ଆଣିଥିଲେ । ଅପ୍ରସ୍ତୁତ ହୋଇ ସେ ନିରୁତ୍ତର ରହିଲେ । ଶ୍ୟାମାଦେବୀ ସ୍ୱାମୀଙ୍କୁ କହିଲେ— ଘର କଣ ଗୋଟିଏ ଥର୍ମୋମିଟର ବି ନାହିଁ । ଖାଲି ଗୃହକର୍ତ୍ତା କଲେ କ'ଣ ଘର ହୁଏ ?...ଏଇ ଥର୍ମୋମିଟର ଥାଉ ମୋ ପାଖରେ । ମାସ ପହିଲିରେ ଟଙ୍କା ଆସିଲେ କଣି ଫେରାଇ ଦେବ ।

ନୀରବ ହୋଇ ବସିରହିଲେ ସମସ୍ତେ । ଶ୍ୟାମାଦେବୀ ଅନୁତପ୍ତ ସ୍ୱରରେ କହିଲେ—ମୁଁ ବସିଲେ ସମସ୍ତଙ୍କର କାମ ବନ୍ଦ ହେବ । ମୁଁ ଗାଧୋଇବି ।

ଦୁହେଁ ଏକ ସାଙ୍ଗରେ କହିଲେ—ନ ଗାଧୋଇଲେ ଭଲ ହୁଅନ୍ତା ।

—ଅଗାଧୁଆ ରହିଲେ ମତେ ଖରାପ ଲାଗେ । କାମ-ଦାମରେ ଲାଗିଗଲେ ମନ ବଦଳିବ । ଆଉ ଶୋଇ ରହିଲେ ଝାଡ଼ଣା ଗୁଣିବ ନାହିଁ ।

ତା'ପରେ ହସି ସୁଭାଷବାବୁ କହିଲେ—ଆହା ଆପଣଙ୍କର କେତେ କାମ ମାଲ ହେଲା ! କାଲି ବନଭୋଜି ଦେଖାନାହିଁ ଅରେ ବି । ଘରେ ବି କେଜାଣି ଥିଲେ କି ନାହିଁ ।

—ଟିକଏ ଜରୁରୀ କାମରେ ରହିଗଲି ।

—ସରିଲାଣି କାମ...

କିଛି ଠିକ୍ ନକରି ପାରି ସୁଭାଷବାବୁ କହିଲେ—ହଁ ।

—ମୋର ଭାଗ୍ୟ । ପାଖ ଦରଜାରେ ଡାକିଲେ ଜବାବ ଦେବାକୁ କେହି ଲୋକ ନଥିଲେ । ଅବେଳରେ, ରୋଗ ବଇରାଗ ବେଳରେ, ଘରେ ହତାଶ ଲାଗେ । ଇଚ୍ଛା ରହି ପାରୁ ନାହାନ୍ତି ଏଠି । ସଜ ଅପାଜକୁ ଆପଣଙ୍କୁ ଡାକିବ । କିଛି ମନରେ ଧରିବେ ନାହିଁ ।

—ନିଶ୍ଚୟ ଡାକିବେ ।

କେଶବବାବୁଙ୍କୁ ବାହାରକୁ ଯିବାକୁ ହୁକୁମ ହେଲା । ଜରୁରୀ ତଦନ୍ତ । ଇନ୍‌କ୍ୱାରି କରିବେ । ଜଣେ ଚଳିଆ କର୍ମଚାରୀ ଟଙ୍କା ଖାଇ ଦେଇଛି ସରକାରଙ୍କର ।

ସେ ମୁହଁ ଶୁଖାଇ କହିଲେ—ରହିବା କଥା ହେଲା ନାହିଁ ।

—କେତେବେଳେ ଯିବ ?

—ସନ୍ଧ୍ୟାବେଳ ଗାଡ଼ିରେ ।

—ଚାକିରୀ ଆଗ । ଘରକାମ ପଛ । ଶ୍ୟାମାଦେବୀ ଦୀର୍ଘ ନିଶ୍ୱାସ ପକାଇ କହିଲେ ।

ସ୍ୱାମୀଙ୍କର ନିରନ୍ତରର ଦୁଃଖ ପ୍ରତି ଅସୀମ ସହାନୁଭୂତି । ତାଙ୍କ ଦେହ ବଡ଼ ନୁହେଁ । ସୁବିଧା କି ଅସୁବିଧା କିଛି ନୁହେଁ—କେଶବବାବୁ ଯିବେ ।—ଯାଆନ୍ତୁ ।

ସେ ଯିବେ ବୋଲି ଶ୍ୟାମାଦେବୀ ନିଜ ଦେହ କଥା ଭୁଲି ତାଙ୍କର କାମରେ ଲାଗିଲେ ।

ବେଳ ପଡ଼ି ଆସିଲା ବେଳକୁ ଘର ଖାଲି ହୋଇଯାଇଛି ।

ପୁଣି ଶ୍ୟାମାଦେବୀ ଏକୁଟିଆ ।

ଦେବ କହୁଥିଲା—ଆସିନାହିଁ । ସୁଭାଷବାବୁ ଘରଗୁଡ଼ ଆସି ନାହାନ୍ତି ।···

ଏପାଖ ସେପାଖ ହୋଇ ସୁଭାଷବାବୁ ଶ୍ୟାମାଦେବୀଙ୍କର ଦେହର ତତ୍ତ୍ୱ ନେବାକୁ ଆସି ପହଞ୍ଚିଲେ ।

ପିଲାଙ୍କ ପଢ଼ାପାଖରେ ତାଙ୍କୁ ବସାଇ ଶ୍ୟାମାଦେବୀ କିଛି ବୁଝି ନ ପାରିଲା ପରି ସ୍ଥିର କଣ୍ଠରେ କହିଲେ—ଆପଣଙ୍କୁ ଡାକ୍ତର ଦୋକାନ ଠକି ଦେଇଛି । ଥର୍ମୋମିଟରଟା ଭଲ ନୁହେଁ ।

—ଭଲ କମ୍ପାନିର ତ !

—ସେଥିରେ ଯାଏ ଆସେ ନାହିଁ । ମୁଁ ବହୁତ ଥର ଜର ଦେଖିଲି । ଜର ଉଠିଲା ନାହିଁ ତ ।

—ଜର ନଥିଲା । ଉଠନ୍ତା କୁଆଡୁ ?

—ମଣିଷର ଦେହ କ'ଣ ଟିକିଏ ବି ଗରମ ହୁଏ ନାହିଁ ? ମୋଟେ ଜର ନ ଉଠିବାରୁ ମୁଁ ତାକୁ ଗରମ ପାଣିରେ ବୁଡ଼ାଇ ଦେଖିଥିଲି···ଭାଙ୍ଗିଗଲା ।

—ହଉ । ଆଜି ଗୋଟାଏ ଆଣିବା ।

—ଆଣିବେ କାହିଁକି ? ମୁଁ ତ ଭାଙ୍ଗିଛି ଆମ ଠୋଉଁ ନେବେ । ମୁଁ କିଣିଦେବି । ଆପଣ ବାବୁଙ୍କୁ କହିବେ ନାହିଁ ।

—ଆପଣ କିଣି ଦେବେ କାହିଁକି ?

—ଆଜି କ'ଣ ଧାରୁଆ ହେଇ ରହିବ ଏଇ ସାମାନ୍ୟ କଥା ପାଇଁ ?

—ଆପଣଙ୍କର ମନ ବୋଲି କିଛି ନାହିଁ । ଆପଣ କିଛି ବୁଝନ୍ତି ନାହିଁ । ସେଇଟା ଫେରାଇଲେ ମୋତେ ବାଧିବ—ସୁଖଦବାବୁ କହିଲେ ।

—ବାଧିବ ଆପଣଙ୍କୁ ?···ମୁଁ ତ ଭାବି ପାରୁ ନାହିଁ ଯେ ଆପଣଙ୍କୁ କିଛି ବାଧିପାରେ···ସେ ପୁଣି ମୋ ପରି ଲୋକ ଜଣେ···

—ଆପଣ କେମିତି ଜାଣିବେ ମୋର ମନ କଥା ?

—ଦେଖୁଛି ତ । ଆପଣ ଏଇଠି ରହି ଦେଖା ଦେଉ ନାହାନ୍ତି । ଦବିଯିବ ବୋଲି ଖଟ ଉପରେ ବସୁ ନାହାନ୍ତି । ଦେହ

ଖବର ହେଲା ଶୁଣି ଆସିଲେ ଯେ ଦେହ ଭଲ ହେଲା ବେଳକୁ । ଆପଣଙ୍କଠାରୁ ଦସ୍ତା ଭିକ୍ଷା କରି କ'ଣ ଥର୍ମୋମିଟରଟାଏ ନେବ ?

—ମିଛ କଥା । ମୁଁ ତ ଗୁଡ଼ ଉପରେ ବସୁଛି । ଆପଣ କନ୍ତୁ ଦୁଆରେ ବୁଲୁନାହାନ୍ତି ।

—ଅନ୍ଧାରରେ ଦେଖିପାରୁ ନଥିବେ ।

—ଆପଣ ଦେଖିଲେ କେମିତି ?

—ପୁଦେଲ-ବାସୀ ଜନ୍ତୁ ପରି ନଅଁ ଖୋଲାଟାଏ ପାଟିରେ ଦିଶେ ତ । କାଲି ସନ୍ଧ୍ୟାକୁ ମୁଁ ଗୁହାଁ ଗୁହାଁ ଥକୁଛି । ଆପଣଙ୍କୁ ଦେଖିଲି ନାହିଁ......

ଗମ୍ଭୀର କଥା ପରି ଧୀରେ କହିଲେ—କେଜାଣି କାହିଁକି ଆପଣଙ୍କୁ ଟିକିଏ ଦେଖିବାକୁ, ଦେଖି ନ ପାରିଲେ ବି ଆପଣ ବସିଛନ୍ତି—ସେତିକିର ଟିକିଏ ଇସାରା ପାଇବାପାଇଁ ଯୋଡ଼ା ମନଟା କେତେ ହାଇଁପାଇଁ ହୁଏ—ଆପଣ ଜାଣିବେ କେମିତି ?

ପିଲାମାନେ ଧାଇଁ ଧାଇଁ ଆସୁଥିଲେ । ବେବି ପାଟି କରି କହିଲା—ମା, ଦେବ ମାମୁଁ ଆସୁଛନ୍ତି ।

ଦୁହେଁ ଟିକିଏ ବିବ୍ରତ ହୋଇପଡ଼ିଲେ । ଶ୍ୟାମାଦେବୀ କପଟ ବିରକ୍ତି ଦେଖାଇ କହିଲେ—ଦେବ ! ଆଜି ପଢ଼ିବେ କେତେବେଳେ କେଜାଣି ।

ଦେବ ଆସି ପହଞ୍ଚିଲେ । ସାମନାରେ ସୁଭାଷବାବୁଙ୍କୁ ଦେଖି ନିଜର ହାନ କମାଇବାକୁ ଶୁଖିଲା ହସ ହସି ପଚାରିଲେ—ବେଶ୍ ଭଲ କରିଛନ୍ତି ଆପଣ । ସବୁବେଳେ ଘର ଭିତରେ ରହିବା ଅଭ୍ୟାସ କରିଛନ୍ତି ।

ଏଇ ଆତ୍ମୀୟତା ସୁଭାଷବାବୁଙ୍କୁ ଭଲଲାଗିଲା ନାହିଁ । ଘଟଣା ଚକ୍ରରେ ନାଚାର ହୋଇ ସେ କହିଲେ—ଏବେ ଆସିଥିଲି ଦେଖି

ପିତାଙ୍କୁ—ଶ୍ୟାମାଦେବୀଙ୍କର ଦେହ ଖରାପ ଥିଲା । କେଶବବାବୁ ଭୁଲିଗଲେ କି ନା ।

—ହଁ, ଖରାପ ପରି ତ ଜଣାପଡ଼ୁଛି । ଏବେ ରୋଗୀ ସବୁ ଭୁଲଭୁଲ କରୁଛନ୍ତି । ଏଣେ ରୋଗୀ ବୋଲି କହି ହେଉଛନ୍ତି । ଦେବବାବୁ କହିଲେ ।

—ସବୁ କଥାରେ କ'ଣ ଅଛି ! ସକାଳେ ଡାକ୍ତର ଆସିଲା । ଔଷଧ ଲେଖିଦେଲା । ତେବେ ବି ତମେ କହୁଛ କ'ଣ ନା କିଛି ହୋଇନାହିଁ ମୋର ।

କୁନା ଆଉ ଟେବି କହିଲା—ହଁ ମାମୁଁ, ମା'କୁ ଜର ହୋଇଥିଲା ସକାଳେ । ଡାକ୍ତର ଆସିଥିଲା ।

ଶ୍ୟାମାଦେବୀ ନିଜ କଥା ଶେଷ କରିବାକୁ ସୁଭାଷବାବୁଙ୍କୁ କହିଲେ—ଆସିଛନ୍ତି ଯେତେବେଳେ, ଟେଣ୍ଡେ ଦିଖଣ୍ଡ ବହି ପଠାଇବେ । ରତନା ଯାଇ ନେଇଆସିବ । ରତନା କାହିଁକି, ଦେବ ନେଇ ଆସିବ । ବହି ପଢ଼ିଲେ ଆଉ ଦେହ କଥା ମନେ ପଡ଼ିବ ନାହିଁ ।

ଦେବ ପ୍ରତିବାଦ କଲା । ସେ ଆଣିବ ନାହିଁ । ରତନା ଆଣିବ ।

—ମୋ ପାଖରେ ଓଡ଼ିଆ ବହି ନାହିଁ । ଅଣେଇ ଦେବି । ସୁଭାଷବାବୁ କହିଲେ ।

—ହଉ ନମସ୍କାର ।

ବାଧ ହୋଇ ସୁଭାଷବାବୁ ବି ନମସ୍କାର ଜଣାଇଲେ । ତାଙ୍କର ରହିବାର ଇଚ୍ଛା ନଥିଲା । ଶ୍ୟାମାଦେବୀ ସୁବିଧା କରିଦେଲେ ।

ସୁଭାଷବାବୁଙ୍କୁ ଫାଟକ ଡ଼ିଆଇଁ ଦେଇ ଦେବ ଫେରିଆସିଲା । କ୍ରୋଧ ଗୁପିରଖି କଥା କେଇ ପଦ ଉପରେ ଟାଣ ଦେଇ କହିଲା —ଏ ପୁଣି କ'ଣ ?

—କ'ଣ, ମୁହେଁ ମୁହେଁ ବାଦନ୍ତରେ ଥାଆନ୍ତି ? ସେମିତି କାହାକୁ ମୁଁ ଟାଣ କରି କହିପାରେ ନାହିଁ । ଡାକ୍ତର ଆସିଲାବେଳେ ତ ଆସିଥିଲେ । ଦେହ କଥା ବୁଝିବାକୁ ଆସିଲେ । ତମେ ତାଙ୍କୁ କ'ଣ କହିଥାଆନ୍ତ ?

—କହିଥାନ୍ତି, ଦେହ ଭଲ ହୋଇଗଲାଣି, ଖୁବ୍‌ ଯାଅ ।

—ମୁଁ ତ ସେୟା କହିଲି ।

—ଆଉ ସେ ବସିଥିଲେ ?

—ମୁଁ କ'ଣ ବସିବାକୁ କହିଛି ? ଦାଣ୍ଡ କବାଟ ପାଖରେ ତ ବସିଲେ । ମତେ ଲାଜ ଲାଗିଲା ଗୁଲିଯାଅ ବୋଲି କହିବାକୁ ।

—ଲାଜକୁଳୀ ଲତା ନା ! ଝାଉଁଳି ଗଲ ।

—ଏମିତି କଥା କହିବ ନାହିଁ । ଲାଜକୁଳୀ ଲଟା କ'ଣ ? ଛୁଇଁଲେ ଝାଉଁଳି ଯିବ – ଏଇୟା ନାଁ ?

—ମୁଁ ଭୁଲ କରି କହିଲି ।

—ତମ ମନ ଭିତରେ ଭୁଲ ବସା ବାନ୍ଧିଲାଣି । ଟିକଏ ତମକୁ ନଜର କଲି ବୋଲି ତମେ ସବୁ କଥା କହୁ କହୁ ବାଗବାଉଁଶ ରଖୁନାହଁ······ଏ ରତନା, ଗଲୁ ବାବୁଙ୍କ ଘରକୁ—କହିବୁ ଝଟ୍‌ ବନ୍ଧୁ ଦେବେ···ମା ମାଗୁଛନ୍ତି ।

—ସେଇ ବନ୍ଧୁ ନ ଆଣିଲେ କ'ଣ ହେବ ନାହିଁ ।

—ନା, ହକ ନାହିଁ । ନମ୍ର ହେବେ ମୁଁ ଚଢ଼େଇ । ଅଲବତ୍ ଚଢ଼େଇ । ତମେ ଯାହା ଭାବୁଛ ହବ ।

—ମୁଁ କେତେବେ ଯାଉଛି ?

—ଯାଅ । ନିଜର ଲୋକ ନଜର ହୋଇ ରହିବେ । ପର ଲୋକ ଏମିତି ନିଜକର ଆନନ୍ଦ ଦିବେ । ଯେତେ ଦିନ ଯାଏ ମଣିଷ ଆତ୍ମାର ଅନ୍ତର ଅଲଗା ହୋଇ ରହୁଥିବ—ସେତିକି ଦିନ ତା'ର ଦାମ୍ ରହିଛି । ଆଉ ଯୋଉଁ ଦିନ ସେ ଖୋଲି ହୋଇଯିବ କି ଫିଟି ପଡ଼ିବ—ସେଦିନ ସେ ହେଲା ପର ।

—ହେଇ ଶୁଣ, ମୁଁ ଆଜ ବୁଝିଗଲି । ଦେବ କହିଲେ ।

—ବୁଝ । ନିଜକୁ ସନ୍ତୁଷ୍ଟ କର । ମଣିଷ ତ ସେଇ ଏକା ମଣିଷ । ତମେ କଏ, ଆଉ ସେ କଏ ? ଏତିକି କଥା ଦିନେ ଯଦି ସେ ବୁଝନ୍ତୁ ଖଟେଇ ଥାଆନ୍ତେ ତାହାହେଲେ ଜାଣିଥାଆନ୍ତୁ । ଆଜ ତମ—

ଦେବ ଉଠି ବାହାରିଗଲାବେଳେ କହିଲା—ଭଲ ବ୍ୟବହାରର ଇଏ ହେଲା ପୁରସ୍କାର । ଚିନ୍ତା କଲେ ଏଇ ଫଳ ।

—ହେଇ ଶୁଣ । ତୁମେ ଭଲପାଇ ଶିଖ ନାହିଁ । ଶିଖିବାକୁ ଖୋଜୁଥିଲେ କିଛି ମାଗିବ ନାହିଁ, ଖାଲି ଭଲ ପାଇବ । ତେବେ ଯାଇଁ ଶିଖିବ । ଆଉ ଲୁଗା ମୁଟେଇବା ସାଙ୍ଗରେ ଭଲ ପାଇବାର ମୂଲେଇ ସମାନ କରିବ ନାହିଁ ।

ବନ୍ଦେଲ ପଢ଼ୁଥିବା ସମସ୍ତ ମଣିଷ ଶୁଆ ସାଙ୍ଗଙ୍କୁ ବାଣ୍ଟିଦିଏ । ସେ ଅବା ସେମିତି ମନକୁ ବୁଝେଇବାକୁ ବାହାର ଲୋକଙ୍କୁ

ବାହାରେ ରହି ଟିକିଏ ଯାଦୁ ଖେଳକୌତୁକ କରିପାରିଲା ସେଥିରେ କ୍ଷତି କ'ଣ । ଖେଳିବା ଲୋକ ତ ହାତ ଗୋଡ ଛାଟେ । ହାସକୌତୁକରେ ତ ପ୍ରାଣୀ ମାତ୍ର ମଗ୍ନମର ହୁଏ । ସେମିତି ଟିକିଏ ଖେଳୁ ଖେଳୁ ନିଦା ଛଟିଲା । —ଉଠ୍ ।

ଦୁଆରକୁ ଅଟି ଦେଖିଲା—ସୁଭାଷବାବୁ ସିଗ୍ରେଟ ଟାଣୁଛନ୍ତି କୋଠା ଉପରେ । କୁନାକୁ ପଠାଇଲେ । ସେ ଆସି କହିଲା—ମା କହିଲେ,—ବସିଛ କ'ଣ ବହି ଦବ ପରା ! ନଥିଲେ ଆଣିଦିଅ ।

—ହୁଁ ହୁଁ, ଆଣିବାକୁ ଯାଉଛି ।

—ମୁଁ ଆସିବି ?

—ମୁଁ ଦେଇଆସିବି । ତମ ମତା ବୁଝିବ ! ଆଜି ତମର ଅଙ୍କ ପରୀକ୍ଷା ହେବ । ପରୀକ୍ଷାରେ ଭଲ କଲେ ପୁରସ୍କାର ପାଇବ । ତମର ଆଜ୍ଞା ବେଶ ଧ'ଜନଙ୍କର ।

ସେ ଫେରି ଚାଲିଗଲା । —ମା' ଅଜି ଅଙ୍କ ପରୀକ୍ଷା ହେବ । ବେବିର ଆଜ୍ଞା ମୋର । ପୁରସ୍କାର ମିଳିବ । ନଭସା ଆସିବେ କହିଛନ୍ତି ବସ୍ତ୍ର ନେଇ ।

—ଆସିବେ ? ମୋର ତ ଦେହ ଭଲ ନାହିଁ । ମୁଁ ଶୋଉଛି । ଆସିଲେ ଡାକି ଦେବ ।

ସୁଭାଷବାବୁ ଆସିଲେ—

—କ'ଣ ହେଲା ? ପରୀକ୍ଷା କରିବା ?

—ହଁ । ମା'କୁ ଡାକିଦିଏ ! ଦେହ ଭଲ ନାହିଁ ବୋଲି ସେ ଶୋଇଛନ୍ତି ।

—ତାଙ୍କ ପାଇଁ ବହି ଆଣିଥିଲି ।

—ବେଶ ମାଗିଲା ନବାକୁ । କୁନା ଜିଦ୍ କଲା ଯେ ସେ ନବ ।

—ବେଶ ବହି ନେଉ । ଆଚ୍ଛା କହିଲ—ତମ ହାତକୁ କେଉ ଛିଞ୍ଚି ? କୁନାକୁ ପଚାରିଲେ ।

—ଏତେ କଷ୍ଟ ! ମୁଁ କହିପାରିବି ନାହିଁ ।

—ତମର ଉଚ୍ଚା କେଉଁ ହାତ ?

—ଏମିତି କ'ଣ ଚତୁରତା ? ଇଏ କ'ଣ ଅଙ୍କ ?

ଘର ଭିତରୁ ଶ୍ୟାମାଦେବୀ ହାତରେ ବହି ଧରି ବାହାରି ଆସିଲେ ବେଦଙ୍କୁ ସାଙ୍ଗରେ ନେଇ ।

କୋଠରି ଭିତରକୁ ନ ଆସି ପଚାରିଲେ—ପିଲାଙ୍କୁ ପୁରସ୍କାର ଦେଇଦେବେ ସେମିତି । ସେମାନେ କ'ଣ ଏତେ କଷ୍ଟ ପ୍ରଶ୍ନର ଉତ୍ତର ଦେଇପାରିବେ ?···ଆପଣ ଯାଇ କିଣି ଆଣିଲେ ନାଁ ? ଏଇ ବହିଗୁଡ଼ିକ ।

—ହଁ । ମୁଁ ବି ଏଣିକି କିଛି କିଛି ବହି ରଖିବି । ବହି ନଥିଲେ ସମୟ କଟୁନାହିଁ । ଅଳ୍ପ କିଛି ବହି ଆଣିଛି ।

ଖୁସିହୋଇ ଶ୍ୟାମାଦେବୀ କହିଲେ—ବଡ଼ ଭଲ ହେଲା । ମୁଁ ସବୁଯାକ ପଢ଼ିବି । ତେବେ ଭଲ ଛବି ଥିବା ବହି ଦେବେ । କେତେ ବହିରେ ଛବି ଏମିତି ଯେ ଦେଖିଲେ ବିରକ୍ତ ଲାଗେ ।

—ଭଲ ବହି ଦେବି । ମୁଁ ସେ ସବୁ ବହି ପଢ଼େ ନାହିଁ ।

ଶ୍ୟାମାଦେବୀ କଥାକୁ ବୁଲାଇ କହିଲେ—ଆପଣ କ'ଣ ପାଆନ୍ତି ଅଙ୍କରୁ ? ପିଲାଙ୍କୁ ସାହିତ୍ୟ ପରୀକ୍ଷା ନକରି ଅଙ୍କ କାହିଁକି ପରୀକ୍ଷା କଲେ ?

—ଅଙ୍କର ହୃଦୟ ନାହିଁ । ସାହିତ୍ୟର ହୃଦୟ ଅଛି । ସେଇଟା ବଢ଼ାଇଦିଏ ମସ୍ତିଷ୍କକୁ ।

—ମୁଁ ଅଙ୍କରେ ମୋଟେ ପାରୁ ନଥିଲି । ମୋର କ'ଣ ମୁଣ୍ଡ ବିଗିଡ଼ି ଯାଇଛି ?

—ଏଇଟା ସାହିତ୍ୟର ପ୍ରଶ୍ନ । ମୁଁ ଜବାବ ଦେଇପାରିବି ନାହିଁ ।

—ବେଶ୍ ଅନୁ । ଆମେ ଆପଣଙ୍କୁ ପରୀକ୍ଷା କରି ପୁରସ୍କାର ଦେବା ସାହିତ୍ୟରେ । ଆପଣ ପିଲାଙ୍କୁ ପୁରସ୍କାର ଦେବେ ଅଙ୍କରେ ।

— ମୁଁ କ'ଣ ଉତ୍ତର ଦେଇପାରିବି ?

— ଭାବିଲେ ପାରିବେ···ହଉ ପିଲାଙ୍କୁ ପଚାରନ୍ତୁ ।

— ହଉ କୁହ। କହ । ଜ୍ୟାମିତି ଅଙ୍କଠାରୁ ସହଜ ଲାଗେ ନାହିଁ କାହିଁକି ?

—ଅଙ୍କ ବୁଝିହୁଏ । ଜ୍ୟାମିତିକୁ ଘୋଷିବାକୁ ପଡ଼େ ।

ଶ୍ୟାମାଦେବୀ ପଚାରିଲେ—କ'ଣ ! ଠିକ୍ ହେଲା ?

—ହଁ ।

—ହେଲାନାହିଁ । ମତେ ବୁଝେଇଲେ । ବୁଝି ନପାରିବା କଥାକୁ ମଣିଷ ବେଶୀ ଘୋଷି ହୁଏ ନା ନବୁଝିପାରିବା କଥାକୁ ?—

ବିସ୍ମିତ ହୋଇ ସୁଭାଷବାବୁ ଚାହିଁଲେ ଶ୍ୟାମାଦେବୀଙ୍କ ମୁହଁକୁ—କ'ଣ ପଚାରୁଛନ୍ତି ଆପଣ ?

—ମୋର ସନ୍ଦେହ ଅଛି ସେ ପଚାରିଲା ।

—ସ୍ତ୍ରୀ'ର ଜବାବ ବଦ୍ଭୁତ ପ୍ରକାରର ।

—କ'ଣ କହିଲେ ।

—ଯାହାର ବୁଦ୍ଧି କମ୍ ସେ ବୁଝି ପାରୁ ନଥିବା ବିଷୟକୁ ଘୋଷେ । ଆଉ ଯାହାର ବୁଦ୍ଧି ବେଶୀ ବୁଝି ନପାରୁଥିବା ବିଷୟକୁ ଭୁଲିଯାଏ—ଘୋଷେ ନାହିଁ ।

—ବୁଦ୍ଧି ନା ଅନୁଭବ ? ମସ୍ତିଷ୍କ ନା ହୃଦୟ···ହଉ, ଆପଣ ପରୀକ୍ଷା କରନ୍ତୁ । ମୁଁ ଟିକିଏ ବହି ପଢ଼ିବି ।

—ମଞ୍ଜୁଷା ପଚାର ।

ଅନ୍ୟମନସ୍କ ହୋଇ ସୁଭାଷବାବୁ କହିଲେ—ଆଜି ସିନେ ଷ୍ଟୋର ହୋଇ ଅସି ତମକୁ ଯିବୁନିବ। ଠିକ୍ ଦଶଟାରୁ ଯିବୁରିବ। ପ୍ରସ୍ତୁତ ହୋଇଥିବ। ଅଜ ମୁଁ ଯାଉଛି।

— ପୁରସ୍କାର ?

ଦୁଇଟି ବଡ଼ ଚକୋଲେଟ୍ କାଢି ଦୁହିଁଙ୍କୁ ଦେଲେ।

—ହେଲ ଚକୋଲେଟ୍ ଆସିଛି।

ଭିତରୁ ଶ୍ୟାମାଦେବୀ କହିଲେ—ମୋର କ'ଣ ଆସିଛି ?

—ଅଉ କହୁ ନାହିଁ ପକେଟରେ। ପକେଟ୍‌ମାରୁ ହୋଇ ଯାଉଛି। ସିଏ। ପୁଣି କୁଆଁ ହଜାଉଛ। ସେଥିରେ ପଇସା ନେଇ କିଣିଲେ ଆପଣ ପାଇବେ।

—ଏତେ ଡେଉଁରେ ! ହଉ। ଯ ଆଜି। ବନ୍ଧୁଟା ଘରେ ଭଲ କଣ ପଢୁଛି। ବହିରୁ ଅଖି ଉଠାଇବାକୁ ଇଚ୍ଛା ହେଉନାହିଁ······ ଏ କୁନା ବେବି, ପଢ଼ୁଛ ନା ଟେବୁଲ ?

ନିଜକୁ ଏକାବେଳକେ ନାସ୍ତ କରି ସୁଭାଷବାବୁ ଫେରିଗଲେ। ଶ୍ୟାମାଦେବୀ ସବୁ ନେଇଯାଇଛନ୍ତି।

ଅଳ୍ପ ସମୟପରେ ବହି ବନ୍ଦ କରି ଶ୍ୟାମାଦେବୀ ହାରମୋ-ନିୟମ ବଜାଇଲେ। —ରେ ନାଉରୀ···ବେ ପାରି କର,

ଏକା ମୁଁ ପଦ୍ମାରି        ଏକା ମୁଁ ନାଉରୀ

ବେ ପାରି କରି··ରେ ନାଉରୀ।

ଥରେ ମାତ୍ର ଗାଇଥିଲେ। ବାକି ବେଳ ଟେପ୍ ସୁରଟି ଖାଲି ବାଜୁଥିଲା। ହାରମୋନିୟମର ସ୍ୱର ଉପରକୁ ଶ୍ୟାମାଦେବୀ କଣ୍ଠସ୍ୱର ଉଠାଇ ନଥିଲେ। ନିଜ ଘର ଭିତରେ ଥାଇ ସୁଭାଷବାବୁ ବାରମ୍ବାର ଅଶାନ୍ତଶ୍ୱାସୀ ହୋଇ ଯାଉଥିଲେ। —ଯାହା ବୁଝିହୁଏନା ସେହି

ହେଉଛନ୍ତି ସଂସାରରେ ମନୋହର ଓ ଚିତ୍ତହର । ଶ୍ୟାମାଦେବୀ ହେଉଛନ୍ତି ସେଇ ପ୍ରକାରର ଜଣେ ।

ସେମିତି ହଠାତ୍ ଗୀତ ବନ୍ଦ ହୋଇଗଲା । କିନ୍ତୁ ସୁଭାଷ-ବାବୁଙ୍କୁ ବାରମ୍ବାର କିଏ ମନରେ ପଚାରୁଥିଲା—କାହିଁକି କିଏ—ଆଜି ପଚାରିଛି କିଏ ? ତାଙ୍କୁ ଦିଶୁଥିଲା ଅତଳ ଅସୀମ ଜଳରାଶି । ବୁଝି ପାରୁନଥିବାରୁ ସେ ବ୍ୟସ୍ତ ହୋଇ ପଡୁଥିଲେ ।

ମନ ଭିତରେ ବାରମ୍ବାର ଶରଣ ପଶୁଥିଲେ । ଶ୍ୟାମାଦେବୀ ତାଙ୍କଠାରୁ ବୟସରେ ବଡ଼ । ଦୁଇଟି ପିଲା । କିନ୍ତୁ କିଛି ପ୍ରଭାବ ପଡ଼ି ନାହିଁ ତାଙ୍କ ଜୀବନରେ । ସେ ତାଙ୍କ ପର ଜଣେ ଲୋକଙ୍କୁ କେତେ ଦୂରରେ ରଖିଛନ୍ତି । ଯେତେ ନିକଟକୁ ନେଇଛନ୍ତି ତହିଁରୁ ଦୂରତା ବେଶି ।

ନିକଟରେ ଶ୍ୟାମାଦେବୀ ଦୂର । ଆଉ ଦୂରରେ ଥିଲାବେଳେ ସେ ନିକଟ । ଶ୍ୟାମାଦେବୀ ଗୋଟିଏ ପ୍ରହେଳିକା ! ସେ ସୁଖ ଦେବାକୁ ଚାହିଁଲେ ସୁଖ ଦିଅନ୍ତି । ଦୁଃଖ ଦେବାକୁ ଚାହିଁଲେ ଦୁଃଖ ଦିଅନ୍ତି । ପୁଣି କିଛି ନ ଦେବାକୁ ଚାହିଁଲେ, କିଛି ଦିଅନ୍ତି ନାହିଁ ।

ନୀରବ ରହିବା, ନିସ୍ତବ୍ଧ ହୋଇ ବସିରହିବା, ତାଙ୍କ କଥାର ଉତ୍ତର ନ ଦେବା, ତାଙ୍କର ଚାହାଣିକୁ ନ ଚାହିଁବା ହେଉଛି କେବଳ ତାଙ୍କୁ ଦୂରରେ ରଖିବାର ବାଟ—ସେତିକିବେଳେ ସେ ନିକଟ । ପବନପରି ଛୁଇଁଦେଇ ଚାଲିଯାଆନ୍ତି ।

କିନ୍ତୁ ଏଣେ ମନ ଭିତରେ ଅଧୀର ମନ ଶ୍ୟାମାଦେବୀଙ୍କୁ ଡାକୁଥାଏ—କାତର ପ୍ରାର୍ଥନା ଜଣାଉଥାଏ—ତମେ ରତ୍ନ ପାଖରେ ସବୁଦିନେ·· ସବୁବେଳେ ।

ଶ୍ୟାମାଦେବୀ ସେତିକିବେଳେ ରତନକୁ ଡାକୁଥିଲେ ।—ଏ ରତନା ! ଶୋଇଲୁଣି କି ? ଚଲୁ ଟିକିଏ ବାବୁଙ୍କଠାରୁ ପଚାରି ଆଣିବୁ ଡାକ୍ତର କି ଔଷଧ ଲେଖି ଦେଇଛନ୍ତି । କାଲି ଦୁଆ କିଣି ଆଣିବ······

ପଦ୍ମଲମା ଆସି ପଚାରିଲେ—ମତେ ଦିଅ । ତମେ ତ ଔଷଧ ନ ଖାଇ ଭଲ ମଣିଷଙ୍କ ପରି ସବୁ କାମ କରୁଛ । କ'ଣ ହୋଇଛି କି ?

—କେଜାଣି । ସମସ୍ତେ ତ ଭଣ୍ଡିଲେ ମୋତେ । ଡାକ୍ତର ଭଣ୍ଡି ଦେଇ ପଇସା ନେଲା । କ'ଣ ଲେଖିଛି କେଜାଣି···ସେ ଔଷଧ ଖାଇଲେ କୁଆଡେ ଭଲ ହେବ ।

ସହାନୁଭୂତିର ଛଳନା ଦେଖାଇ ପଦ୍ମଲମା ବାବୁଙ୍କ ପାଖରେ ଚେଚେଁଇ ହୋଇ କହିଲା—ତମର ତ ବାବୁ ପଥୁରିଆ ମନ । ଟିକିଏ ଔଷଧ ମଗେଇ ଦିଅନ୍ତୁ ନାହିଁ । ଏମିତି ଧୁଆଁ ବାଧିକରେ ଆମର ମା ପଡ଼ି ରହିଥିବେ । ଅଜି ଗୁଲବୁଲ ହେଉଛନ୍ତି । କାଲି ବିଛଣା ଧରିବେ ।

ହାତରେ ପ୍ରେସକ୍ରିପ୍ସନ୍ ଧରି ସୁଭାଷବାବୁ ଶ୍ୟାମାଦେବୀଙ୍କୁ ସ୍ମରଣ କରି ଭାବିଲେ—ପାରି ହେବ ନାହିଁ । କ'ଣ ରୁହଁ କେଜାଣି ! ସବୁବେଳେ ତ ବୁଝିଁବାରେ ଏତି ଲାଗୁଛି । ପୁଣି ସେମିତି ଭେଳିକି ଲଗାଇ କହି ଦେଉଛି—ଭୁଲ୍ ଭୁଲ୍ । ତୁମ ମୂଳ ଠାକୁର ଉଠିଲା ।

ପଦ୍ମଲମା ପଚାରିଲା—କହିଲ ସେ ।

—ବେଣୁଧର ଯାଅ, ଏ ଔଷଧଟା ନେଇ ଆସିବ—କହି ଟଙ୍କା କାଢ଼ିଲେ ।

—ପଇସା ଦେଇଛନ୍ତି । ତମେ ବାବୁ କାହିଁକି ହାତରୁ ଖର୍ଚ୍ଚ କରିବ ? ତାଙ୍କର କ'ଣ ନାହିଁ କି ?

ବାଧ ହୋଇ ସୁଭାଷବାବୁ, ପଦ୍ମଲମା ଆଉ ବେଣୁଧରର ଗୁଡ଼ିଏ ଆଖିକୁ ଚାହିଁ, ପଦ୍ମଲମା ହାତରୁ ଔଷଧର ଦାମ ନେଲେ । କିନ୍ତୁ ତାଙ୍କ ମନ ଭିତରେ ଯେଉଁ ଆଘାତ ଶ୍ୟାମାଦେବୀ ଦେଇ ପାରିଲେ, ସେତକ ଯେ ଭୁଲ ହୋଇପାରେ—ଭାବିଲେ ଅସମ୍ଭବ ଜଣାଗଲା ।

—ହଉ ତମେ ଯାଅ ପଦ୍ମଲମା ! ବେଣୁଧର ଦେଇ ଆସିବ ରସିଦ ଆଉ ପଇସା ।

ବେଣୁଧର ଯାଇ ପହଞ୍ଚିଲାବେଳେ ଶ୍ୟାମାଦେବୀ କହିଲେ—ତମ ବାବୁ ପଇସା ରଖିଲେ ନା ? ତାଙ୍କୁ କହିବ—ଏଠୁ ସେ ଯାହା ଯାହା ନେଲେ ସବୁ ପଇସା ଫେରାଇବେ ।

ତା'ପରେ ହସି ପୁଣି କହିଲେ—କାଲି ସକାଳୁ ବହି ଆଣିବ । ତମ ବାବୁ ଅନେକ ବହି ରଖିଛନ୍ତି । ବହୁତ ବହି । ତମେ ବି ଟିକିଏ ପଦ୍ମଲମା ପୋଉଁ ଖବର ନେଉଥିବ କାଳେ ମୋ ଦେହ ବେଶି ଖରାପ ହୁଏ !

ବେଣୁଧର ଖୁସି ହୋଇ କହିଲା—ଏମିତି ତ ମା ! ଗୁଡ଼ା ହୋଇଛି ସଂସାର । ଆପଣଙ୍କ ଦେହ ଦୁଃଖ ହେବ । ଆଉ ଆମେ ତତ୍ତ୍ୱ ନେବୁ ନାହିଁ ?

—ବାବୁଙ୍କୁ ମୋର ବହୁତ ବହୁତ କହିଦେବ ।

ସେଠୁ ଫେରି ଆସି ବେଣୁଧର ଲଗାମଛଡ଼ା ହୋଇ ବାବୁଙ୍କୁ କହିଲା—ଖରି ଭଲ ଆଜ୍ଞା । କଥା ତ ନୁହେଁ ଅମୃତ । ମତେ

କହିଛନ୍ତି ଖବର ରଖିବାକୁ । ତାଙ୍କ ଦେହ ଖୁବ୍ ଖରାପ । ଦୋହଲି ଗଲେଣି । ମାଗିଛନ୍ତି ବନ୍ଧୁ, କାଲି ସକାଳେ ନେଇ ମୁଁ ଦେଇ ଆସିବି······

ବେଣୁଧର କହୁଥାଏ । ଆଜି ସୁଭାଷବାବୁଙ୍କ ମନ ଭିତରେ ପ୍ରତ୍ୟେକ କଥା ଧକ୍କା ଦେଉଥାଏ । ସତେ କ'ଣ ଶ୍ୟାମାଦେବୀ ଏତେ ଦୁର୍ବଳ—ଏତେ ରୋଗଗ୍ରସ୍ତ ? ବେଣୁଧରକୁ ଠକିବାର କିଛି ତ କାରଣ ନାହିଁ ।

—କିଛି କହିଲେ ?

—ହଁ, ବହୁତ ବହୁତ କହିଛନ୍ତି ଆପଣଙ୍କୁ । ଆଉ କହିଲେ —ଆପଣ ପଇସା ଯଦି ରଖିଲେ ତେବେ ତାଙ୍କ ଜନଘର ଦାମ୍ ଦେଇ ଦେବେ···ପଇସା ରଖିବା ଠିକ୍ ହେଲା ନାହିଁ ଆଜ୍ଞା !

—ଆଉ କ'ଣ ହାତରୁ ଦେଇଥାନ୍ତି ?

—ହଉ ଯାଉ । ବାବୁଙ୍କ ସଙ୍ଗରେ ଆପଣଙ୍କର ଭଲ ବନେ । ସେ କ'ଣ ମନେ କରିବେ କେଜାଣି ।

ଉଦାସ ହସ ଖେଳାଇ ସୁଭାଷବାବୁ କହିଲେ—ସଂସାରରେ ପଇସା ହେଉଛି ସବୁଠାରୁ ବଡ଼ । ତାକୁ ରଖିଲେ ଦୋଷ । ନ ରଖିଲେ ଦୋଷ···କାଲି ବନ୍ଧୁ ନେଇଯିବ । ବନ୍ଧୁ ଫେରାଇ ଆଣିବ —ଆଜି ସେ ନେଇଛନ୍ତି ।

ସକାଳୁ ବେଣୁଧର ବାବୁଙ୍କ କାମ ବୁଝିଦେଇ ବନ୍ଧୁ ନେଇ ହାଜର । ···ମନଟା ଗୋଟିକେଇ ଯାଣ୍ଟି ହେଲା । କହିଲ ଦେଖିଆସେ ମା'ଙ୍କୁ । କାଲେ ଧିଅ ବେଶୀ ଖରାପ ହୋଇଥିବ !

—ନାହିଁ, ଭଲ ଅଛି···ବହି ଆଣିଛ ? ? କାଲିକା ବହି—

—ହଁ । କାଲିକା ବହି ଫେରାଇ ଦେଲେ ନେବ ।

—ବାବୁ କ'ଣ କହିଛନ୍ତି ନେବାକୁ ?

—ଠିକ ମନେ ନାହିଁ ।

—ବାବୁଙ୍କୁ ଆପଣ କହନ୍ତୁ ? ବାବୁଙ୍କୁ କହିବ—ମା' ଫେରାଇଦେଲେ ନାହିଁ । ପୁରୁଣା ବହି ବି ରହିବ । ନୂଆ ବହି ଆସିବ । ସେ ବି ରହିବ । ତମେ ଆଣି ମତେ ବହି ଦେଇ ଯାଉଥିବ । ବାବୁଙ୍କର ଦରକାର ହେଲେ ମଗେଇ ନେବେ ।

—ହଁ ରହୁ ଏଇଠି । ଯୋଉଠି ହେଲେ ତ ରହନ୍ତା । ବାବୁ ତ ଅଫିସରେ ପଢ଼ିବେ ନାହିଁ । ସେତେବେଳ ଆପଣ ହେଲେ ପଢ଼ୁଥିବେ ।

କୁନା ଯାଚି କଲା—ସେ ବାହାଘରକୁ ଯାଇଥିଲା । ସ୍କୁଲରେ ଦରଖାସ୍ତ ଦିଆ ହୋଇନାହିଁ ତା'ର ଆଜି ଦେବାର ।

—ବାପାଙ୍କ ଠୋଉ ଲେଖେଇ ରଖିଲ ନାହିଁ ? ବାପା ଆସନ୍ତୁ ।

—ବାପା ପୁଣି କେବେ ଆସିବେ ! ସେତେଦିନ ଯାଏ କ'ଣ ମାଷ୍ଟ୍ର ସବୁ ଦିନ ଆମକୁ ମାଗୁଥିବେ ଦରଖାସ୍ତ ?

—କିଏ ଆଉ ଲେଖିବ ?

—କାହିଁକି, ଆମ ବାବୁଙ୍କୁ କହିଲେ ସେ ଲେଖିଦେବେ ବେଣୁଧର କହିଲା ।

—ବାବୁ ଲେଖିବେ ? ଅପମାନ ଲାଗିବ ନାହିଁ ତ !

—ହଁ ଲେଖିବେ । ମୁଁ ଲେଖେଇ ଆଣିବି ।···ଲେଖିବେ ନାହିଁ !

—ହଉ ।

ବେଣୁଧର ଯାଇ ବାବୁଙ୍କୁ କହିଲା—ମା ମନା କଲେ ବହି ଦବାକୁ। କହିଲେ—ସବୁ ବହି ରହିବ ସେଠି। ଆଉ ସେ ରୋଜ ବହି ନେବେ। ମୁଁ କହିଲି ହଉ ରଖନ୍ତୁ···ଆଜ୍ଞା, ତାଙ୍କ ପିଲାଙ୍କର ଦି'ଟା ଛୁଟି ଦରଖାସ୍ତ···ବାଘାଘରକୁ ଯାଇଥିଲେ ସେମାନେ।

—ତମକୁ ଆଉ କୋଉଠିକି ପଠାଇବା ଠିକ୍ ନୁହେଁ। ତମେ ଯିବ ଗୋଟିଏ କାମରେ। ଆଉ ଆଣିବ ଆମ ପାଇଁ କାମ।

—ତାଙ୍କ ବାପା ସ୍କୁଲ ଯାଇଛନ୍ତି। ସ୍କୁଲରେ ମାଷ୍ଟ୍ର ମାଗୁଛନ୍ତି। ହରବର ହେଉଥିଲେ। ମୁଁ ସାହସ କରି କହିଲି ଆପଣଙ୍କ ନାଁ। ଆପଣଙ୍କ ଦୟା।

—କାମ ଆଣିଲୁ ଯେ ଅକଲ ଖଟେଇଲୁ? ପିଲାଙ୍କ ନାଁ ମୁଁ କ'ଣ ଜାଣେ? କୋଉ କ୍ଲାସ, କୋଉ ତାରିଖ କିଛି ବୁଝିଛୁ?

ବେଣୁଧର ଯିବାକୁ ଗୋଡ଼ ଟେକିଲା ନିଜ ଭୁଲ ସୁଧାରିବାକୁ। ତାକୁ ବନ୍ଦ କରି ବାବୁ କହିଲେ—ହଉ, ମୁଁ ଯାଉଛି। ବୁଝିଦେବି।

ବାବୁ ବସି ରହିଲେ। ଆଉ ବେଣୁଧର ବି ବାରମ୍ବାର ଚାହୁଁଥାଏ ତାଙ୍କୁ। ତା' କଥା ରହୁନାହିଁ···। ବାବୁ ଉଚ୍ଚର କରୁଛନ୍ତି।

ସୁବ୍ରତବାବୁ ପହଞ୍ଚିଲେ। ଶ୍ୟାମାଦେବୀ କିଛି ନ ଜାଣିଲା ପରି ପଚାରିଲେ—କ'ଣ ଏତେ ସକାଳୁ! କିଛି କାମ ନାହିଁକି ଆଜି?

—କାମ ତ ଏଇଠି। ଦରଖାସ୍ତ ଲେଖାଯିବ ପରା। ଆମେ ହାକିମ ହେଲୁ ଯେ ଆମ କାମ କିଏ କରୁଛନ୍ତି। ଆଉ ଆମେ ଏଠି ଆପଣଙ୍କ କାମ କରିବାରେ ସକାଳେ ଲାଗିବୁ।

—ସେଇଥିପାଇଁ ପରା ମୁଁ ଆପଣଙ୍କର ଉପସ୍ଥିତି ମନା କରିଥିଲି । ବାବୁଙ୍କର ଘର ମାନ ଅପମାନକୁ ଜଗାରଖା । ସେ ତ ଜିଗର ଲଗାଇଲେ । ନଇଲେ ଆଜ କାହାଠୋଉ୍ ଲେଟେଖଇ ଥାଆନ୍ତି ।

—କାହିଁ ହଉନ୍ତୁ । କୋଉ କ୍ଲାସ, ଭଲ ନାଁ କ'ଣ, କେତେ ତାରିଖ ।

—କହୁ ଜାଣି ନାହାନ୍ତି ? କେଉଦିନ ପରେ ତ ଆସି ପଚାରିବେ ଆମକୁ—ତମେମାନେ କିଏ, ନାଁ କୁହ ।

— କହି ହଉନ୍ତୁ ଭଲ । ଏମିତି କାହିଁକି ପଚାରି କରୁଛନ୍ତି ସକାଳୁଟାରୁ । ଆମେ ଯାହା ଖାଉଥିଲୁ ଘର କଥା ବୋଲି, ବହୁତ ବୁଝି ବୋଲି ··ସବୁ ହେଇଗଲାଣି ।

ଆଖି ନଚାଇ ଶ୍ୟାମାଦେବୀ ଅନ୍ତରଙ୍ଗ ଆତ୍ମୀୟତା ଦେଖାଇ ପଚାରିଲେ—କେବେଠାଉଁ ଆପଣଙ୍କର ଏତେ ପରିବର୍ତ୍ତନ ହେଲାଣି ?

—ଛାଡ଼ନ୍ତୁ ସେ କଥା । ପରାଣ କାଗାରେ ମାଡ଼ି ବାଜୁଛି ।

—ଗପ ବହି ମଗେଇଥିବେଲ ପେସାଇ ନେବାକୁ । ନେବେ ?

— ନାହିଁ ଭ । ବେଣୁଧର ସେମିତି କହିଥିବ ।

କପଟ କ୍ଷୋଭ ପ୍ରକାଶ କରି ଶ୍ୟାମାଦେବୀ କହିଲେ—ମୁଁ ଚଳିବି କେମିତି ଭଲା । ସମସ୍ତେ ତ ମତେ ଠକିଲେ । ମଣିଷ ଚିହ୍ନି ପାରିଲି ନାହିଁ । କାହାରି କଥାକୁ ତଉଲି ପାରିଲି ନାହିଁ ।

ବେଣୁଧର ବି ଠକି ଦେଇଗଲା । ତା' କଥା ଶୁଣି ଭାବିଲି··· ବାବୁ ବହି ମଗେଇଛନ୍ତି—ଆମେ ପଢ଼ିବୁ ବୋଲି । ସେ ହେଲା ଭୁଲ ।

ପୁଣି ତା'ର କଥା ଶୁଣି ଭାବିଲି--ବାବୁ ଆମ ନିଜ ଲୋକ । ଦରଖାସ୍ତ ଖଣ୍ଡେ ଲେଖିଦେବେ ଟ୍ସିରେ । ସେ ବି ଭୁଲ ।···ମୁଁ ଚଳିବି କେମିତି ।

—ଦିଅନ୍ତୁ ମ ଦରଖାସ୍ତ । ମୁଁ ଆଉ ଏତେ କଥାର ଉତ୍ତର ଦେଇ ପାରିବି ନାହିଁ ।

—କରେ କୁନା ! ମଉସା କ'ଣ ତମର ବେଟିଆ କି ? ସେ ପଚାରୁଛନ୍ତି ପରା ।

—ତାରିଖ ମନେ ନାହିଁ ଖୋଜୁଛି ।

—ବନ୍ଧ ଗାର ଖୁଆଇଥିଲି । ଖେଳରେ ଏତେ ମନ । କୋଉଦିନ ସ୍କୁଲକୁ ନଗଲା---ସେ ତାରିଖ ବି ମନେ ରଖିପାରୁ ନାହିଁ । ଏଇ ପିଲାଙ୍କୁ ଆପଣ ମୁଣ୍ଡ ଦେଇ ଅବାଧ କରି ଦେଲେଣି । ସେମାନେ ତ ମୋତେ ଖାସଗଣରେ ପକାଉ ନାହାନ୍ତି —ଆପଣ ଅ.ସିଲ୍ ଦିନୁ । ସବୁଠି ସେମିତି ସବୁଦିନେ ଆପଣ ତାଙ୍କର ମଉସା ହୋଇଥିବେ ! କ'ଣ ଜନ୍ମ ନାହାନ୍ତି ?

—ପାଣି ଗିଲାସେ ଦେଲେ ।

—ଏ ରତନା ! ଭଲକରି ଗିଲାସ ଧୋଇ ପାଣି ଆଣ । ···ପାଣି ଆସୁଛି ।

ସୁଭାଷବାବୁ ଦରଖାସ୍ତ ଲେଖି ଶ୍ୟାମାଦେବୀଙ୍କୁ ବଢ଼ାଇ ଦେଲେ ଦସ୍ତଖତ କରିବାକୁ ।

ତାଙ୍କଠାରୁ କଲମଟି ନେଇ ଶ୍ୟାମାଦେବୀ ପଚାରିଲେ— ଆପଣ ନିଜେ ଦସ୍ତଖତ କଲେ କ'ଣ ହେବ ନାହିଁ ?

—ମୁଁ ପରା ମୁରବୀ ନୁହେଁ ତାଙ୍କର ।

—କାହିଁକି ? ମୁରବୀ ହେବାରେ କ୍ଷତି କ'ଣ ? ଆପଣଙ୍କର କିଛି ଅସୁବିଧା ହେବ କି ?

—ନାଁ ।

ତେବେ କରି ଦିଅନ୍ତୁ ।

—ପାଣିପିଇ ସୁଭାଷବାବୁ ଦସ୍ତଖତ କରି ଦସ୍ତଖତକୁ ଚାହିଁ ରହିଲେ ।

ଶ୍ୟାମାଦେବୀ ଚାହିଁ ରହିଥିଲେ ସୁଭାଷବାବୁଙ୍କୁ— ସେହି ମୁହଁ ଉପରର କ୍ଷୀଣ ରେଖାଗୁଡ଼ିକୁ । ସେଥିରେ ସଂକଳ୍ପ । ପଚାରିଲେ —ମନ ଅଡ଼ୁଛି···ନା ?···ହିଁ ହବ ତ । ପରକୁ ଆପଣାର କରିବା ଭାରି କଷ୍ଟ । ପର ପାଇଁ ଜୀବନ ଦିଅନ୍ତି ବୋଲି କାହାଣୀରେ ଲେଖା ହୋଇଛି । କେବଳ କ'ଣରେ ସେ କାହାଣୀ ?

—ପରପାଇଁ ଯେ ଜୀବନ ଦିଏ ସେ ଧନ୍ୟ ।

ଶ୍ୟାମାଦେବୀ ପଚାରିଲେ—କିମିତି ଘଟେ ଏ ସବୁ ? ଇଏ କ'ଣ ସମ୍ଭବ ?

ସୁଭାଷବାବୁ ବିବ୍ରତ ହୋଇ ଚାହିଁରହିଲେ । ଶ୍ୟାମାଦେବୀ ତାଙ୍କୁ ବାରମ୍ବାର ବୁଝେଇ ଦେଉଛନ୍ତି ସେ ପର—ଆପଣା ଜ୍ଞାନ ଶ୍ୟାମାଦେବୀଙ୍କର ନୁହେଁ—ସୁଭାଷବାବୁଙ୍କର ।

କଥା ନ ଛୁଣ୍ଡାଇ ସେ ପୁଣି ପଚାରିଲେ—ଆପଣ କାହିଁକି ଏମିତି ଆପଣାର ଲୋକ ବୋଲି ଅଭିନୟ କରନ୍ତି ? ପିଲାମାନେ ଆପଣଙ୍କୁ କେଡ଼େ ବଡ଼ ଆଖିରେ ନ ଦେଖନ୍ତି ?

ସୁଭାଷବାବୁ ବ୍ୟସ୍ତ ହୋଇ ପଡ଼ିଲେ । ବେଣୁଧର ଆଣି ଆଚ୍ଛା ହଟହଟାରେ ପକାଇଲା । ଦରଖାସ୍ତ ଲେଖା ସରୁନାହିଁ । ଆଜି ଏମିତି ଅଡ଼ୁଆଡ଼ୁଆ କରି ଶ୍ୟାମାଦେବୀ ମର୍ମ କଥା କାଢ଼ି ନେଉଛନ୍ତି ।

—ହଉ, ପୁଣି ଆସିବେ । ଆଉ ଦରଖାସ୍ତଟି ମୁଁ ଦସ୍ତଖତ କରି ଦେବି । କଲମଟି ଦୟା କରି ଦେଇ ଦିଅନ୍ତୁ । ଆପତ୍ତି ଅଛି ?

—ନାହିଁ । ନେବେ କି ?

—ଖାଣ୍ଟି ଭଲ ଫାଉଣ୍ଟେନ୍ କଲମଟା । ମୋର ବହୁତ କାମରେ ଲାଗିବ । ଘର ଖର୍ଚ୍ଚ ହିସାବ, ଧୋବା ହିସାବ, ଦୁଧ ହିସାବ—ଯାଆନ୍ତୁ । ଆପଣଙ୍କର ଅଫିସବେଳ ହୋଇଯିବ ।

ଅବୋଧ ଶିଶୁପରି ସୁଭାଷବାବୁ ଚାହିଁଥିଲେ ପିଲାଦୁଇଟିଙ୍କୁ । ଶ୍ୟାମାଦେବୀ ତାଙ୍କୁ ବି କୁନା ଆଉ ବେବିଙ୍କ ସାଙ୍ଗରେ ସମାନ ଆସନରେ ଥୋଇଦେଇ ଏବେ ପିଲାଙ୍କୁ ଇସ୍କୁଲକୁ ଆଉ ତାଙ୍କୁ ଅଫିସକୁ ପଠାଇଲେଣି ।

ବାବୁଙ୍କର ବକ୍ତୃତା ଶୁଣାଣି, ଚମ୍ପୀର ମୁହଁ ବେଣୁଧରଙ୍କୁ କହିଦେଲା ଯେ ବାବୁ ବଡ଼ ବିରକ୍ତ । ତଥାପି ସେ ଭରସି ପଚାରିଲା—କ'ଣ, ଆଜ୍ଞା, ହୋଇଗଲା ?

—ହୁଁ ।

—ସେ କଲମ ନେଲେ ?

—ଉଃ, ସେଥିରେ ସରିଲାଣି ନା—ଖାଲି ଏଇ କାମରେ ତମେ ଲାଗିଛ ?

ନିଜର କାମ ସାରି ବାବୁ ଅଫିସକୁ ଗଲେ; ଅଫିସରେ ବୁଝା ପଡ଼ିଲା କଲମ କଥା । କଲମଟା ନାହିଁ । କାମ କ'ଣ ହେବ ?

କିଛି ସୁବିଧା ହେଲା ନାହିଁ । ସେ କଲମଟିକୁ ଉଦ୍ଧାର ନକଲେ ସବୁ ବିଗିଡ଼ି ଯିବ । କୌଣସି ପ୍ରକାରେ ସେ ଦିନ କାମ ଚଳେଇ ସେ ଗୋଟିଏ ନୂଆ କଲମ କିଣିଲେ । ସେଥିରେ 'ଶ୍ରୀମତୀ କୃଷ୍ଣପ୍ରିୟାଙ୍କୁ' ଲେଖି ପାଞ୍ଚ କଲେ ସେଇଟାକୁ ଦେଇ ନିଜର କଲମଟିକୁ ଫେରାଇ ଆଣିବେ ।

ମନ ଭାର ହାଲୁକା ହୋଇଗଲା । ମାସ ଶେଷରେ ଘନ ଘନ ଟଙ୍କାର ଖର୍ଚ୍ଚ । ନ କଲେ ଚଳୁ ନାହିଁ । ସେ ହର୍ଷ ଓ ବିଷାଦ ନେଇ ପୁଣି ଚାହିଁ ରହିଲେ ଦିନର ଶେଷଭାଗକୁ ।

ଟିଅଣ କାମ ସାରି ସେ ଆସି ପହଞ୍ଚିଲେ ଦି'ଖଣ୍ଡ ବହି ହାତରେ ଧରି ।

କୁନା ଓ ବେବି ନାହାନ୍ତି । ଦେବ ବସିଥାଏ ।

ସୁଭାଷବାବୁଙ୍କୁ ଦେଖି ଶ୍ୟାମାଦେବୀ ଉତ୍ତେଜିତ ସ୍ୱରରେ କହିଲେ—ଆପଣ ଆକଟ କରନ୍ତୁ ଦେବକୁ । ସେ ଅବାଟରେ ଯାଉଛି ।

ଦେବ ବ୍ୟସ୍ତ ହୋଇପଡ଼ିଲା ।

—ଅବାଟରେ କ'ଣ ? ସୁଭାଷବାବୁ ପଚାରିଲେ ।

—କହ, ଦେବ, କହ । ଖୋଲି କହିଦିଅ, ତମର ପାପ କଟିଯିବ ।

ଦେବ କହିଲା—ମୁଁ ଯାଉଛି । ଆଉ ଦିନେ ଆସିବି । ପର ଚିଠି ପଢ଼ି ଏମିତି କଲେ ମୁଁ ଆଉ କେବେ ଆସିବି ନାହିଁ ।

—ନ ଆସିପାର । ଚିଠି ଦେଖାଅ ସୁଭାଷବାବୁଙ୍କୁ ।

—ନା, ଦେଖାଇବି ନାହିଁ ।

—କ'ଣ ଦେବ ? ଶ୍ୟାମାଦେବୀ କ'ଣ କହୁଛନ୍ତି ?

—ତାଙ୍କର ମୁଣ୍ଡ ଖରାପ ଅଛି ।

—ତୁମେ ଚିଠି ଲେଖିବ ହିଅଙ୍କ ପାଖକୁ ! ଆଉ ଆମେ ଜାଣିଲୁ ବୋଲି ଆମ ମୁଣ୍ଡ ଖରାପ ହେଲା ! କ'ଣ ଲେଖିଛ ଚିଠିରେ ?

ଲଜଗ୍ରା ହୋଇ ଦେବ ଲୁଚାଇବାକୁ ଚେଷ୍ଟା କଲା—ତା'ର ସେହି ଗୋପନ ଚିଠି ଖଣ୍ଡିକୁ !

ଶ୍ୟାମାଦେବୀ ସେମିତି ଲହର ଦେଇ କହିଲେ—ହଗ୍ର ନ ହୋଇ ପର ହିଅଙ୍କ ପାଖକୁ ଚିଠି ଲେଖିବା ଲୋକ ଏଠି ସ୍ଥାନ ପାଇପାରିବେ ନାହିଁ । ଆଜିଯାଏ ମୁଁ ଜାଣି ନଥିଲି ତୁମକୁ । ମୋ ପାଖରେ ସଚ୍ଚରିତ୍ର ଲୋକ ଯେତିକି ପ୍ରିୟ, ଅସତ୍ ଲୋକ, ଖରାପ ଲୋକ ସେତିକି ହେୟ ।

—କହ ଦେବ, କିଏ ସେ ? କାହାକୁ ଲେଖିଥିଲ ?

ସୁଭାଷବାବୁଙ୍କ କଥାର ଝାଣ ଜବାବ ଦେଇ ଦେବ କହିଲା—ସେ ଯେ ହେଉ, ଆପଣଙ୍କର ସେଥିରେ କ'ଣ ଅଛି । ଆପଣ କ'ଣ ଚିଠି ଲେଖି, ନାହାନ୍ତି ?

—ଶିଷ୍ଟାଚାରର ରଖି କଥା କୁହ ।

—ମୁଁ ଜାଣେ । ଆପଣ ଯେମିତି ଭାବରେ ଅନ୍ୟକୁ ପତିଆରା ଦେଖାଇ ଉପକାରୀ । ଯାଜ ଯାହାସବୁ କରନ୍ତି, କିଏ ନ ଜାଣେ ? ମୁଁ ଆଉ ଲଏ—ସମସ୍ତେ ଜାଣୁ ।

ଶ୍ୟାମାଦେବୀ କହିଲେ—ଛି, ସୁଭାଷବାବୁ ବି ଚିଠି ଲେଖନ୍ତି ? ସତେ ଆପଣ ବି !

ସୁଭାଷବାବୁ ଜଳଜଳ କରି ଚାହିଁଲେ ଦେବ ଆଉ ଶ୍ୟାମାଦେବୀ—ଦୁହିଙ୍କ ଆଡ଼େ । ଜଣେ ସେତିକି ଦମ୍ଭରେ ମିଛ କହୁଛି, ଆଉ ଜଣେ ସେତିକି ଆସ୍ଥା ରଖିଛି ସେହି ମିଛ କଥା ଉପରେ ।

ହତାଶ ସ୍ୱରରେ ଶ୍ୟାମାଦେବୀ କହିଲେ—ଏ ସଂସାରଟା ମିଛ । ଯାହାକୁ ଭଲ ପାଇବ ସେ ତମକୁ ଭୁଲ ବୁଝିବ । ଦେବ ମତେ ଠକିଲା । ଆଜି ଯାହାଙ୍କୁ ମୁଁ ମନରେ ଏତେ ଉଚ୍ଚରେ ବସେଇଥିଲି······ସେ ବି ସେମିତି । ଶ୍ୟାମାଦେବୀ ଉଠି ଚାଲିଗଲେ । ତାଙ୍କର କିଛି ପ୍ରୟୋଜନ ନାହିଁ ସେମାନଙ୍କଠାରେ ।

ଶ୍ୟାମାଦେବୀ ଛାଡ଼ି ଗଲେ ଉଭୟଙ୍କୁ । ଦେବ ପକେଟରେ ଖଣ୍ଡେ ଚିଠି—ତାକୁ ଶ୍ୟାମାଦେବୀ ଦେଖିଛନ୍ତି । ସୁଭାଷବାବୁଙ୍କୁ ସେ ଦେଖାଇବ ନାହିଁ । ସୁଭାଷବାବୁଙ୍କ ପକେଟରେ କୃଷ୍ଣପ୍ରିୟାକୁ ଉପହାର ଦେବାପାଇଁ ଆଣିଥିବା କଲମଟି—ସେ ଖବର ଶ୍ୟାମାଦେବୀଙ୍କ ପାଖରେ ନାହିଁ । ଦେବକୁ ସୁଭାଷବାବୁ କାହିଁକି ବା ସେ କଥା କହିବେ ।

ସୁଭାଷବାବୁ ସ୍ପଷ୍ଟ ମନରେ ନିଜକୁ କହିଲେ— ସନ୍ଧ୍ୟାଟା ବିଗିଡ଼ି ଗଲା ।

ଦେବ ଆଜି ସେ ଏକାଠି ଘରୁ ବାହାରିଲେ । ଦେବ ଧରିଥାଏ ସାଇକେଲଟି । ଆଜି ସୁଭାଷବାବୁ ଖାଲି ଖାଲି ।

ନିଜ ଘର ପାଖରେ ପହଞ୍ଚି ସୁଭାଷବାବୁ କହିଲେ— ବୃଥାରେ ତାଙ୍କୁ ବିରକ୍ତ କଲ । ଚିଠିର ରହସ୍ୟ କ'ଣ ?

—କ'ଣ ହେଲା ଏମିତି ଚିଠି ଖଣ୍ଡେ ଲେଖିଲେ ? ମୋର କ'ଣ କେହି ବନ୍ଧୁ ରହିବେ ନାହିଁ ?

ସୁଭାଷବାବୁ ଉତ୍କଣ୍ଠାରେ ପଚାରିଲେ – କ'ଣ ପୁରୁଷ ନା ସ୍ତ୍ରୀ ?

—ପୁରୁଷ ହେଲେ ସେ ଏତେ ବଗିଡ଼ନ୍ତେ କାହିଁକି ? ସବୁ ମାଇପେ ଏମିତି । କୌଣସି ସ୍ତ୍ରୀ ପାଖକୁ ପୁରୁଷ ଲେଖିଲେ ସେମାନେ ଖୋଲି ବସିବେ ମହାଭାରତ ।

—କ'ଣ, ତୁମେ ତାଙ୍କୁ ଭଲ ପାଅ ?

—ମୋର ତ ଗରଜ ସବୁ ନାହିଁ ! ଏଡ଼େ ଏଡ଼େ ବଡ଼ ମା' ମାନଙ୍କୁ କିଏ ଭଲ ପାଇବ ?

ସୁଭାଷବାବୁ ବିବ୍ରତ ହୋଇ ପଡ଼ିଲେ ଶ୍ୟାମାଦେବୀଙ୍କର ନିନ୍ଦା ଶୁଣି ···ସେ କଥା ସେ ପଚାରି ନଥିଲେ ତ । ଏଣେ ଦେବ ଏଡ଼େ ବଡ଼ ପାଟିରେ କହୁଛି ।

ଟିକିଏ ପାଖକୁ ଲାଗି ଆସି ଧୀର ଗଳାରେ କହିଲେ—କିଏ ଶୁଣିବ ! ସେ କଥା ମୁଁ ପଚାରୁ ନଥିଲି । ତୁମ କଥା କ'ଣ କୁହ । ସେ କ'ଣ ଭଲ ପାଆନ୍ତି ତୁମକୁ ? ତୁମେ ଚିଠି ଲେଖୁଛ ।

ଦେବର ମୁହଁ ହସି ଉଠିଲା । ପ୍ରେମିକକୁ ପ୍ରେମିକା ଭଲ ପାଏ କି ନାହିଁ ପଚାରିବା ହେଉଛି ପ୍ରେମିକ ପାଇଁ ସବୁଠାରୁ ଆନନ୍ଦ-ଦାୟକ ପ୍ରଶ୍ନ । କିନ୍ତୁ ସେଇ ପ୍ରଶ୍ନର ଉତ୍ତର ଦେବାବେଳେ ସେ ସବୁବେଳେ ସନ୍ଦିଗ୍ଧ ।

ନିରାଶ୍ରୟ ଆଶ୍ରୟ ଖୋଜିଲା ପରି ଦେବ ସୁଭାଷବାବୁଙ୍କ ଆଡ଼କୁ ଢୁଙ୍କି ଆସି କହିଲା—ସତରେ ଭାରି ଭଲ ପାଏ !

—ଦେଖିବାକୁ କେମିତି ?

—ସୁନ୍ଦର । ଦେଖିବାକୁ ଭାରି ସୁନ୍ଦର । କଥା କହିଲେ ମୁଁ ତ ଭୁଲିଯାଏ ନିଜକୁ ।

—ବହୁତ ଚିଠି ଦିଆନିଆ କରନ୍ତି ?

—ହଁ । ଚିଠି ନ ଦେଲେ ସେ ଯେମିତି ଅଭିମାନ କରନ୍ତି, ମୁଁ ଚିଠି ନ ପାଇଲେ ବି ସେମିତି ରାଗେ ।

—ଦେଖା ହୁଏ ?

—ସେଇ କଲେଜରେ ।

—ପୁଣି ଚିଠି ?

—ସବୁବେଳେ ତ ଦେଖା ହେଉନାହିଁ । ଦିନର ଆଉ ଯେତେକ ବେଳ ରହିଲା, ଆମେ ପରସ୍ପରକୁ ଚିଠି ଲେଖୁ ।

—ନାଁ କ'ଣ ପଚାରି ପାରେ କି ?

—ନାହିଁ, ସେହି ପ୍ରଶ୍ନ ପଚାରନ୍ତୁ ନାହିଁ ।

—କାହିଁକି, କେହି କ'ଣ ଜାଣନ୍ତି ନାହିଁ ?

—ସନ୍ଦେହ କରନ୍ତୁ ନା । ଆମେ ଦୁହେଁ ଜାଣୁ । ଜଣା ପଡ଼ିଲେ ସମସ୍ତେ ତ ଆସି ଭାଙ୍ଗି ଦେବେ ।

—ଆଜି ତ ଶ୍ୟାମାଦେବୀ ଜାଣିଗଲେ ଚିଠିରୁ ।

—ଚିଠିରେ କିଛି ନଥିଲା । ସେଥିପାଇଁ ମୋତେ ଜୋର କରୁଥିଲେ ନାଁ କହିବାକୁ । ରାଗିଲେ, ବୁଝିଲେ, ଆଦର କଲେ—ସେ କଥା ହୋଇପାରିବ ନାହିଁ । ତାଙ୍କର ନାଁ ମୁଁ କହିଲି ନାହିଁ । ଆପଣ ତ ଆସିଗଲେ ।

—ମତେ ବି କ'ଣ ଦି'ପଦ ମିଳିଲା ନାହିଁ କି ଅକାରଣ-ଟାରେ ?

ମୁଁ ସେଥିପାଇଁ ବଡ଼ ଦୁଃଖିତ । ମୋର ଘରୋଇ କଥାରେ ଏମିତି କେହି ହସ୍ତକ୍ଷେପ କଲେ ମତେ ଭଲ ଲାଗେ ନାହିଁ । ଆପଣ ତ କିଛି କରିନାହାନ୍ତି ।

—ଶ୍ୟାମାଦେବୀ ଏତେ ରାଗିଲେ କାହିଁକି ?

—ସେ ପରା କହିଲେ, ସେ ମୋତେ ଭଲ ପାଆନ୍ତି ବୋଲି ।

—କ'ଣ ତୁମକୁ !...ଦେବ !

—ସେ ଅର୍ଥରେ ନୁହେଁ । ବହୁତ ଦିନରୁ ସଂଚୟସ୍ଥ, ଆମ୍ଭ ଘୁଚା ପିଲବେଳୁ ଆଜଯାଏ । ତାଙ୍କୁ କ'ଣ କଏ ଗୋଟାଏ ଭଲ ପାଇ ପାରିବ ? ବଡ଼ କଷ୍ଟକଟିଆ ଅଭ୍ୟାସ ।

— ତୁମେ ତେବେ ଆସ କାହିଁ କି ? ନଆସିଲେ ତ ହୁଅନ୍ତା ।

—ଖାନାପିନାର ଭଲ ବ୍ୟବସ୍ଥା ଅଛି । ବାଜା ଟୀତ ବ ବେଳେ ବେଳେ ହୁଏ । ଭଲ ଲାଗେ । ଭାରି ମଧୁରିଆ ପ୍ରକୃତିର । ଖାଲି ଏତିକି ଦୋଷ ଗୁଡ଼ ଦେଲେ···ଅଜି ଶଠି ଦେଖି ସେ କ'ଣ ଗୋଟାଏ ପାର୍ଶ କରିବେ ନାହିଁ କି ! ଆପଣଙ୍କୁ ଡକରା ଆସିଥାରେ ବ ।

—ମୁଁ ସେଥିରେ ଯୋଗ ଦେବି ନାହିଁ । ମୋର କ'ଣ ସ୍ୱାର୍ଥ ଅଛି ?

ସନ୍ଦେହ ମିଶା ଭ୍ରୂଭଙ୍ଗୀରେ ଗୁଣ୍ଡ ଦେବ କହିଲା—ଆପଣ ଏବେ ନୂଆ ହୋଇଛନ୍ତି । ସେଥିପାଇଁ ସବୁଥିରେ ଆପଣଙ୍କର ପରାମର୍ଶ ନିଆ ହେବ । ପୁଣି ଆପଣ ହଜଗିରଦ ଯେ ।

— ଛାଡ଼ ଛାଡ଼ । ଏ ସବୁ ମତେ ଭଲ ଲାଗେନାହିଁ । ପର ଘରେ, ପର କଥାରେ ଅଜ ପର ଚନ୍ଦ୍ରାରେ ବସିବାକୁ ମୋର ବେଳ କାହିଁ ?

—ହଉ ଯାଏ । ଯେବେ ମୋ କଥା ପଡ଼େ, ତେବେ ସୁବିଧା ହେଲେ ମତେ ଟିକିଏ ସାହାଯ୍ୟ କରିବେ । ସେ ଯେମିତି ଅଧିକା ଗୋଳମାଳ ନକରନ୍ତି ।

ହସି ସୁଭାଷବାବୁ କହିଲେ— ନିଶ୍ଚୟ କରିବି । ତେବେ କଥା ରହିଲା, ତମେ ମତେ ଶଠି ପଢ଼େଇବ । ସୁବିଧା ହେଲେ ଏଣେ ଆସୁଥିବ । ତମକୁ ଦେଖିଲେ ଭାରି ଭଲ ଲାଗେ । ମନରେ ଛନ୍ଦ କପଟ ନାହିଁ···ହଁ କ'ଣ କହୁଥିଲ ମୁଁ ଶଠି ଲେଖେବୋଲି ?

—ମିଛରେ କହିଲି । ସେତେବେଳେ ହଠାତ୍ ରାଗ ହୋଇଗଲି । ମତେ କ୍ଷମା ଦେବେ ।

—ଶ୍ୟାମାଦେବୀ କ'ଣ ଭାବୁଥିବେ କେଜାଣି !

—ଅଚ୍ଛା ହଉ, ଆମେ ସେତିକ ସଜାଡ଼ିଦେବା···ଅରେ ହଁ ତ, ମୁଁ ଆସିବି କେମିତି ? ଆସିଲେ ସିନା ବାଗେଇ ହଅନ୍ତା !

—ଆସିବ ନାହିଁ କାହିଁକି ! ସେ କ'ଣ ମନା କରୁଛନ୍ତି ?

—ହଁ, ମନା ତ କଲେ ! ଅପମାନ ଦେଲେ । ଆପଣଙ୍କ ଆଗରେ ଯାହା କହିବାର କହିଲେ । ସେଠୁ ଉଠି ଚାଲିଗଲେ··· ନବାବ ତ ! ସମସ୍ତେ ସ୍ୱାଙ୍କ ଗୋଲାମ···ଦେବ କେବେହେଲେ ଗୋଲାମ ହୋଇପାରିବ ନାହିଁ···ପୁଣି ଇଏ ହେଲେ ବେଗମ୍ !

—ଶାନ୍ତ ହାଉନ୍ତୁ ! ତମର ମନ ଖରାପ ହୋଇଯାଇଛି । ହଉ ନମସ୍କାର···ଆସିବ, କଥାହେବା···ଚିଠି ଆଣିବ ଖଣ୍ଡେ ।

ହସି ଦେବ କହିଲା—ନମସ୍କାର । ତେବେ ଲେଖିକାଙ୍କର ଅନୁମତି ନ ନେଇ ଆଣିପାରିବ ନାହିଁ ।

—ଲେଖିକା ନୁହନ୍ତି—ପ୍ରେମିକା । ତାଙ୍କର ଅନୁମତି ନ ମିଳିଲେ ତାଙ୍କୁ କହିବ,—ଜଣେ ଲୋକ ତାଙ୍କୁ ନଜାଣି ତାଙ୍କର ଚିଠି ଦେଖିବାକୁ ଜଗର ଲଗେଇଛନ୍ତି । ଏମିତି କହି ଅନୁମତି ମାଗିଲେ ସେ ଦେବେ ସେ ।

—ସେଇଟା ଆପଣଙ୍କର ଭାଗ୍ୟ । ତେବେ ଅନୁମତି ନ ପାଇଲେ ଚିଠି ମୁଁ ଦେଖାଇ ପାରିବ ନାହିଁ । ଦେବର ଛାତି ଗର୍ବରେ ଫୁଲି ଉଠିଥିଲା । ତା'ର ପାଖରେ ତା'ର ପ୍ରେମିକା ସଂସାରର ସବୁ ଜିନିଷଠାରୁ ଉଚ୍ଚରେ ଆଉ ସବୁ ମଣିଷଙ୍କଠାରୁ ଉପରେ ।

—ଆଜି ବସି ପାରୁନାହିଁ । ଯାଉଛି । ଚିଠିଟା ଡାକରେ ଦେବ । ମୂଳରୁ ଅନୁକୂଳ ବିଗିଡ଼ିଲଣି । କ'ଣ ହେଉଛି କେଜାଣି ।

ସେମାନେ ଚାଲିଯିବା ପରେ ଶ୍ୟାମାଦେବୀ ଘରୁ ଛପି ରନ୍ଧା ଦାଣ୍ଡପାଖେ ଚାହିଁଥିଲେ ସୁବ୍ରତବାବୁଙ୍କ ଘରକୁ—ଦେବ ଆଉ ସୁଭାଷବାବୁ ହସାହସି ହେଉଛନ୍ତି । ଶଙ୍କିତ ହୋଇ ନିଜକୁ କହିଲେ—କ'ଣ ଠିକକ ଆଗରୁ ତ ଜଣେ ଅନ୍ୟ ଜଣକୁ ଦି' ଆଖିରେ ଦେଖି ପାରୁନଥିଲା ! ଏବେ କ'ଣ ଏତେ ଦେନାଦେନି...କେଜାଣି କାଳେ ମୋ'ର ବିଷୟରେ କଥା ପଡ଼ିଥିବ...ଦେବ କ'ଣ ମୋ ନିନ୍ଦା କରିବ ?...କରିବ ନାହିଁ...ସୁଭାଷବାବୁ କଲେ କରିପାରନ୍ତି...ସେ ବି ସମ୍ଭବ ନୁହେଁ...

ଦେବ ଏତେ କ'ଣ ଗପୁଛି କେଜାଣି ! ହସୁଛି ! ଉପେନ୍ଦ୍ର ବି ହ ହସୁଛନ୍ତି । ସାଙ୍ଗେ ସାଙ୍ଗେ ତଦାରଖ ନକଲେ ବିଗିଡ଼ା ଧରିବ ।

ସେତିକି ଅପେକ୍ଷାରେ ଶ୍ୟାମାଦେବୀ ଅଧୈର୍ଯ୍ୟ ହୋଇ ପଡ଼ିଥିଲେ—ଦେଖିଲେ, ଦେବ ସାଇକେଲରେ ଚଢ଼ିଲା । ସୁଭାଷବାବୁ ନିଜ ଘର ଭିତରକୁ ପଶିଲେ ।

ସାଙ୍ଗେ ସାଙ୍ଗେ ଶ୍ୟାମାଦେବୀ ରତନାକୁ ପଠାଇଲେ ବାବୁଙ୍କ ପାଖକୁ । କଲମଟି ଫେରାଇ ଦେବେ କି ନାହିଁ ପଚାରିବାକୁ । ଦରକାର ଅଛି ବୋଲି ଜାଣିଲେ ରତନା ଯାଇ ଦେଇଆସିବ ।

ସୁଭାଷବାବୁ ସେତେବେଳେ ଚାହୁଁଥିଲେ ସେଇ କଥା । କଲମଟି ଅଦଳ ବଦଳ ନକଲେ ସେ ନିଜେ ଅଚଳ ହୋଇଯିବେ । କହିଲେ—ଯାଇଥିଲି । ପୁଣି ଭୁଲିଗଲି । ଯାଉଛି ।

ବେଣୁଧରକୁ ବିଦାୟ ଦେଇ ବାହାରିଲା ବେଳକୁ ରତନା ପୁଣି ଆସୁଥିଲା ।

—କରେ କ'ଣ ?

—ଆସୁଥିଲେ ପରା ?

ସୁଭାଷବାବୁ ପଢ଼ୁଥିବା ସାଙ୍ଗେ ସାଙ୍ଗେ ଶ୍ୟାମାଦେବୀ କଲମଟି ଥୋଇ ଦେଇ ଖାଲି ଦୁଃଖ କଲା ପରି କହିଲେ—ରଖିଥିଲି ଯେ, ଲେଖି ହେବ ନାହିଁ । ଖାଲି ଭଲ ଲାଗୁଥିଲା କଲମଟି । ଭାବିଲି ଏଇଥିରେ ଏଣିକି ମୋ ଡାଇରି ଲେଖିବି । ପ୍ରତିଦିନ ଲେଖେ । କଲମ ସଜ ନଲାଗିଲେ ବହୁତ ବେଳଯାଏ ଲେଖିବାକୁ ପଡ଼େ··· ତେବେ ଆଉ ରଖିବି ନାହିଁ କଲମ ।

—କାହିଁକି ? ପୁରୁଣା ବୋଲି ? ନୂଆ କଲମଟିଏ ତ ମୁଁ ଆଣିଛି ଆଜି । ଖୁବ୍ ଭଲ ଚାଲୁଛି—କହି ରଚନାକୁ ଠିଆ ହୋଇଥିବାର ଦେଖି କହିଲେ—ପାଣି ଗିଲାସେ ଆଣିଲୁ ।

—ଲେମ୍ବୁ ରସ ପକେଇ ଆଣିବୁ । ସେ ଆଲମାରିରେ ଅଛି । ରଚନାକୁ ବରାଦଦେଇ ଶ୍ୟାମାଦେବୀ ପଚାରିଲେ—ଆସିଛି କଲମ ? ଯାହାହେଉ ମୋର ଦ'ଟା କଲମ ହୋଇଗଲା ।

—ଦ'ଟା କଲମ କ'ଣ ହେବ ? ଗୋଟିକରେ ଲେଖିଲେ ଯିନା ଭଲ ଲାଗେ । ଯୋଡ଼ାଏ କଲମରେ କେହି ଲେଖିପାରନ୍ତି ନାହିଁ ।

ଧନ୍ଦେଇ କଲା ପରି ଶ୍ୟାମାଦେବୀ ଚାହିଁଲେ ସୁଭାଷବାବୁଙ୍କ ମୁହଁକୁ—ଲେଖି ପାରନ୍ତି ନାହିଁ ? ଲେଖିଲେ କଣ ହେବ ?

—ହାତକୁ ଭଲ ଲାଗିବ ନାହିଁ । କଲମଗୁଡ଼ାକ ବଡ଼ ସ୍ୱାର୍ଥପର । ସେମାନେ ସଉତୁଣୀ ସହିପାରନ୍ତି ନାହିଁ ।

—କାହିଁ ଦେଖେଁ । କଲମର ବି ତେବେ ମଣିଷଙ୍କ ପରି ମନ !

—ସୁଭାଷବାବୁଙ୍କ ହାତରୁ ଖୋଳଟି ନେଇ ସେ ପ୍ରଶ୍ନ କଲା ପରି ଚାହିଁଲେ "ଶ୍ରୀମତୀ କୃଷ୍ଣପ୍ରିୟାଙ୍କୁ" । ସେ ଲେଖା ପଢ଼ି ବର୍ଷଣ ଆଖିରେ ପୁଣି ଚାହିଁଲେ ସୁଭାଷବାବୁଙ୍କ ମୁହଁକୁ । ସେ ହସୁଛନ୍ତି ।

—ଆଜି କାହା ଜିନିଷ ମୋତେ ଦେଲେ କି ? ଆପଣଙ୍କର ତ ଦେବ ପରି ପକେଟରେ ବହୁତ ଜିନିଷ ଭୁଲଭାଲ ହୋଇଯାଏ । ଆପଣ ନଥିଲୁ ଅପଣଙ୍କର "ଶ୍ରୀମତୀ କୃଷ୍ଣପ୍ରିୟାଙ୍କୁ" ଦେବେ ।

—ଦେଇଛି ପରା ।

ରଚନା ଆସି ପହଞ୍ଚିଲା । ସୁଭାଷବାବୁ ଦରକାର ନଥାଇ ଲେମ୍ବୁହଆ ପାଣି ପିଉଥିଲାବେଳେ ଦେଖିଲେ—ଶ୍ୟାମାଦେବୀଙ୍କ ମୁହଁ ଉପରେ ପ୍ରସନ୍ନତାର କୌମୁଦୀ ବୃଣିହୋଇ ପଡ଼ୁଛି । ସେ ଭଲ କରି ପଢ଼ୁଛନ୍ତି କଲମ ଉପରର ଉପହାରକୁ ।

କିଛି ନବୁଝିଲା ପରି ପୁଣି ପଚାରିଲେ— ନବା ଲୋକର ନାଁ କ'ଣ ଏଥିରେ ଲେଖା ହୋଇଛି ? କିଏ ଏଇ ନା ଦେଲା— ଆପଣ ?

— ହଁ, ଦେଇଥିଲି, ନିଜ ପାଖରେ ସେଇ ହେଉଛନ୍ତି ମୋର ପରିଚୟ । ତେବେ ଯଦି ତାଙ୍କୁ ଭଲ ନ ଲାଗିବ, ନାଁ ବଦଳାଇ ଦେବ ।

ରଚନାକୁ ଗିଲାସ ଫେରାଇ ନେଇ ଯିବାକୁ କହିଲେ । ଶ୍ୟାମାଦେବୀ ପଚାରିଲେ—ଏଭଳି ଅଦ୍ଭୁତିଆ ନାଁ କାହିଁକି ?

—ଯେମିତି ଅନ୍ଧାର ରାତିରେ ଥରେ ସେଇ ନାମଟି ମୋର ପ୍ରିୟ ହୋଇଥିଲା । ସେଇ ମନରେ ଆଶା ଦେଇଥିଲା ସିତାର ବଜାଇ । ସେଇ ଗୀତ ଗାଇ ପଚାରିଥିଲା—ଆଶାପୁରୀର ଆଶା ନେଇଗଲା କାହିଁକି······ସେଇ ପୁଣି ଆଉଥରେ ପଚାରିଥିଲା—

ଏକୁଟିଆ ନାଉରୀକୁ······ନାଉରୀ ଆଜି ପଦ୍ମାର ଜଣେ···ପାରି କରିବ କି ନାହିଁ···ସେଇ ବନ୍ଧୁ ସେ ନାଁ ମୁଁ ଭଜୁଛି···

ସୁର୍ଆଡ଼କୁ ଚାହିଁ ଅବଶ ଧୀର ଗଳାରେ ଶ୍ୟାମାଦେବୀ କହିଲେ—ସତେ ତୁମେ ଏତେ ଭାବୁକ ମୋ କଥା !

—ଆଉ କରିଥାଆନ୍ତି କ'ଣ ? ନ ଭାବିଲେ ତ ଭାତ ରୁଚେ ନାହିଁ ।

—କାହିଁ କେବେ ତ କହିଲ ନାହିଁ ।

—କହିବାକୁ ସାହସ ହୁଏ ନାହିଁ । ମନ ଭିତରର କଥା ତୁମକୁ ଦେଖିଲେ ଭୟଙ୍କର ଆଗ୍ରହ ଗୁଡ଼ି ତଳେ ଲୁଚି ଯାଏ ।

—ମତେ ଭୟ ! ମତେ ଭଲ ପାଉଛ—ଏତିକି କହିବାକୁ ଭୟ ! ଭୟ କାହିଁକି ଆସେ ?

—ତୁମେ ତ ଏମିତି ଜୋର କରି ଠେଲି ବାହାର କରି ଦିଅ ଯେ ଥରେ ଆସିଲେ ଆଉ ଥରେ ଆସିବାକୁ ଡର ଲାଗେ ।

ଶ୍ୟାମାଦେବୀଙ୍କର ମୁହଁ ଉଜ୍ଜ୍ୱଳି ଉଠିଥାଏ ଗଭୀର ଆବେଶରେ । ରତନା ଆଲୁଅ ଲଗାଉଛି । ଲଣ୍ଠନ କାଚ ଶବ୍ଦ କରୁଛି । ସୁଭାଷବାବୁ ପାଖକୁ ଘୁଞ୍ଚି ଆସି ତାଙ୍କର ଗଣ୍ଡକୁ ଆଉଁଷି ଦେଇ କହିଲେ —କି ସୁନ୍ଦର !

ଟିକକ ପାଇଁ ଶ୍ୟାମାଦେବୀ ବିହ୍ୱଳ ହୋଇ ପ୍ରତିବାଦ କରି ନଥିଲେ । ରତନା ଆଲୁଅ ଆଣୁଛି । ଆଲୁଅର ଜ୍ୟୋତି ବାଟ କଟାଇ ଆସୁଛି ଯେଉଁ ଘର ଆଡ଼େ । ସୁଭାଷବାବୁ ଘୁଞ୍ଚିଗଲେ । ଶ୍ୟାମାଦେବୀ କାନ୍ଥକୁ ଆଉଜି ଠିଆ ହୋଇ ରହିଲେ । ସୁଭାଷବାବୁ ଦୁର୍ବଳ ପରି ଆଉଜି ବସିଲେ ଚୌକି ଉପରେ । ହାତରେ ଗୋଟିଏ ଫୁଲ । ଶ୍ୟାମାଦେବୀଙ୍କ ଗଣ୍ଡରୁ ଖସେଇ ଆଣିଛନ୍ତି । ଶ୍ୟାମାଦେବୀ

ସେହି କଲମର ବାକ୍‌ସଟା ଧରିଛନ୍ତି । ଉତନା ଆଣି ଆଲୁଅ ଥୋଇଲା ।

ଶ୍ୟାମାଦେବୀ ଚେତ୍ ହୋଇଗଲେ । ଆଖିରେ ତାଙ୍କର ବହ୍ନିଲତା । ସୁଭାଷବାବୁଙ୍କର ମୁହଁ ଉପରେ ଆଲୁଅ ପଡ଼ି ଦେଖାଇ ଦେଉଥିଲା ତାଙ୍କର କାମନା-ଭରା ବୁଭୁକ୍ଷିତ ଆଖି ଦୁଇଟି ଅସୀମ ଆଗ୍ରହରେ, ଉତ୍କଣ୍ଠାରେ ଓ ଉଦ୍‌ବେଗରେ ଚାହିଁ ରହିଛି —ଅସମାପ୍ତିର ଶେଷ ଚାହ୍ନି ପାଇଁ ।

ଶ୍ୟାମାଦେବୀ ଆଖି ଫେରାଇ ନେଲେ । ମନ ଭିତରେ ତାଙ୍କର ଠିକ୍ ସେମିତି ଆବେଗ । ଏତେ ଦୂରରେ ରହିବାକୁ ତାଙ୍କର ଇଚ୍ଛା ନାହିଁ । ସେ ଆସି ପାଖ ଚୌକିରେ ବସିଗଲେ ।

ସୁଭାଷବାବୁଙ୍କର ଉଷୁମ ହାତଟି ଆସି ତାଙ୍କର ଉଷୁମ ପାପୁଲିରେ ବନ୍ଦ ହୋଇଗଲା । ସେ ପ୍ରତିବାଦ କରି ନ ଥିଲେ । ସେ ଚାହିଁଥିଲେ ସେହି ଲଣ୍ଠନଟି ଆଡ଼େ ।

ଦୂରରୁ ପିଲା ଦୁଇଟି ଧାଇଁ ଫେରୁଥିଲେ । ଘର ଭିତରେ ସୁଭାଷବାବୁଙ୍କୁ ଦେଖି ଉତ୍ସାହରେ ପଚାରିଲେ—ଆଜି ପରୀକ୍ଷା ହେବ ? ଆମେ ଯାଇଥିଲୁ ତମ ଘରକୁ ।

ସୁଭାଷବାବୁଙ୍କ ଗଳାରୁ ଶବ୍ଦ ବାହାରିଲା ନାହିଁ । ସେ ଅସ୍ପଷ୍ଟ ଓ କର୍କଶ ସ୍ୱରରେ କହିଲେ—ଆଜି ହୋଇପାରିବ ନାହିଁ ।

ଶ୍ୟାମାଦେବୀ ସେମିତି ଚାହିଁ ରହିଥିଲେ ଅପଲକ ଆଖିରେ । ତାଙ୍କର ମନ ଭିତରେ ବୁଲୁଥିବା ଝଙ୍କାର ଅହରହ ବାଜୁଥିଲା —ଅସମାପ୍ତିର ସମାପ୍ତି ପାଇଁ ।

ପିଲା ଦୁଇଟି ଆସି ଲଦି ହୋଇଗଲେ—ଖାଇବେ ।

ତାଙ୍କର ବି ସେମିତି କଣ୍ଠସ୍ୱର କର୍କଶ । ବହୁତ ବେଳ ସତେ କି ବନ୍ଦ ହୋଇଥିଲା । ଫିଟିଲାବେଳେ କଠ କଠ ହେଉଛି । ଗଳା ସଫା କରି କହିଲେ—ଚାଲ ! ସୁଭାଷବାବୁଙ୍କୁ କହିଲେ—ବସନ୍ତୁ । ଏ’ ଖାଇବେ ତ ·····ମୁଁ ଆସୁଛି······

ଚାଲିଗଲେ ଶ୍ୟାମାଦେବୀ ଆଉ ପିଲା ଦୁଇଟି । ନୂଆ କଲମକୁ ଦେଖି ମଗିଲା—ଦେଖିବ ବୋଲି ।

—ନାହିଁ, ଥାଉ । ଭାଙ୍ଗିଯିବ କଲମ । କଣା ହୋଇ ନାହିଁ । ଭଲ ନ ଚାଲିଲେ ଫେରିଯିବ—ନିଜ ବାକ୍ସ ସୁଦ୍ଧା କଲମଟିକୁ ନିଜର ବ୍ଲାଉଜ ଭିତରେ ରଖି ଦେଲେ ।

ହାତରେ ଧରିଥିବା ଫୁଲଟିକୁ ବହୁତ ଥର ନାକରେ ଓଠରେ ଲଗାଇ ସୁଭାଷବାବୁ ସେଇଟିକୁ ପକେଟରେ ରଖିଲେ—ସାଇଁଷ୍ଠା ଚୁଙ୍ଗୁଡ଼ରେ ଗୋଟିଏ ବହୁମୂଲ୍ୟ ଦରବ ଆସି ରହିଲା ।

ହାତରେ ଚିନି ଲଗା ଲହୁଣିଦିଆ ପାଉଁରୁଟି ଧରି ଖାଇ ଖାଇ ବେବି ଆସି ପହଞ୍ଚିଲା । ସୁଭାଷବାବୁଙ୍କ ଜଙ୍ଘ ପାଖରେ ଠିଆ ହୋଇ ଖାଉଥାଏ । ଲହୁଣି ଲଗା ଚିନି ଗୋଟିଏ ଗୋଟିଏ ଖସୁଥାଏ ତାଙ୍କ ଲୁଗା ଉପରେ ।

ଦୂରରୁ ଶ୍ୟାମାଦେବୀ ଆକଟ କରି ଡାକୁଥାନ୍ତି ବେବିକୁ । —ମଉସାଙ୍କ ଲୁଗା କୋଚରା ହେବ । ଦୂରେଇ ଠିଆ ହୁଅ । ବେବି ପାଖକୁ ଘୁଞ୍ଚିଆସି କହିଲା—ନାହିଁ । ତାଙ୍କ ଜଙ୍ଘ ଉପରେ ପିଠି ଡ଼ିସି ଦେଇ ସେ ମା ଆଡକୁ ଅନାଇ ଖାଇବାରେ ଲାଗିଲା ।

ହାତରେ ଚା ଜଳଖିଆ ଧରି ଶ୍ୟାମାଦେବୀ ପ୍ରଶ୍ନ କଲେ— କିଛି କରି ନ ଥିଲା । ପିଲାଙ୍କର ଯାହା ତମର ବି ସେୟା ।

—ବସିବ ନାହିଁ ?

ଲଜ ଲଜ କରି ଶ୍ୟାମାଦେବୀ କହିଲେ—ନାହିଁ ତମେ ଚା' ଖାଅ । ମୁଁ ଠିଆ ହୋଇଛି । ଏ ବେବି, ଆ ଏଣେ ।

—'ନାହିଁ' କହି ବେବି ଘୁଞ୍ଚିଗଲାବେଳେ ତା'ର କହୁଣି ବାଜି ଟିକଏ ଚା ଛିଟିକି ପଡ଼ିଲା ସୁଭାଷବାବୁଙ୍କ ଜଙ୍ଘ ଉପରେ ।

—ମଣିଷ ହସୁ ନାହାନ୍ତି ଏଇଠାକୁ ! ମଉସାଙ୍କ ଲୁଗା ଜାମିକ ଦାଗ କଲୁ । ଛାଡ଼ିବ ନାହିଁ । ପୋଡ଼କା ହେଲା କି କ'ଣ— କହି ସେ ବେବିକୁ ଜୋରରେ ଦାଣ୍ଡି ଦେଇ କୁଦାଏ ଘଞ୍ଚାଇଲେ । ବେବି କାନ୍ଦି ଉଠିଲା ।

ବେବିକୁ ପଛଟୁ ଭିଡ଼ିନେଇ ସୁଭାଷବାବୁ କହିଲେ— ଆହା ! ମାରୁଛ କାହିଁକି । ସେ କ'ଣ ଜାଣି ଜାଣି କରିଛି ?

—ଦାଗ ଆଉ ଛାଡ଼ିବ । ଝଅଟ୍ ଖୋଲି ଦିଅ ଜାମିଟା । ଏବେ ଦାଗ ଛଡ଼ାଇଦେଲେ ସଫା ହୋଇଯିବ ।

—ନାହିଁ ଥାଉ ।

—ଦିଅ କହୁଛି । ଶ୍ୟାମାଦେବୀ ଜାମିକର କାନ ଟାଣିଲେ ।

ସୁଭାଷବାବୁ ଘରୋଇ ଲୋକ ପରି ଜାମିଟି ଖୋଲି ବସି ରହିଲେ ।

—ଆଉ ଲୁଗାଟା ? ସୁଭାଷବାବୁ ରହସ୍ୟ କରି ପଚାରିଲେ ।

—ସେଠି ଦାଗ ଲଗି ନ ଥିବ । କମିଜ ଉପରେ ଚଢ଼ି ଯାଇଥା ଭେଦିଥିଲା ତଳକୁ ।

କାମିଜଟି ନେଇ ଶ୍ୟାମାଦେବୀ ଦାଗ ଛଡ଼ାଇ ଆଣି କହିଲେ —ଶୁଖିବାକୁ ବେଳ ଲାଗିବ । ଫାଲେ ଓଦା ହୋଇଛି । ଯେତେ କଚିକାଚି କଲେ ବି ଓଦା ହେଲା ।

—ଶୁଖିଯିବ ତ । ନ ଶୁଖିଲେ ବି ଘରେ ନେଇ ଶୁଖାଇ ଦେବି ।

—ହଁ ଶୁଖିଯିବ । ତମେ ବସ । କ'ଣ କାମ ଅଛି କି ?

—ନାହିଁ । ତେବେ ଏମିତି ମୁଁ କ'ଣ ବସିଥିବି, ଆଉ ତମେ ଏଣେ ତେଣେ ଘର ଧନ୍ଦାରେ ଲାଗିଥିବ ?

ଲଜ୍ଜିତ ସ୍ୱରରେ ଶ୍ୟାମାଦେବୀ କହିଲେ—ନାହିଁ । ବରଷା ହେଲା କି ? କାମିଜଟା ଧୋଇ ନଥିଲେ ଭଲ ହୋଇ ନଥାନ୍ତା । କହିବାକୁ ଚାହିଁଥିଲି କ'ଣ କହି ହେଲା ! ନାରୀର ସ୍ୱାଧୀନତା ଏଯାଏ ତ ! ଲୋକେ କହନ୍ତି ମୁଁ ଖାଲି ସ୍ୱାଧୀନ ! ଆଖିରେ ଦେଖି—ନାହିଁ କରିବ କିଏ ··ମୁଁ ସେହି କଥା ଭାବେ ସିନା···ମୋର ଯାହା ସାଙ୍ଗରେ ମିଶିବାକୁ ଇଚ୍ଛା—ହୁଏ କୋଉଠି···ମୁଁ ତ ମୂଳରେ···କିଏ କ'ଣ ଭାବିବ···

—ଆଜି ଭରି ଏକୁଟିଆ ଲାଗୁଛି ମୋତେ । ଘରକୁ ଗଲେ କେମିତି ବେଳ କଟିବ କେଜାଣି !

—ଫେରିଯିବ କାହିଁକି । ବସ । ଟିକିଏ ଲୁଗାପାଲଟି ଆସେ । ଧୂଆଁକୁ କଣ୍ଟା ଫୋଡ଼ିଲା ପରି ଲାଗୁଛି ।

ଶ୍ୟାମାଦେବୀ ଚାଲିଗଲେ ତାଙ୍କର ଗାଧୁଆ ଘରକୁ । ବେକ, ଆଖି, ମୁହଁରେ ବାରମ୍ବାର ପାଣିଦେଇ ସେ ଦେହର ଉତ୍ତାପକୁ ଫୋପାଡ଼ି ଦେଉଥିଲେ ତଳକୁ । ଧୋଇଲାବେଳେ ଗରମ ପାଣି

ନଗିଡ଼ି ପଡୁଥିଲା । ସେ ମନକୁ ମନ ପଚାରୁଥିଲେ—ଏତେ ଗରମ ଥାଏ ଦେହରେ ! ତେବେ ବା ଥର୍ମୋମିଟର ଧରି ପାରେନାହିଁ ।

ଦେହକୁ ଘଷାମଜା କଲାବେଳେ ତାଙ୍କର ଆଖି ଆଗରେ ସୁଭାଷବାବୁଙ୍କର ସେହି ଉଜ୍ଜ୍ୱଳ ଆଖି, ହସ୍ତ ହାତର ଆଙ୍ଗୁଠିଗୁଡ଼ିକ ତାଙ୍କ ଦେହରେ ଶିହରଣ ଆଣିଥିଲା । ହସ୍ତ ହାତରେ ଶଙ୍କିତ ମନରେ ସେ ଯେଉଁ ଧୀରେ ହାତ ବଜାଇଥିଲେ—ଠିକ୍ ହାରମୋନିୟମରେ ହାତ ପଡ଼ିଲା ପରି—ମନେ ପଡ଼ିଗଲେ ସେ ଥରି ଯାଉଥିଲେ ।

ଏକୁଟିଆ କୋଠରି ଭିତରୁ ବାରମ୍ବାର ସେ କାମନା କରିଥିଲେ ଦେହର ତୃପ୍ତି ପାଇଁ—ମନର କ୍ଷୁଧା ମେଣ୍ଟାଇବା ପାଇଁ ଏକାନ୍ତ ନିବିଡ଼ ଓ ଅବିଚ୍ଛିନ୍ନ ବନ୍ଧୁତା । ଏକାଠେ ବସି ରହିବେ । କଥା ହେଉଥିବେ । ଆକାଶରେ ଚନ୍ଦ୍ର ମଉଳି ଯିବ । ଜାଗ୍ରତ ମଣିଷ ନିଦରେ ଅଚେତ ହୋଇଯିବ । ଅସୀମ ନିର୍ଜ୍ଜନତା ଭିତରେ ଥିବେ ଦୁଇଜଣ—ସେ ଆଉ ସୁଭାଷବାବୁ ।

କେତେବେଳ ଯେ ରହିଥିଲେ କେଜାଣି କାନ୍ଥ ଘଣ୍ଟାରେ ଗୁଡ଼ାଏ ବାଜିଲା । ସୁଭାଷବାବୁ ବାହାରକୁ ଆସି ବୁଲବୁଲ୍ ହେଲେ—ଯୋତାର ସାମାନ୍ୟ ଶବ୍ଦ ଭାସି ଆସୁଥାଏ । ଲୁନାକୁ ଡାକି କହିଲେ—ଯାଉଛୁ ।

କିଛି ସମୟ ପରେ ଅତି ସରଳ ଭାବରେ ଲୁଗା ପିନ୍ଧି ହସି ସୁଭାଷବାବୁଙ୍କୁ ପଚାରିଲେ—ଭଲ ଲୋକ ତ ! ଏଇ ଟିକକ ଏକୁଟିଆ ବସି ହେଲା ନାହିଁ ଯେ ବାରଣ୍ଡାରେ ବୁଲିଲେଣି ।

ଶ୍ୟାମାଦେବୀଙ୍କର ଆଖିରେ ସେହି ଉଦ୍ଭ୍ରାନ୍ତ ବିହ୍ୱଳତା ନାହିଁ । ଗାଧୁଆ ଘର ଥଣ୍ଡା ପାଣି ଆଖିରୁ ନିଦ ଛଡ଼େଇଲା ପରି ମନ ଉପରୁ କଳ୍ପନାର ଦାଗ, ଆବେଗର ଦାଗ ଧୋଇ ଦେଇଛି ।

—କ'ଣ ବୁଲିପିବେ ? ହଉ, ପୁଣି—

ଚମକି ସୁଭାଷବାବୁ ଗ୍ଭହିଁଲେ । ବୁଝିପାରିଲେ ନାହିଁ ଶ୍ୟାମା-ଦେବୀଙ୍କ ବ୍ୟବହାର । ବଦଳିଲା ପରି ଜଣାଯାଉଛି । ସେ ଯେମିତି ବହୁଦିନର ଅନ୍ତରଙ୍ଗତା ଦେଖାଇ କହିଲେ—ତମ ଘଣ୍ଟାରେ କ'ଣ ବହୁତ ବାଜିଗଲା ?

—ସେଇଟା ପାଗଳା ଘଣ୍ଟା । ସେ ତା' ମନକୁ ବାଜେ । ହ'ଟା ବେଳେ ପାଞ୍ଚଟା ବାଜେ, ରହିଯାଏ । ଥରକୁଥର ସଜାଡ଼ା ହୁଏ । ପୁଣି ବିଗିଡ଼େ । ଠିକଏ ଠିକ୍ କରିଦେଲେ ଯେତିକି ଘଣ୍ଟା ସେତିକିଟା ବାଜିବ ।

ସୁଭାଷବାବୁ ଟେବୁଲ ଉପରେ ଚଢ଼ି ସଜାଡ଼ି ଓହ୍ଲାଇ ଆସିଲେ । ସତେ ଯେପରି ଗୋଟାଏ ବହୁତ ବଡ଼ କାମ କରିଛନ୍ତି ! ଦୀର୍ଘନିଶ୍ୱାସ ପକାଇଲେ । ତାଙ୍କ ଆଖିରେ ଅଧୀରତା ଓ ଅଶାନ୍ତ—ସେ ଯେମିତି ବାଧ୍ୟ ହୋଇ ଏତେ କାମ କରୁଛନ୍ତି ।

ଶ୍ୟାମାଦେବୀ ସହାନୁଭୂତି ମିଶା ସ୍ୱରରେ ପଚାରିଲେ—ଭଲ ଲାଗୁନାହିଁ କି ? ମତେ ବି ତ ସେମିତି ଲାଗୁଛି । ଅଜି ତ ରାତିର କେତେ ଲମ୍ବ ହବ କେଜାଣି ! ସରୁଛି କି ନାହିଁ ! ସେଥିରେ ପୁଣି କୋଉ କଲମରେ ଲେଖିବି—ସେକଥା ଅଛି ।

—ଚ୍ଲ, ସେ ଘରେ ବସି କଥା ହେବା । ପିଲାମାନେ ପଢ଼ନ୍ତୁ ।

ଘରଟା ଭାରି ଗରମ । ସହଜେ ତ ଭଲ ଲାଗୁନାହିଁ । ଗାଧୋଇଲା ପରେ ବି ଦେହଟା ଶୀତଳ ହେଉ ନାହିଁ । ବାହାରେ ବସିବା ।

ଦୁଆର ଫୁଲଗଛଗୁଡ଼ିକ ଉପରେ ଶୁକ୍ଳପକ୍ଷର ଜହ୍ନ ଲୁଚକାଳି ଖେଳୁଥିଲା । ଦୂରରେ ଆଲୁଅଟିଏ ଅସ୍ପଷ୍ଟ ହୋଇ ଧୂଆଁ ହୋଇ-ଥାଏ । ଝରକା ସେପାଖେ ପିଲାମାନେ ପଢ଼ିଲେଣି । ସୁଭାଷବାବୁଙ୍କୁ

ଏମିତି ଆକାଶ ଆଉ ଘରର ଖୋଲା ପରିବେଶ ସୁଖ ଲାଗିଲା ନାହିଁ । ସେ କୁଣ୍ଠିତ ହୋଇ କହିଲେ — ଏଇଠି ବସିବା ?

ଗଭୀର ଦୀର୍ଘନିଶ୍ୱାସ ପକାଇ ଶ୍ୟାମାଦେବୀ କହିଲେ — ହଁ, ଏଇଠି । ବହୁତ କଥା ଆଜି କହିବି ଆପଣଙ୍କୁ । ଖାଲି ରୁନ୍ଧି ହେଲାପରି ଲାଗୁଛି ।

ସୁଭାଷବାବୁ ଚାହିଁ ରହିଲେ ଶ୍ୟାମାଦେବୀଙ୍କ ସେହି ଅବସନ୍ନ ମୁହଁ ଆଉ ନିଦ୍ରାକ୍ଳାନ୍ତ ଆଖି ଦୁଇଟିକୁ ।

ଅସ୍ପଷ୍ଟ ସ୍ୱରରେ ଶ୍ୟାମାଦେବୀ କହିଲେ — କ'ଣ ହେଉଛି କେଜାଣି, ସବୁକଥା ଗୋଳେଇ ହୋଇ ପଡ଼ୁଛି ମୋ ଉପରେ । ମତେ ଡର ଲାଗୁଛି ଆପଣଙ୍କ କଲମଟି ରଖିବାବେଳକୁ । କ'ଣ ସବୁ ଘଟି ନଯାଉଛି......କେତେ ଲେଖିବ......ସେ ପୁଣି କେତେବେଳ ଲାଗି ପଢ଼ିବେ କେଜାଣି...

— କିଏ ପଢ଼ିବ ?

— ସେ ଗସ୍ତରୁ ଫେରିଲେ ପଢ଼ିବେ । ଆମ ଭିତରେ ଆମେ ବିଭା ହେଲାଦିନୁ ପରସ୍ପର ପାଖରେ ଏଭଳି ପ୍ରତିଜ୍ଞା କରିଥିଲୁ । ଭଲ ହେଉ, ମନ୍ଦ ହେଉ ଦିହେଁ ଡାଇରି ଲେଖିବୁ ଆଉ ଦିହେଁ ଦିହିଁଙ୍କି ଦେଖାଇ...ଏମିତି କରି ଆସିଲୁଣି । କେହି କାହାରିକୁ ଦୋଷ ଦେଉନାହିଁ । ପଢ଼ି ଆଉ ବୁଝି..ଆଜି ଲେଖିବି କେମିତି କେଜାଣି ....

ଏକ ମନରେ ଗଭୀର ଉତ୍କଣ୍ଠାରେ ସୁଭାଷବାବୁ କହିଲେ — କ'ଣ ବୃନ୍ଦାଏ ଅନ୍ତର୍ମନାଙ୍କ ପରି କହୁଛ ? ଡାଇରିରେ କ'ଣ ସବୁ କଥା ଲେଖା ହୁଏ ?

ହତାଶିଆ ସ୍ୱରରେ ଶ୍ୟାମାଦେବୀ ଉତ୍ତର ଦେଲେ—ଅଲିଖା ଅକ୍ଷରରେ ଯାହା ଏହି ମନ ଉପରେ ଗାରେଇ ହୋଇ ଯାଉଛି, ସେତକ କ'ଣ ଲେଖି ହେବ ନାହିଁ କାଗଜ ଉପରେ ?

—ହଁ, ଡାଇରି ସବୁବେଳେ ଲୁଚି ରହିବ ନାହିଁ । କେତେ-ବେଳେ କଏ ପଢ଼ିବ ।

—କିଛି କଥା ଲୁଚିବ ନାହିଁ ଦିନେ ନା ଦିନେ ଯେତେ ଲୁଚେଇଲେ ବି ମଣିଷର ମନ ସବୁକଥା ଖୋଲିଦିଏ ପଦାରେ — ଜାଣି ଜାଣି କହେ, ନିଦରେ ବାଉଳି ହୋଇ କହେ, ଲେଖି ଥୋଇ ଦିଏ, ନ ହେଲେ ଭଜି ଭଜି ମଲାବେଳକୁ ଅଜ୍ଞାନରେ କହିଯାଏ । ମଣିଷର ମନ ଭାରି ନିଷ୍ଠୁର । ଏକାବେଳେକେ ନିର୍ମମ । ସେ ଭଲ କଥାକୁ ଲୁଚେଇ ରଖିପାରେ ଚିରଦିନ ପାଇଁ । କିନ୍ତୁ ଭୁଲଟାକୁ ଦିନେ ନା ଦିନେ କହିଦିଏ । ଡାଇରିରେ ଲେଖିଥିଲେ ସବୁଆଡ଼ୁ ଛୁଟି ।

—ସେ ପଢ଼ିବେ ?

—ପଢ଼ୁଛନ୍ତି ତ···ପଢ଼ିଲେ ବା କରିବେ କ'ଣ ? କହିବି ଭୁଲ୍ କରିଛି···ଆଉ କରିବି ନାହିଁ···

—ସେ ଯଦି କ୍ଷମା ନ ଦିଅନ୍ତି ?

—ତେବେ ଫାଶୀ କାଠକୁ ଯିବାକୁ ମୁଁ ତିଆରି । ମଲାବେଳେ ଯାହାଙ୍କ ପାଇଁ କଳଙ୍କିନୀ ହେଲି, ତାଙ୍କର ଗୋଡ଼ତଳେ ମୁଣ୍ଡ ଲଗାଇ ତାଙ୍କର ପାଦଧୂଳି ନେଇ କହିବି—ପ୍ରିୟ, ସେ ଠେଲି-ଦେଲେ ଫାଶୀ ଖୁଣ୍ଟକୁ । ଏଠି ଅଶ୍ରୁ ମିଳିବ କି ?···ସେ କ'ଣ ଦେବେ ନାହିଁ ?

ସ୍ନେହମିଶା ସ୍ୱରରେ ସୁବ୍ରତବାବୁ କହିଲେ—ଆଚ୍ଛା ପାଗ୍ଳୀ ଲୋକ । ଯାହା ବୁଝିଛ ସେୟା । ଭୁଲରେ ଅନର୍ଥ ଆଣି କ'ଣ ମଜା ପାଉଛ କେଜାଣି । କିଏ କ'ଣ ଏମିତି ଡାଇରିରେ ଗୁରୁତର

କଥାମାନ ଲେଖେ? ସ୍ୱାମୀ ସ୍ତ୍ରୀକୁ ପଢ଼ାଇବ, ଆଉ ସ୍ତ୍ରୀ ସ୍ୱାମୀକୁ ପଢ଼ାଇବ !

—କେଜାଣି କଏ କ'ଣ କରୁଛନ୍ତି ମୁଁ ଜାଣେ ନା । ଆମେ ତ କରୁଛୁ । ସେ କ'ଣ ଭୁଲ୍ କରି ନାହାନ୍ତି ? ବହୁତ ଥର କରିଛନ୍ତି । ମୋର ଭୁଲ୍ ନ ଥିଲା । ଭୁଲ୍ ହେଲା । ସେ ତ ଜାଣିବା କଥା—ଜାଣିବେ ।

—ତାଙ୍କୁ କ'ଣ ସବୁ କହିବ ମୁଁ ଶୁଣେ ?

—କହିବି—ସେ ନ ଥିଲା ବେଳେ କେମିତି କ'ଣ ହେଲା ମୁଁ ଜାଣେ ନାହିଁ । ମୁଁ ଭାସିଗଲି ଟୋପାଏ ଖିଆଲରେ । ଭଲ ପାଉଥିଲି ବୋଲି ଆଗରୁ ବୁଝିପାରି ନଥିଲି—ମୁଁ ତାଙ୍କୁ ଭଲପାଏ ।

—ହେଇ ଦେଖ, ସେ ସବୁ ଭଲ କଥା ନୁହେଁ । ଏଇଥିରୁ ହଣାକଟା ବେଶି ହୁଏ । କ'ଣ ଗୁଡ଼ାଏ ଗପୁଛ । ଏମିତି ତ କହୁ କହୁ କ'ଣ କହିବ କେଜାଣି ।

—ବୁଝିଲି ଆପଣ ମୋତେ କେତେକ କଥା ଗୋପନ ରଖିବାକୁ କହୁଛନ୍ତି । ସେଥିରେ ଆପଣଙ୍କର କ'ଣ ଲାଭ ହେବ ମୁଁ ବୁଝିପାରୁ ନାହିଁ । ସତ କଥା କହିବାକୁ ମନା କରୁଛନ୍ତି । ଏଇଟା କ'ଣ ମୋତେ ଭୁଲ୍ ବାଟରେ ନେବାପରି ହେଉ ନାହିଁ କି ?

ସ୍ୱର ନୁଆଇଁ ଧୀରେ ସୁଷମାକୁ କହିଲେ—ପରସ୍ପରର ଗୋପନ କଥାକୁ କହନ୍ତି ପ୍ରୀତି । ଆଉ ତାକୁ ସବୁବେଳେ ଗୋପନରେ ରଖିବା କଥା ।

—ନା, ନା, ସେ କଥା ନୁହେଁ । ଲୁଚାଇ ଛପାଇ ଲୋକ ନିନ୍ଦାକୁ ଗ୍ରାହ୍ୟ ନ ଦେଖାଇ ଅପରାଧୀଙ୍କ ପରି ଯେଉଁ ସମ୍ବନ୍ଧକୁ ମଣିଷ ଲୁଚାଇ ରଖେ ସେଇଟା ପ୍ରୀତି ନୁହେଁ—ସ୍ୱାର୍ଥପରତା, ବର୍ବରତା ।

—ତେବେ ମୋତେ ଭଲ ପାଅ ନାହିଁ ?

—କଏ କହିଲା । ତୁମକୁ ଭଲ ପାଏ । ଭଲ ପାଏ ବୋଲି ତାଙ୍କୁ ନ କହିବି କାହିଁକି ? ଚମେ ଅବା ତାଙ୍କୁ ଲୁଚିର ରଖିବ କାହିଁକି ? ଆମର କ'ଣ ଏତିକି ସ୍ୱାଧୀନତା ନାହିଁ ? ବାହା ହୋଇଛୁ ବୋଲି ମନ ଯାହା କାହାରିକୁ ଦେଖି ଆକୁଳ ହୁଏ, ସେହି ଆକୁଳତାକୁ ତଣ୍ଟିଚିପି ମାରି ଦେବାକୁ କ'ଣ ବାହାଘର ଆମକୁ କହୁଛି କି ?

ଉଦ୍‌ବେଗରେ ସୁବ୍ରତବାବୁ କହିଲେ—ଶ୍ୟାମାଦେବୀ । ସତରେ ତୁମେ ବାଘୁଣୀ ।

—ଶ୍ୟାମା ହେଉ କି କୃଷ୍ଣପ୍ରିୟା ହେଉ ବାଘୁଣୀ ନ ହେଲେ ତମକୁ କାହିଁକି କଏ ଭଲ ପାଇବ ? ଯୋଉ ଲୋକ ସବୁ ନେଇ କିଛି ନ ଦେବାକୁ ପଣ କରିଛି, ସେ ତ ପ୍ରେମିକ ନୁହେଁ— ସେ ଖଣ୍ଡ ।

—ଗାଳି ଦିଅନା । ଗୋଟିଏ ଦିନର ସାର୍ଥକତା ବଞ୍ଚି ରହୁ ଚିରଦିନ ।

—ବଞ୍ଚେଇବାକୁ ଚାହିଁଥିଲି । ତୁମେ ତ ନିଜେ ମୋର ଆଖି ଆଗରେ ସେଇଟି ମାରି ଦେଇଛ । ତମକୁ ଭଲ ପାଏ—ଏତିକି ଡାକ ପକାଇ କାହାରିକି କହିବାର ଅଧିକାର ତୁମେ ମତେ ଦେଲ ନାହିଁ । ତୁମେ ନିଷ୍ଠୁର, ହୃଦୟହୀନ, ବିବେକହୀନ ଲୋକ......

ଗୋଟିଏ ଘୂର୍ଣ୍ଣି ଗତି ସତେ ଯେପରି ମନ୍ଥର ଗଲା । ସୁବ୍ରତବାବୁଙ୍କ ଗ୍ରୀଷ୍ମ ଭିତରେ ଅକାଳରେ ଫୁଲଗୁଡ଼ିଏ ଝଡ଼ି ଗଲା —କଳ୍ପନାର ଫୁଲ, ମନ ମତାଣିଆ ଫୁଲ, ନିଜ ହାତରେ ବଢ଼େଇଥିବା ଫୁଲଗୁଡ଼ିକ । ସେ ଦୀର୍ଘନିଶ୍ୱାସ ପକାଇ ଶ୍ୟାମାଦେବୀଙ୍କୁ ବାରମ୍ବାର ଚାହିଁଥିଲେ । ଅନ୍ୟମନସ୍କ ହୋଇ ସେ ଚାହିଁ ରହିଛନ୍ତି

ସୁଭାଷବାବୁଙ୍କ ଘରଆଡ଼କୁ । ତାଙ୍କର ତନ୍ମୟତା ଭାଙ୍ଗୁନାହିଁ ସୁଭାଷବାବୁଙ୍କର ଖର ନିଶ୍ୱାସରେ ।

ସୁଭାଷବାବୁଙ୍କର ଦେହ ତାତି ଉଠିଲା– ଘଡ଼ିକ ଆଗରୁ ଅପ୍ରତ୍ୟାଶିତ ସାର୍ଥକତା ଯେମିତି ତାଙ୍କ ପ୍ରତ୍ୟେକ ଲୋମ କୂପରୁ ଉଷ୍ମତା ଫୋପାଡୁଥିଲା । ସେତେବେଳେ ସେହିପରି ଅପ୍ରତ୍ୟାଶିତ ବ୍ୟର୍ଥତା ତାଙ୍କୁ ସେମିତି ବିଚଳିତ କରୁଥିଲା । କେମିତି ସେ କହିବେ—ଲୁକାଯିବାକୁ ବୃତ୍ତାନ୍ତ ଶ୍ୟାମାଦେବୀଙ୍କ ନିକଟରୁ । ଶ୍ୟାମାଦେବୀ ନୀରବ ଓ ନିଶ୍ଚଳ ।

—କଣ ଉଠିବା ?

ଚମକି ପଡ଼ି ଶ୍ୟାମାଦେବୀ ପଚାରିଲେ—କ'ଣ କହିଲ ? ଲୁକିଯିବ !···କାହିଁକି···ମୋତେ ଭାରି ଏକୁଟିଆ ଲାଗୁଛି···ଭୁଲ ··

—ଟିକିଏ ଧୁଆଧୋଇ ହୋଇ ଆସେ । ଭଲ ଲାଗୁନାହିଁ ।

—ଯିବ ନେବେ ! ଯାଅ । କହିଦେଇ ଯାଅ ଯେ ମୁଁ ଗୋଟାଏ ଭୂତ । ମୋର ବୃଦ୍ଧାର୍ଡ଼ି ଓ ନିଶ୍ୱାସରେ ବିଷ ଝରୁଛି ।

ଉତ୍କ୍ଷିପ୍ତ ହୋଇ ସୁଭାଷବାବୁ ଉଠି ବାହାରି ଗଲେ—ମଣିଷ ବାତୁଳର ଭଲ ପାଇବା ହଜମ କରିପାରେ ନାହିଁ । ଶ୍ୟାମାଦେବୀ ଛକ୍କୁଭରେ ଗୋଟିଏ ବଦେ !

ବାଟରେ ସୁଭାଷବାବୁ ନିଜକୁ କହୁଥିଲେ—ଏ ଘରୁ ଶୀଘ୍ର ଖଲ ନଗଲେ ଶ୍ୟାମା ଖାଇଯିବ ! ଏଇଠାକୁ ମୁଁ ବୃଥାରେ ଶ୍ରଦ୍ଧା କରି କୃଷ୍ଣପ୍ରିୟା କହୁଥିଲି ! ଭାଗ୍ୟ ଭଲ·········

ତେଣେ ଶ୍ୟାମାଦେବୀ ସେତେବେଳେ ହାରମୋନିୟମରେ ଧରିଥିଲେ—'ମରଣ ମୁହଁରେ ଛାଡ଼ି ····କାହିଁଗଲ ବନ୍ଧୁ !'

ଅସୀମ ଆକୁଳତା ଓ ବ୍ୟର୍ଥତା ତାଙ୍କର କଣ୍ଠସ୍ୱରରେ ଝରି ପଡ଼ୁଥିଲା । ବଡ଼ କରୁଣ ସେ କଣ୍ଠସ୍ୱର । ତାଙ୍କର ଅନୁତାପ ଜୀବନ୍ତ ହୋଇ ବାରମ୍ବାର ଡାକୁଥିଲା ସୁଭାଷବାବୁଙ୍କୁ । କିନ୍ତୁ ସେ ଦିନ ସେ ଆଉ ଜଳଖାଦ୍ୟ ଦେଟେଇଲେ ନାହିଁ ।

ତେଣେ ଘର ଭିତରେ ବସିପାରିଲେ ନାହିଁ । ଯେତେ ହେଲେ ସେ ତ ତାଙ୍କର ମନକୁ ଲୁଟି ନେଇଛନ୍ତି । ସେ ସତ କଥା ହେଉ, ଭଣ୍ଡେଇ ଠକେଇ ଅବା ଯାହା କରି ନେଇଥାନ୍ତୁ ସୁଭାଷବାବୁ ନିଜ ବନ୍ଧନର ଅଧୀନ । ନିଜେ କେଉଁ କଳ୍ପନାର ଜାଲ ସେହି କୃଷ୍ଣପ୍ରିୟାଙ୍କୁ କେନ୍ଦ୍ର କରି ବୁଣିଥିଲେ, ସେହି ମାୟା ଡୋରି ତାଙ୍କୁ ପୁଣି ଟାଣି ଟାଣି ନେଉଥିଲା ସ୍ମୃତି ଉପରକୁ ।

ମନକୁ ହାଲୁକା କରିବାକୁ ଅବା ରିକ୍ତ ହୃଦୟକୁ ପୁଣି ସେମିତି ଅସ୍ପଷ୍ଟ ଧୂଆଁରେ ଭରି ଦେବାକୁ ସୁଭାଷବାବୁ ସିଗାରେଟ୍ ଲଗାଇଲେ ।

ଶ୍ୟାମାଦେବୀ ଦେଖିଲେ—ପଶ୍ଚିମ ଆକାଶରେ ପୁଣି ଜହ୍ନ ଦେଖା ଦେଲାଣି । ସେ ହସିଦେଇ ତାଙ୍କୁ ଶୁଣାଇଲା ପରି କହିଲେ—ଭାରି ଗରମ ଲାଗୁଛି । ଏଇ ବାହାରେ ଶୋଇଲେ ହୁଅନ୍ତା···ଥଣ୍ଡା ଲାଗିବ କି କ'ଣ କରେ ଭାବନା, ଏଠି ଶୋଇଲେ ଧୂଆ ଖରାପ ହେବ ?

—ନାଁ । ମୁଁ ତ ସବୁଦିନେ ଶୁଏ ।

—ଜ୍ୱର ଲାଗିବ । ମେଲଟା—

—ପଡ଼ଲମା ଅଛି ।

—କରେ ପିଲେ ! ଶୋଇବ ଉଦାରେ ?

—ମଶା ।

—ଶୋଇବ ନାହିଁ ତେବେ ।

—ମଶାରି ଟାଣିଦେଲ ଶୋଇବା—କୁନା କହିଲା ।

—ହଉ ନଶୁଅ । ଟିକିଏ ଶୋଇବା ପାଇଁ କିଏ ଆଜି ଏତେ ହଟହଟା ହେଉଛି······ମଉସା ଅଙ୍କ ପରୀକ୍ଷା କଲେ ?

—ନାହିଁ ।

—ପୁରସ୍କାର ଦେଲେ ?

—ନାହିଁ । କେବଳ ତ ଗୁ ଢ଼ାଳିଲି ତା'ଙ୍କ ଲୁଗାରେ !

—ସେଇଥିପାଇଁ ମୁଁ ପରା ତମକୁ କହିଥିଲି ସେ ବାବୁ ଲୋକ । ତାଙ୍କ ଉପରେ ଲଦି ହେବ ନାହିଁ । ତାଙ୍କ ଲୁଗା କୋଉରସ ହେଲେ ସେ ଆଉ ଆସିବେ ନାହିଁ ଏଠିକି ।

—ଏଇ ଦେଖ, ସବୁ ଗୋଳମାଳ କରନ୍ତୁ ନା । ତା'ର ଯୋଉ ଅସଳ ମୁହଁ, ସେଥିରେ ମଉସାଙ୍କୁ କହିବ ରୁମାଲରେ ମୁହଁ ପୋଛିବ ବୋଲି ।

—ଆଚ୍ଛା ତମକୁ କିଏ ବେଶି ଭଲ ପାଏ ? ମଉସା ନା ବାପା ? କହେ ଦେଖି, କିଏ ଭଲ ପାଏ ?

—ବାପା ।

—ଦେବମାମୁଁ ବେଶି ଭଲ ପାଆନ୍ତି ନା ମଉସା ବେଶି ଭଲ ପାଆନ୍ତି ?

—ଦେବମାମୁଁ । କୁନା କହିଲା ।

ସୁଭଦ୍ରବାବୁ କୋଠା ଉପରୁ ଶୁଣୁଥାନ୍ତି । ସିଗ୍ରେଟର ନିଆଁ ଗୁଳ ଫୁଲି ଉଠୁଥାଏ ବାରମ୍ବାର ।

ଶ୍ୟାମାଦେବୀ କୁନାକୁ ପଚାରିଲେ କଅଁଳେଇ—ଗୋଟିଏ କାମ କରିବୁ କୁନ ?

—ହଁ ।

ଟିକଏ ଯିବୁ । ମଞ୍ଜୁସାକୁ ଏତକ ବସ୍ତ୍ର ଦେଇ ଆସିବୁ । ଉତ୍ସବଗଲାଣି । ସେ କାଲେ ପଚାରିବେ ।

—ହଁ, ଏଥି ଯିବି ମୁଁ ।

—ଦେଇ ଆସିବୁ । ଶେଷି ବୁଟଝୁଣ୍ଟ ଦେଇ ଆସିବୁ ସ୍ବର୍ଣ୍ଣଖଣ୍ଡ । ମଇଳା ହୋଇନାହିଁ । ଗାରଆଗାର ହୋଇନାହିଁ । କଏ ପୁଣି ତାଙ୍କଠୁ —ମାଗି ନଅଥିବ ଆଉ ଫେରାଇଲା ବେଳେ କହିବ ଆମେ ଖରାପ କରିଥିଲୁ ବୋଲି । ମାଗିବାର ପଚାରିବା କଥା । ସେ କ'ଣ ଆଉ ଦେବେ କି ?

—ବସ୍ତ୍ର ଦେଲେ ଆଣିବି ?

—ଦେଲେ ଆଣିବୁ ନାହିଁ କାହିଁକି ! ଆଣିବୁ ।

କୁନା ଝୁଲଟଲା ବସ୍ତ୍ରଗୁଡ଼ିକ ଧରି । ସୁଭାଷବାବୁ ସେତେବେଳେ ଏକ ମନରେ ଏକ ଧ୍ୟାନରେ ଶୁଣୁଥିଲେ ଶ୍ୟାମାଦେବୀଙ୍କ କଥା । ସତରେ ସେ ଗୋଟିଏ ଅଭିଶପ୍ତା । ଜହ୍ନ ପରି ସେ ସ୍ନିଗ୍ଧ ଆଉ ଶୀତଳ । ଜହ୍ନ କିରଣ ପଡ଼ିଥିବା ଫୁଟିଥିବା ଗଛର ଫୁଲଗୁଡ଼ିକ ପରି ସେ ମନୋହର ।

କୁନା ଭିତରକୁ ପଶିଲା । ସେ ଓହ୍ଲାଇ ଆସିଲେ ।

—ମା ଦେଇଛନ୍ତି ବସ୍ତ୍ର ।

—ଆଉ ବସ୍ତ୍ର ନବ ?

—ଦେଖି ନଅ ଠିକ୍ ଅଛି । ସ୍ବର୍ଣ୍ଣଖଣ୍ଡ । ମଇଳା ହୋଇ ନାହିଁ ।

କୁନାକୁ ତାଙ୍କର ଦୁଇବାହୁ ଭିତରେ ଧରି ସେ ଅତ୍ୟନ୍ତ ଆବେଗପ୍ରବଣ ହୋଇ କହିଲେ—ମଞ୍ଜୁସା ଯିବ । ପର । ପରକୁ ପର ବୋଲି କହିଲେ ଖାରି ବାଧେ ତାକୁ ।

ଲୁନା ସେହି ନରମ ସ୍ପର୍ଶରେ ବିଚଳିତ ହୋଇ ପଡ଼ିଲା । ଫିଟି ଯିବାକୁ ଚଞ୍ଚଳ ହେଲା ।

ତାଙ୍କର ବାହୁ ବନ୍ଧନରୁ ଫିଟିଆସି ସେ ପଚାରିଲା—ଆଜି ବହି ଦବ ।

ଦୁଃଖରେ ସେ କହିଲେ—ଜାଣି ନାହିଁ । ସବୁ ଯାକ ଦେଇଥିଲି ମା'କୁ । ସେ ଏତେ ଚଞ୍ଚଳ ମରିଯିବ ବୋଲି ମୁଁ ଜାଣି ନଥିଲି ।

— ସେ ସବୁବେଳେ ପଢ଼ନ୍ତି । ବହୁତ ବହି ପଢ଼ିଲେଣି ।

—କାଲି ଦେବି । ନିଜେ ନେଇ ଦେଇ ଆସିବି । ତମ ଘରେ କାଲି ଖାଇବି । ମା'କୁ କହିବ ଟିକେ ଭଲ କରି ରାନ୍ଧିବେ । ଭୋଜି କରିବା ।

—ଏଁ, ଭୋଜି ?

—ହଁ, ମା' କ'ଣ ମନା କରିବ ?

— କେଜାଣି । ତମେ କହିଲେ ଅବା କରିପାରେ ।

—ହଉ କହିଦେବି । ମୋ ନାଁରେ ।

—ମା ମିଛ ବୁଝିବ । ଚିଠିଏ ଲେଖିଦିଅ ।

କଲମ ନାହିଁ । କଲମ ଆଣିବାକୁ ଭୁଲିଗଲେ ! ପେନସିଲଟି କାଢ଼ି ଲେଖିଲେ— କାଲି ତମ ଘରେ ଭୋଜି ହେବ······ସୁବ୍ରତ ।

ଲୁନା ଧାଇଁ ଆସି ମା'କୁ ଚିଠିଟା ଦେଲା । ଶ୍ୟାମାଦେବୀ ପଚାରିଲେ—କି ଚିଠି ?

—ପଢ଼ ତମେ ।

ଆଲୁଅ ପାଖରେ ଚିଠିଟି ପଢ଼ିବାକୁ ଶ୍ୟାମାଦେବୀ ଚେଷ୍ଟା କଲେ—ଚଷମାଟା ଆଣିଲୁ । ଭଲ ଦିଶୁନାହିଁ ଏ ଲଣ୍ଠନରେ ।

ଚଷମା ଆଲୁଅରେ ଶ୍ୟାମାଦେବୀ ପଢ଼ି ପଚାରିଲେ—କି ଭୋଜି ?

— ମୁଁ ଜାଣେ ନାହିଁ ମଞ୍ଜୁଷା କହିଛନ୍ତି ।

— ମଞ୍ଜୁଷା ନିଜେ କହିଲେ ନା ତୁ ତାଙ୍କୁ କହି ଲେଖାଇ ଆଣିଛୁ ? ପେଟୁ ।

— ମୁଁ କାହିଁକି ପେଟୁ ହେବି ? ମୁଁ ଭୋଜି ଖାଏ ନାହିଁ । କହି ଆଖିରୁ ଲୁହ ଝରିଗଲା ।

ଶ୍ୟାମାଦେବୀ ପାଖକୁ ଟାଣି ନେଇ କହିଲେ—ହଉ, ଭୋଜି କରିବା, ମଞ୍ଜୁଷା ଆସିବେ ତ ?

— ସେ ତ ନିଜେ କହିଲେ ।

— ଆଉ କ'ଣ କହିଲେ ?

—କହିଲେ, ମଞ୍ଜୁଷାଙ୍କୁ ଆମେ ପର କରିଦେଲୁ ।

— ଆରେ କୁନି, ତୁମ ମଞ୍ଜୁଷା କେବେ ପର ହୋଇ ପାରିବେ ନାହିଁ । ତାଙ୍କୁ ପର କରିବ କିଏ ? ଏତେ ଭଲ ଲୋକ । ତମକୁ ଏତେ ଆଦର କରନ୍ତି । ବାପାଙ୍କର ଏତେ ପ୍ରିୟ ।

କୋଠା ଉପରୁ ସୁଭାଷବାବୁ ଶୁଣୁଥିଲେ । ତାଙ୍କର ମନ ଅନୁଶୋଚନାରେ ପୋଡ଼ି ହୋଇ ଯାଉଥିଲା । ସେହି ଦୁର୍ବଳ ଅଳସ କଣ୍ଠସ୍ୱର ତାଙ୍କୁ ଶୁଣେଇ ଶୁଣେଇ କହୁଛି—ଯାହା ନ କହୁଛି, ସେତକ ସେହି କଣ୍ଠସ୍ୱର ଭିତରେ କହି ଯାଉଛି ।

ତେବେ ଏ ବନ୍ଧନ କ'ଣ ଛିଣ୍ଡିବ ନାହିଁ ?

ତହିଁଆର ଦିନ ଅଫିସ ବେଳକୁ ଶ୍ୟାମାଦେବୀ କୁନାକୁ କହିଲେ—ମଞ୍ଜୁଷା କିଛି ଖବର ଦେଲେ ନାହିଁ ତ । ବହି ପଠେଇଲେ

ନାହିଁ । ତାଙ୍କର କଲମ ନାହିଁ । ଦେଇ ଆସିବୁ । ସେ ଅସୁବିଧା ଭୋଗୁଥିବେ ।···ଆଜି ସଞ୍ଜରେ ଆସିବୁ ସେ ଆସିବେ କି ନାହିଁ···

କୁନା କଲମଟି ନେଇ ପଳାଇଲା । ପଛେ ପଛେ ବେବି··· ମଉସା ଆସିବେ ଟି ? ଆମକୁ ଛୁଟି କରେଇ ଦେବ ଆଜି ସନ୍ଧ୍ୟା । ଖେଳି ଦେବ ମା କହୁଛି ।

—ହଉ । ଆସିବ ।

— ଛୁଟି ?

—ନଇଲେ ମା' ପଢ଼ିବାକୁ କହିବ ।

—ମୁଁ ଗଲେ ଛୁଟି କରେଇ ଦେବ ମା'କୁ କହି ।

— ମା ଯଦି ନ ଶୁଣେ ? ବେବି ପଚାରିଲା ।

— ହଁ ଶୁଣିବେ । ସେ ଖୁବ ଭଲ । ଶୁଣିବେ ସେ ।

ପିଲା ଦୁଇଟି ଫେରି ଚାଲିଗଲେ — ମଉସା ଆସିବେ···ମା ଖୁବ ଭଲ···କହି ବେବି ଡେଇଁ ପଡ଼ିଲା ମା ଉପରେ ।

— କ'ଣ ହେଲା ?

କୁନା କହିଲା — ହଁ'ମା ମଉସା ଆସିବେ ।

—କଲମ ଦେଲୁ ? କ'ଣ କହିଲେ ?

—ହଁ ଦେଲି । ଖାଲି କହିଲେ ମା ଖୁବ ଭଲ ।

ଶ୍ୟାମାଦେବୀଙ୍କ ଓଠରେ ପ୍ରସନ୍ନ ହସ । ଆଜି ଆଖିରେ ସନ୍ତୋଷ ଦେଖାଦେଲା । ସେ ସୁଭାଷବାବୁଙ୍କୁ ମନେ ମନେ ଖୋଜୁଥିଲେ ସେ ଦିନୁ ବେଳଠାରୁ । କେଜାଣି କ'ଣ ଭାବି ଫେରିଛନ୍ତି । କହୁଥିଲେ ଏକୁଟିଆ ବସି ରହିବାକୁ ଖୁବ କଷ୍ଟ ଲାଗିବ । ଅକାରଣଟାରେ ତାଙ୍କୁ ଗୁଡ଼ାଏ କହିଲି — ଚାଲିଗଲେ··· ଆସିବେ ।

ନାରୀସୁଲଭ ଆବେଗ ଓ ସାର୍ଥକ ପ୍ରୀତିର ସମସ୍ତ ଚନ୍ଦ୍ରସୁଧା ଧରି ଶ୍ୟାମାଦେବୀ ସୁଭାଷବାବୁଙ୍କ ପାଇଁ ଯୋଗାଡ଼ କରିବାରେ ଲାଗିଗଲେ । ଯେତିକି ଖଟିଛନ୍ତି ସେତିକି ତୃପ୍ତି ଆସିଛି ।

ସୁଭାଷବାବୁ ସେ ଦିନ ବହି ଦୋକାନରେ ପୁସ୍ତକ ତାଲିକା ଭଲକରି ଦେଖି ବହି ବାଛୁଥିଲେ ଶ୍ୟାମାଦେବୀଙ୍କ ପାଇଁ । କୌଣସି ବହି ମନକୁ ପାଏ ନାହିଁ । ମନ କଥା ଓ ସତ କଥାର ସମସ୍ତ ଦୋଷଗୁଣ ନେଇ ଲେଖା ହୋଇଛି—ଏମିତି ଖଣ୍ଡେ ବହି ବି ମିଳିଲା ନାହିଁ । ସବୁ ବହିରେ ସତଠାରୁ ମିଛ ବେଶୀ । ଖାଲି ମିଛ ତ ନୁହେଁ । ଭୁଲ କଳ୍ପନାର ପୋଷାକ ପିନ୍ଧି ମିଛଗୁଡ଼ିକ ଠିଆ ହୋଇଛନ୍ତି ।

ଦୋକାନୀ ଶେଷକୁ କହିଲା—ଯେମିତି ବହି ଆପଣ ଖୋଜୁଛନ୍ତି, ସେ ତ ବଡ଼ କଥା ବହି ହେବ । ଲେଖକମାନେ ଡରିଯିବେ । ସମସ୍ତେ ତ କହୁଛନ୍ତି ତାଙ୍କ ବହି ଜୀବନର ସତ ଉପରେ ଲେଖା ହୋଇଛି । ଆପଣ ଯଦି ଲେଖନ୍ତେ ନିଜ ଜୀବନରେ ଘଟିଥିବା ଘଟଣାକୁ—ଯେମିତି ଘଟିଛି ଠିକ୍ ସେମିତି ଭାବରେ—

—ଆମେ ତେବେ କ'ଣ ନିଜେ ଲେଖି ନିଜେ ପଢ଼ିବୁ ? ଅଥଚ ଏଇ ଲେଖକମାନେ ପାଠକଙ୍କୁ ଭଣ୍ଡୁଥିବେ । ଅନ୍ୟାୟ କଥା ।

—ଲେଖକଙ୍କ ଭିତରେ ସାଧୁ ବେଶି କି କମ୍ ଆମେ ତ ଖୋଲି କହିପାରିବୁ ନାହିଁ । ଆପଣ କହିଲେ କହି ପାରନ୍ତି । ନଅନ୍ତୁ କହୁଛି—ଯାହା ମିଳୁଛି ।

ବାଧ ହୋଇ ସୁଭାଷବାବୁ ଭଲ ଛପା ହୋଇଥିବା କେତେ ଖଣ୍ଡ ବହି ଧରିଲେ । ବହିର ଘଟଣା ଯଦି ମିଛ ତେବେ ଅସ୍ପଷ୍ଟ ଓ ଅଶୁଦ୍ଧ ଛପା ହୋଇଥିବା ବହି ନେବେ କାହିଁକି ?

କେଇ ଖଣ୍ଡ ବହି ଯୋଖି ସୋଖା କରି, ସଡ଼ା ପରିବାରୁ ଭଲ ବାଛି ନେଲା ପରି, କୁଣ୍ଠିତ ମନରେ ଫେରିଲେ ଶ୍ୟାମାଦେବୀଙ୍କ ଘରକୁ ।

ପିଲାମାନେ ଘୁଞ୍ଚି ବସିଛନ୍ତି ବହିପାଖରେ । ମା ମନା କରି ଦେଇଛନ୍ତି—ଛୁଟି ଦେବେ ନାହିଁ । ନ ପଢ଼ିଲେ ଖାଇବାକୁ ଦେବେ ନାହିଁ ବୋଲି କହିଛନ୍ତି । ବାଧ ହୋଇ ମଉସାଙ୍କ ପାଦ ଶବ୍ଦକୁ କାନ ଡେରି ପିଲା ଦୁଇଟି ଗୁଣୁ ଗୁଣୁ ହେଉଥାଆନ୍ତି ।

—ହେଇ ମଉସା ଆସିଲେ—ମଉସା ଆମେ ପଢ଼ିବୁ ନାହିଁ । ମା ଜୋର କରି ପଢ଼ାଉଛନ୍ତି । ପଢ଼ା ମନେ ରହୁନାହିଁ ।

—ହଉ । ତମର ଛୁଟି । ପିଲାମାନେ ବହି ଫୋପାଡ଼ି ଦେଇ ହୋ ହା ହୋଇ ଉଠିଲେ । ଦି'ପିଲାଯାକ ମଉସାଙ୍କୁ ଘେରିଯାଇ ପାଟି କରୁଥାନ୍ତି—ମଉସା ଖୁବ୍ ଭଲ···ମା ଆମର ଛୁଟି ହୋଇଗଲା ଆଜି···ମଉସା ଆସିଲେଣି···ବହି ଆଣିଛନ୍ତି ·····

ପିଲାମାନଙ୍କର ଗୋଳମାଳରେ ଶ୍ୟାମାଦେବୀ ଉଠି ଆସିଲେ । ପିନ୍ଧିଥିଲେ ସେ—ଘରୋଇ ପୋଷାକ । ଲୁଗା ପରିପାଟୀ ନାହିଁ ।

—କି ଏଡ଼େ ପାଟି ! ଛୁଟି କ'ଣ ହେଲା ?

—ମୁଁ ଛୁଟି ଦେଇଛି ।

—ପିଲାଏ ଆଜି ପଢ଼ିବେ ନାହିଁ । ସେ ତ ମାନିଲେ ନାହିଁ ମତେ ।

—ଆଜି ଧନକ । ସକାଳୁ କହିଥିଲେ । ତାଙ୍କର ସବୁଗ ଲାଗିବାକୁ ମନ ବଳିଲା ନାହିଁ । ଆଜି ଧନଟା ପ୍ରୁଢ଼ ଦଅ । ଆଜି ଚେଷ୍ଟା ।

—ହଉ । ମନର ସବୁଗ ଯଦି ଏତେ ବଡ଼ କଥା—ହେଲା ତେବେ । ହଉ ପିଲେ ଛୁଟି । ହେଇ ଶୁଣ, ଅଲଗାରେ ଖେଳ । ମଉସାଙ୍କ ସାଙ୍ଗରେ ଅନେକ ଦରକାରୀ କଥା ଅଛି । ଗୋଳମାଳ କରିବ ନାହିଁ । କଲେ ପାଠ ପଢ଼ିବ ।

—ନା ଆମେ ଖେଳିବୁ···ଏ ରତନା, କେତେ ଡେରି ହେବ···ପରଲମା ଖାଲି ବସିଛି···କାମ କଲେ ସିନା ଖେଳି ସରନ୍ତା···ଅଲସୋଇ···

—ହଁ, ହବ । ହେଲଣି । ତମେ ଯାଅ, କହି ଦବ ବେଣୁଧରକୁ । ସେ ରାନ୍ଧିବ ନାହିଁ । ରନ୍ଧା ସରିଲେ ତାକୁ ଯାଇ ରତନା ଡାକି ଆଣିବ ।

ଶ୍ୟାମାଦେବୀଙ୍କ ଆଦେଶ ପାଇ କୁନା ଆଉ ବେବି ଧାଇଁଲେ ବେଣୁଧରକୁ କହିବାକୁ ।

ଶ୍ୟାମାଦେବୀ ଲାଗି ଆସିଲେ ବଣ୍ଟି ଦେବାକୁ । ସୁଖଦବାବୁଙ୍କ ସାଙ୍ଗରେ ହାତ ବାଜେ ନ ବାଜେ ଅବସ୍ଥାରେ ବସି ନେଇ ପଚାରିଲେ—ଏବେ ମନେ ପଡ଼ିଲା ନା ? ଏତେ ହଲ୍ଲା ସଲ୍ଲା କରନ୍ତି କାହିଁକି ?

—କାଲି ତୋଉଁ କାହିଁକି ପୁଣି ଚିଡ଼ିଯାଇ ଏତେ ମାନ୍ୟ ଦେଖାଉଛ ?

—ସତେ ତ । ଚିଡ଼ିନାହିଁ । ଚିଡ଼ିବ କାହା ଉପରେ ? ଅଧିକାର ଖଟୁ ନାହିଁ । ଆଜି ଖେଳି ହେଲା—ବସୁଚି ଦେବ ନାହିଁ । ସେ ନାହାନ୍ତି···ଭଲ ବନ୍ଧୁ ଆଣିଛ ?

—କ'ଣ ଭଲ ବନ୍ଧୁ ! ଗୁଣ୍ଡାଏ ଏଣୁତେଣୁ ମିଛ କଥା ଗାଦେଭର ଲେଖକମାନେ ତାଙ୍କୁ କହୁଛନ୍ତି ବନ୍ଧୁ ବୋଲି । ତାଙ୍କୁ ପୁଣି ଶୁଦ୍ଧ ଅଶୁଦ୍ଧ କରି ଛାପି ବାହାର କରୁଛି । ଆସିଛି ସେଥିରୁ ।

—ଆଜି କ'ଣ ହୁଅନ୍ତା । ମଣିଷ ମନେ ଯିନା ସତ ଜଣା-ପଡ଼େ । ବଞ୍ଚିଥାଇ ସତ କହି ପାରି ହବ କିଏ ? ମନ କଥା ଲେଖିଲେ ତାକୁ ପଢ଼ିବ କିଏ ? ଛାପିବ କିଏ···ମିଛ ହେଲେ ବି ବେଳ କଟାଇବାକୁ ବନ୍ଧୁ ଭାରି ଦରକାର ହୁଏ···ଆଜି ଟିକିଏ କଥା ଅଛି ତୁମ ସାଙ୍ଗରେ···

— କ'ଣ କହୁନା ।

—ଏମିତି ! ଲୁଗାଟା ବଦଳି ଆସେ ! ହଉ ଟିକିଏ ରହ ! ବେଢେଇ କୋଉଠାଏ ଗଲା ଦେଖେ ।

ଶ୍ୟାମାଦେବୀ କିଛି ସମୟ ପରେ ନୁହେଁ ସାଧାରଣ, ନୁହେଁ ଅସାଧାରଣ—ଲୁଗା ପଟା ପିନ୍ଧି ଚୋଟ୍ପାଟ୍ ହୋଇ ଆସି ପହଞ୍ଚିଲେ । ହସି କହିଲେ—ଆସ ଏଇ ଘରକୁ ।

—ବାହାରେ ବସିବା ନାହିଁ ?

—ଦରକାର ନାହିଁ । ଆଜି ତ ତୁମେ ଅଛି ପର୍ବ ।

ଶୁଣିଲା ହସ ଖେଳାଇ ସରସ କଣ୍ଠରେ ସୁଭାଷବାବୁ କହିଲେ — କ'ଣ ପର୍ବ ହେଲା ଆଜି ?

—ଆଜି ପର୍ବ—ଆଜି ନୁହେଁ, କାଲି ଠାରୁ କୃଷ୍ଣପ୍ରିୟା ତୁମକୁ ତା'ର ସମସ୍ତ ଉତ୍ସର୍ଗ କରି ଦେଲା । ତୁମେ ତାକୁ ରଖ କି ଫୋପାଡ଼ ଦିଅ । ସେ ତୁମର ।

ବିସ୍ମାରିତ ନୟନରେ ସୁଭାଷବାବୁ ଚାହିଁରହିଲେ ଶ୍ୟାମା-ଦେବୀଙ୍କୁ । ଶ୍ୟାମାଦେବୀ ସେମିତି ହସି ପଚାରିଲେ—ବିଶ୍ୱାସ ହେଉ ନାହିଁ ନା ?

—ହଁ, ନହେବ କାହିଁକି ? ତୁମର ପ୍ରତ୍ୟେକ କଥାରେ ମୋର ଅଗାଧ ବିଶ୍ୱାସ ।

—ବିଶ୍ୱାସ ଯଦି କରୁଛ, ଶୁଣ । କାଲି ରାତିରେ ମୁଁ ତ ଡାଇରିରେ ଲେଖିଲି ନାହିଁ । ହାରମୋନିୟମ ବଜାଉଥିଲି, ଶୁଣିଥିବ । ···ବସି ଭାବିଲି ବହୁତ ବେଳ···ଆଗ ପଛ । ଏପାଖ ସେପାଖ···ଶେଷକୁ ତୁମେଇ ଜିଣିଲ···ଶ୍ୟାମା ହାରିଗଲା ।···

—କ'ଣ କହୁଛ । ମୋତେ ଏମିତି ବାରମ୍ବାର କୁଟ କପଟ କର ନାହିଁ । ଦୟା କର···

—ଦୟା ! ମୁଁ କରିବି ନା ତୁମେ କରିବ ? ତୁମର ଦୟା ମୋର ଦରକାର । ଅଳି କରୁଛି—ଭିକ ମାଗୁଛି ।

—କହ, କହ ।

—କାଲି ଠିକ୍ କଲି ସେ ସେ ଶ୍ୟାମାଦେବୀଙ୍କୁ ପାଇବେ । ତୁମେ ପାଇବ କୃଷ୍ଣପ୍ରିୟାକୁ । ଏହି ଦେହଟା ତାଙ୍କର । ଏଇ ମନଟା ତୁମର । ବାହାଘର ପୋଷ୍ଟ ପାଟେଣ୍ଟ ପକାଇ ଦେଇଛି—ସେତିକି ହେଉଛି ବ୍ୟବଧାନ ।

ସୁଭାଷବାବୁଙ୍କର କାତର ମୁହଁକୁ ଚାହିଁ ଶ୍ୟାମାଦେବୀ ପୁଣି କହିଲେ—ଏକାନ୍ତ ମନରେ ତୁମକୁ ମୋର ମନ ସମର୍ପଣ କଲି । ଏଇ ଦେହକୁ କାମନା କରିବ ନାହିଁ ଏତିକି ହେଉଛି ତୁମ ପ୍ରତି ନିଷେଧ । ପାରିବ—ଦୟା ଦେଖାଇ ପାରିବ ?

ସୁଭାଷବାବୁଙ୍କ ଆଖିରୁ ଦୁଇଧାର ଲୁହ ଗଡ଼ି ଯାଇଥିଲା ଶ୍ୟାମାଦେବୀଙ୍କର ପାଦ ଉପରେ । ଶ୍ୟାମାଦେବୀଙ୍କ ଆଖିରେ ଝର ଖେଳି ଯାଇଥିଲା ।

ଆଖିରେ ଲୁହ ! ଜଣେ ଆଉ ଜଣକର ଅନ୍ତରର କଥା ଦେଖିଥିଲେ, ଲେଖିଥିଲେ ଓ ପଢ଼ିଥିଲେ ।

— ପୁଣି ଆସ ! ଶୁଣ !—ଶ୍ୟାମାଦେବୀ କହିଲେ ।

ସୁଭାଷବାବୁଙ୍କର ଆଖିରୁ ଶ୍ୟାମାଦେବୀ ସଣତ କାନରେ ଦୁଇ ଧାର ଲୁହ ପୋଛି ଦେଇଥିଲେ । ତାଙ୍କର ଦୃଷ୍ଟି ଥିଲା ବାହାର ଆଡକୁ । ସେ ସେମିତି ବାଷ୍ପରୁଦ୍ଧ ସ୍ୱରରେ କହିଲେ—ମୋର ସ୍ୱାଧୀନତା ନାହିଁ । ତୁମେ ଜାଣିଛ । ଆଜ ଶେଷ ଥର ପାଇଁ ତୁମକୁ ଛୁଇଁ ମୋର ଏଇ ପୋଡ଼ା ମନର ସମସ୍ତ ଭଲ ପାଇବା ତୁମର ପାଦ ତଳେ ଅଜାଡ଼ି ଦେଇ ତୁମକୁ ପ୍ରାର୍ଥନା ଜଣାଉଛି—ପ୍ରିୟତମ ! ଏଇ ମନକୁ ଗ୍ରହଣ କରି ଏହି ଦେହଠାରୁ ଦୂରରେ ରହିବ ।

ଶ୍ୟାମାଦେବୀ ପୁଣିଗଲେ । ନିଷ୍ଚଳ ସୁଭାଷବାବୁଙ୍କୁ ଚଞ୍ଚଳ କରିବାକୁ କହିଲେ—ପ୍ରତିଜ୍ଞା କର, ମୁହଁ ଖୋଲି କହ, ଦେଖିବ ତମର ମନ ଆଉ ତମକୁ ହଲଚଲ କରିବ ନାହିଁ । ତମେ ପ୍ରୀତି ଖେ ଜୁଆିଲ ! ପାଇବ !

ଶ୍ୟାମାଦେବୀ ଧୀରେ ଗ୍ଲଲିଗଲେ ବେଡ଼୍ରୁମ୍ଆଡ଼େ । ସୁଭାଷବାବୁ ବହୁତ ବେଳ ଠିଆହୋଇ ମନକୁ ବାରମ୍ବାର ପଗ୍ଗରୁଥିଲେ—ଶ୍ୟାମାଦେବୀଙ୍କର ସେହି କେତୋଟି କଥା ।

ଖାଇସାରିଲା ପରେ ଶ୍ୟାମାଦେବୀ ସୁଭାଷବାବୁଙ୍କୁ ବସାଇ ପଗ୍ଗରିଲେ—କ'ଣ ଠିକ୍ କଲ ? ବାହା ହବ ?

ବିମର୍ଷ ଗ୍ଲହାଣି ଖେଳାଇ ସୁଭାଷବାବୁ କହିଲେ— ଯାହା କରିବ କର । ତେବେ ବାହାହେଲା ପରେ ତମେ କ'ଣ ଠିକ୍ ଏଇ ମନ ନେଇ ଏମିତି ବ୍ୟବହାର ଦେଖାଇ ପାରିବ ?

ଚମକି ହୋଇ ଶ୍ୟାମାଦେବୀ ନୀରବ ରହିଲେ······

ଟିକକ ପରେ କହିଲେ ଖାଲି ଖାଲି ପର— ହଁ ପାରିବ । ପାରିବ ନାହିଁ କାହିଁକି ? କିନ୍ତୁ ତୁମେ ଠିକ୍ ଏହି ମନରେ କୃଷ୍ଣପ୍ରିୟାକୁ ତା'ର ସବୁ ଦୋଷଗୁଣ ଭୁଲି ଭଲ ପାଇପାରିବ ତ ?

—ହଁ, ନିଶ୍ଚୟ ପାରିବ ।

—କେଜାଣି, ତୁମେ ଅବା ଲକ୍ଷେକରେ ଜଣେ ହୋଇଥିବ । ତୁମେ ଅବା ଅସମ୍ଭବକୁ ସମ୍ଭବ କରିପାରିବ·····ଆଜି ଯେତେ ଯେତକ କରିପାର—ବାହାରକୁ ନ ଦେଖାଇ ମନ ଭିତରେ— ତେବେ ଜାଣିବ ଯେ ମୋର ଆଜ ଦିନଟି ସାର୍ଥକ ହୋଇଛି । ତୁମେ ମୋତେ ସବୁ ଅବସ୍ଥାରୁ ଉଠାଇନେଇ ତୁମର ହୃଦ ବେଦୀରେ ବସେଇ ପାରିଛ······ ।

ଶ୍ୟାମାଦେବୀଙ୍କର ଗଳା ଥରି ଉଠିଥିଲା ଆଖିର ଲୁହରେ । ସେ ଗଦ୍‌ଗଦ୍ ସ୍ୱରରେ କହିଲେ—ଏମିତି ଅକସ୍ମାତ୍ ଦିନେ କୌଣସି ନାରୀର ଜୀବନରେ ଅସମ୍ଭବ ସମ୍ଭବ ହୋଇଥାଏ ।

ସୁଭାଷବାବୁ ଉତ୍ତର ଦେଇପାରିଲେ ନାହିଁ । ଶ୍ୟାମାଦେବୀ ଆଉ କିଛି ପଚାରି ନାହାନ୍ତି । ସେଇ ନିସ୍ତବ୍ଧ ନୀରବତା ଭିତରେ ସେମାନେ ଯେତକ ଭାବ ବିନିମୟ କରିଥିଲେ, ସେଥିରେ ଦୁହେଁଯାକ ତାଙ୍କର ଅତୀତ ଓ ଭବିଷ୍ୟତର ବହୁତ ପ୍ରଶ୍ନର ଉତ୍ତର ପାଇଥିଲେ ।

ଇୟେ କ'ଣ ସମ୍ଭବ ! ଜୀବନର ବିଚିତ୍ର ଗତିପଥରେ କ'ଣ ଏମିତି ବିଚ୍ଛେଦ ଓ ମିଳନ ସମ୍ଭବ ! ଦୁହେଁ ଅଭିଭୂତ ହୋଇ ଦେଖୁଥିଲେ—ସମ୍ଭବ ହୋଇଛି ତ !

ଦୁହିଁଙ୍କ ଆଖିରୁ ଝରି ପଡୁଥିଲା ମନ୍ଦାକିନୀ—ସେ ମିଳନରେ ବାରିଧି ଥିଲା ।

ଦିନର ଉତ୍ସବ ଓ କୋଳାହଳ ସବୁ ସରିଥିଲା । ସମସ୍ତେ ଚାଲି ଗଲେଣି ଯେ ଯାହାର ବାସରେ । ସୁଭାଷବାବୁ ଯିବେ ।

ଦରଦଭରା କଣ୍ଠରେ ଶ୍ୟାମାଦେବୀ କହିଲେ— ତମେ ଯିବ ତ······ ହଁ ଯାଅ·········ଭୁଲିବ ନାହିଁ ଆଜିର ଏଇ ଦିନଟିକୁ······

ସେ ଦିନ ନିସ୍ତବ୍ଧ ରାତିରେ ସ୍ମୃତି ସ୍ମୃତିକଅଜସ୍ର ଆଲୁଅରେ ଶ୍ୟାମାଦେବୀ ଦେଖିଥିଲେ ନିଜକୁ— ସେ ପୁଣି ଥରେ ବିଭା ହୋଇଛନ୍ତି······ମନର ବିବାହ ହୋଇ ନଥିଲା······